# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୮/୨୦୨୩ (୧୮ ପୃଷ୍ଠା) Bhubaneswar, Friday, April 28/2023 Page 18 ₹ 7.00

୪୯ଶ ଭାଗ ୧୫୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 153 ମୂଲ୍ୟ ₹୭/-




## ୧୨ କାର୍‌କୁ ଧକ୍କା ଦେଲା ଟ୍ରକ୍

ମୁମ୍ବାଇ-ପୁଣେ ଏକ୍ସପ୍ରେସ୍‌ୱେରେ ଗୁରୁବାର ଏକ ଟ୍ରକ୍‌ର ବ୍ରେକ୍ ଫେଲ୍ ହେବାରୁ ଏହା ଏକସଙ୍ଗେ ୧୨ଟି କାର୍‌କୁ ଧକ୍କା ଦେଇଛି। ମହାରାଷ୍ଟ୍ରର ଖୋପୋଲିଠାରେ ଏହି ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କା ଦେବା ପରେ ୮ଟି କାର୍ ପରସ୍ପର ସହ ପିଟିହୋଇଯାଇଥିଲେ। ଦୁର୍ଘଟଣାସ୍ଥଳରେ ଭାଙ୍ଗିରୁଜି ଯାଇଥିବା କାର୍‌ଗୁଡ଼ିକ ଭିଡିଓରେ ଦେଖିବାକୁ ମିଳିଛି।

# ସଂକ୍ଷେପରେ

## ଟ୍ରେନ୍‌ରେ ନିଆଁଲାଗି ୭ ମୃତ

ଇସ୍‌ଲାମାବାଦ,୨୭।୪: ପାକିସ୍ତାନରେ ବୁଧବାର ରାତିରେ ଏକ ଯାତ୍ରୀବାହୀ ଟ୍ରେନ୍‌ରେ ନିଆଁ ଲାଗି ଏକାଧିକ ବଗିକୁ ବ୍ୟାପିଯିବାରୁ ୭ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ସିନ୍ଧ୍ ପ୍ରଦେଶ ରାଜଧାନୀ କରାଚୀଠାରୁ ୫୦୦ କିଲୋମିଟର ଉତ୍ତରରେ ଥିବା ଖଇରପୁର ଜିଲାରେ ଏହି ଦୁର୍ଘଟଣା ଘଟିଛି। ନିଆଁରେ ପୋଡ଼ିହୋଇ ୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ମହିଳା ଚଳନ୍ତା ଟ୍ରେନ୍‌ରୁ ଡେଇଁପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ପାସେଞ୍ଜର ଟ୍ରେନ୍‌ଟି କରାଚୀରୁ ଲାହୋର ଯାଉଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା।

## ସୁଦାନରୁ ୨୪୬ ଭାରତୀୟ ମୁମ୍ବାଇ ଫେରିଲେ

ମୁମ୍ବାଇ,୨୭।୪: ସୁଦାନ ସୈନ୍ୟବାହିନୀ ଓ ଅର୍ଦ୍ଧସାମରିକ ବାହିନୀ ମଧ୍ୟରେ ସଂଘର୍ଷ ଲାଗିରହିଥିବାବେଳେ ସେଠାରେ ଫସିରହିଥିବା ଭାରତୀୟଙ୍କୁ ଫେରାଇ ଆଣିବା ଲାଗି ଅପରେଶନ କାବେରୀ ସୋମବାର ଆରମ୍ଭ ହୋଇଥିଲା। ବୁଧବାର ସେଠାରୁ ୩୬୭ ଜଣ ଭାରତୀୟ ନୂଆଦିଲ୍ଲୀରେ ପହଞ୍ଚିଥିବାବେଳେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ୨୪୬ ଜଣ ମୁମ୍ବାଇରେ ପହଞ୍ଚିଛନ୍ତି। ସୁଦାନରୁ ସେମାନଙ୍କୁ ସାଉଦି ଆରବର ଜେଦ୍ଦା ଅଣାଯାଇ ସେଠାରୁ ବାୟୁସେନାର ସି-୧୭ ଗ୍ଲୋବ୍‌ମାଷ୍ଟର ବିମାନରେ ଭାରତ ଅଣାଯାଉଛି। ସେନା ସଂଘର୍ଷ ଯୋଗୁ ଅସ୍ଥିରତା ଲାଗି ରହିଥିବା ସୁଦାନରେ ଜଣେ ହେଲେ ଭାରତୀୟଙ୍କୁ ଛାଡ଼ିଆସିବୁ ନାହିଁ ବୋଲି ବହିର୍ବ୍ୟାପାର ସଚିବ ବିନୟ ମୋହନ କ୍ୱାତ୍ରା ଗୁରୁବାର କହିଛନ୍ତି। ସେଠାରେ ଅଟକିଥିବା ଭାରତୀୟଙ୍କୁ ସୂଚନା ଓ ସହାୟତା ଯୋଗାଇଦେବା ଲାଗି ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି।

## ବାଦଲଙ୍କ ଶେଷକୃତ୍ୟ ସମ୍ପନ୍ନ

ଚଣ୍ଡିଗଡ଼,୨୭।୪: ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂ ବାଦଲଙ୍କ ଶେଷକୃତ୍ୟ ଗୁରୁବାର ମୁକ୍ତସର ଜିଲାର ପୈତୃକ ଗ୍ରାମରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସମ୍ପନ୍ନ ହୋଇଛି। ଦଳମତ ନିର୍ବିଶେଷରେ ହଜାର ହଜାର ନେତା ଶେଷକୃତ୍ୟରେ ଯୋଗଦେଇ ଅକାଳୀ ଦଳର ତୁଙ୍ଗନେତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ତାଙ୍କ ପୁଅ ତଥା ଶିରୋମଣି ଅକାଳୀ ଦଳ ଅଧ୍ୟକ୍ଷ ସୁଖବୀର ସିଂ ବାଦଲ ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟ ପାଇଁ ବାଦଲଙ୍କ ମରଶରୀରକୁ ତାଙ୍କ ବାସଭବନରୁ ପୁଷ୍ପ ସଜ୍ଜିତ ଟ୍ରାକ୍ଟର ଟ୍ରଲିରେ ୧ କିଲୋମିଟର ନିଆଯାଇ ପରିବାରର କୃଷିଜମିରେ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା। ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା, ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ନ୍ୟାଶନାଲ କନ୍‌ଫରେନ୍ସ ନେତା ଓମାର ଅବଦୁଲ୍ଲା ପ୍ରମୁଖ ବାଦଲଙ୍କ ଗାଁକୁ ଯାଇ ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ।

## ମାମଲାର ଡିଜିଟାଲ ରେକର୍ଡ ପାଇଁ ଜିଲା କୋର୍ଟଗୁଡ଼ିକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୭।୪(ପି.ଟି.): ଫୌଜଦାରି ଓ ଦେୱାନୀ ମାମଲାର ସମସ୍ତ ରେକର୍ଡକୁ ଡିଜିଟାଲ କରିବା ପାଇଁ ସୁପ୍ରିମକୋର୍ଟ ଜିଲା ଅଦାଲତଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତର ଇ-କମିଟି ରେକର୍ଡଗୁଡ଼ିକର ଡିଜିଟାଲ ସଂରକ୍ଷଣ ଲାଗି ୨୦୨୧ ସେପ୍ଟେମ୍ବର ୨୪ରେ ଏସ୍‌ଓପି ଜାରି କରିଥିଲା ବୋଲି ଜଷ୍ଟିସ୍ କ୍ରିଷ୍ଣା ମୁରାରୀ ଏବଂ ସଞ୍ଜୟ୍ କାରୋଲଙ୍କ ଖଣ୍ଡପୀଠ କହିଛନ୍ତି। ନ୍ୟାୟିକ ପ୍ରକ୍ରିୟାର ସହଜ କାର୍ଯ୍ୟକାରିତା ଲାଗି ସମସ୍ତ ରେକର୍ଡର ଉପଯୁକ୍ତ ସୁରକ୍ଷା ଓ ନିୟମିତ ସଂଶୋଧନ ସୁନିଶ୍ଚିତ କରିବା ନିମନ୍ତେ ଉତ୍ତରଦାୟିତ୍ୱ ବ୍ୟବସ୍ଥାକୁ ବିକଶିତ କରିବାକୁ ହେବ। ସବୁ ଜିଲା କୋର୍ଟରେ ରେକର୍ଡ ଡିଜିଟାଲ ପ୍ରକ୍ରିୟା ଠିକ୍ ଭାବେ ହେଉଛି କି ନାହିଁ ତାହା ଦେଖିବାକୁ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲମାନଙ୍କୁ କୁହାଯାଇଛି।

## ଆମେରିକା ଟକ୍ ଶୋ’ ଉପସ୍ଥାପକ ଜେରି ସ୍ପ୍ରିଙ୍ଗରଙ୍କ ପରଲୋକ

ନ୍ୟୁୟର୍କ,୨୭।୪: ଦୀର୍ଘ ୨୭ ବର୍ଷ ଧରି ଆମେରିକା ଟକ୍ ଶୋ’ର ଉପସ୍ଥାପକ ରହିଆସିଥିବା ଜେରି ସ୍ପ୍ରିଙ୍ଗରଙ୍କର ୭୯ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ଶୋ’ ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବ ପକାଉଥିଲା। କିଛିଦିନ ହେଲା ଅସୁସ୍ଥ ଥିବା ଜେରିଙ୍କର ତାଙ୍କ ସିକାଗୋ ବାସଭବନରେ ପରଲୋକ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। କିଛି ମାସ ପୂର୍ବରୁ ତାଙ୍କଠାରେ ପାନ୍‌କ୍ରିଆଟିକ୍ କ୍ୟାନ୍‌ସର ଚିହ୍ନଟ ହୋଇଥିଲା। ୧୯୯୧ରେ ‘ଜେରି ସ୍ପ୍ରିଙ୍ଗର ଶୋ’ ଭାବେ ଆରମ୍ଭ ହୋଇଥିବା ଟକ୍ ଶୋ ୯୦ ଦଶକ ଶେଷଭାଗରେ ଆମେରିକାର ଟେଲିଭିଜନ ରେଟିଂ ଶୀର୍ଷରେ ରହିଥିଲା।



# କ୍ଷମତା ପାଇଁ ଆଇନକୁ ବଳି

## ନୀତୀଶଙ୍କୁ ଭାଜପାର ଟାର୍ଗେଟ



ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜାତୀୟ ସ୍ତରରେ ଭାଜପା ବିପକ୍ଷରେ ଏକ ମଜଭୁତ ମିଳିତ ସାମ୍ମୁଖ୍ୟ ଗଠନ ପାଇଁ ପ୍ରୟାସ ଜାରି ରଖିଥିବାବେଳେ ଗୁରୁବାର ଭୋର ସମୟରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ପୂର୍ବତନ ଏମ୍‌ପି ଆନନ୍ଦ ମୋହନ ସିଂଙ୍କୁ ଜେଲରୁ ମୁକ୍ତ କରାଯାଇଛି। ରାଜ୍ୟରେ ରାଜପୁତମାନଙ୍କୁ ଭାଜପାର ପାରମ୍ପରିକ ଭୋଟ ବ୍ୟାଙ୍କ ବୋଲି ଧରାଯାଇଥାଏ। ଆନନ୍ଦ ଜଣେ ପ୍ରମୁଖ ରାଜପୁତ ଚେହେରା ହୋଇଥିବାରୁ ନୀତୀଶଙ୍କ ନେତୃତ୍ୱାଧୀନ ମହାମେଣ୍ଟ ସରକାର ଉକ୍ତ ବର୍ଗର ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ତାଙ୍କୁ ଖଲାସ କରିଥିବା କୁହାଯାଉଛି। କାରଣ ଆନନ୍ଦ ନିଜ ଜାତିର ଲୋକଙ୍କୁ ପ୍ରଭାବିତ କରିପାରିଲେ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାର ରାଜପୁତ ଭୋଟ ବ୍ୟାଙ୍କ ବିଭାଜିତ ହେବା ଥୟ। ଜଣେ ଦଳିତ ଯୁବ ଆଇଏଏସ୍ ଅଫିସରଙ୍କ ହତ୍ୟାକାରୀଙ୍କୁ ଦଣ୍ଡମୁକ୍ତ କରିବା କ୍ଷମତାରେ ରହିବା ପାଇଁ ଆଇନକୁ ବଳି ପକାଇବା ସଦୃଶ ବୋଲି ବିରୋଧୀ ଭାଜପା ସମାଲୋଚନା କରିଛି।

## ଜେଲରୁ ମୁକୁଳିଲେ ପୂର୍ବତନ ଏମ୍‌ପି ଆନନ୍ଦ ମୋହନ ସିଂ



- ୧୯୯୪ରେ ଆଇଏଏସ୍ ଅଫିସର କ୍ରିଷ୍ଣୈୟାଙ୍କୁ ହତ୍ୟା
- ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ ଭୋଗୁଥିଲେ
- ମୁକ୍ତି ପାଇଁ ବିହାର ପ୍ରିଜନ୍ ମାନୁଆଲରେ ସଂଶୋଧନ

“ଗୁଜରାଟରେ କ୍ଷମତାସୀନ ଭାଜପା ସରକାର ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର କରିଥିବା ୧୧ ଦୋଷୀଙ୍କୁ ମୁକ୍ତ କରିଛନ୍ତି। ସେମାନଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଛି। ସେମାନଙ୍କୁ ଖଲାସ କରିବାକୁ ଆର୍‌ଜେଡି ଏବଂ ନୀତୀଶ କୁମାର ଚାପ ପକାଇ ନ ଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ବଳରେ ଏପରି କରାଯାଇଛି।

**-ଆନନ୍ଦ ମୋହନ ସିଂ, ଆର୍‌ଜେଡିର ପୂର୍ବତନ ଏମ୍‌ପି**

ପାଟନା/ନୂଆଦିଲ୍ଲୀ,୨୭।୪

ଗ୍ୟାଙ୍ଗଷ୍ଟରରୁ ରାଜନେତା ସାଜିଥିବା ଆନନ୍ଦ ମୋହନ ସିଂଙ୍କୁ ବିହାରର ସହର୍ଷ ଜେଲରୁ ଗୁରୁବାର ଭୋର ୩ଟାରେ ମୁକ୍ତ କରାଯାଇଛି। ୨୯ ବର୍ଷ ପୂର୍ବେ ଜଣେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀଙ୍କୁ ହତ୍ୟା କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ ଭୋଗୁଥିବା ପୂର୍ବତନ ଏମ୍‌ପି ଆନନ୍ଦ ୧୫ ବର୍ଷ ଜେଲରେ ରହିବା ପରେ ରେମିଶନ (ଉତ୍ତମ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ଅବଧି ଦଣ୍ଡ ଭୋଗିବା ପୂର୍ବରୁ ମୁକ୍ତି) ଆଧାରରେ ନୀତୀଶ ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ ତାଙ୍କୁ ଛଡ଼ାଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ଜେଲ ନିୟମରେ ସଂଶୋଧନ ଆଣିବାକୁ ପଡ଼ିଥିଲା। କେବଳ ଏତିକି ନୁହେଁ, ଆନନ୍ଦଙ୍କ ସହ ଅନ୍ୟ ୨୬ ଦୋଷୀଙ୍କୁ ମଧ୍ୟ ଆଗୁଆ ଛଡ଼ାଯାଇଛି। ଆନନ୍ଦ ନିଜ ପୁଅ ତଥା ଆର୍‌ଜେଡି ବିଧାୟକ ଚେତନ ଆନନ୍ଦଙ୍କ ନିର୍ବନ୍ଧ ପାଇଁ ୧୫ ଦିନିଆ ପାରୋଲରେ ପାଟନାରେ ଥିବାବେଳେ ଜେଲରୁ ମୁକ୍ତ ହେବା ବିଷୟ ଖବର ପାଇଥିଲେ। ଗଣମାଧ୍ୟମ ଆନନ୍ଦଙ୍କ ପ୍ରତିକ୍ରିୟା ଜାଣିବାକୁ ଚାହିଁବାରୁ ସେ କହିଥିଲେ, ପୂର୍ବତନ ଜିଲାପାଳ ଜି. କ୍ରିଷ୍ଣୈୟାଙ୍କ ସ୍ତ୍ରୀ ହୁଅନ୍ତୁ କି ଆଇଏଏସ୍ ଅଫିସର୍ସ ଆସୋସିଏଶନ୍, ମୁଁ ସମସ୍ତଙ୍କୁ ପ୍ରଣାମ କରୁଛି। ବର୍ତ୍ତମାନ ସ୍ଥିତିରେ ମୁଁ କିଛି କହିବାକୁ ଚାହୁଁନାହିଁ। ଆଇଏଏସ୍ ଅଫିସର୍ସ ଆସୋସିଏଶନ୍ ଏବଂ ହାଇଦ୍ରାବାଦରେ ରହୁଥିବା କ୍ରିଷ୍ଣୈୟାଙ୍କ ବିଧବା ସ୍ତ୍ରୀ ଉମା କ୍ରିଷ୍ଣୈୟା ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ନୈରାଶ୍ୟ ବ୍ୟକ୍ତ କରିଛନ୍ତି।

୧୯୯୪ରେ ବିହାରର ମୁଜାଫରପୁରରେ ଗ୍ୟାଙ୍ଗଷ୍ଟରରୁ ବାହୁବଳୀ ନେତା ପାଲଟିଥିବା ଛୋଟନ୍ ଶୁକ୍ଲାଙ୍କୁ ହତ୍ୟା କରାଯାଇଥିଲା। ତାଙ୍କ ମୃତଦେହ ଧରି ବିକ୍ଷୋଭ ଶୋଭାଯାତ୍ରା ଚାଲିଥିବାବେଳେ ଯୁବ ଆଇଏଏସ୍ ଅଫିସର ଗୋପାଳଗଞ୍ଜ ଜିଲାପାଳ ଜି. କ୍ରିଷ୍ଣୈୟାଙ୍କୁ ହତ୍ୟା କରାଯାଇଥିଲା। ଆନନ୍ଦ ଉସୁକାଇବାରୁ ଲୋକେ ତାଙ୍କୁ କାର୍‌ରୁ ଟାଣିନେଇ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ୨୦୦୭ ଅକ୍ଟୋବରରେ ଏକ ସ୍ଥାନୀୟ କୋର୍ଟ ହତ୍ୟା ଅଭିଯୋଗରେ ଆନନ୍ଦଙ୍କୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ଏହି ରାୟକୁ ସେ ପାଟନା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ମୃତ୍ୟୁ ଦଣ୍ଡାଦେଶକୁ ଆଜୀବନ କାରାଦଣ୍ଡାଦେଶରେ ପରିବର୍ତ୍ତିତ କରିଥିଲେ। ଗତ ୧୦ ତାରିଖରେ ରାଜ୍ୟ ସରକାର ବିହାର ପ୍ରିଜନ୍ ମାନୁଆଲ୍‌ରେ ସଂଶୋଧନ ଆଣିଛନ୍ତି। ଜଣେ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କୁ ଦଣ୍ଡମୁକ୍ତି ମିଳିବ ନାହିଁ ବୋଲି ପୂର୍ବରୁ ନିୟମ ଥିଲା। ରାଜ୍ୟ ସରକାର ଏହି ଧାରାକୁ ହଟାଇ ଦେଇଛନ୍ତି। ଆନନ୍ଦଙ୍କ ମୁକ୍ତି ପାଇଁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏପରି କରିଥିବା ସମାଲୋଚକମାନେ କହୁଛନ୍ତି। ମହାମେଣ୍ଟ ସରକାର ବିରୋଧୀଙ୍କ ଟାର୍ଗେଟରେ ଥିବାବେଳେ ଏହି ପଦକ୍ଷେପ ଏକ ନୂଆ ରାଜନୈତିକ ବିବାଦକୁ ଜନ୍ମ ଦେଇଛି। ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦି କହିଛନ୍ତି, ନୀତୀଶ ସହଯୋଗୀ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସମର୍ଥନରେ କ୍ଷମତାରେ ରହିବା ପାଇଁ ଆଇନକୁ ବଳି ପକାଇଛନ୍ତି।

“ବିହାର ସରକାରଙ୍କ ଏହି ପଦକ୍ଷେପ ଅପରାଧୀମାନଙ୍କୁ ଉତ୍ସାହିତ କରିବ। ଅପରାଧ ଘଟାଇ ଜେଲ ଯିବା ପରେ ମୁକ୍ତ ହୋଇ ରାଜନୀତି କରିବା ସମ୍ଭବ ବୋଲି ଏଥିରୁ ସନ୍ଦେଶ ମିଳୁଛି। ମୃତ୍ୟୁ ଦଣ୍ଡାଦେଶ ଉଚିତ ଥିଲା।

**-ଉମା କ୍ରିଷ୍ଣୈୟା, ମୃତ ଆଇଏଏସ୍ ଅଧିକାରୀ ଜି. କ୍ରିଷ୍ଣୈୟାଙ୍କ ସ୍ତ୍ରୀ**



### ଆଇନ ଅନୁସାରେ ହୋଇଛି: ବିହାର ସରକାର

ବିହାର ସରକାର ଜେଲ ମାନୁଆଲ ୨୦୧୨ରେ ସଂଶୋଧନ ଆଣି କିଛି ଭୁଲ୍ କରିନାହାନ୍ତି। ବିହାର ଷ୍ଟେଟ୍ ସେଣ୍ଟେନ୍ସ ରେମିଶନ କାଉନ୍‌ସିଲର ନିଷ୍ପତ୍ତି କ୍ରମେ ଯାହା ବି ହୋଇଛି, ସବୁକିଛି ଆଇନ ଅନୁସାରେ ହୋଇଛି ବୋଲି ରାଜ୍ୟ ମୁଖ୍ୟ ସଚିବ ଆମିର ସୁଭାନୀ କହିଛନ୍ତି।

### ଜେଲରେ ମୋବାଇଲ ରଖିଥିଲେ ଆନନ୍ଦ

ଆନନ୍ଦ ମୋହନ ସିଂଙ୍କ ମୁକ୍ତି ତାଙ୍କ ଉତ୍ତମ ବ୍ୟବହାର ଆଧାରରେ ହୋଇଛି ବୋଲି ବିହାର ସରକାର ଯୁକ୍ତି ବାଢ଼ୁଛନ୍ତି। କିନ୍ତୁ ସେ ଜେଲରେ ଥିବାବେଳେ ଅନେକ ଦାମୀ ମୋବାଇଲ ଫୋନ୍ ଓ ସିମ୍ କାର୍ଡ ବ୍ୟବହାର କରୁଥିଲେ। ୨୦୨୧ ଅକ୍ଟୋବର ୨୩ରେ ସହର୍ଷ ଜିଲାପାଳ ଏବଂ ଏସ୍‌ପି ଜେଲରେ ଚଢ଼ାଉ କରିବା ସମୟରେ ଆନନ୍ଦ ଦଣ୍ଡ ଭୋଗୁଥିବା ୱାର୍ଡ ନଂ. ୧ରେ ସେସବୁ ଜବତ ହୋଇଥିଲା।

### ମୋଦିଙ୍କ ହସ୍ତକ୍ଷେପ ଲୋଡ଼ିଲେ କ୍ରିଷ୍ଣୈୟାଙ୍କ ଝିଅ

ପୂର୍ବତନ ଆଇଏଏସ୍ ଅଧିକାରୀ ଜି. କ୍ରିଷ୍ଣୈୟାଙ୍କ ଝିଅ ପଦ୍ମ କ୍ରିଷ୍ଣୈୟା ଗୁରୁବାର ଆନନ୍ଦଙ୍କ ମୁକ୍ତିକୁ ନେଇ ମର୍ମାହତ ହୋଇଛନ୍ତି। ଏହି ପ୍ରସଙ୍ଗରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏଭଳି ଲୋକଙ୍କୁ ସମାଜକୁ ପୁନର୍ବାର ଫେରାଇ ଆଣିବା ଅନୁଚିତ। ବିହାର ସମେତ ଅନ୍ୟ ରାଜ୍ୟଗୁଡ଼ିକରେ ଅପରାଧୀ ଓ ମାଫିଆମାନେ ଯେପରି ଅବାଧରେ ବୁଲି ନ ପାରିବେ, ପ୍ରଧାନମନ୍ତ୍ରୀ ସେନେଇ ଆଇନ ଆଣନ୍ତୁ ବୋଲି ପଦ୍ମ ନିବେଦନ କରିଛନ୍ତି।

“ଆଇନକୁ ଦୁର୍ବଳ କଲେ ଦଣ୍ଡରୁ ମୁକ୍ତି ସମ୍ଭବ। ଏହା ସରକାରୀ କର୍ମଚାରୀମାନଙ୍କ ନୈତିକ ମନୋବଳକୁ ଦୁର୍ବଳ କରିଦେବ। ନ୍ୟାୟିକ ପ୍ରଶାସନ ପାଇଁ ଏହା ଉପହାସ

**-ସେଣ୍ଟ୍ରାଲ ଆଇଏଏସ୍ ଆସୋସିଏଶନ୍**

“ନୀତୀଶ କୁମାର ସରକାର ଆନନ୍ଦ ମୋହନ ସିଂଙ୍କୁ ଜେଲରୁ ମୁକ୍ତ କରିବା ଏକ ଦଳିତ ବିରୋଧୀ ପଦକ୍ଷେପ।

**-ମାୟାବତୀ, ବିଏସ୍‌ପି ସୁପ୍ରିମୋ**

## ମୋଦି ବିଷଧର ସର୍ପ: ଖାର୍ଗେ

### ସମାଲୋଚନା ପରେ କ୍ଷମା ମାଗିଲେ



ନୂଆଦିଲ୍ଲୀ,୨୭।୪

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ଭାଷାରେ ସମାଲୋଚନା କରିବା ସହ ତାଙ୍କୁ ବିଷଧର ସର୍ପ ସହ ତୁଳନା କରିଛନ୍ତି। କର୍ନାଟକର କଲାବୁରଗିଠାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ଖାର୍ଗେ କହିଥିଲେ, ପ୍ରଧାନମନ୍ତ୍ରୀ ମୋଦି ବିଷଧର ସାପ ଭଳି, ଯାହାକୁ ସ୍ପର୍ଶ କଲେ ମୃତ୍ୟୁ ହେବ। ତାଙ୍କର ଏଭଳି ମନ୍ତବ୍ୟକୁ ନେଇ ବିବାଦ ଦେଖାଦେବା ପରେ ଖାର୍ଗେ ମତ ବଦଳାଇ ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଦ୍ଦେଶ୍ୟରେ ନୁହେଁ ବୋଲି କହିଥିଲେ। ତାଙ୍କ କହିବାର ଉଦ୍ଦେଶ୍ୟ ଭାଜପାର ବିଚାରଧାରା ସାପ ଭଳି। ସେ ବ୍ୟକ୍ତିଗତ ଭାବେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଲକ୍ଷ୍ୟ କରି ଏଭଳି ମନ୍ତବ୍ୟ ଦେଇନାହାନ୍ତି। ସମାଲୋଚନା ପରେ ଖାର୍ଗେ ତାଙ୍କ ମନ୍ତବ୍ୟ ପାଇଁ କ୍ଷମା ମାଗିଛନ୍ତି।

ତେବେ ଖାର୍ଗେଙ୍କ ମନ୍ତବ୍ୟ ଭାଜପାରେ ଉତ୍ତେଜନା ସୃଷ୍ଟି କରିଛି। ଦଳୀୟ ନେତାମାନେ କଂଗ୍ରେସ ଅଧ୍ୟକ୍ଷଙ୍କୁ କଡ଼ା ସମାଲୋଚନା କରିଛନ୍ତି। କଂଗ୍ରେସ ରାଜନୈତିକ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଲଢ଼ିବାକୁ ସମର୍ଥ ନ ଥିବାରୁ ନୈରାଶ୍ୟରୁ ଏଭଳି ଚିନ୍ତାଧାରା ସେମାନଙ୍କ ମନରେ ଆସୁଥିବା କର୍ନାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ କହିଛନ୍ତି। ସୋନିଆ ଗାନ୍ଧୀ ମୋଦିଙ୍କୁ ‘ମୌତ୍ କା ସୌଦାଗର’ କହିଥିବାବେଳେ ଖାର୍ଗେଙ୍କ ମନ୍ତବ୍ୟ ତାହାଠାରୁ ନିକୃଷ୍ଟ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି।



ମେ’ ୬ରେ ବ୍ରିଟେନ୍ କିଙ୍ଗ୍ ଚାର୍ଲ୍ସଙ୍କ ରାଜ୍ୟାଭିଷେକ ହେବ। ଏହା ପୂର୍ବରୁ ଗୁରୁବାର ଲଣ୍ଡନର ମାଡାମ୍ ଟୁସାଡ୍ ମ୍ୟୁଜିୟମ୍‌ରେ କୁଇନ୍ କନ୍‌ସର୍ଟ କାମିଲାଙ୍କ ମହମ ମୂର୍ତ୍ତିରେ ଡୁଇଜଣ ଷ୍ଟୁଡିଓ ଆର୍ଟିଷ୍ଟ ଶେଷ ସ୍ପର୍ଶ ଦେଉଛନ୍ତି। ନିକଟରେ ଅଛନ୍ତି କିଙ୍ଗ୍ ଚାର୍ଲ୍ସ ୩ୟ। କାମିଲାଙ୍କ ଏହି ମୂର୍ତ୍ତି ରୟାଲ ପ୍ୟାଲେସ୍‌ରେ ନୂଆ ଆକର୍ଷଣ ସାଜିବ।

## ୧୨ ବନ୍ଧୁଙ୍କୁ ସାୟନାଇଡ୍ ଦେଇ ହତ୍ୟା

ବ୍ୟାଙ୍କକ୍,୨୭।୪

ଥାଇଲାଣ୍ଡର ଜଣେ ଗର୍ଭବତୀ ମହିଳା ତାଙ୍କର ୧୨ ଜଣ ବନ୍ଧୁଙ୍କୁ ସାୟନାଇଡ୍ ଦେଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକଙ୍କ ବୟସ ୩୩ରୁ ୪୪ ବର୍ଷ ମଧ୍ୟରେ ହୋଇଥିବାବେଳେ ସେମାନଙ୍କୁ ୨୦୨୦ ଡିସେମ୍ବରରୁ ୨୦୨୩ ଏପ୍ରିଲ ମଧ୍ୟରେ ହତ୍ୟା କରାଯାଇଛି। ତଦନ୍ତ ପରେ ପୋଲିସ ବ୍ୟାଙ୍କକ୍‌ରୁ ଅଭିଯୁକ୍ତ ମହିଳା ସରାରତ ରଙ୍ଗସିଉଥାପର୍ନ(୩୨)ଙ୍କୁ ମଙ୍ଗଳବାର ଗିରଫ କରିଛି। ଚଳିତ ମାସ ଆରମ୍ଭରେ ତାଙ୍କ ବନ୍ଧୁ ସିରିପର୍ନ ଖାନ୍‌ଓଙ୍ଗଙ୍କ ମୃତ୍ୟୁକୁ ନେଇ ମହିଳା ଜଣକ ସନ୍ଦେହ ଘେରକୁ ଆସିଥିଲେ। ଗତ ୧୪ ତାରିଖରେ ରଙ୍ଗସିଉଥାପର୍ନ ତାଙ୍କ ବନ୍ଧୁ ସିରିପର୍ନଙ୍କ ସହ ରାଟ୍‌ଚାବୁରି ପ୍ରଦେଶକୁ ଭ୍ରମଣରେ ଯାଇ ଏକ ନଦୀରେ ବୌଦ୍ଧ ଧର୍ମାବଲମ୍ବୀ ସୁରକ୍ଷା ରୀତିନୀତିରେ ସାମିଲ ହୋଇଥିଲେ। ଉକ୍ତ ନଦୀକୂଳରେ ସିରିପର୍ନଙ୍କର ମୂର୍ଚ୍ଛାଯିବା ସହ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ତାଙ୍କ ଦେହରେ ସାୟନାଇଡ୍ ଥିବା ଜଣାପଡ଼ିଥିଲା। ସିରିପର୍ନଙ୍କ ଫୋନ୍, ଟଙ୍କା ଓ ବ୍ୟାଗ୍ ଗାଏବ୍ ହୋଇଯାଇଥିଲା। ରଙ୍ଗସିଉଥାପର୍ନ ତାଙ୍କ ବୟଫ୍ରେଣ୍ଡଙ୍କ ସହ ଅନ୍ୟ ୧୧ ଜଣଙ୍କୁ ଏହିଭଳି ସାୟନାଇଡ୍ ଦେଇ ହତ୍ୟା କରିଥିବା ପୋଲିସ ତଦନ୍ତରୁ ବିଶ୍ୱାସ କରାଯାଉଛି। ସମସ୍ତ ମୃତକଙ୍କ ଅର୍ଥ, ଗହଣା ଆଦି ଗାଏବ୍ ହୋଇଥିବାରୁ ରଙ୍ଗସିଉଥାପର୍ନ ଲୁଟ୍ ପାଇଁ ସେମାନଙ୍କୁ ହତ୍ୟା କରିଥିବା ବିଶ୍ୱାସ କରାଯାଉଛି। ତେବେ ଜଣେ ପୋଲିସ ଅଫିସରଙ୍କ ପୂର୍ବତନ ସ୍ତ୍ରୀ ରଙ୍ଗସିଉଥାପର୍ନ ଉକ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଗର୍ଭବତୀ ମହିଳା ଜଣକ ପୋଲିସ ହାଜତରେ ଅଧିକ ସମୟ ରହିବା ପରେ ମାନସିକ ଅବସାଦରେ ରହିଥିଲେ ବୋଲି ତାଙ୍କ ଓକିଲ କହିଛନ୍ତି। ସମସ୍ତ ହତ୍ୟାକାଣ୍ଡ ରଙ୍ଗସିଉଥାପର୍ନଙ୍କ ଦ୍ୱାରା ହୋଇଥିବା ପ୍ରମାଣ ମିଳିଲେ, ତାଙ୍କୁ ସିରିଏଲ୍ କିଲର ଦର୍ଶାଯାଇପାରିବ ବୋଲି ପୋଲିସ ମେଜର-ଜେନେରାଲ ମୋଣ୍ଟ୍ରି ଥେସ୍‌ଖା କହିଛନ୍ତି।




ଗିରଫ ଗର୍ଭବତୀ ମହିଳା ସରାରତ ରଙ୍ଗସିଉଥାପର୍ନ

## ସମ୍ପର୍କ ବୃଦ୍ଧି ପାଇଁ ସୀମାରେ ଶାନ୍ତି ଜରୁରୀ

### ଚାଇନା ପ୍ରତିରକ୍ଷା ମନ୍ତ୍ରୀଙ୍କୁ କହିଲେ ରାଜନାଥ

ନୂଆଦିଲ୍ଲୀ,୨୭।୪

ସାଙ୍ଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ବୈଠକରେ ଯୋଗଦେବା ପାଇଁ ନୂଆଦିଲ୍ଲୀ ଆସିଥିବା ଚାଇନା ପ୍ରତିରକ୍ଷା ମନ୍ତ୍ରୀ ଲି ଶାଙ୍ଗ୍‌ଫୁଙ୍କ ସହ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗୁରୁବାର ଆଲୋଚନାରେ ସାମିଲ ହୋଇଛନ୍ତି। ଭାରତ-ଚାଇନା ସମ୍ପର୍କ ବୃଦ୍ଧି ପାଇଁ ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରହିବା ଜରୁରୀ ବୋଲି ଏହି ଅବସରରେ ରାଜନାଥ ତାଙ୍କ ପ୍ରତିପକ୍ଷଙ୍କୁ କହିଥିବା ଜଣାଯାଇଛି। ଉଭୟ ସୀମାନ୍ତ ସ୍ଥିତି ଏବଂ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଆଲୋଚନା କରିଥିଲେ। ୨୦୨୦ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ପ୍ରଥମ ଥର ପାଇଁ ଦୁଇ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଦ୍ୱିପାକ୍ଷିକ ଆଲୋଚନାରେ ସାମିଲ ହୋଇଛନ୍ତି। ଦ୍ୱିପାକ୍ଷିକ ଚୁକ୍ତିନାମା ଏବଂ ପ୍ରତିଶ୍ରୁତି ଅନୁଯାୟୀ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ର ସମସ୍ତ ପ୍ରସଙ୍ଗର ସମାଧାନ ହେବା ଆବଶ୍ୟକ ବୋଲି ବୈଠକ ଶେଷରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ପୂର୍ବ ଚୁକ୍ତିନାମାର ଉଲ୍ଲଂଘନ ଯୋଗୁ ଦ୍ୱିପାକ୍ଷିକ ସମ୍ପର୍କର ସମ୍ପୂର୍ଣ୍ଣ ଭିତ୍ତି ଦୁର୍ବଳ ହେଲା। ପରିଣାମ ସ୍ୱରୂପ ସୀମାରେ ଉଭୟ ପକ୍ଷର ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଓ ଉତ୍ତେଜନା ସୃଷ୍ଟି ହେଲା ବୋଲି ଆଲୋଚନା ବେଳେ ରାଜନାଥ ଦୋହରାଇଥିଲେ।

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୮/୨୦୨୩ | Bhubaneswar, Friday, April 28/2023 | ପୃଷ୍ଠା-୧


# ୨୮ ବର୍ଷରେ ଅଧୁରା

**ଅନୁଗୋଳ, ଢେଙ୍କାନାଳ, ଯାଜପୁର ଓ କଟକ ଜିଲାର ଚାଷୀଙ୍କ ଭାଗ୍ୟ ବଦଳିବ। ଜମିରେ ପହଞ୍ଚିବ ଜଳ। ପଡ଼ିଆ ପଡୁଥିବା କ୍ଷେତରେ ବର୍ଷସାରା ଫଳିବ ସୁନାର ଫସଲ। ଏଭଳି ମହତ୍ ଲକ୍ଷ୍ୟ ରଖି ୨୮ ବର୍ଷ ତଳେ ଆରମ୍ଭ ହୋଇଥିଲା ରେଙ୍ଗାଲି ଦକ୍ଷିଣ କେନାଲ ବୃହତ୍ ଜଳସେଚନ ପ୍ରକଳ୍ପ। ପାଖାପାଖି ତିନି ଦଶନ୍ଧି ମଧ୍ୟରେ ଏହି ସ୍ୱପ୍ନର ପ୍ରୋଜେକ୍ଟକୁ ପୂର୍ଣ୍ଣାଙ୍ଗ ରୂପ ଦେବାରେ ବ୍ୟୟ ଅଟକଳ ୭୩୮ରୁ ୨୯୫୨ କୋଟିରେ ପହଞ୍ଚିଲାଣି। ହେଲେ ଦୁର୍ନୀତି, ଦୂରଦୃଷ୍ଟି ଅଭାବ ଏବଂ ନିମ୍ନମାନର କାମ ପାଇଁ ୪ ଜିଲାବାସୀଙ୍କ ବହୁ ପ୍ରତୀକ୍ଷିତ ଏହି ସ୍ୱପ୍ନର ପ୍ରକଳ୍ପ ଏବେ ବି ଅଧୁରା ରହିଛି।**



ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ନିକଟ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଅଧାପନ୍ତରିଆ ହୋଇ ପଡ଼ିଥିବା ରେଙ୍ଗାଲି ଦକ୍ଷିଣ କେନାଲ।

ଢେଙ୍କାନାଳ ଅଫିସ, ୨୭।୪(ରତନ ନାୟାର)

- **ରେଙ୍ଗାଲି ଦକ୍ଷିଣ କେନାଲ: ୯୭ କି.ମି. ଖନନ କାର୍ଯ୍ୟ ବାକି**
- **୭୩୮ରୁ ୨୯୫୨ କୋଟିରେ ପହଞ୍ଚିଲାଣି ବ୍ୟୟ ଅଟକଳ**
- **ଜମିକୁ ଅପହଞ୍ଚ ଜଳ, ଅପେକ୍ଷାରେ ୪ ଜିଲାର ଚାଷୀ**

ଅନୁଗୋଳ ଜିଲା ବ୍ରାହ୍ମଣୀ ନଦୀରେ ୧୯୯୫ରେ ସମଲ ବ୍ୟାରେଜ ନିର୍ମାଣ ପରେ ଅନୁଗୋଳ, ଢେଙ୍କାନାଳ, ଯାଜପୁର ଓ କଟକ ଜିଲାର ଚାଷୀଙ୍କ ଜମିକୁ ଜଳ ଯୋଗାଇଦେବା ଲାଗି କରାଯାଇଥିଲା ଯୋଜନା। ତଦନୁଯାୟୀ ବ୍ରାହ୍ମଣୀର ବାମ ପାର୍ଶ୍ୱରେ ବାମ କେନାଲ ଏବଂ ଦକ୍ଷିଣ ପାର୍ଶ୍ୱରେ ଦକ୍ଷିଣ କେନାଲ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଦୁଇ ବୃହତ୍ ଜଳସେଚନ ପ୍ରକଳ୍ପ ଦ୍ୱାରା ନଦୀ ତଟବର୍ତ୍ତୀ ସମ୍ପୃକ୍ତ ୪ ଜିଲାର ଜମିକୁ ପାଣି ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଥିଲା। ହେଲେ ଦୀର୍ଘ ୨୮ ବର୍ଷ ଅତିକ୍ରାନ୍ତ ପରେ କେନାଲ କାର୍ଯ୍ୟ ଶେଷ ହେଉନାହିଁ। ସମଲ ବ୍ୟାରେଜରୁ କଟକ ଜିଲା ନରସିଂହପୁର ଯାଏ ୧୯୨ କିଲୋମିଟର ମଧ୍ୟରୁ ଢେଙ୍କାନାଳ ଜିଲା ମଧୁସାହୁପାଟଣା ପର୍ଯ୍ୟନ୍ତ ମାତ୍ର ୧୨୫ କିଲୋମିଟର କାମ ହୋଇଛି। ଅବଶିଷ୍ଟ ୬୭ କିଲୋମିଟର କେନାଲ ଖନନ ହେବାକୁ ବାକି ଅଛି। ଇତିମଧ୍ୟରେ ଖର୍ଚ୍ଚ ଅଟକଳ ରାଶି ୪ ଗୁଣା ବଢ଼ିସାରିଥିବାବେଳେ ପ୍ରକଳ୍ପ କେବେ ପୂର୍ଣ୍ଣାଙ୍ଗ ହେବ ତାହାର ଉତ୍ତର କାହା ପାଖରେ ନାହିଁ।

ଅନୁଗୋଳ ଜିଲାର ସମଲ ବ୍ୟାରେଜରୁ ଆରମ୍ଭ ହୋଇଥିବା ରେଙ୍ଗାଲି ଦକ୍ଷିଣ କେନାଲ ଢେଙ୍କାନାଳ, ଯାଜପୁର ଜିଲା ଦର୍ପଣୀ ଏବଂ କଟକ ଜିଲାର ନରସିଂହପୁର ପର୍ଯ୍ୟନ୍ତ ଖନନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରାରମ୍ଭିକ ସର୍ଭେରୁ ରେଙ୍ଗାଲି ଦକ୍ଷିଣ ମୁଖ୍ୟ କେନାଲ ଏବଂ ଶାଖା କେନାଲ ମାଧ୍ୟମରେ ସମ୍ପୃକ୍ତ ୪ ଜିଲାର ୧ ଲକ୍ଷ ୨୧ ହଜାର ୨୦୦ ହେକ୍ଟର ଜମିକୁ ଜଳସେଚନ ☞ପୃଷ୍ଠା-୨

### ବାମ କେନାଲର ସମଦଶା

ସମଲ ବ୍ୟାରେଜରୁ ଆରମ୍ଭ ହୋଇଥିବା ରେଙ୍ଗାଲି ବାମ କେନାଲ ମଧ ଦକ୍ଷିଣ କେନାଲ ଭଳି ସମଦଶା ଭୋଗୁଛି। ଏହା ସହାୟତାରେ ଢେଙ୍କାନାଳ, ଅନୁଗୋଳ ଓ ଯାଜପୁର ଜିଲାକୁ ଜଳସେଚନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ୨୦୧୫ ସୁଦ୍ଧା ଭୁବନ ବ୍ଲକ ପର୍ଯ୍ୟନ୍ତ ୭୩ କିଲୋମିଟର କେନାଲ କାମ ଶେଷ ହୋଇଛି। ଏବେ ଯାଜପୁର ଜିଲାକୁ ଜଳ ପହଞ୍ଚାଇବା ଲାଗି ଉଦ୍ୟମ ଚାଲିଛି। ଏଥିଲାଗି ସୁକିନ୍ଦାରେ କାର୍ଯ୍ୟାଳୟ କରାଯାଇ ୧୦୦ କି.ମି. ପର୍ଯ୍ୟନ୍ତ କାମ ଆରମ୍ଭ ହୋଇଛି। ଏହା ଶେଷ ହେଲେ ଯାଜପୁର ଜିଲାର ଅଧା ଜମି ଜଳସେଚିତ ହୋଇପାରିବ ବୋଲି ଜଣାପଡ଼ିଛି। ତେବେ କାର୍ଯ୍ୟ ଏତେ ମନ୍ଥର ଗତିରେ ଚାଲିଛି ଯେ, ଏହା କେବେ ଶେଷ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବ୍ରାହ୍ମଣୀରେ ଡଙ୍ଗାବୁଡ଼ି ଜଣେ ମୃତ, ଜଣେ ନିଖୋଜ

- **ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା**
- **ପୋଲ ନିର୍ମାଣ ଦାବିରେ ମନ୍ତ୍ରୀଙ୍କୁ ଘେରିଲେ ଲୋକେ**

**ରାଜନଗର/ଆଳି, ୨୭।୪ (ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅଞ୍ଚଳରେ ଥିବା ବ୍ରାହ୍ମଣୀ ନଦୀର ଏକମାଣିଆ ଘାଟରୁ ୨୦ ଜଣଙ୍କୁ ନେଇ ଗୁରୁବାର ସକାଳେ କେରଡାଗଡ଼ ଅଭିମୁଖେ ଯାଉଥିବା ଏକ ହୁଲି ଡଙ୍ଗା ଭାରସାମ୍ୟ ହରାଇ ବୁଡ଼ି ଯାଇଛି। ଏଥିରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ନାଉରିଆ ନିଖୋଜ ଅଛନ୍ତି। ଡଙ୍ଗାରେ ଥିବା ଅନ୍ୟ ୧୮ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଡଙ୍ଗାବୁଡ଼ି ସ୍ଥଳକୁ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଯାଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଘେରି ନଦୀରେ ପୋଲ ନିର୍ମାଣ ଦାବି କରିଥିଲେ। ଖୁବ୍‌ଶୀଘ୍ର ପୋଲ ନିର୍ମାଣ ହେବ ବୋଲି ମନ୍ତ୍ରୀ ଦେବ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୃତ ନାବାଳକଙ୍କ ପରିବାରକୁ ସମବେଦନା ଜଣାଇବା ସହ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ମ୍ୟାଲେରିଆ ନିରାକରଣ ଅସ୍ତ୍ର**

## ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ୩ ଗିରଫ

ଭୁବନେଶ୍ୱର, ୨୭।୪(ବ୍ୟୁରୋ)

**୪.୧୩ କୋଟି ଋଣ ଠକେଇ ମାମଲା**

- **ନକଲି ଏଲ୍ଆଇସି ପଲିସି ଦ୍ୱାରା ଦିଆଯାଇଥିଲା ୮ଟି ଲୋନ୍**
- **ଠକେଇ ନେଇ ଇଓଡବ୍ଲ୍ୟୁରେ ଏତଲା ଦେଇଥିଲେ ବ୍ୟାଙ୍କ ସିଇଓ**

ନକଲି ଏଲ୍ଆଇସି ପଲିସି ଦ୍ୱାରା ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର କଟକ ନୂଆପାଟଣା ଶାଖାରୁ ୪.୧୩ କୋଟି ଟଙ୍କା ଋଣ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିରେ ସମ୍ପୃକ୍ତ ଥିବା ଶାଖାର ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ସେକ୍ ଅବଦୁଲ ହାଇ, ତତ୍କାଳୀନ ସିନିୟର ଆସିଷ୍ଟାଣ୍ଟ ପ୍ରକାଶ କୁମାର ମହାପାତ୍ର ଓ ଏଲ୍ଆଇସି ଏଜେଣ୍ଟ ଏମ୍‌ଡି. ମୁସ୍ତାକିମ୍ ରାଜାଙ୍କୁ ଗୁରୁବାର ଇଓଡବ୍ଲ୍ୟୁ ଗିରଫ କରିଛି। ସେମାନଙ୍କ ନିକଟରୁ ନକଲି ଏଲ୍ଆଇସି କାଗଜପତ୍ର ଆଦି ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ କଟକ ଜେଏମ୍ଏଫ୍ସି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଇଓଡବ୍ଲ୍ୟୁ ଉଦ୍ୟମ ଚଳାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ସେକ୍ ଅବଦୁଲ ୨୦୧୯-୨୧ ପର୍ଯ୍ୟନ୍ତ ଉକ୍ତ ଶାଖାର ବ୍ୟାଙ୍କ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସେହି ସମୟରେ ଶାଖାର ଖ୍ରୀଷ୍ଟ କଲେଜ ଏକ୍ସଟେନ୍‌ସନ କାଉଣ୍ଟରର ସିନିୟର ଆସିଷ୍ଟାଣ୍ଟ ଭାବେ ଅଭିଯୁକ୍ତ ପ୍ରକାଶ କାମ କରୁଥିଲେ। ଏମାନଙ୍କ ସହ ☞ପୃଷ୍ଠା-୨

## ନବରଙ୍ଗପୁରରେ ମାଓବାଦୀ ସକ୍ରିୟ

**ମହିଳା ମାଓବାଦୀଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ସନ୍ଦେହ**

**ବହୁ ଆପତ୍ତିଜନକ ଜିନିଷ ଜବତ**

ନବରଙ୍ଗପୁର, ୨୭।୪(ବି.ପ୍ର.)

ଛତିଶଗଡ଼ ଦାନ୍ତେୱାଡ଼ାଠାରେ ବୁଧବାର ମାଓବାଦୀ ଆକ୍ରମଣରେ ଡିଆର୍‌ଜିର ୧୦ ଯବାନ ଏବଂ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିବା ସହ ସୀମାନ୍ତ ଜିଲା ନବରଙ୍ଗପୁରରେ ଏସ୍ଓଜି ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବାବେଳେ ଜଙ୍ଗଲ ମଧ୍ୟରୁ ବିପୁଳ ପରିମାଣର ବିସ୍ଫୋରକ ଏବଂ ଗର୍ଭ ନିରୋଧକ ସାମଗ୍ରୀ ଜବତ ହୋଇଥିବା ଏସ୍‌ପି ଏସ୍. ସୁଶ୍ରୀ ଗୁରୁବାର ସୂଚନା ଦେଇଛନ୍ତି। ଏହି ଘଟଣାରୁ ନବରଙ୍ଗପୁର ଜିଲାରେ ମାଓବାଦୀ ସକ୍ରିୟ ଥିବା ସ୍ପଷ୍ଟ ହୋଇଛି। ବୁଧବାର ଏସ୍ଓଜି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ପରେ ସେଠାରୁ ଯେଉଁସବୁ ଜିନିଷ ଜବତ ହୋଇଛି ସେଥିରୁ ମହିଳା ମାଓବାଦୀଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ସନ୍ଦେହ ହେଉଛି ବୋଲି ରିଜର୍ଭ ପୋଲିସ କ୍ୟାମ୍ପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଏସ୍‌ପି କହିଛନ୍ତି।

ନବରଙ୍ଗପୁର ଜିଲା ରାଇଘର ଓ ଛତିଶଗଡ଼ର ଗରିଆବନ୍ଧ ଜିଲାର ଶୋଭା ଥାନା ଅଞ୍ଚଳ ସୀମାନ୍ତରେ ମାଓବାଦୀ ଗତିବିଧି ଖବର ମିଳିବାପରେ ☞ପୃଷ୍ଠା-୨

## ଏସ୍‌ପିଙ୍କ ମନ୍ତବ୍ୟ ପିଲାଳିଆମି

ଭୁବନେଶ୍ୱର, ୨୭।୪(ବ୍ୟୁରୋ)

ମାଓବାଦୀମାନେ ମହିଳାମାନଙ୍କୁ ସଂଗଠନରେ ସାମିଲ କରାଇ ସେମାନଙ୍କୁ ଯୌନ ନିର୍ଯାତନା ଦେଉଥିବା ନେଇ ନବରଙ୍ଗପୁର ଏସ୍‌ପି ଏସ୍.ସୁଶ୍ରୀଙ୍କ ବୟାନକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାଲଚନ୍ଦ୍ର ଷଡ଼ଙ୍ଗୀଙ୍କ ମତରେ ମହିଳା ମାଓବାଦୀଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ନେଇ ଏସ୍‌ପି ଯାହା କହିଛନ୍ତି ତାହା ତାଙ୍କର ପିଲାଳିଆମି ମନ୍ତବ୍ୟ। ଗର୍ଭ ନିରୋଧକ ଔଷଧ ସାଧାରଣ ମହିଳା ମଧ୍ୟ ବ୍ୟବହାର କରନ୍ତି। ଯୌନ ନିର୍ଯାତନା କ'ଣ ପୋଲିସ ବିଭାଗରେ କମ୍ ଅଛି। ଗୋଟିଏ ଘଟଣାକୁ ନେଇ ଏପରି ମନ୍ତବ୍ୟ ଦେବା ଠିକ୍ ନୁହେଁ। ଯଦି ଜଣେ ପୋଲିସ ମହିଳା କର୍ମଚାରୀ ଅନ୍ୟ ଜଣେ ପୋଲିସ ଅଧିକାରୀଙ୍କ ଠାରୁ ଯୌନ ଶୋଷଣର ଶିକାର ହେଉଛନ୍ତି, ତେବେ ସେଠାରେ ସମ୍ପୂର୍ଣ୍ଣ ବିଭାଗକୁ ଦୋଷ ଦେବା ତାହା ଠିକ୍ ହେବ ନାହିଁ। ମାଓବାଦୀ ଆକ୍ରମଣ ମଝିରେ ମଝିରେ ଦେଖିବାକୁ ମିଳୁଛି। ମାଓବାଦୀଙ୍କ ସାମାଜିକ, ଅର୍ଥନୈତିକ ସମସ୍ୟା ରହିଛି, ସେମାନେ କୌଣସି ଗ୍ୟାଙ୍ଗ ନୁହନ୍ତି।

ପୂର୍ବତନ ଡିଜିପି ଗୋପାଳ ଚନ୍ଦ୍ର ନନ୍ଦ କହିଛନ୍ତି, ୧୯୭୦ ମସିହାରୁ ମାଓବାଦୀ କାର୍ଯ୍ୟକଳାପ ଆରମ୍ଭ ହେଲାଣି। ୧୯୮୦ ଏବଂ ୧୯୯୦ରେ ମାଓବାଦୀଙ୍କ ଗତିବିଧି ବହୁ ମାତ୍ରାରେ ଥିବାବେଳେ ଅନେକ ଲୋକଙ୍କୁ ☞ପୃଷ୍ଠା-୨







**ଆଜିର ମନ୍ତବ୍ୟ**

"କଂଗ୍ରେସ କର୍ଣାଟକରେ କ୍ଷମତାସୀନ ହେବା ପାଇଁ ଦେଇଥିବା ସବୁ ଗ୍ୟାରେଣ୍ଟି ଏବଂ ୱାରେଣ୍ଟି ଶେଷ ହୋଇଯାଇଛି। ଏଭଳି ମାଗଣା ସାମଗ୍ରୀ ପ୍ରଦାନର ପ୍ରତିଶ୍ରୁତି ଦେଉଥିବା ଦଳକୁ ନିର୍ବାଚନରେ ଯୁବପିଢ଼ି ତିରସ୍କାର କରିବେ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୋର ବରଷା, ରଜନୀ ନିଶା**
**ଘନ କାଳେ ଯେବେ ନ ଥାଏ ପୁଂସା**
**କହେ ଦନାଇ ଏ ସ୍ତିରୀକି ଦଶା।**

ଘୋର ବରଷା କାଳରେ ଘରେ ଯଦି ପୁରୁଷ ନ ଥାଏ ତେବେ ସ୍ତ୍ରୀ ଏକୁଟିଆ ଥିଲେ ତା' ପାଇଁ ବିପଦର ଭୟ ରହିଥାଏ। ସ୍ତ୍ରୀର ସାହସ ହେଉଛି ପୁରୁଷ। ପୁରୁଷର ଅନୁପସ୍ଥିତିରେ ସ୍ତ୍ରୀ ନିଜକୁ ଅସହାୟ ମନେକରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଘିଅ ସାଙ୍ଗରେ କି ମହୁ**
**ଦୀପ ସାଙ୍ଗରେ କି ଦିହୁଡ଼ି ଜଳିବ**
**ଝିଅ ସାଙ୍ଗରେ କି ବୋହୂ ?**

ବାପ ମା'ଙ୍କର ଝିଅ ଯେତେ ନିକଟତର, ବୋହୂ ସେତେ ହୋଇ ନ ଥାଏ। ବୋହୂ ଅପେକ୍ଷା ଝିଅ ହିଁ ବାପ ମା'ଙ୍କର ସେବା କରିବା ଦିଗରେ ଅଧିକ ଧ୍ୟାନ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଜନ୍ମମାଟିରେ ୩ ଦିନ ରହିବେ ରାଷ୍ଟ୍ରପତି

**ବାରିପଦା ଅଫିସ,୨୭।୪:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିବେ। ଆସନ୍ତା ମେ' ୪ରୁ ୬ତାରିଖ ପର୍ଯ୍ୟନ୍ତ ଜିଲାର ରାଇରଙ୍ଗପୁର, ପାହାଡ଼ପୁର ଓ ବାରିପଦାର ବିଭିନ୍ନ ସ୍ଥାନରେ ହେବାକୁ ଥିବା କାର୍ଯ୍ୟକ୍ରମରେ ସେ ଯୋଗଦେବେ। ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବାର ୧୧ମାସ ପରେ ସେ ପ୍ରଥମ ଥର ପାଇଁ ଜନ୍ମମାଟିକୁ ଆସୁଥିବାରୁ ଜିଲା ପ୍ରଶାସନ ବ୍ୟାପକ ପ୍ରସ୍ତୁତିରେ ଲାଗିପଡ଼ିଛି। ରାଇରଙ୍ଗପୁରସ୍ଥିତ ବାସଭବନ, ଶାଶୁଘର ଗାଁ ପାହାଡ଼ପୁର, ଶିମିଳିପାଳ ଅଭୟାରଣ୍ୟ ଓ ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ବିଶ୍ୱ ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେବେ ୯ ତାରିଖରେ ଶ୍ରୀରାମଚନ୍ଦ୍ର ବିଶ୍ୱ ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ବୋଲି ପୂର୍ବରୁ ସ୍ଥିର ହୋଇଥିବା ବେଳେ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଥିବା ଜିଲା ପ୍ରଶାସନ ସୂଚନା ଦେଇଛି।

# ଆଜି ୯୧ ଏଫ୍‌ଏମ୍ ଟ୍ରାନ୍ସମିଟର ଉଦ୍‌ଘାଟନ କରିବେ ମୋଦି

## ଓଡ଼ିଶାର ୭ଟି ସ୍ଥାନରେ ଲୋକାର୍ପିତ ହେବ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୭।୪ (ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଯୋଗେ ଓଡ଼ିଶା ସମେତ ୧୮ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳର ୮୪ଟି ଜିଲାରେ ୯୧ ଏଫ୍‌ଏମ୍ ଟ୍ରାନ୍ସମିଟର ଉଦ୍‌ଘାଟନ କରିବେ। ଆକାଂକ୍ଷୀ ଜିଲା ଓ ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଏଫ୍‌ଏମ୍ ଟ୍ରାନ୍ସମିଶନ ସେବା ବଢ଼ାଇବା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଓଡ଼ିଶା ବ୍ୟତୀତ ଏଫ୍‌ଏମ୍ ଟ୍ରାନ୍ସମିଟର ସ୍ଥାପନ ହୋଇଥିବା ଅନ୍ୟ ରାଜ୍ୟଗୁଡ଼ିକ ହେଲା ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଆସାମ, ମେଘାଳୟ, ନାଗାଲାଣ୍ଡ, ହରିୟାଣା, ରାଜସ୍ଥାନ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ତେଲେଙ୍ଗାନା, କେରଳ, ଛତିଶଗଡ଼, ଗୁଜରାଟ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଲଦାଖ। ଏହାଦ୍ୱାରା ଅଧିକ ୨ କୋଟି ଲୋକ ଆକାଶବାଣୀର ଏଫ୍‌ଏମ୍ ସେବା ପାଇପାରିବେ।

ଓଡ଼ିଶାର ୭ଟି ସ୍ଥାନ ଯଥା କେନ୍ଦ୍ରାପଡ଼ା ଜିଲାର ଗୋପ, ନବରଙ୍ଗପୁର, ଗଜପତିର ମୋହନା, ବରଗଡ଼, କନ୍ଧମାଳର ଫୁଲବାଣୀ, କୋରାପୁଟ ଏବଂ ମାଲକାନଗିରିଠାରେ ଏହି ଏଫ୍‌ଏମ୍ ଟ୍ରାନ୍ସମିଟର ଲୋକାର୍ପିତ ହେବ। ଏଗୁଡିକର କ୍ଷମତା ୧୦୦ ୱାଟ୍ ରହିଥିବାବେଳେ ୧୫ରୁ ୨୦ କିଲୋମିଟର ପରିସର ମଧ୍ୟରେ ଶୁଣାଯାଇ ପାରିବ। ଆକାଶବାଣୀରେ ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଆସନ୍ତା ରବିବାର ଏହି କାର୍ଯ୍ୟକ୍ରମ ୧୦୦ତମ ଅଧ୍ୟାୟ ପୂରଣ କରିବାକୁ ଯାଉଥିବାରୁ ଆକାଶବାଣୀର ଲୋକପ୍ରିୟତା ବଢ଼ିଥିବା ଜଣାପଡ଼ିଛି।

# ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ



**ଭୁବନେଶ୍ୱର,୨୭।୪(ବ୍ୟୁରୋ):** ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଆସାମର ମହାପୁରୁଷ ଶ୍ରୀମନ୍ତ ଶଙ୍କରଦେବ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡକ୍ଟରେଟ ମିଳିଛି। ଗୁରୁବାର ବିଶ୍ୱବିଦ୍ୟାଳୟର ୫ମ ଦୀକ୍ଷାନ୍ତ ସମାରୋହରେ ଡ. ସାମନ୍ତଙ୍କୁ ସମ୍ମାନସୂଚକ ଡିଲିଟ୍ ପ୍ରଦାନ କରାଯାଇଛି। ଆସାମ ରାଜ୍ୟପାଳ ଗୁଲାବ ଚାନ୍ଦ କଟାରିଆଙ୍କଠାରୁ ସେ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହା ହେଉଛି ତାଙ୍କର ୫୧ତମ ଡକ୍ଟରେଟ। ଏହା ତାଙ୍କୁ ସମାଜ ପାଇଁ ଆହୁରି ଅଧିକ କାର୍ଯ୍ୟ କରିବା ନିମନ୍ତେ ପ୍ରେରଣା ଯୋଗାଇବ ବୋଲି ସମ୍ମାନ ଗ୍ରହଣ କରିବା ଅବସରରେ ଡ. ସାମନ୍ତ ଏହା କହିଛନ୍ତି। ଏହି ଦୀକ୍ଷାନ୍ତ ସମାରୋହରେ କେନ୍ଦ୍ର ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡ. ରାଜକୁମାର ରଞ୍ଜନ ସିଂହ, ବିଶ୍ୱବିଦ୍ୟାଳୟ କୁଳାଧିପତି ଭବେନ୍ଦ୍ର ନାଥ ଡେକା, କୁଳପତି ଡ. ମୃଦୁଳ ହଜାରିକା, କୁଳସଚିବ ପ୍ରଫେସର ମୃଣାଳ କୁମାର ବୋରା ପ୍ରମୁଖ ଉପସ୍ଥିତ ଥିଲେ।

# ପାଟଣାରେ ୨୨ କରୋନା ପଜିଟିଭ୍ ଚିହ୍ନଟ

**ପାଟଣା,୨୭।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୨୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏପ୍ରିଲ ୭ରୁ ୨୫ ମଧ୍ୟରେ ୧୧୭ ଜଣଙ୍କ ଆଣ୍ଟିଜେନ ପରୀକ୍ଷା ହୋଇଥିବା ବେଳେ ସେଥିମଧ୍ୟରୁ ୨୨ ଜଣଙ୍କ ପଜିଟିଭ୍ ରିପୋର୍ଟ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ଦୀପକ କୁମାର ନାୟକ କହିଛନ୍ତି। ୨୨ ଜଣଙ୍କ ମଧ୍ୟରେ ୨୧ ଜଣ ସାଧାରଣ ଲୋକଥିବା ବେଳେ ଜଣେ ସ୍ୱାସ୍ଥ୍ୟ କର୍ମଚାରୀ ରହିଛନ୍ତି। ସମସ୍ତେ ଏକାନ୍ତବାସରେ ରହିଥିବା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ଏନେଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଲକ୍ଷ୍ମଣ ମହାନ୍ତ କହିଛନ୍ତି, କେହି ଭୟଭୀତ ହୁଅନ୍ତୁ ନାହିଁ। ଆଣ୍ଟିଜେନ ରିପୋର୍ଟରେ ସନ୍ଦେହ ରହିଛି। ଜିଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ଆର୍‌ଟିପିସିଆର୍ ଟେଷ୍ଟ ଆରମ୍ଭ ହୋଇନାହିଁ। ସମସ୍ତେ ଚିକିତ୍ସାଧୀନ ରହିଛନ୍ତି।




# ଖରାଛୁଟିରେ ପିଲାଙ୍କୁ ମିଳିବ ଆଇଏଫ୍‌ଏ ବଟିକା

## ଘରକୁ ଯାଇ ବଟିକା ବଣ୍ଟନ ସହ ସେବନ ସମ୍ପର୍କରେ ଅବଗତ କରିବେ ଶିକ୍ଷକ

**ଭୁବନେଶ୍ୱର,୨୭।୪(ବ୍ୟୁରୋ)**

ଖରାଛୁଟିରେ ଛାତ୍ରୀଛାତ୍ରଙ୍କୁ ଆଇରନ ଓ ଫଲିକ୍ ଏସିଡ୍(ଆଇଏଫ୍‌ଏ) ଟାବ୍‌ଲେଟ ବା ବଟିକା ମିଳିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟ ନୋଡାଲ ଅଫିସର ରଘୁରାମ ଆର. ଆୟର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛନ୍ତି। ଚଳିତବର୍ଷ ଆଗୁଆ ଅର୍ଥାତ୍ ୧୯ ଏପ୍ରିଲରୁ ୧୬ ଜୁନ୍ ଯାଏ ଖରାଛୁଟି ହୋଇଥିବାରୁ ଆସନ୍ତା ସୋମବାରଠାରୁ ଶିକ୍ଷକମାନେ ପିଲାଙ୍କ ଘରକୁ ଯାଇ ଅଭିଭାବକଙ୍କୁ ଏହି ଟାବ୍‌ଲେଟ୍ ପ୍ରଦାନ କରିବାକୁ ଚିଠିରେ ନିର୍ଦ୍ଦେଶ ରହିଛି। ୨୦୨୨ରେ ଆରମ୍ଭ ହୋଇଥିବା ଆନେମିଆ ମୁକ୍ତ ଲକ୍ଷ୍ୟ ଅଭିଯାନ (ଅମ୍ଲାନ) ଅଧୀନରେ ଗ୍ରୀଷ୍ମଛୁଟିରେ ପ୍ରତି ସୋମବାର ଏହି ଟାବଲେଟ୍ ବଣ୍ଟନ କରାଯିବ। ସେହିପରି ଛାତ୍ରୀଛାତ୍ର ପିଛା ୮ଟି ଆଇଏଫ୍‌ଏ ଟାବଲେଟ ଦିଆଯିବ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କୁ ଗୋଲାପୀ ଏବଂ ଷଷ୍ଠରୁ ଦ୍ୱାଦଶ ଛାତ୍ରୀଛାତ୍ରଙ୍କୁ ନୀଳ ଟାବଲେଟ୍ ଦିଆଯିବ। ଟାବ୍‌ଲେଟ୍ ବଣ୍ଟନ ପୂର୍ବରୁ ଏକ୍ସପାଏରି ଡେଟ୍ ଯାଞ୍ଚ ହେବ। ଏକ୍ସପାଏରି ଟାବ୍‌ଲେଟକୁ ସ୍ୱାସ୍ଥ୍ୟ ବିଭାଗକୁ ଫେରସ୍ତ କରାଯିବ। ସେହିପରି ଅଭିଭାବକଙ୍କୁ ଟାବ୍‌ଲେଟ ହସ୍ତାନ୍ତର ପୂର୍ବରୁ ଏହାର ସେବନ ସମ୍ପର୍କରେ ଅବଗତ କରାଯିବ। ଛାତ୍ରୀଛାତ୍ର ସପ୍ତାହକୁ ଥରେ ମଧ୍ୟାହ୍ନଭୋଜନ ଓ ରାତ୍ରୀଭୋଜନ ପରେ ଗୋଟିଏ ଆଇଏଫ୍‌ଏ ଟାବଲେଟ୍ ସେବନ କରିବେ। ଟାବଲେଟ୍ ଖାଇ ଗୋଟିଏ ଗ୍ଲାସ ପାଣି ପିଇବେ। ଏସବୁ ଅଭିଭାବକଙ୍କ ଉପସ୍ଥିତିରେ କରାଯିବ। ଆବଶ୍ୟକସ୍ଥଳେ ବିଦ୍ୟାଳୟ ପରିଚାଳନା କମିଟି ଏହାର ତଦାରଖ କରିବ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସକାଳ କିମ୍ବା ସନ୍ଧ୍ୟା ସମୟରେ ଏହି ଔଷଧ ବଣ୍ଟନ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ୨୮ ବର୍ଷରେ...

ଯୋଗାଇ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଡିପ ଜମିକୁ ଏଥିରୁ ବାଦ୍ ଦିଆଯାଇଥିଲା ଏବଂ ୮୪,୪୦୬ ହେକ୍ଟରକୁ ସିଧାସଳଖ ଜଳସେଚନ ବ୍ୟବସ୍ଥା କରାଯିବାକୁ ସ୍ଥିର ହୋଇଥିଲା। ତନ୍ମଧ୍ୟରେ ଅନୁଗୋଳ ଜିଲାର ୨,୩୯୭ ହେକ୍ଟର, ଢେଙ୍କାନାଳ ଜିଲାର ୩୩,୧୧୫ ହେକ୍ଟର, ଯାଜପୁର ଜିଲାର ୧୨,୯୫୮ ହେକ୍ଟର ଓ କଟକ ଜିଲାର ୩୫,୯୩୬ ହେକ୍ଟର ଜମି ଅନ୍ତର୍ଭୁକ୍ତ। ଉଚ୍ଚ ସ୍ଥାନରେ ଥିବା ଜମିକୁ ଉଠାଜଳସେଚନ ମାଧ୍ୟମରେ ପାଣି ପହଞ୍ଚାଇବାକୁ ଯୋଜନା କରାଯାଇଥିଲା। ଏଥିଲାଗି ପ୍ରାରମ୍ଭିକ ପର୍ଯ୍ୟାୟରେ ୭୩୮.୨୭ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ହେଲେ ପ୍ରକଳ୍ପର କଚ୍ଛପ ଗତି ପାଇଁ ୨୮ ବର୍ଷ ମଧ୍ୟରେ ଏହା ବୃଦ୍ଧିପାଇ ୨୦୨୩ ସୁଦ୍ଧା ୨୯୫୨.୨୧୭୯ କୋଟି ଟଙ୍କାରେ ପହଞ୍ଚିଲାଣି। ହେଲେ ଯେଉଁ ଉଦ୍ଦେଶ୍ୟ ନେଇ ଏହାର ପରିକଳ୍ପନା କରାଯାଇଥିଲା, ତାହା ଅଦ୍ୟାବଧି ପୂରଣ ହୋଇପାରି ନ ଥିବା ଅଭିଯୋଗ ହେଉଛି।

କେନାଲ ନିର୍ମାଣ ବିଳମ୍ବ ପାଇଁ ଯେଉଁ କେତେକ ମୁଖ୍ୟ କାରଣ ସାମ୍ନାକୁ ଆସିଛି, ସେଥିରୁ ପ୍ରମୁଖ ହେଉଛି ଜଙ୍ଗଲ ଜମି ଅଧିଗ୍ରହଣରେ ଅହେତୁକ ବିଳମ୍ବ। ଜଟିଳ ଜଙ୍ଗଲ ଜମି ଆଇନ ଯୋଗୁ ଅନେକ ସ୍ଥାନରେ କେନାଲ ଖୋଳାଇବାରେ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ଏହି ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି ହୋଇଛି। ବିଭିନ୍ନ ସମୟରେ ଯନ୍ତ୍ରୀମାନେ ଲାଞ୍ଚ ନେଇ ଧରାପଡ଼ିବା ନଜିର ରହିଛି। ନିମ୍ନମାନର କାମ ଯୋଗୁ କେନାଲ ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୈଷୟିକ ଦୃଷ୍ଟିକୋଣରୁ ବନ ବିଭାଗ ସହିତ ସମନ୍ୱୟ ରଖି କାର୍ଯ୍ୟ ହେବା କଥା। ହେଲେ ଏହା କରା ନ ଯାଇ ହାତୀ ଚଲାପଥ ଅବରୋଧ କରି କେନାଲ ନିର୍ମାଣ ହୋଇଥିବାରୁ ଢେଙ୍କାନାଳ ଜିଲାରେ ହାତୀ–ମଣିଷ ସଂଘର୍ଷ ଉଗ୍ରରୂପ ନେଇଛି। ଏହାକୁ ବାଦ୍‌ଦେଲେ ଡିପ ଜମିକୁ ଉଠା ଜଳସେଚନ ମାଧ୍ୟମରେ ପାଣି ଯୋଗାଣ ହେବ ବୋଲି ଚାଷୀଙ୍କୁ ଯେଉଁ ସ୍ୱପ୍ନ ଦେଖାଯାଇଥିଲା, ତାହା ମଧ୍ୟ ଅଧୁରା ରହିଛି। ଏହାକୁ ନେଇ ଢେଙ୍କାନାଳ, ଆଠଗଡ଼, ନରସିଂହପୁର ଅଞ୍ଚଳରେ ବିଭିନ୍ନ ସମୟରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକୁଛି। ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହେଉଛି। ୪ ଜିଲାରେ ନିୟମିତ ସମୀକ୍ଷା ହେଉ ନ ଥିବାରୁ ସମସ୍ୟା ଜଟିଳ ରୂପ ଧାରଣ କରିବାରେ ଲାଗିଛି।

ଏ ସଂକ୍ରାନ୍ତରେ ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରର ଚାଷୀ ସନ୍ତୋଷ କୁମାର ସ୍ୱାଇଁ ଓ ମଣ୍ଡାପାଳ ଗ୍ରାମର ଚାଷୀ ସର୍ବେଶ୍ୱର ବ୍ରହ୍ମ କୁହନ୍ତି, କେବଳ ବର୍ଷାଦିନେ ଦୁଇମାସ କେନାଲରେ ପାଣି ରହୁଛି। ଅନ୍ୟଦିନେ ଶୁଖିଲା ପଡୁଥିବାରୁ ରେଙ୍ଗାଳି କେନାଲ ପ୍ରକୃତ ଉଦ୍ଦେଶ୍ୟ ପୂରଣ କରିବାରେ ବିଫଳ ହୋଇଛି। ରେଙ୍ଗାଳି ଦକ୍ଷିଣ କେନାଲ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ପ୍ରଧାନ କୁହନ୍ତି, ପ୍ରକଳ୍ପ ସମ୍ପୂର୍ଣ୍ଣ ନ ହେବା ପଛରେ ଅନେକ ସମସ୍ୟା ରହିଛି। ସେସବୁ କହିହେବନି। ଜଙ୍ଗଲ ଜମି ଅଧିଗ୍ରହଣ ପାଇଁ ବନ ବିଭାଗ ନିକଟରେ ସମସ୍ତ କାଗଜପତ୍ର ଦାଖଲ କରାଯାଇଛି। ଚିଠି ମାଧ୍ୟମରେ ମଧ୍ୟ ଜଣାଯାଇଛି। ତେଣୁ ଏ ବିଷୟରେ କହିବା ଠିକ ହେବନାହିଁ । ୨୦୨୪ ସୁଦ୍ଧା ସମ୍ପୂର୍ଣ୍ଣ ଢେଙ୍କାନାଳ ଜିଲା ସମେତ ଅଧିକ ୨୭.୫ କିଲୋମିଟର ଅଞ୍ଚଳରେ ଯେପରି ପାଣିମାଡ଼ିବ, ସେଥିଲାଗି ଚେଷ୍ଟା ଜାରି ରହିଥିବା ମୁଖ୍ୟଯନ୍ତ୍ରୀ ସୂଚନା ଦେଇଛନ୍ତି।

## ନବରଙ୍ଗପୁରରେ ମାଓବାଦୀ...

ମଙ୍ଗଳବାର ସେଠାରେ ଏସ୍‌ଓଜି ଯବାନଙ୍କ ୨ଟି ଟିମ୍ ମୁତୟନ କରାଯାଇଥିଲା। ବୁଧବାର ସକାଳ ପ୍ରାୟ ୯.୩୦ ସମୟରେ କମ୍ବିଂ ବେଳେ ଏସ୍‌ଓଜି ଯବାନଙ୍କ ସହ ମାଓବାଦୀ ମୁହାଁମୁହିଁ ହୋଇଥିଲେ। ନୂଆପଡ଼ା ମେନପୁର ଡିଭିଜନ ଉଦନ୍ତି ଅଞ୍ଚଳର ସେଣ୍ଟ୍ରାଲ କମିଟି କ୍ୟାଡର ମାଓବାଦୀ ସିସିଏମ୍ ମୁରଲୀ, ଏସ୍‌ସିଏମ୍ କାର୍ତ୍ତିକ, ଏସ୍‌ସିଏମ୍ ଗୁଡ୍ଡୁ, ଏସିଏମ୍ ଆକାଶ, ଏସିଏମ୍ ନନ୍ଦାଲଙ୍କ ସମେତ ୨୦ରୁ ୨୫ ମାଓବାଦୀଙ୍କ ସହ ଗୁଳିବିନିମୟ ହୋଇଥିଲା। ସେମାନଙ୍କ ମଧ୍ୟରେ ୪ଜଣ ମହିଳା ମାଓବାଦୀ ଥିବା ନେଇ ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ଓଜି ଯବାନଙ୍କୁ ଦେଖି ମାଓବାଦୀମାନେ ଗୁଳି ଚଳାଇଥିଲେ। ସେମାନଙ୍କ ମଧ୍ୟରେ ପ୍ରାୟ ଅଧଘଣ୍ଟା ଧରି ଗୁଳିବିନିମୟ ହୋଇଥିଲା। ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ମାଓବାଦୀମାନେ ଖସିପଳାଇବାରେ ସକ୍ଷମ ହୋଇଥିଲେ। ଜଙ୍ଗଲରୁ ବହୁ ପରିମାଣର ମାଓବାଦୀ ପୋଷ୍ଟର, ବ୍ୟାନର, ଦୁଇଟି ଟାଙ୍ଗିଆ, ଡିଟୋନେଟର, ବ୍ୟାଟେରି, ୫ଟି ଜୀବନ୍ତ ଗୁଳି, ଗୋଟିଏ ସୋଲାର ପ୍ଲେଟ୍, ଛତା, ଖାଦ୍ୟ ସାମଗ୍ରୀ, ପଲିଥିନ, ଗର୍ଭ ନିରୋଧକ, ଆପତ୍ତିଜନକ ଜିନିଷ, ମ୍ୟାଲେରିଆ କିଟ୍, ଔଷଧ ଆଦି ଜବତ ହୋଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

## ଏସ୍‌ପିଙ୍କ ମନ୍ତବ୍ୟ...

ମଧ୍ୟ ସେମାନେ ହତ୍ୟା କରୁଥିଲେ। ଗତ ୫ରୁ ୬ ବର୍ଷ ମଧ୍ୟରେ ସେମାନେ ଦୁର୍ବଳ ହେବା ସାଙ୍ଗକୁ ସେମାନଙ୍କ ନେତୃତ୍ୱ ମଧ୍ୟ ଦୁର୍ବଳ ହୋଇଛି। ବର୍ତ୍ତମାନ ସେମାନଙ୍କ ଅବସ୍ଥା ଓଡ଼ିଶାରେ ସେତେଟା ଭଲ ନ ଥିଲେ ମଧ୍ୟ ଛତିଶଗଡ଼ ଦାନ୍ତେୱାଡା ଅଞ୍ଚଳରେ ସକ୍ରିୟ ରହିଛନ୍ତି। ନବରଙ୍ଗପୁର ଏସ୍‌ପି ଏସ୍. ସୁଶ୍ରୀ ଯାହା କହିଛନ୍ତି ମାଓବାଦୀ ଶିବିରରେ ମହିଳା ମାଓବାଦୀଙ୍କୁ ଯୌନ ନିର୍ଯାତନା ଦିଆଯାଉଛି ସେକଥା ମିଛ ନୁହେଁ। ହେଲେ ଏକଥା ନୂଆ ମଧ୍ୟ ନୁହେଁ, କାରଣ ବହୁ ଆଗରୁ ସେମାନେ ଏହା କରିଆସୁଛନ୍ତି। ତେବେ ଏକଥା କିଏ କୁହନ୍ତି କିଏ କୁହନ୍ତିନି ବୋଲି ନନ୍ଦ କହିଛନ୍ତି। ସେହିପରି ପୂର୍ବତନ ଡିଜିପି ମନମୋହନ ପ୍ରହରାଜ କହିଛନ୍ତି, ମାଓବାଦୀ କାର୍ଯ୍ୟକଳାପ ଓଡ଼ିଶାରେ ବଢ଼ିବା ଭଳି ଲାଗୁ ନାହିଁ। କେବଳ ଅଳ୍ପ କେତେକ ସ୍ଥାନରେ ସେମାନଙ୍କ ଉପସ୍ଥିତି ରହିଥିବା ଜଣାପଡ଼ିଛି। ଯେପରି ଛତିଶଗଡ଼ ସୀମାନ୍ତ ନବରଙ୍ଗପୁର, କୋରାପୁଟ, ମାଲ୍‌କାନଗିରି ସମେତ ନୂଆପଡ଼ା, ବରଗଡ଼ ଜିଲାର କିଛି ଅଞ୍ଚଳ, କନ୍ଧମାଳରେ କିଛିଟା କାର୍ଯ୍ୟକଳାପ ସେମାନେ କରୁଛନ୍ତି। ହେଲେ ଏହି ସ୍ଥାନଗୁଡ଼ିକରେ ପୋଲିସ ପ୍ରଶାସନ ଓ ସୁରକ୍ଷା କର୍ମୀ ତୀକ୍ଷ୍ଣ ନଜର ରଖିବା ଜରୁରୀ। କାରଣ ପଡ଼ୋଶୀ ରାଜ୍ୟଗୁଡିକରେ ସେମାନଙ୍କ କାର୍ଯ୍ୟକଳାପ ଜାରି ରହିଛି। ୨୦୦୨ରୁ ୨୦୧୨ ପର୍ଯ୍ୟନ୍ତ ମାଓବାଦୀମାନଙ୍କ ଯେପରି ଉପଦ୍ରବ ଥିଲା ସେମିତି ଏବେ ଦେଖିବାକୁ ମିଳୁନି, କେବଳ ଛୋଟମୋଟ ଘଟଣା ଦେଖିବାକୁ ମିଳୁଛି। ନିର୍ବାଚନ ସମୟରେ ବହୁ ଗାଡ଼ି ଚଳପ୍ରଚଳ ହୁଏ, ତେଣୁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟକଳାପ କରିବାକୁ ସୁବିଧା ହେଉଥାଏ। ଯୌନ ନିର୍ଯାତନା କଥା ନୂଆ ନୁହେଁ। ଡିଜିପି ଥିବା ସମୟରେ ଅନେକ ମହିଳା ମାଓବାଦୀ ସଂଗଠନରେ ଥିଲେ। ସେଥିରେ କିଛି ଆଦିବାସୀ ଏବଂ ଅଣଆଦିବାସୀ ଥିଲେ। ସେମାନଙ୍କ ଖାଇବା, ରହିବା, ବାହାଘର କିଛି ଠିକ୍ ନାହିଁ। ତେଣୁ କେତେବେଳେ କିଏ କାହା ସହ କିପରି ରହିଲେ ତା'ର ଠିକଣା ନ ଥାଏ।

## ବ୍ରାହ୍ମଣୀରେ ଡଙ୍ଗାବୁଡ଼ି...

ଏକମାଣିଆ ପଞ୍ଚାୟତକୁ ଚତୁଃପାର୍ଶ୍ୱରୁ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ଘେରି ରହିଛି। ନଳପାହି, ଏକମାଣିଆ ଓ ଦକ୍ଷିଣଡିଆ ଗାଁର ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ପଞ୍ଚାୟତ ଗଠିତ। ଫଳରେ ଗମନାଗମନର ଏକମାତ୍ର ମାଧ୍ୟମ ହେଉଛି ଡଙ୍ଗା। ପ୍ରକାଶ ଯେ, ଗୁରୁବାର ଭୋର ସାଢେ ୫ଟାରେ ଏକମାଣିଆ ଘାଟରୁ ୨୦ଜଣ ଯାତ୍ରୀ ଓ ୩ ବାଇକ୍ ନେଇ ହୁଲିଡଙ୍ଗାରେ କେରଡାଗଡ଼ ଅଭିମୁଖେ ନାଉରିଆ ସୁଦର୍ଶନ ସ୍ୱାଇଁ (୫୦) ଓରଫ ପାତିଆ ଯାଉଥିଲେ। ନଦୀ ମଝିରେ ହୋଇଥିବା ବେଳେ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସେମାନେ କେହି ଲାଇଫ୍ ଜ୍ୟାକେଟ୍ ପିନ୍ଧି ନ ଥିଲେ। ପାଣିରେ ବୁଡ଼ି ଯାଉଥିବା ବେଳେ ୨୦ଜଣଙ୍କ ଭିତରୁ ୧୬ଜଣ ପହଁରି କୂଳରେ ପହଞ୍ଚି ଥିଲେ। ନଦୀ ସ୍ରୋତରେ ଭାସିଯାଉଥିବା ନାବାଳକ ଅନୁରାଗ ବିଶ୍ୱାଳ, ପାପୁନି ବିଶ୍ୱାଳ ଓ ଦେବେନ୍ଦ୍ର ବେହେରାଙ୍କୁ ଉଦ୍ଧାର କରିବାକୁ ନାଉରିଆ ସୁଦର୍ଶନ ଉଦ୍ୟମ କରି ଅନୁରାଗ ଓ ପାପୁନିଙ୍କୁ ଉଦ୍ଧାର କରିଥିଲେ। ପରେ ନାବାଳକ ଦେବେନ୍ଦ୍ରଙ୍କୁ ଉଦ୍ଧାର କରିବାକୁ ଯାଇ ଉଭୟେ ସ୍ରୋତରେ ଭାସି ନିଖୋଜ ହୋଇଯାଇ ଥିଲେ। ଡଙ୍ଗା ବୁଡିବା ଖବର ଜଣାପଡିବା ପରେ ଉଦ୍ଧାର କରିବାକୁ ସ୍ଥାନୀୟ ଲୋକେ ଡଙ୍ଗା ଧରି ନଦୀରେ ଜାଲ ପକାଇ ଖୋଜାଖୋଜି କରିଥିଲେ। ପରେ ରାଜନଗର ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଟିମ୍, ବନ ବିଭାଗ ଓ ପୋଲିସ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଖୋଜାଖୋଜି କରିଥିଲେ। ଅପରାହ୍ନ ୨ଟାରେ ନାବାଳକ ଦେବେନ୍ଦ୍ରଙ୍କ ମୃତଦେହ ମିଳିଥିବା ବେଳେ ସୁଦର୍ଶନ ଏବେ ବି ନିଖୋଜ ରହିଛନ୍ତି।

ଦେବେନ୍ଦ୍ରଙ୍କ ମୃତଦେହ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ନଳପାହି ଗାଁର ବିକ୍ରମ ବେହେରାଙ୍କ ପୁଅ ଦେବେନ୍ଦ୍ର ପଟ୍ଟାମୁଣ୍ଡାଇରେ ମାମୁଘରେ ରହି ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଗାଁକୁ ଆସି ପୁଣି ମାମୁଘରକୁ ଫେରୁଥିଲେ। ଅପରପକ୍ଷରେ ନିଖୋଜ ଥିବା ନାଉରିଆ ସୁଦର୍ଶନଙ୍କ ୨ଝିଅ ବିବାହ କରିଥିବା ବେଳେ ଛୋଟ ପୁଅ ପାଠ ପଢୁଛନ୍ତି। ଦୁର୍ଘଟଣା ସ୍ଥଳକୁ ରାଜନଗର ବିଧାୟକ ଧ୍ରୁବ ସାହୁ, ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଅଲେଖ ଜେନା, ଭାଜପା ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଆଳି ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ରାଜନଗର ତହସିଲଦାର ଅଶ୍ୱିନୀ ଭୂୟାଁ ପହଞ୍ଚିଥିଲେ। ଏକମାଣିଆ ପଞ୍ଚାୟତକୁ ଯୋଗାଯୋଗ ପାଇଁ ୨୦୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେରଡ଼ାଗଡ଼ଠାରେ ଏକ ପୋଲ ନିର୍ମାଣ ନିମନ୍ତେ ଶୁଭ ଦେଇଥିଲେ। ଶିଳାନ୍ୟାସର ୭ ବର୍ଷ ବିତିଯାଇଥିବା ବେଳେ ଫଳକରେ ଅଟକି ରହିଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ପୂର୍ବତନ ବିଧାୟକ ଶର୍ମା ଦାୟୀ କରିଛନ୍ତି।

## ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କ...

୨୦୦୨ରୁ ୨୦୨୨ ପର୍ଯ୍ୟନ୍ତ ଏଲ୍‌ଆଇସି ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ଅଭିଯୁକ୍ତ ରାଜାଙ୍କର ଘନିଷ୍ଠ ସମ୍ପର୍କ ଥିଲା। ଏହି ସମୟ ମଧ୍ୟରେ ନକଲି ଏଲ୍‌ଆଇସି କାଗଜପତ୍ର ଜରିଆରେ ଉକ୍ତ ଶାଖାରୁ ରାଜା ଓ ଅନ୍ୟ ୨ ଜଣଙ୍କୁ ୮ଟି ଲୋନ ଦିଆଯାଇଥିଲା। ଏହି ଋଣର ପରିମାଣ ଥିଲା ୩ କୋଟି ୮୨ ଲକ୍ଷ ଟଙ୍କା। ଅଧିକାରୀମାନେ ବ୍ୟାଙ୍କ ନିୟମକୁ ଉଲ୍ଲଂଘନ କରି ଏହି ଋଣ କରାଇଥିଲେ। ଏପରିକି ଏହି କାଗଜପତ୍ର ଓ ଲୋନ୍ ସଂକ୍ରାନ୍ତରେ ଏଲ୍‌ଆଇସିକୁ ଅବଗତ କରାଯାଇ ନ ଥିଲା। ସମସ୍ତ ଅଭିଯୁକ୍ତମାନେ ଷଡ଼ଯନ୍ତ୍ର କରି ଏହି ଋଣ ଟଙ୍କା ହଡ଼ପ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଲୋନ୍‌ର କିସ୍ତି ଦିଆ ନ ଯିବାରୁ ଏହା ଏନ୍‌ପିଏ (ନନ୍ ପର୍‌ଫର୍ମିଂ ଆସେଟ୍ସ) ହୋଇଯାଇଥିଲା। ବର୍ତ୍ତମାନ ଲୋନ୍‌ର ପରିମାଣ ସୁଧମୂଳ ମିଶି ମୋଟ ୪ କୋଟି ୧୩ ଲକ୍ଷ ଟଙ୍କାରେ ପହଞ୍ଚିଛି। ତେବେ ଏହି ବଡ଼ ଠକେଇ ସଂକ୍ରାନ୍ତରେ ଜଣାପଡ଼ିବା ପରେ ଅର୍ବାନ କୋ–ଅପରେଟିଭ୍ ବ୍ୟାଙ୍କର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର (ସିଇଓ) ପ୍ରିୟବ୍ରତ ପଣ୍ଡା ଏନେଇ ଇଓଡବ୍ଲ୍ୟୁରେ ଏତଲା ଦେଇଥିଲେ। ଗତ ଏପ୍ରିଲ ୨୬ରେ ଇଓଡବ୍ଲ୍ୟୁ ଆଇପିସିର ବିଭିନ୍ନ ଦଫାରେ ଏକ ମାମଲା (ନଂ.୧୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶୁକ୍ରଙ୍କ ପ୍ରଭାବରୁ ମଧୁର ବ୍ୟବହାରରେ ସମସ୍ତଙ୍କୁ ଆପଣାର କରିବେ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବା ହେତୁ ଖୁସି ହେବେ। ନିଜ ପରିବେଶରେ ସହମତି ମାଧ୍ୟମରେ କାର୍ଯ୍ୟକଲେ ସଫଳତା ପାଇବେ। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ବ୍ୟୟ ହୋଇଯାଇପାରେ।

**ବୃଷ** କର୍ମକ୍ଷେତ୍ରରେ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବାଣିଜ୍ୟ, ବ୍ୟବସାୟ ଭଲରେ ଚାଲିବ, କିନ୍ତୁ ଲାଭ ପାଇବାରେ ବିଳମ୍ବ ଘଟିବ। ବନ୍ଧୁମାନଙ୍କ ଜରିଆରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଶନିଙ୍କ ପ୍ରଭାବରେ ଆଗାମୀ ମାଙ୍ଗଳିକ କାମ ସକାଶେ ତତ୍ପରତା ଦେଖା ଦେଇପାରେ।

**ମିଥୁନ** ଚନ୍ଦ୍ର ଦ୍ୱିତୀୟସ୍ଥ ଯୋଗୁ ମନ ବୁଝିଲାଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସାଧାରଣ କଥାକୁ କେନ୍ଦ୍ର କରି ପରିବାର ଭିତରେ ସମ୍ପର୍କ ହାନି ଘଟିବ। ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା, କଳା, ସାହିତ୍ୟ, ଚଳଚ୍ଚିତ୍ର ତଥା ପ୍ରଶାସନିକ କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇଯିବ।

**କର୍କଟ** କର୍ମସ୍ଥାନରେ ଚତୁଃଗ୍ରହ ହେତୁ ଆଶା ଓ ନିରାଶାର ଦୋଛକିରେ ରହି ସମୟକୁ ଅପେକ୍ଷା କରିବେ। ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ସମସ୍ୟା ସମାଧାନ ହେବ। ଅଶ୍ଳେଷା ନକ୍ଷତ୍ରର ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ କାର୍ଯ୍ୟକାରୀ ହାଇ ନ ପାରେ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତିରୁ ଏକ ପ୍ରକାର ଆଶ୍ୱସ୍ତି ହେବେ।

**ସିଂହ** ଚତୁର୍ଥଭାବ ଶନିଙ୍କ ଦୃଷ୍ଟିରେ ଥିବାରୁ ସାମାଜିକ କ୍ଷେତ୍ରରେ ସତକଥା କହି ବିବାଦ ଘେରରେ ପଡି ପାରନ୍ତି। ସାହିତ୍ୟ, କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ଲାଗିରହିଥିବା ଶତ୍ରୁତା, ଅଶାନ୍ତି ଓ ଋଣଭାର ହ୍ରାସ ପାଇବ। ଉତ୍ତରାଫାଲଗୁନୀ ନକ୍ଷତ୍ର ନିଜ ନିଜର କର୍ମକ୍ଷେତ୍ରସ୍ଥ ଉଚ୍ଚସ୍ତରରୁ ସମ୍ମାନିତ ହେବେ।

**କନ୍ୟା** ଜନକଲ୍ୟାଣ କାରକ ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଧନସ୍ଥାନ ପାପଦୃଷ୍ଟ ହେତୁ ପଇସା ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ସାମୟିକ ଚିନ୍ତିତ ରହିବେ।

**ତୁଳା** ବୃହସ୍ପତିଙ୍କ ଶୁଭଦୃଷ୍ଟି ପ୍ରଭାବରୁ ଆଜିର ପ୍ରତ୍ୟୁଷ ଯାତ୍ରା ବନ୍ଧୁଙ୍କ ଜରିଆରେ ଫଳବତୀ ହେବ। ଆଗନ୍ତୁକ ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ବିଶାଖା ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ, ପରିବହନରୁ ଲାଭବାନ୍ ହୋଇପାରନ୍ତି। ରାଜନୀତି, ସଂଗଠନ, ଗବେଷଣା ଓ ପ୍ରତିଯୋଗିତା କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ।

**ବିଛା** ସମସ୍ୟା ଲାଗିରହୁଥିବାରୁ ପରିସ୍ଥିତିର ମୁକାବିଲା ଲାଗି ଚେଷ୍ଟା କରିବା ଭଲ। ଅନୁରାଧା ନକ୍ଷତ୍ରର ବିଗତ ଦିନର କୌଣସି ଘଟଣା ସକାଶେ ଟେନ୍‌ସନ୍ ବଢ଼ିପାରେ। ମାଲିମକଦ୍ଦମା, ଜମିଜମା କାରବାର, ନିର୍ମାଣ, ମାଙ୍ଗଳିକ କାମ ପାଇଁ ପ୍ରସ୍ତୁତି, ମୂଲ୍ୟବାନ୍ ଜିନିଷର କିଣାବିକା କ୍ଷେତ୍ରରେ ସୁଫଳ ପାଇବେ।

**ଧନୁ** ବହୁଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ଦୂରେଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଉତ୍ତରାଷାଢ଼ା ନକ୍ଷତ୍ର ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ।

**ମକର** ପରିବାର ସ୍ଥାନରେ ଏକାଧିକ ଗ୍ରହ ସଂଯୋଗରୁ ସମ୍ପର୍କୀୟଙ୍କ ସହ ସୁସମ୍ପର୍କକୁ କେନ୍ଦ୍ରକରି ସମସ୍ୟା ଦେଖାଦେବ। ପାରିବାରିକ ଦୁଶ୍ଚିନ୍ତାରୁ ରକ୍ତଚାପ ବଢିଯାଇପାରେ। ପରିସ୍ଥିତିରେ ପଡି ଧନିଷ୍ଠା ନକ୍ଷତ୍ର ଧାର କରଜ କରି କାମ ତୁଲାଇ ନେବେ। କାଳେ ଦେବାକୁ ପଡିବ, ଏହି କଥା ଚିନ୍ତା କରି ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ।

**କୁମ୍ଭ** ଆଜି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। ଶତଭିଷା ନକ୍ଷତ୍ର ବିବାଦୀୟ ପରିସ୍ଥିତିରେ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହେବେ। ଦୂରଯାତ୍ରାରେ ଆଶା ପୂରଣ ହେବାର ସମ୍ଭାବନା ରହିଛି। ପରିବାର ମଧ୍ୟରେ ଛୋଟ କଥାକୁ ଧରିବସନ୍ତୁ ନାହିଁ, ଯାହାକି ସମସ୍ୟା ବୃଦ୍ଧି କରିବ।

**ମୀନ** ଆଜି ବନ୍ଧୁଙ୍କ ଆଲୋଚନାନ୍ତେ ଆଗାମୀ ଯୋଜନା ପ୍ରସ୍ତୁତ କରିପାରନ୍ତି। ପଡ଼ୋଶୀଙ୍କ ସହାୟତାରେ ବାକିପଡିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ବାକ୍ ସଂଯମତା ଅଭାବରୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ପୂର୍ବଭାଦ୍ରପଦ ନକ୍ଷତ୍ରର ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କାକୁ ଏଡ଼ାଇ ହେବ ନାହିଁ।

ଆଜି ବୈଶାଖ ଶୁକ୍ଳପକ୍ଷର ନୀଳାଦ୍ରି ମହୋଦୟାଷ୍ଟମୀ ଶୁକ୍ରବାର, ଶ୍ରୀମନ୍ଦିରରେ ନୀଳାଦ୍ରି ମହୋତ୍ସବ, ଶ୍ରୀଜୀଉଙ୍କର ପ୍ରକଟୋତ୍ସବ,ଏପ୍ରିଲ ୨୮ ତାରିଖ, ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ଓକିଲ ଦିବସ, ରାଶିନକ୍ଷତ୍ର– ଦିବା ଘ.୦୧।୫୨ ମି. ଗତେ ଅଶ୍ଳେଷା/କର୍କଟ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୩ ଗତେ ଘ. ୦୬।୧୪ ମଧ୍ୟେ, ଘ ୦୭।୦୫ ଗତେ ୦୮।୩୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୦୯ ଗତେ ଘ.୧୧।୫୪ ମଧ୍ୟେ ରାହୁ କାଳ।

# ମହାକାଳପଡ଼ାରେ ହେବ ବୃହତ୍ ଷ୍ଟିଲ ଶିଳ୍ପ


ମହାକାଳପଡ଼ାରେ ହେବାକୁ ଥିବା ଷ୍ଟିଲ୍ ଶିଳ୍ପର ନକ୍ସା ଦେଖିବା ପରେ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ।

**କେନ୍ଦ୍ରାପଡ଼ା ଅଫିସ/ ଡେରାବିଶ/ପଟ୍ଟାମୁଣ୍ଡାଇ/ମହାକାଳପଡ଼ା, ୨୭।୪ (ସ୍ୱ.ପ୍ର./ଡି.ଏନ୍.ଏ.)**

- **୫-ଟି ସଚିବଙ୍କ କେନ୍ଦ୍ରାପଡ଼ା ଜିଲା ଗସ୍ତ**
- **ସ୍ୱାବଲମ୍ବୀ କରିବାକୁ ରାଜ୍ୟ ସରକାରଙ୍କ ଯୋଜନା**
- **ଆଧ୍ୟାତ୍ମିକସ୍ଥଳୀକୁ ଗୁରୁତ୍ୱ ଦିଆଯାଉଛି**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ାଠାରେ ବୃହତ୍ ଷ୍ଟିଲ୍ ଶିଳ୍ପ ପ୍ରତିଷ୍ଠା ହେବ ବୋଲି ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଜିଲା ଗସ୍ତ ସମୟରେ ଗୁରୁବାର ଏହା କହିଛନ୍ତି। ଉନ୍ନୟନ କାର୍ଯ୍ୟ ଓ ବିକାଶର ସମୀକ୍ଷା ପାଇଁ ପାଣ୍ଡିଆନ୍ଙ୍କ ୨ଦିନିଆ ଗସ୍ତରେ କେନ୍ଦ୍ରାପଡ଼ା ଯାଇଛନ୍ତି। ଜିଲାବାସୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ ପାଇଁ ବିଭିନ୍ନ ଯୋଜନାର ସମୀକ୍ଷା ସହ ପ୍ରକଳ୍ପଗୁଡିକ ସମ୍ପର୍କରେ ସ୍ଥାନୀୟ ଲୋକ, କାର୍ଯ୍ୟକର୍ତ୍ତା, ପ୍ରଶାସନିକ ଅଧିକାରୀଙ୍କୁ ନେଇ ସେ ଆଲୋଚନା କରିଛନ୍ତି। ମାର୍ଶାଘାଇ ଜମ୍ବୁ ରାସ୍ତା ୬ ଲେନ ବିଶିଷ୍ଟ କରିବା ପାଇଁ ୧୦୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ଆଧ୍ୟାତ୍ମିକ ସ୍ଥଳ ପରିଦର୍ଶନ ସହ ଏହାର ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଜିଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି।

ମହାକାଳପଡ଼ା ବ୍ଲକରେ ପ୍ରସ୍ତାବିତ ଶିଳ୍ପ ପ୍ରକଳ୍ପ ସମ୍ପର୍କରେ ସଚିବ ପାଣ୍ଡିଆନ୍ ସମୀକ୍ଷା କରିଥିଲେ। ପୂର୍ବାହ୍ନ ୧୦ଟା ୪୦ମିନିଟ୍‌ରେ କେନ୍ଦ୍ରାପଡ଼ା ବ୍ଲକ ଜମଧରସ୍ଥିତ ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) କାର୍ଯ୍ୟାଳୟରେ ପାଣ୍ଡିଆନ ପହଞ୍ଚି ଥିଲେ। ଏଠାରେ ଆରମ୍ଭ ହୋଇଥିବା କୃଷି ବଜାର ଓ ୫୦୦ ମେଟ୍ରିକ ଟନ୍ ବିଶିଷ୍ଟ ଶୀତଳଭଣ୍ଡାରର ନିର୍ମାଣ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ବ୍ଲକ ଅଧୀନ ଜଜାଙ୍ଗସ୍ଥିତ କାଇଁଚ କ୍ଲଷ୍ଟର ବୁଲି ଦେଖିଥିଲେ। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ସଙ୍କଟମୋଚନ ଓ ମା' ଶାରଳା ଏସ୍‌ଏଚ୍‌ଜି ଦ୍ୱାରା ବଡ଼ମୂଳବସନ୍ତସ୍ଥିତ ମାଛଚାଷ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଗ୍ରୁପ ସଦସ୍ୟଙ୍କ ସହ ଆଲୋଚନା କରି ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଗୁରୁତ୍ୱ ଦେଇଥିବା କହିଥିଲେ। ଏହି ଅବସରରେ ଜଣେ ସ୍ୱୟଂ ସହାୟିକାଙ୍କ ଋଣ ଅର୍ଥରେ ସୁଧ ନିଆଯାଉଥିବା କହିବାରୁ ମାଷ୍ଟର ବୁକ୍ କିପର(ଏମ୍‌ବିକେ)ଙ୍କୁ ଡକାଇ ସୁଧ ନେବା ସମ୍ପର୍କରେ ସ୍ପଷ୍ଟୀକରଣ ଲୋଡ଼ିଥିଲେ। ପଟ୍ଟାମୁଣ୍ଡାଇରେ ଥିବା ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ଲମ୍ବିଂ ଟେକ୍ନୋଲୋଜି (ଏସ୍‌ପିଆଇଟି) ପରିଦର୍ଶନ କରି ଦକ୍ଷତା ବିକାଶ ଓ ଏହାର ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏଠାରେ ଗୋବରୀ ନଦୀରେ ନିର୍ମାଣ ହେଉଥିବା ଇନ୍‌ଡୋର ଷ୍ଟାଡିୟମ ଓ ହଲର ନିରୀକ୍ଷଣ କରିଥିଲେ। ଏଥିସହ ଡେରାବିଶ ବ୍ଲକ ଗୋଲରହାଟର ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର ଗ୍ରୁପ୍ ଦ୍ୱାରା ମିଶନ ଶକ୍ତି ଅଧୀନରେ ଏମ୍ବ୍ରୋଡରୀ ସିଲାଇ କେନ୍ଦ୍ର ଅନୁଧ୍ୟାନ କରିଥିଲେ। ପରେ ଶ୍ରୀ ଦଧିବାମନଜୀଉଙ୍କ ଦର୍ଶନ ସହ ଏହା ପରିସରର ଶ୍ରୀବୃଦ୍ଧି ପାଇଁ ଅଞ୍ଚଳବାସୀଙ୍କ ମତ ଲୋଡ଼ିଥିଲେ। ଶିଶୁ ସାହିତ୍ୟିକ ସୁଶାନ୍ତ ପାତ୍ର ମନ୍ଦିରର ଇତିହାସ ସମ୍ପର୍କିତ ଏକ ପୁସ୍ତକ ପ୍ରଦାନ କରିଥିଲେ। ସେହିପରି ଏଠାରେ ଥିବା ସୟଦ କମାଲ ସାହା ପୀରବାବା ଦରଘାର ଉନ୍ନତୀକରଣ ପାଇଁ ସାହାଜାନ ଖାଁଙ୍କ ନେତୃତ୍ୱରେ ସ୍ମାରକପତ୍ର ଦିଆଯାଇଥିଲା। ଓଲଡ଼ି ଗ୍ରାମର ସରସ୍ୱତୀ ପାତ୍ର ଘର ନ ଥିବା ଦର୍ଶାଇ ପାଣ୍ଡିଆନଙ୍କ ଗୋଡ଼ ତଳେ ପଡ଼ିଥିବା ଦେଖାଯାଇଥିଲା। ସମସ୍ୟାର ତୁରନ୍ତ ସମାଧାନ ପାଇଁ ବ୍ଲକ ପ୍ରଶାସନକୁ ସେ ନିର୍ଦ୍ଦେଶ ଦେଇଥିଲେ। ପରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଆମ୍ବା ଅଧ୍ୟକ୍ଷ ଗଣେଶ୍ୱର ବେହେରା ଓ ସରପଞ୍ଚ ମମତା ରାଉତଙ୍କ ଉପସ୍ଥିତିରେ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ବ୍ଲକରେ ଥିବା କାଫେ ଦାୟିତ୍ୱ ନେଇଥିବା ଏସ୍‌ଏଚ୍‌ଜି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ପରେ ଉଦୟନଗରସ୍ଥ ସଂସ୍କୃତି ଭବନ ପରିସରରେ ମିଶନ ଶକ୍ତି, ଡିଏଲ୍‌ଏଫ୍ ଓ ବିଏଲ୍‌ଏଫ୍‌ର ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ। ମହାକାଳପଡ଼ା ଶିଳ୍ପାଞ୍ଚଳ ଲାଗି ନକ୍ସା ଦେଖିବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ମତ ନେଇଥିଲେ। ଏଠାରେ ବୃହତ୍ ଶିଳ୍ପ ପ୍ରତିଷ୍ଠା ହେବ। ଏଥିପାଇଁ ୩ ପଞ୍ଚାୟତର ୧୧ ଗାଁରୁ ୧୦ ହଜାର ଏକର ଜମି ଅଧିଗ୍ରହଣ କରାଯିବ। ସେଥିରୁ ୨ ହଜାର ଲୋକଙ୍କ ଜମି ରହିଛି। ଏଠାରେ ଶିଳ୍ପ ପ୍ରତିଷ୍ଠା ହେଲେ ସ୍ଥାନୀୟ ଯୁବତୀ ଯୁବକଙ୍କୁ ନିଯୁକ୍ତି ମିଳିବ ବୋଲି ଲୋକଙ୍କୁ ପାଣ୍ଡିଆନ ଆଶ୍ୱାସନା ଦେଇଥିଲେ। ଏଥିସହ ୬ ଲେନ ବିଶିଷ୍ଟ ରାସ୍ତା ପାଇଁ ଜମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ସନ୍ଧ୍ୟାରେ ଶ୍ରୀବଳଦେବଜୀଉଙ୍କୁ ଦର୍ଶନ ସହ ପୀଠସ୍ଥଳୀର ଉନ୍ନତୀକରଣ ସମ୍ପର୍କରେ ସମୀକ୍ଷା କରିଥିଲେ। ଗସ୍ତ କାର୍ଯ୍ୟକ୍ରମରେ ଶିଳ୍ପ ସଚିବ ହେମନ୍ତ ଶର୍ମା, ପୂର୍ତ୍ତ ସଚିବ ବୀରବିକ୍ରମ ଯାଦବ, ଜିଲାପାଳ ଅମୃତ ଋତୁରାଜ, ଏସ୍‌ପି ମଡକର ସନ୍ଦିତ ସମ୍ପଦ, ଏଡିଏମ୍ ପୀତାମ୍ବର ସାମଲ, ଉପଜିଲାପାଳ ନିରଞ୍ଜନ ବେହେରା, ଡେରାବିଶ ବିଡିଓ ଦାଶରଥି ଜେନା, ତହସିଲଦାର ଅକ୍ଷୟ ପରିଡ଼ା, ମହାକାଳପଡ଼ା ବିଡିଓ ଦେବାଶିଷ ରାଉତ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।







ଯାହାକିଛି ତୁମେ କରୁଥାଅ– ଯୋଉ ବାଗରେ ବି କରୁଥାଅ– ଏପରି କି, ତୁମେ ସେ କାର୍ଯ୍ୟରେ ଖୁବ୍ କୁଶଳତା ଓ କ୍ଷମତା ପଛେ ଅର୍ଜନ କରିଥାଅ– ତୁମଙ୍କୁ କିନ୍ତୁ ସେହି କର୍ମଟିର ଫଳକୁ ଈଶ୍ୱରଙ୍କ ହାତରେ ଛାଡି ଦେବାକୁ ହେବ । –ଶ୍ରୀମା



# ମ୍ୟାଲେରିଆ ନିରାକରଣ ଅସ୍ତ୍ର




କ୍ରିଷ୍ଟିନା ଡୋନିନି
ଉପାଧ୍ୟକ୍ଷ,ପ୍ରୋଗ୍ରାମ ଲିଡର୍‌ଶିପ୍ ଆଣ୍ଡ୍ ଷ୍ଟ୍ରାଟେଜି,ମେଡିସିନ ଫର୍ ମ୍ୟାଲେରିଆ ଭେଞ୍ଚର

ଡୋରିନ ଆକିୟୋ ୟୋମୋହ
କମ୍ୟୁନିକେଶନ ଅଫିସର, ମେଡିସିନ ଫର୍ ମ୍ୟାଲେରିଆ ଭେଞ୍ଚର

ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଗତ ୩ ବର୍ଷ ହେଲା କୋଭିଡ୍‌–୧୯ ପ୍ରମୁଖ ଖବର ହୋଇଆସିଛି ଏବଂ ଏହା ମଧ୍ୟ ବୈଜ୍ଞାନିକ ଗବେଷଣାକୁ ଅଧିକ ଗତିଶୀଳ କରିଛି । ଏହି ମହାମାରୀକୁ ନେଇ ବିଶେଷଜ୍ଞମାନେ ସଂସାଧନ ଓ ଅତ୍ୟଧିକ ଉପଯୋଗୀ ଟେକ୍‌ନୋଲୋଜି ଉପରେ ଗୁରୁତ୍ୱ ଦେଉଛନ୍ତି । ତେବେ ଅନେକ ସମୟରେ ଦାରିଦ୍ର୍ୟ ଏବଂ ବିଶେଷକରି ଦୁର୍ବଳ ଅର୍ଥ ବ୍ୟବସ୍ଥା ଓ କମ୍ ଶିଳ୍ପୋନ୍ନତ ଦେଶଗୁଡ଼ିକରେ ପ୍ରକାଶ ପାଉଥିବା ଅନ୍ୟ ସଂକ୍ରାମକ ରୋଗର ମୁକାବିଲା କରିବା ଜରୁରୀ । ଉଦାହରଣ ସ୍ୱରୂପ, ମ୍ୟାଲୋରିଆ ଯୋଗୁ ୨୦୨୧ରେ ବିଶ୍ୱରେ ମୋଟ ୨୪୭ ମିଲିୟନ ଲୋକ ସଂକ୍ରମିତ ହୋଇଥିଲେ । ଏହି ସମୟରେ ସାହାରାର ଦକ୍ଷିଣକୁ ଥିବା ଆଫ୍ରିକୀୟ ଦେଶଗୁଡ଼ିକରେ ୬,୧୯,୦୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା,ଯେଉଁମାନଙ୍କ ମଧ୍ୟରେ ପିଲାଙ୍କ ସଂଖ୍ୟା ଅଧିକ । ମ୍ୟାଲେରିଆକୁ ସମ୍ପୂର୍ଣ୍ଣ ରୋକାଯାଇପାରିବ ଏବଂ ଏହାର ଚିକିତ୍ସା ମଧ୍ୟ ସମ୍ଭବ । ଏଥିପାଇଁ ଗବେଷକମାନେ ବି ଅନେକ କିଛି ବିକାଶ କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ, ମାର୍ଚ୍ଚରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ମ୍ୟାଲେରିଆ ସଂକ୍ରମଣ କରୁଥିବା ଏନୋଫିଲିସ ମଶା କବଳରୁ ରକ୍ଷା ପାଇବା ଲାଗି ଦୁଇଟି ନୂଆ କୀଟନାଶକ ଦ୍ୱାରା ଏକାଠି ଉପଚାରିତ ହୋଇଥିବା ମଶାରିକୁ ଅନୁମୋଦନ କରିଛି । ସବୁଠୁ ଘାତକ କୀଟନାଶକ ମିଶ୍ରଣ ଥିବା ମଶାରି ମଶାର ବିକାଶ ଓ ବଂଶବୃଦ୍ଧିରେ ବାଧା ସୃଷ୍ଟି କରିବ । ଏହାବ୍ୟତୀତ ମୂଲ୍ୟ ଦୃଷ୍ଟିରୁ ସୁହାଇବା ଭଳି ମ୍ୟାଲେରିଆ ବିରୋଧୀ ଔଷଧ ମଧ୍ୟ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସାଧନ ବା ଅସ୍ତ୍ର । ୨୦୨୧ରେ, ୩ରୁ ୫ ବର୍ଷ ବୟସର ପାଖାପାଖି ୪୫ ମିଲିୟନ ପିଲାଙ୍କ କ୍ଷେତ୍ରରେ ଋତୁଭିତ୍ତିକ ମ୍ୟାଲେରିଆକୁ କେମୋପ୍ରିଭେନ୍‌ଶନ (ଔଷଧ କିମ୍ବା ଅନ୍ୟ ରସାୟନ ବ୍ୟବହାର କରି ରୋଗକୁ ରୋକିବା ପ୍ରକ୍ରିୟା) ଲାଗୁ କରାଯାଇଥିଲା । ଏଥିରେ ପ୍ରତ୍ୟେକ ପିଲା ୪ ଡଲାରରୁ କମ୍ ମୂଲ୍ୟରେ ରୋଗନିଦାନ ଔଷଧର ଡୋଜ ନେଇଥିଲେ । ତେବେ ନିକଟରେ ଏକ ବ୍ୟାପକ ପରିବର୍ତ୍ତନକାରୀ ଟିକା ଜିଏସ୍‌କେର ମସକ୍ୟୁରିକ୍ସ (ଏହା ମଧ୍ୟ ଆର୍‌ଟିଏସ୍, ଏସ୍ ଭାବେ ଜଣାଶୁଣା) ସମ୍ପର୍କରେ ପ୍ରକାଶିତ ଖବର ଏକ ନୂଆ ଆଶା ସୃଷ୍ଟି କରିଛି । ଏହାର ମୂଲ୍ୟ ଅପେକ୍ଷାକୃତ ଅଧିକ ରହିଛି, ଯାହା ପ୍ରତି ପିଲା ପାଇଁ ପ୍ରଥମ ବର୍ଷ ଖର୍ଚ୍ଚ ପାଖାପାଖି ୪୦ ଡଲାର ଲାଗିବ ।



ଏହି ସବୁ ପଦକ୍ଷେପ ସତ୍ତ୍ୱେ ମ୍ୟାଲେରିଆ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିପଦ ସୃଷ୍ଟି କରିଚାଲିଛି । ଏପରିକି ସାହାରାର ଦକ୍ଷିଣକୁ ଥିବା ଆଫ୍ରିକୀୟ ଦେଶଗୁଡ଼ିକରେ ଏହାକୁ ଆୟତ୍ତ କରିବା ଲାଗି ୨୬ ବିଲିୟନ ଡଲାର ନିବେଶ କରାଯିବା ପରେ ମଧ୍ୟ ୨୦୦୦ରୁ ୨୦୧୯ ମଧ୍ୟରେ ସଂକ୍ରମଣ ସଂଖ୍ୟା ସାମାନ୍ୟ ବଢ଼ିଛି (ଏହି ସମୟରେ ଯଦିଓ ମୃତ୍ୟୁ ସଂଖ୍ୟା କମିଛି) । ମ୍ୟାଲେରିଆକୁ ରୋକିବା ଲାଗି ବିଶେଷକରି ପିଲାମାନଙ୍କ ପାଇଁ ନିଆଯାଉଥିବା ନୂଆ ପଦକ୍ଷେପଗୁଡ଼ିକର ଆବଶ୍ୟକତା ଅଧିକ । ପୁନଶ୍ଚ କୌଣସି କ୍ଷେତ୍ରରେ ତ୍ୱରିତ ଆବିଷ୍କାର କିଭଳି କରାଯାଇପାରେ ତାହା କୋଭିଡ୍‌–୧୯ ମହାମାରୀରୁ ଶିକ୍ଷା କରିବା ଉଚିତ୍ । ମହାମାରୀରେ ପରୀକ୍ଷାଗାରରେ ପ୍ରସ୍ତୁତ ହୋଇଥିବା ପ୍ରୋଟିନ୍ (ମୋନୋକ୍ଲୋନାଲ ଆଣ୍ଟିବଡି) ଶରୀରରେ ଭଲ ଭାବେ କାମକରିବା ସହ ଏହାର ଶକ୍ତିକୁ ଦର୍ଶାଇଥିଲା ।

ଜାତିସଂଘର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥର ଏକ ଗବେଷକ ଗୋଷ୍ଠୀ ସିଏସ୍‌ପି–୧ ବିରୋଧରେ ଦୁଇଟି ଆଣ୍ଟିବଡି ଚିହ୍ନଟ କରିଛନ୍ତି । ସିଏସ୍‌ପି–୧କୁ ମ୍ୟାଲେରିଆ ଭୂତାଣୁ ବ୍ୟବହାର କରି ଲିଭରକୁ କ୍ଷତି କରିଥାଏ । ସିଏସ୍‌ପି–୧କୁ ରୋକାଗଲେ ସଂକ୍ରମଣ ନିଶ୍ଚିତ ଭାବେ ଅଟକି ଯିବ । ଏହି ଦୁଇ ଆଣ୍ଟିବଡି ମଧ୍ୟରେ ସବୁଠୁ ଲାଭଦାୟକ ହେଉଛି ଏଲ୍‌୯ଏଲ୍‌ଏସ୍ । ପିଲାଙ୍କ କ୍ଷେତ୍ରରେ ଏହାର ସୁରକ୍ଷା ଓ ଦକ୍ଷତାକୁ ନେଇ ମାଲି ଓ କେନିଆରେ ପରୀକ୍ଷଣ କରାଯାଇଛି । ଋତୁଭିତ୍ତିକ ମ୍ୟାଲେରିଆ କ୍ଷେତ୍ରରେ ମାଲିରେ କରାଯାଇଥିବା ଅନୁଧ୍ୟାନ ତାହାର ସଫଳତାକୁ ଆକଳନ କରୁଥିବାବେଳେ କେନିଆରେ କରାଯାଉଥିବା ଗବେଷଣା ଏକ ଅଞ୍ଚଳରେ ବର୍ଷସାରା ହେଉଥିବା ସଂକ୍ରମଣ ଉପରେ ଧ୍ୟାନ ଦେଉଛି । ମୋନୋକ୍ଲୋନାଲ ଆଣ୍ଟିବଡି ମ୍ୟାଲେରିଆକୁ ରୋକିବାରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବାର ସମ୍ଭାବନା ଅଛି । ଏବେ ମ୍ୟାଲେରିଆ ବିରୋଧୀ ଆଣ୍ଟିବଡିକୁ ଏଭଳି ବିକଶିତ କରାଯାଇଛି ଯେ, ଗୋଟିଏ ସିଙ୍ଗଲ ଡୋଜ୍ ପିଲାଟିକୁ ଅତିକମ୍‌ରେ ୩ ମାସ ପର୍ଯ୍ୟନ୍ତ ସୁରକ୍ଷା ଦେବ, ଏପରିକି ଆହୁରି ବେଶିଦିନ ବି ସୁରକ୍ଷା ଯୋଗାଇବାର ସମ୍ଭାବନା ଅଛି । ମାନବ ସ୍ୱାସ୍ଥ୍ୟ କ୍ଷେତ୍ରରେ ପରୀକ୍ଷଣ ଦ୍ୱାରା ହିଁ ଏହାର ଦକ୍ଷତା ଏବଂ ପ୍ରଭାବର ଠିକ୍ ସମୟ ଜଣାପଡ଼ିବ । ବର୍ଷକୁ ଥରେ ଗୋଟିଏ ଡୋଜ୍ ଇଞ୍ଜେକସନ ଦିଆଯିବା ପାଇଁ ଆଣ୍ଟିବଡିଗୁଡ଼ିକରେ କେତେ ଉନ୍ନତି କରାଯିବା ଦରକାର ସେ ସମ୍ପର୍କରେ ଉକ୍ତ ପରୀକ୍ଷଣ ମାର୍ଗଦର୍ଶନ କରିପାରିବ ।

ଆଣ୍ଟିବଡିଗୁଡ଼ିକ ବ୍ୟୟବହୁଳ ସାବ୍ୟସ୍ତ ହୋଇଆସିଛି । ଆମେରିକା ଏବଂ ୟୁରୋପରେ କ୍ୟାନ୍‌ସରରେ ମାସକୁ ୨୦,୦୦୦ ଡଲାରରୁ ଅଧିକ ଖର୍ଚ୍ଚ ହେଉଛି । ତେବେ ଚିକିତ୍ସାର ସାମର୍ଥ୍ୟ ବୃଦ୍ଧି କରିବା ଦ୍ୱାରା ଏବକାର ଏଭଳି ଆଧୁନିକ ଚିକିତ୍ସା ମୂଲ୍ୟ କମିବା ସମ୍ଭାବନା ଅଛି । ଏପରିକି ମାଲି ଓ କେନିଆରେ ୧ ମିଲିଲିଟରରୁ ବହୁତ କମ୍ ପରିମାଣର ଆଣ୍ଟିବଡି ଇଞ୍ଜେକସନ ଉପରେ କରାଯାଇଥିବା ପରୀକ୍ଷା ସଫଳ ହେଲେ ଜଣକ ପିଛା ମାତ୍ର ୫ରୁ ୧୦ ଡଲାର ଖର୍ଚ୍ଚରେ ପିଲାଙ୍କ ଜୀବନ ରକ୍ଷା କରାଯାଇପାରିବ ବୋଲି ଅନେକେ ବିଶ୍ୱାସ କରୁଛନ୍ତି । ଏବେ ମୋନୋକ୍ଲୋନାଲ ଆଣ୍ଟିବଡ଼ିଗୁଡ଼ିକ ଚାହିଦା ବିଶେଷକରି ବିକଶିତ ଦେଶଗୁଡ଼ିକରେ ଦେଖିବାକୁ ମିଳିଛି । ବିଶ୍ୱସ୍ତରରେ ଏହାର ମୋଟ୍ ବିକ୍ରିର ମାତ୍ର ୧% ଆଫ୍ରିକାରେ ହେଉଛି । ଏଭଳି ଅସମାନତା ସ୍ପଷ୍ଟ କରୁଛି ଯେ, ଏ କ୍ଷେତ୍ରରେ ଜାତୀୟ ନିୟାମକ ସଂସ୍ଥାଗୁଡ଼ିକ ସହ କାର୍ଯ୍ୟ କରିବାର ଆବଶ୍ୟକତା ଅଧିକ ରହିଛି । ଏହାସହ ଆଣ୍ଟିବଡି ଉତ୍ପାଦନରେ ସଂକ୍ରମିତ ଦେଶଗୁଡ଼ିକୁ ଦୀର୍ଘମିଆଦୀଭିତ୍ତିରେ କିଭଳି ଜଡ଼ିତ କରାଯାଇପାରିବ ତାହା ନିଶ୍ଚିତ କରିବାକୁ ପଡ଼ିବ । ଆଣ୍ଟିବଡି ଉତ୍ପାଦନ କରିବା ଏକ ଜଟିଳ ଓ ଅତ୍ୟଧିକ ନିୟାମକ ପ୍ରକ୍ରିୟା । ତେବେ ଟେକ୍‌ନୋଲୋଜିରେ ନିବେଶ କରିବା ଏବେ ମ୍ୟାଲେରିଆ ବୋଝ ସମ୍ଭାଳୁଥିବା ବିକାଶଶୀଳ ଦେଶଗୁଡ଼ିକ ସକାଶେ ନିଶ୍ଚିତ ଲାଭଦାୟକ ହେବ ।

ମ୍ୟାଲେରିଆ ବିରୋଧରେ ମୋନୋକ୍ଲୋନାଲ ଆଣ୍ଟିବଡି ନୂଆ ଭାବେ ଅଗ୍ରଣୀ ଭୂମିକା ନେବ । କିନ୍ତୁ କାମରେ କରିବା ଏତେ ସହଜ ହେବ ନାହିଁ । ଏଥିପାଇଁ ସରକାରୀ ଅଂଶୀଦାର, ଶିକ୍ଷାବିତ ଓ ଶିଳ୍ପଜଗତ ସହଯୋଗ କରିବା ସହ ସଚେତନତା ବୃଦ୍ଧି କରିବା ଲାଗି ଆଗେଇ ଆସିବା ଉଚିତ । କିନ୍ତୁ ଆମେ କେବଳ ଏକ ଦୀର୍ଘ ପଥରେ ଠିଆହୋଇ ଗର୍ଜନ କରୁଛୁ । ପ୍ରଥମ ପିଢ଼ିର ମ୍ୟାଲେରିଆ ପ୍ରତିରୋଧୀ ଆଣ୍ଟିବଡିଗୁଡ଼ିକ ୨୦୨୭ ସୁଦ୍ଧା ପ୍ରୟୋଗ ହେବାର ସମ୍ଭାବନା ନାହିଁ । କିନ୍ତୁ ଏହା ନିଶ୍ଚିତ ଯେ, ସେଗୁଡ଼ିକ ଶିଶୁଘାତକ ମ୍ୟାଲୋରିଆକୁ ରୋକିପାରିବ । ତେବେ ପ୍ରୟୋଗ କରାଯାଇଥିବା ଆଣ୍ଟିବଡି ସଫଳ ହୋଇଛି କି ନାହିଁ ତାହା ମାଲି ଓ କେନିଆର କ୍ଲିନିକାଲ ପରୀକ୍ଷାରୁ ଜଣାପଡ଼ିବ । ହେଲେ ଆମକୁ ସଫଳତା ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବା ହିଁ ହେବ ବିଜ୍ଞତାର ପରିଚୟ ।

## ପ୍ରକୃତ ବାଟ



ଆରତି ମହାନ୍ତି

ଆଚ୍ଛା, କେବେହେଲେ ବି ତମେ କ'ଣ ଏଇ ଗୋଟାଏ କଥା ଅର୍ଥାତ୍ କାହାରି ଉପରେ ନିର୍ଭର ନ କରି ଚଳିବା କ'ଣ ସେଇଟାକୁ ଭାବି ଦେଖିଛ ? ତା'ମାନେ କ୍ଷୀରବାଲା କି ପରିବାବାଲା କି ଏମିତିକା ନିତିଦିନିଆ ଜୀବନ କଟାଇବା କଥା ଏଠି କୁହାଯାଉନାହିଁ । ଏମିତିକି ଡାକ୍ତର କି ଏମିତିକିଛି ଜିନିଷକୁ ଛାଡ଼ିବା କଥା ଏଠି ଜମାରୁ କୁହାଯାଉନାହିଁ । ଏଠି ଯେଉଁ ବିଷୟରେ କୁହାଯାଉଛି ସେଇଟା ହେଉଛି ନିତିଦିନିଆ ଜୀବନରେ ନିଜ ସ୍ତ୍ରୀ କି ସ୍ୱାମୀ ହୁଅନ୍ତୁ କି ନିଜର ପୁଅଝିଅ କି ଏମିତିକେହି ବନ୍ଧୁ ବାନ୍ଧବଙ୍କ ଉପରେ ନିର୍ଭର କରି ଦିନ କଟାଇବା । ଯେମିତି ଧର ସେମାନଙ୍କୁ ନ ଦେଖିଲେ କି ତାଙ୍କ ସାଙ୍ଗରେ ଦି'ପଦ କଥା ହୋଇ ନ ପାରିଲେ ମନରେ ବିରସତା ଦେଖାଦିଏ । ଏମିତିକି ସେମାନେ ଯଦି ଦୂର ଜାଗାରେ ଚାକିରି କରୁଥାନ୍ତି କି ବେଶି ଦିନଧରି ଦେଖା ନ ହୁଏ ମନଟା ବିବସ ଲାଗେ । ମୁଁ ଦେଖିଛି ଏମିତି ମାଆମାନେ ଅଛନ୍ତି ଯେଉଁମାନଙ୍କର ପିଲା ଯଦି ଦୂରକୁ ଯାଇ ପଢ଼ାଶୁଣା କରନ୍ତି କି ବିଦେଶକୁ ଚାଲିଯାଆନ୍ତି ସେମାନେ ଭଲ ପାଉଥିବା ଖାଇବା ଜିନିଷ ଛାଡ଼ିଦିଅନ୍ତି । ପଚାରିଲେ କହନ୍ତି, ଆହାଃ ପିଲାଟା ଘରେ ଥିଲେ କେତେ ଖୁସିରେ ଖାଉଥିଲା, ଆଉ ମୁଁ ତା' ମାଆ ହୋଇ ସେଇ ଦରବ ଖାଇବାକୁ କେମିତି ଜିଭ ଖୋଜିବ? ଏସବୁ କ'ଣ ନିହାତି ସ୍ନାୟୁ ବିକାରଗ୍ରସ୍ତ ଥିବାପରି ମନୋଭାବକୁ ଦେଖାଏ ନାହିଁ ? ଯିଏ ନିଜ ଜୀବନକୁ ସହଜ ସ୍ୱାଭାବିକ ଭାବରେ ଚଳାଇବାରେ ସମର୍ଥ, ସେଇମାନେ ଏମିତି ଅନେକ ପ୍ରକାର ପରିସ୍ଥିତିରୁ ନିଜକୁ ବାହାର କରିଦେଇପାରନ୍ତି । ଏ ଜୀବନର କିଛି ବି ଠିକଣା ନାହିଁ । ଦିନ ମାସ ବର୍ଷ କେବେ ବି ଏମିତି କିଛି ଘଟଣା ଘଟିପାରେ, ଯାହା ଜଣକୁ ଆଗକୁ ବଢ଼ିବାକୁ ଦେବନାହିଁ । ସେଇ ସବୁ ପରିସ୍ଥିତି ମଣିଷକୁ ଅବସାଦଗ୍ରସ୍ତ କରିଥାଏ । ଏକାଟିଆ ଲାଗିଲେ ମନରେ ଅବସାଦ ଦେଖାଦିଏ, ଯାହା ଧୀରେ ଧୀରେ ଆତ୍ମହତ୍ୟା ଭଳି ନାନା ଦୁର୍ଘଟଣାର ରୂପ ନେଇପାରେ । ସେତେବେଳେ ଆମ ମନ ବି କିଛି ଗୋଟାଏ ଉପାୟ ବିଷୟରେ ଚିନ୍ତା କରେ । ଘର ସଂସାର ଭିତରେ ନିର୍ଭରତା ବଢ଼ିଚାଲେ ।

କରୋନା ବେଳେ ଅନେକ ମାଆ ବାପା ତାଙ୍କର ଶିଶୁମାନଙ୍କୁ ହରାଇଛନ୍ତି, ଆଉ ତା'ପରେ କ'ଣହୁଏ– ଘରେ ତାର ଫଟୋ ରଖି ତାକୁ ଝୁରି ହେବାରେ ଲାଗନ୍ତି । ପୁଣି ଆସନ୍ତା ଜନ୍ମରେ ତାକୁ ନିଜ କୋଳରେ ଜନ୍ମ ନେବାକୁ ପୂଜା କରନ୍ତି, ମାନସିକ କରନ୍ତି । ଏସବୁ ଅନେକ ସମୟରେ ଆମ ଜୀବନରେ ଦେଖିବାକୁ ମିଳେ । ଏଇ ପରିସ୍ଥିତିରେ କ'ଣ କରିବା ଦରକାର । ଯଦି ସେଇ ପରିସ୍ଥିତିକୁ ଠିକ୍ ଭାବରେ ମୁକାବିଲା କରିବାକୁ ଚେଷ୍ଟା କରାଯାଏ ଅର୍ଥାତ୍ ଜୀବନର ଘଟଣାବଳୀରୁ ଉଦାହରଣ ଦେଖାଇବା ଦ୍ୱାରା କିବା ତାକୁ ଜୀବନର ସତ୍ୟକୁ ଠିକ୍ ଭାବରେ ଦେଖାଇପାରିଲେ ଅନେକ ଦୁର୍ବଳ ମନରେ ଶକ୍ତି ସଞ୍ଚାରିତ ହୋଇପାରିବ । କାହାରିକୁ କିଛି ଉପଦେଶ ଦେବା ଆଗରୁ ପ୍ରଥମେ ନିଜେ ସେ ବିଷୟରେ ଠିକ୍ ଭାବରେ ଅନୁସନ୍ଧାନ କରି ତାର ସତ୍ୟକୁ ଉପଲବ୍ଧି କରିବା ଦରକାର । ଏଠି ଖାଲି ଆମର ଘର କି ପରିବାର କି ସଂସାର ଚଳେଇବା କଥା କହୁନୁ । ତା' ସଙ୍ଗେ ସଙ୍ଗେ ଯେତେ ଗୀତା, ଭାଗବତ, ପ୍ରଥା ପରମ୍ପରା, ଠାକୁର ବିଗ୍ରହ ଆଦି ମହାନ୍ ଶକ୍ତିଗୁଡ଼ିକର ମଧ୍ୟ ଆଲୋଚନା କରିବାକୁ ଯାଉଛୁ । ନିଜ ମନର ଶକ୍ତି ନାହିଁ ବୋଲି ଆମେ ବେଶି ବେଶି ଏଇ ବାହ୍ୟ ଜିନିଷଗୁଡ଼ିକ ଉପରେ ନିର୍ଭର କରି ଜୀବନ କଟାଇବାକୁ ଶ୍ରେୟ ମନେକରୁ । ଯଦି ଜଣେ ଖାଲି ଏଇସବୁ ଶକ୍ତି ଓ ବିଶ୍ୱାସ ଉପରେ ରହିବ, ତେବେ ନିଜ ଭିତରକୁ ଦେଖିଲେ ସେ ବୁଝିଯିବ ଯେ ତା' ମନରେ କେମିତି ଗୋଟାଏ ନିଃସ୍ୱ ଭାବ ଆସିଯାଉଛି । ତା'ମାନେ ସେଥିଲାଗି ନିଜ ଭିତରେ ଥିବା ଆତ୍ମବିଶ୍ୱାସ ତଥା ଅନ୍ତଃଶକ୍ତିର ଅଭାବ ଅନୁଭୂତ ହେଉଛି । ଅନ୍ୟ କଥାରେ କହିଲେ, ପ୍ରାୟ ଅଧିକାଂଶ ମଣିଷ ଭାବନ୍ତି ଦୁଃଖକଷ୍ଟ ଆମକୁ ଈଶ୍ୱର ଦେଇଛନ୍ତି, ତେଣୁ ସେ ତାକୁ ନାନା ପ୍ରକାରର ପୂଜା ଉପାସନା କରି ପ୍ରାର୍ଥନା କରି, ନାନା ରକମର ମାନସିକର ପ୍ରଲୋଭନ ଦେଖାଇ ସନ୍ତୁଷ୍ଟ କରିପାରିଲେ ସବୁ ଦୁଃଖ ବାଧା ପ୍ରତିରୋଧ ହଟିଯିବ । କିନ୍ତୁ ଈଶ୍ୱର କାହାରି କର୍ମ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ । ମଣିଷ ତା'ର ଆପଣା କର୍ମର ପରିଣାମ ଜୀବନ ସାରା ପାଇ ଚାଲିଥାଏ । ଆଉ ସେଥିପାଇଁ ମନ ଭିତରେ ଏକ ନିର୍ମଳ, ନିଃସ୍ୱାର୍ଥପର ଦୟାଳୁ ତଥା ପ୍ରେମର ପ୍ରସ୍ଫୁଟନ ଘଟିବା ଦରକାର । ଆଉ ସେଥିପାଇଁ ନିଜକୁ, ନିଜର ମନ ତଥା ବ୍ୟବହାରରେ କ୍ଷଣକୁ କ୍ଷଣ ଧାର୍ମିକତା ରଖି ଚଳିବା ନିହାତି ଦରକାର । ସେଇଟା ହିଁ ଈଶ୍ୱରଙ୍କୁ ଉପଲବ୍ଧି କରିବାର ପ୍ରକୃତ ବାଟ ।

ମୋ :୯୬୯୨୦୯୮୦୫୪

## ଏଇ ଭାରତରେ

ଅନ୍‌ଲାଇନରେ ମୃତ ୮୫ ବର୍ଷ ବୟସ୍କା ବୃଦ୍ଧା ପେନ୍‌ସନ ପାଇଁ ନିଜକୁ ଜୀବିତ ପ୍ରମାଣ କରିବା ଲାଗି ସରକାରୀ କାର୍ଯ୍ୟାଳୟକୁ ଦୌଡ଼ୁଥିବା ଘଟଣା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ । ରାଜସ୍ଥାନର ଆଜମେର ଜିଲାର ବେୱାର ସ୍ଥିତ ବଞ୍ଜାରି ପଞ୍ଚାୟତରେ ଅଧିକାରୀଙ୍କ ଅବହେଳା ଯୋଗୁ ୮୫ ବର୍ଷ ବୟସ୍କା ବୃଦ୍ଧା ଗୋଟୁ ଦେବୀ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତାଙ୍କୁ ମୃତ ଘୋଷଣା କରି ବିଧବା ପେନ୍‌ସନ ବନ୍ଦ କରିଦିଆଯାଇଛି । ଫିଙ୍ଗର ପ୍ରିଣ୍ଟ ନ ଥିବାରୁ ବାୟୋମେଟ୍ରିକ ଯାଞ୍ଚ ଅଭାବରୁ ଅନ୍‌ଲାଇନରେ ତ୍ରୁଟି ହୋଇ ତାଙ୍କର ମୃତ୍ୟୁ ହୋଇଥିବା ଦର୍ଶାଯାଇଛି । ସେ ବହୁ ବରିଷ୍ଠ ଅଧିକାରୀଙ୍କୁ ଚିଠି ଲେଖିବା ପରେ ମଧ୍ୟ କେହି ତାଙ୍କ କଥା ବୁଝୁନାହାନ୍ତି । ପଞ୍ଚାୟତ ସମିତିର କନିଷ୍ଠ କିରାଣି କହ୍ନେୟାଲାଲ କହିଛନ୍ତି, ଗୋଟୁ ଦେବୀଙ୍କର ଗତ ବର୍ଷ ଫିଙ୍ଗରପ୍ରିଣ୍ଟ ଯାଞ୍ଚ କରା ନ ଯାଇପାରିବାରୁ ଭୁଲରେ ଅନ୍‌ଲାଇନରେ ତାଙ୍କୁ ମୃତ ଦର୍ଶାଯାଇଛି । ତେବେ ତାଙ୍କୁ ଏବେ ପେନ୍‌ସନ ପାଇଁ ଏକ ନୂତନ ଆବେଦନ କରି ଜୀବିତ ବୋଲି ପ୍ରମାଣିତ କରିବାକୁ ହେବ ।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଏପ୍ରିଲ ୧୯୯୮

- ପଞ୍ଜାବ ରାଜ୍ୟ ସଡ଼କ ପରିବହନର ଏକ ବସ୍ ସହ ଟ୍ରକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୧୯ ଜଣଙ୍କ ମୃତ୍ୟୁ ।
- ଟେଷ୍ଟ କ୍ରିକେଟ ଜଗତର ପୂର୍ବତନ ପେସ୍ ବୋଲର ତଥା ଭାରତୀୟ କ୍ରିକେଟ ମନୋନୟନ କମିଟିର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ଦେଶାଇଙ୍କ ୫୮ ବର୍ଷ ବୟସରେ ପରଲୋକ ।
- କଂଗ୍ରେସ ସଭାନେତ୍ରୀ ସୋନିଆ ଗାନ୍ଧୀ ଏଆଇସିସିର ଗୁରୁତ୍ୱପୂର୍ଣ୍ଣ ପୁନର୍ଗଠନ କରି ଉପସଭାପତି ପଦ ଉଚ୍ଛେଦ କରିଛନ୍ତି ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 4 | | 9 | 1 | | |
| | 3 | 9 | | | | | | |
| | | 5 | | | | 3 | | |
| | | | 6 | | | | | 7 |
| 4 | | | | | | 9 | | |
| | 9 | | | | 4 | 6 | | |
| 8 | | | | | | | 2 | |
| | | | 7 | | 1 | 4 | | |
| | | | | 6 | 5 | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 9 | 5 | 6 | 4 | 2 | 1 | 7 |
| 2 | 6 | 1 | 8 | 3 | 7 | 5 | 4 | 9 |
| 7 | 4 | 5 | 1 | 2 | 9 | 6 | 3 | 8 |
| 3 | 7 | 4 | 6 | 5 | 8 | 1 | 9 | 2 |
| 9 | 5 | 2 | 7 | 1 | 3 | 4 | 8 | 6 |
| 6 | 1 | 8 | 4 | 9 | 2 | 3 | 7 | 5 |
| 4 | 8 | 6 | 3 | 7 | 5 | 9 | 2 | 1 |
| 1 | 2 | 7 | 9 | 4 | 6 | 8 | 5 | 3 |
| 5 | 9 | 3 | 2 | 8 | 1 | 7 | 6 | 4 |

ଗତକାଲିର ଉତ୍ତର

# ମାତୃଭୂମିର ମନ୍ତ୍ରଦାତା



ସୀତାଂଶୁ ମୋହନ ଦ୍ୱିବେଦୀ

ମଧୁସୂଦନ ଦାସ ଜନ୍ମଭୂମିକୁ ମାତୃସ୍ୱରୂପା ଜନନୀ ରୂପେ ଆବାହନ କରିଥିଲେ । ଉତ୍କଳର ମିଶ୍ରଣ ଆନ୍ଦୋଳନପାଇଁ ବ୍ୟାକୁଳ ଥିବା ମାତୃଭୂମିର ମନ୍ତ୍ରଦାତା ମଧୁସୂଦନ ହେଉଛନ୍ତି ଓଡ଼ିଶାର ସର୍ବପ୍ରଥମ ଓଡ଼ିଆ ରାଜନୈତିକ ପୁରୁଷ । ତାଙ୍କଠାରୁ ଆରମ୍ଭ ହୋଇଛି ଓଡ଼ିଆମାନଙ୍କର ରାଜନୈତିକ ପରମ୍ପରା । ସବୁଥିରେ ମଧୁବାବୁ ଥିଲେ ପ୍ରଥମ ଓଡ଼ିଆ, ସେ ଥିଲେ ଓଡ଼ିଶାର ଉଚ୍ଚପଦାଧିକାରୀ । ସେ ଥିଲେ ପ୍ରଥମ ଗ୍ରାଜୁଏଟ୍ ଓ ପ୍ରଥମ ଏମ.ଏ. । ସେ ଥିଲେ ଓଡ଼ିଶାର ପ୍ରଥମ ବିଲାତଯାତ୍ରୀ, ପ୍ରଥମ ଓଡ଼ିଆ ଓକିଲ । ସେ ମଧ୍ୟ ଥିଲେ ପ୍ରଥମ ଓଡ଼ିଆ ମନ୍ତ୍ରୀ ଏବଂ ମନ୍ତ୍ରୀପଦ ଅବୈତନିକ ଦାବି କରି ଇସ୍ତଫା ଦେବାରେ ଭାରତର ପ୍ରଥମ ମନ୍ତ୍ରୀ । ଛୋଟ ଲାଟ୍‌ସଭା ଓ ବଡ଼ ଲାଟ୍‌ସଭାରେ ସେ ଥିଲେ ପ୍ରଥମ ଓଡ଼ିଆ ସଦସ୍ୟ । ସେ ମଧ୍ୟ ଥିଲେ ପ୍ରଥମ ଭାରତୀୟ ଖ୍ରୀଷ୍ଟିଆନ ମଣ୍ଡଳର ସଭାପତି ।

ଜଣେ ଆଇନଜୀବୀ, ପାର୍ଲାମେଣ୍ଟାରିଆନ, ବିଧାୟକ, ତଥା ଦେଶ ବତ୍ସଳ ନେତାରୂପେ ମଧୁସୂଦନଙ୍କ ଭୂମିକା ଅତ୍ୟନ୍ତ ପ୍ରେରଣାଦାୟକ ଓ ଗରିମାମୟ ଥିଲା, ଯାହା ଦେଶବାସୀଙ୍କୁ କାଳକାଳ ଲାଗି ମାର୍ଗଦର୍ଶନ କରୁଥିବ । ଯେତେଦିନ ପର୍ଯ୍ୟନ୍ତ ଓଡ଼ିଶାର ସତ୍ତା ତିଷ୍ଠି ରହିଥିବ, ଉତ୍କଳଗୌରବ ମଧୁବାବୁ ମୃତ୍ୟୁଞ୍ଜୟୀ ହୋଇରହିଥିବେ । ତେବେ ଜାଗ୍ରତପ୍ରହରୀ ମଧୁସୂଦନଙ୍କର ଓଡ଼ିଶାପ୍ରତି ଅତୁଳନୀୟ ଅବଦାନ ଥିଲେ ମଧ୍ୟ ରାଷ୍ଟ୍ରମର୍ଯ୍ୟାଦା ପାଇବାରୁ ସେ ବଞ୍ଚିତ ହୋଇଛନ୍ତି, ସେଥିପାଇଁ ସମସ୍ତ ଓଡ଼ିଆ ମଧୁବାବୁଙ୍କ ଜନ୍ମଦିବସକୁ ଓକିଲ ଦିବସରେ ସୀମିତ ନ ରଖି ତାଙ୍କ ନୀତି, ଆଦର୍ଶ, ବହୁମୁଖୀ ପ୍ରତିଭାରେ ଅନୁପ୍ରାଣିତ ହେବା ଉଚିତ । ଏହାସହ ମଧୁବାବୁଙ୍କ ଜନ୍ମଦିବସକୁ ରାଷ୍ଟ୍ରଦିବସ ରୂପେ ପାଳନ କଲେ ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ।

ମଧୁବାବୁଙ୍କ ଜୀବନ ଇତିହାସରୁ ଉପନୀତ ହୁଏ ଯେ ଜଣେ ଆଇନଜୀବୀର ଭୂମିକା କେବଳ କୋର୍ଟ କଚେରି ପରିସର ଭିତରେ ସୀମିତ ନୁହେଁ । ଜଣେ ଆଇନଜୀବୀର କର୍ତ୍ତବ୍ୟ ଓ ଉତ୍ତରଦାୟିତ୍ୱ ସମାଜ ତଥା ଦେଶର ଉନ୍ନତି ଅଗ୍ରଗତି ପାଇଁ ପରିବ୍ୟାପ୍ତ । ମଧୁବାବୁ ନିଜକୁ ଜଣେ ସୁଦକ୍ଷ ଆଇନଜ୍ଞ ହିସାବରେ ପ୍ରତିଷ୍ଠିତ କରିଥିଲେ । ସେ ଥିଲେ ଏକାଧାରରେ ଜଣେ ସମାଜ ସଂସ୍କାରକ, ସାହିତ୍ୟ ସାଧକ, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା, ଶିଳ୍ପୋଦ୍ୟୋଗୀ, କଳାପ୍ରେମୀ, ଶିକ୍ଷାବିତ୍, ଦାର୍ଶନିକ, ବ୍ୟବସ୍ଥାପକ ଓ ସମଗ୍ର ଭାରତବର୍ଷର ଜଣେ ଅଗ୍ରଗାମୀ ଚିନ୍ତାନାୟକ, ଜନନାୟକ ଏବଂ ରାଷ୍ଟ୍ରନାୟକ ।

ମଧୁସୂଦନ ଯେଉଁ ଅନୁଷ୍ଠାନଗୁଡ଼ିକର ପ୍ରତିଷ୍ଠାତା ଥିଲେ ସେଗୁଡ଼ିକ ହେଉଛି ଉତ୍କଳ ସମ୍ମିଳନୀ (୧୯୦୩), ଓଡ଼ିଆ ସାହିତ୍ୟ ମଞ୍ଚ ଉତ୍କଳ ସାହିତ୍ୟ ସମାଜ (୧୯୦୩), ନିଖିଳ ଉତ୍କଳ ଛାତ୍ର ସଂଗଠନ (୧୯୦୩), କୃଷକମାନଙ୍କ ସୁରକ୍ଷାର ପ୍ରଥମ ଅନୁଷ୍ଠାନ ପ୍ରଜା ପରିଷଦ (୧୯୦୯), ଉତ୍କଳ ଟ୍ୟାନେରି (୧୯୦୫), ତାଳଗୁଡ଼ ସଂସ୍ଥା (୧୯୦୪), ନାରୀ ଜାଗରଣ ପାଇଁ ବାଳିକା ଉଚ୍ଚବିଦ୍ୟାଳୟ (୧୯୦୮), ତନ୍ତଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର (୧୯୦୫), ତାରକସି ଶିଳ୍ପର ଉନ୍ନତି ପାଇଁ ଓଡ଼ିଶା ଆର୍ଟ ୱେର ୱାର୍କସ ପ୍ରତିଷ୍ଠାନ (୧୮୯୭), ପ୍ରାଦେଶିକ ସ୍ତରରେ କ୍ରୀଡ଼ାର ଉନ୍ନୟନ ଓ ସଂଗଠନ ପାଇଁ ଓଡ଼ିଶା ସ୍ଥାୟୀ ରଙ୍ଗମଞ୍ଚ (୧୮୮୭), ବିହାରୀବାଗ୍‌ରେ ପ୍ରଥମ ଶାସ୍ତ୍ରୀୟ ଓଡ଼ିଶା ସଙ୍ଗୀତ ଆସର (୧୮୮୨) ଇତ୍ୟାଦି ।

ମଧୁସୂଦନ ଥିଲେ ସ୍ୱଦେଶୀ ଶିଳ୍ପ ଆନ୍ଦୋଳନର ପ୍ରଥମ ପ୍ରବର୍ତ୍ତକ । ମହାତ୍ମା ଗାନ୍ଧୀଙ୍କ ଭାରତୀୟ ରାଜନୀତିରେ ଆବିର୍ଭାବର ବହୁପୂର୍ବରୁ ତାଙ୍କର ପରିକଳ୍ପିତ ଆର୍ଥିକ ଓ ସାମାଜିକ ବିକାଶର କାର୍ଯ୍ୟକ୍ରମକୁ ଦେଶର ଜଣେ କ୍ରାନ୍ତିକାରୀ ଅଗ୍ରଦୂତ ରୂପେ ମଧୁସୂଦନ ରୂପାୟିତ କରିଥିଲେ ଓଡ଼ିଶା ମାଟିରେ, ଯେପରିକି ଲବଣ ଶିଳ୍ପ ସଂରକ୍ଷଣ (୧୮୯୬), ସ୍ୱଦେଶୀ ଶିଳ୍ପ ଜାଗରଣ (୧୮୯୬), ଗ୍ରାମ୍ୟଶିଳ୍ପର ବିକାଶ (୧୯୦୫), ଅସ୍ପୃଶ୍ୟତା ନିବାରଣ (୧୯୦୦), ଉନ୍ନତ କାରଖାନାର ପ୍ରବର୍ତ୍ତନ ଓ ପ୍ରସାର (୧୯୦୨) ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ।

### ମଧୁବାବୁଙ୍କ ଜୟନ୍ତୀ ଉପଲକ୍ଷେ



ଓଡ଼ିଶାବାସୀଙ୍କ ପାଇଁ ଆଇନଜୀବୀ ଭାବରେ ତାଙ୍କର ଗୌରବୋଜ୍ଜ୍ୱଳ ଅବଦାନ ହେଲା ବ୍ରିଟିଶ ସରକାରଙ୍କ କୂଟଚକ୍ରାନ୍ତମୂଳକ ଆକ୍ରମଣରୁ ଶ୍ରୀଜଗନ୍ନାଥ ମନ୍ଦିରକୁ ସୁରକ୍ଷା ଓ ଗଜପତି ପରମ୍ପରାକୁ ସ୍ୱୀକୃତି ପ୍ରଦାନର ମହନୀୟ ବ୍ୟବସ୍ଥା ଗ୍ରହଣ । ମଧୁସୂଦନଙ୍କ ଦ୍ୱାରା ଓଡ଼ିଆରେ ପ୍ରକାଶିତ ପ୍ରବନ୍ଧ, ଟୀକା–ଟିପ୍ପଣୀ, ସମାଜର ସମସ୍ୟା ଏବଂ ସମାଧାନ ସମ୍ବଳିତ ଅତ୍ୟନ୍ତ ଭାବଗର୍ଭକ ଓ ଚିତ୍ତାକର୍ଷକ ଥିଲା । ତାଙ୍କ ସମ୍ପାଦନାରେ 'ଓଡ଼ିଆ' ନାମକ ଏକ ଇଂଲିଶ ସାପ୍ତାହିକ ଖବରକାଗଜ ପ୍ରକାଶିତ ହୋଇଥିଲା । 'ଓଡ଼ିଆ' ପତ୍ରିକା ଥିଲା ସେତେବେଳର ଓଡ଼ିଶାର ଜନଜୀବନ, ସାମାଜିକ ଓ ରାଜନୈତିକ ଇତିହାସର ମୁଖପତ୍ର । ଏହା ପୂର୍ବରୁ ମଧୁବାବୁ 'Star of Utkal' ନାମକ ଏକ ସାପ୍ତାହିକ ଖବରକାଗଜରେ ନିଜର ପ୍ରବନ୍ଧମାନ ପ୍ରକାଶ କରୁଥିଲେ ।

ମହିଳାମାନଙ୍କୁ କୋର୍ଟ କଚେରିରେ ସାହାଯ୍ୟ କରିବା ନିମନ୍ତେ ଶୈଳବାଳାଙ୍କ ସାନଭଉଣୀ ସୁଧାଂଶୁବାଳାଙ୍କୁ ମଧୁବାବୁ 'ଲ' ପଢ଼ାଇ ଥିଲେ ଓକିଲ କରିବାକୁ । କିନ୍ତୁ Legal Practitioner's Actରେ ମହିଳାମାନେ ଓକିଲ ହେବା ଆଇନ ନ ଥିବାରୁ ସୁଧାଂଶୁବାଳାଙ୍କ ଓକିଲ ଲାଇସେନ୍ସ ପାଇଁ ଦରଖାସ୍ତକୁ ନାକଚ କରିଦିଆଗଲା । ମଧୁବାବୁ ସେଥିପାଇଁ ମକଦ୍ଦମା କରି ପ୍ରିଭି କାଉନ୍‌ସିଲ ପର୍ଯ୍ୟନ୍ତ ମକଦ୍ଦମା ଲଢ଼ି ଡିଗ୍ରୀ କରି ଭାରତ ସରକାରଙ୍କ ଦ୍ୱାରା ଆଇନ ପ୍ରଣୟନ କରାଇ ଥିଲେ 'ଭାରତରେ ମହିଳାମାନେ ଓକିଲ ହୋଇ ପାରିବେ' । ମଧୁବାବୁ ମନ୍ତ୍ରୀ ଥିଲା ବେଳେ Local Self Government Act (ମ୍ୟୁନିସିପାଲିଟି ଆକ୍ଟ) ପ୍ରଣୟନ କରିଥିଲେ । ସେହି ଆକ୍ଟ ଆଜିପର୍ଯ୍ୟନ୍ତ ବଳବତ୍ତର ରହିଛି । ସମଗ୍ର ଭାରତରେ ଆଇନଜୀବୀ ଗୋଷ୍ଠୀଙ୍କ ପାଇଁ ମଧୁସୂଦନଙ୍କର ସର୍ବଶ୍ରେଷ୍ଠ ଅବଦାନ ଥିଲା, ଭାରତୀୟ ନାରୀଙ୍କୁ ଆଇନଜୀବୀ ବୃତ୍ତି ଗ୍ରହଣର ଯୁଗାନ୍ତକାରୀ ଅଧିକାର ପ୍ରଦାନ ।

ଆଇନରେ ପାରଦର୍ଶିତାଲାଭ କରିଥିବା ସଚେତନ ଆଇନଜୀବୀ ଗୋଷ୍ଠୀଙ୍କ ସମ୍ମୁଖରେ ସେ ପ୍ରତିଭାତ ହୋଇଛନ୍ତି ମୁକ୍ତିର ପ୍ରତୀକ ରୂପରେ । ଏଣୁ ଜଣେ ଆଇନଜୀବୀ, ଆଇନଜ୍ଞ, ପାର୍ଲାମେଣ୍ଟାରିଆନ, ବିଧାୟକ ତଥା ଦେଶବତ୍ସଳ ନେତାରୂପେ ମଧୁସୂଦନ ଦାସଙ୍କର ଭୂମିକା ଅତ୍ୟନ୍ତ ପ୍ରେରଣାଦାୟକ ଓ ଗରିମାମୟ ଥିଲା, ଯାହା ଦେଶବାସୀଙ୍କୁ କାଳକାଳ ଲାଗି ମାର୍ଗଦର୍ଶନ କରୁଥିବ । ତେଣୁ, ମଧୁସୂଦନ ହେଉଛନ୍ତି ଓଡ଼ିଶାର ଚିରକାଳର ବର୍ତ୍ତମାନ, ଯାହାଙ୍କର ନିରବଚ୍ଛିନ୍ନ ଅବଦାନ ଆଉ ଅବସ୍ଥିତି ରାଜ୍ୟକୁ ମହିମା ମଣ୍ଡିତ କରିଛି ।

ମଧୁବାବୁଙ୍କ ଜନ୍ମଦିବସକୁ ବାର୍ କାଉନସିଲ ନିଷ୍ପତ୍ତି କ୍ରମେ ଓଡ଼ିଶାର ସବୁ ବାର୍ ଆସୋସିଏଶନ ୧୯୯୮ ମସିହାରୁ ପ୍ରତିବର୍ଷ ଓକିଲ ଦିବସ ଭାବେ ପାଳନ କରି ଆସୁଛି । ମଧୁବାବୁଙ୍କ ନାମରେ ପ୍ରତିଷ୍ଠିତ ଓକିଲମାନଙ୍କୁ ମଧ୍ୟ ମଧୁଜ୍ୟୋତି ଏବଂ ମଧୁ ସମ୍ମାନରେ ସମ୍ମାନିତ କରାଯାଉଛି । ତେବେ ସାମ୍ପ୍ରତିକ ସମୟରେ ଯେଉଁଠାରେ ଓଡ଼ିଶାର କୌଣସି ସମସ୍ୟା ସମ୍ପର୍କରେ ଆଲୋଚନା ହୁଏ ସେଠାକୁ ମଧୁବାବୁଙ୍କ ନାମ ସ୍ୱତଃ ଚାଲିଆସେ ।

**ପୂର୍ବତନ ସଭ୍ୟ, ରାଜ୍ୟ ଆଇନଜୀବୀ ପରିଷଦ, ଓଡ଼ିଶା**
**ମୋ: ୯୯୩୭୦୮୦୦୦୧**

## ପାଠକ ଶ୍ରେଷ୍ଠ ବିଚାରକ

### କାନ୍ଦୁଛି ଗନ୍ଧମାର୍ଦ୍ଦନ

ମହାଶୟ,

ବରଗଡ ଜିଲାର କିରୀଟ ଗନ୍ଧମାର୍ଦ୍ଦନ ପର୍ବତ । ମାତ୍ର ପର୍ବତ ନୁହେଁ, ଏହା ଏକ ବନ ଔଷଧିର ଗ୍ରନ୍ଥାଗାର । ଏଠାରେ ମିଳୁଥିବା ଜଡ଼ିବୁଟି ଔଷଧ ବହୁ ବିରଳ । ଅନେକ ପ୍ରଜାତିର ଔଷଧୀୟ ଗଛଲତାକୁ ସାଇତି ରଖିଛି ଏହି ପର୍ବତ । ଔଷଧୀୟ ଗବେଷକମାନଙ୍କ ପାଇଁ ଏହା ହିମାଳୟ ପର୍ବତଠାରୁ କିଛି କମ୍ ନୁହେଁ । ବିଭିନ୍ନ ରୋଗର ନିରାକରଣ ପାଇଁ ଏଠାରେ ଉପଲବ୍ଧ ରହିଛି ଆୟୁର୍ବେଦିକ ମହତ୍ତ୍ୱ ବହନ କରୁଥିବା ବହୁ ଗଛଲତା । ସମ୍ବଲପୁର ବିଶ୍ୱବିଦ୍ୟାଳୟ ତଥା ଅନ୍ୟାନ୍ୟ ଗବେଷକମାନଙ୍କ ମତ ଅନୁଯାୟୀ ଏଠାରେ ରହିଛି କ୍ୟାନ୍‌ସର ଭଳି ମାରାତ୍ମକ ରୋଗର ଔଷଧ । ପରିବେଶ ଗବେଷକଙ୍କ ମତରେ ଏହି ପର୍ବତର ପ୍ରତି ଏକ ବର୍ଗଫୁଟ୍‌ରେ ଦେଖିବାକୁ ମିଳିଥାଏ ପ୍ରାୟ ୫୦ ପ୍ରକାରର ବିଭିନ୍ନ ପ୍ରଜାତିର ଔଷଧୀୟ ଗଛ । ମାତ୍ର ଏହି ଗଛଲତା ଏବେ ସୁରକ୍ଷିତ ନୁହେଁ । ଏହି ପର୍ବତରୁ ଅନେକ ଔଷଧୀୟ ଗଛ ଲୋପ ପାଇ ଗଲାଣି । ବର୍ତ୍ତମାନ ଶ୍ରୀ ଶ୍ରୀ ନୃସିଂହନାଥ ପୀଠର ଆଧୁନିକୀକରଣ ଓ ପର୍ଯ୍ୟଟନ ସ୍ଥଳୀ ବିସ୍ତାର ନିମନ୍ତେ ଗନ୍ଧମାର୍ଦ୍ଦନ ପର୍ବତର କିଛି ଅଂଶକୁ ଧ୍ୱଂସ କରାଯାଇଥିବା ଦେଖିବାକୁ ମିଳିଛି । ପଶ୍ଚିମ ଓଡ଼ିଶାରେ ଥିବା ପ୍ରାକୃତିକ ଔଷଧର ଗ୍ରନ୍ଥାଗାରକୁ ସଂରକ୍ଷିତ କରିବା ସରକାର ତଥା ଜନସାଧାରଣଙ୍କ ଗୁରୁଦାୟିତ୍ୱ ।

**–ପ୍ରଳୟ ବିଶ୍ୱାସ, ସମ୍ବଲପୁର, ୟୁନିଭର୍ସିଟି, ଜ୍ୟୋତି ବିହାର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଭବିଷ୍ୟର ଅନ୍ଧକାର–ପଥ ସେ ଯେ
କଲା ନିରାମୟ
ତବ ଅଭିଜ୍ଞତା ତହିଁ ଆଶୀର୍ବାଦ
ଦେଲା ବରାଭୟ ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ


झारखण्ड सरकार
GOVERNMENT OF JHARKHAND
हेमन्त सरकार का संवेदनशील प्रयास
जीवन रक्षा को मिली उड़ान
AIR AMBULANCE
AIR AMBULANCE
झारखण्ड की जनता के लिए पहली बार
एयर एम्बुलेंस सेवा का शुभारंभ
मुख्य अतिथि
श्री हेमन्त सोरेन
माननीय मुख्यमंत्री, झारखण्ड
दिनांक - 28.04.2023 | समय - अपराह्न 01:00 बजे
स्थान - स्टेट हैंगर, बिरसा मुंडा एयरपोर्ट, रांची
रांची तथा
देवघर | दुमका
बोकारो | धनबाद
जमशेदपुर | गिरिडीह
एयरपोर्ट पर भी एयर एम्बुलेंस सेवा होगी उपलब्ध
अधिकतम दो घंटे में
एयर एम्बुलेंस उड़ान हेतु होगा तैयार।
आपातकालीन उपकरणों सहित चिकित्सक के साथ सेवा होगी उपलब्ध
नागर विमानन प्रभाग से संपर्क करें -
+91 82105 94073
0651-4665515
airambulance.cad@gmail.com
सूचना एवं जनसम्पर्क विभाग, झारखण्ड सरकार
PR- 296109 (IPRD) 2023-24

# ୮୮ ବର୍ଷରେ ଓଡ଼ିଆ ସିନେମା

## ଓଲିଉଡ୍‌କୁ ଘାରିଛି ଆର୍ଥିକ ଚିନ୍ତା



ଭୁବନେଶ୍ୱର,୨୭।୪(ବ୍ୟୁରୋ)

ପ୍ରଥମ ଓଡ଼ିଆ ସିନେମା 'ସୀତା ବିବାହ'କୁ ଶୁକ୍ରବାର ୮୭ବର୍ଷ ପୂରିବାକୁ ଯାଉଛି। ଇତିମଧ୍ୟରେ ଓଡ଼ିଆ ସିନେମାର ମୋଡ଼ ବିଭିନ୍ନ କ୍ଷେତ୍ର ଦେଇ ଆଗକୁ ବଢ଼ିଛି। ୧୯୩୬ରେ ଓଡ଼ିଆ ସିନେମା ଜଗତକୁ ସେତେବେଳେ ୨୯ହଜାର ୭୮୧ଟଙ୍କା ୧୦ଅଣା ବଜେଟରେ ସୀତା ବିବାହ ଚଳଚ୍ଚିତ୍ର ଏକ ଆଶାର ମଞ୍ଜି ବୁଣିଥିଲା। ହେଲେ ଅବସୋସର କଥା ୮୮ବର୍ଷରେ ବି ଆଜି ଓଡ଼ିଆ ଚଳଚ୍ଚିତ୍ରକୁ ଅନେକ ପ୍ରଶ୍ନ ଘେରି ରହିଛି। ନିମ୍ନମାନର ଚଳଚ୍ଚିତ୍ର, ବିଷୟବସ୍ତୁ, କପି ଆଦିର ଅପବାଦରୁ ଧୀରେ ଧୀରେ ପୁନଃ ମୁଣ୍ଡ ଟେକୁଛି ଚଳଚ୍ଚିତ୍ର ଜଗତ। ସମ୍ପ୍ରତି ଯୁବ ନିର୍ଦ୍ଦେଶକ, ପ୍ରଯୋଜକ, କଳାକାରଙ୍କୁ ନେଇ ଅଣ୍ଟା ଭିଡ଼ିଛି ଓଡ଼ିଆ ସିନେମା। ଯଦିଓ ସିନେମା ଭଲ ଚାଲୁଛି, କିନ୍ତୁ ପ୍ରଯୋଜକ ପ୍ରେକ୍ଷାଳୟରୁ ଟଙ୍କା ପାଉନାହାନ୍ତି। ପ୍ରାପ୍ୟ ପାଇବାକୁ ବେଳେବେଳେ ବର୍ଷ ବର୍ଷ ବିତି ଯାଉଛି। ଅର୍ଥ ଅଭାବରୁ କଳାକାରଙ୍କୁ ମୂଲ୍ୟ ଦେଇପାରୁ ନାହାନ୍ତି ପ୍ରଯୋଜକ। ଫଳରେ ଟଙ୍କା ମିଳୁ ନ ଥିବା ଏବଂ ନିମ୍ନମାନର ବଜେଟ ପାଇଁ କଳାକାର ଓ ପ୍ରଯୋଜକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହୁଛି। ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ଚଳଚ୍ଚିତ୍ର ପ୍ରତି ସରକାର, ସଂସ୍କୃତି ବିଭାଗ ଏବଂ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ସେତେଟା ଧ୍ୟାନ ଦେଉ ନ ଥିବା ଜଣାପଡ଼ିଛି। ପ୍ରେକ୍ଷାଳୟ ସମସ୍ୟା, ସବ୍‌ସିଡି, ଆର୍ଥିକ ସହାୟତା ଭିତରେ ଏବେ ବି ଓଡ଼ିଆ ଚଳଚ୍ଚିତ୍ର ଜଗତ ଛନ୍ଦି ହୋଇ ରହିଛି।

### ଦୂରଦୃଷ୍ଟି ବିଚାରଯୋଗ୍ୟ

ଅନ୍ୟ ରାଜ୍ୟରେ ସିନେମା ଭଲ ଚାଲିଛି। କାରଣ ସେଠି ପ୍ରଯୋଜକଙ୍କୁ ସବ୍‌ସିଡି ଯୋଗାଇ ଦିଆଯାଉଛି। ଆମର ଏଠାରେ ବର୍ଷବର୍ଷ ଧରି ପ୍ରଯୋଜକମାନେ ଆର୍ଥିକ ସହାୟତାରୁ ବଞ୍ଚିତ ଅଛନ୍ତି। ସେହିପରି ଯେତେବେଳେ ତେଲୁଗୁର ବଡ଼ ବଜେଟର ଚଳଚ୍ଚିତ୍ର ପୁଷ୍ପା-୨ ଓଡ଼ିଶାର ପ୍ରାକୃତିକ ପରିବେଶ ଘେରରେ ନିର୍ମାଣ ଚାଲିଛି, ସେଠି ଆମ ସରକାର ଷ୍ଟୁଡିଓ ନିର୍ମାଣ ପାଇଁ ମାତ୍ର ୨୦୦କୋଟି ବିନିଯୋଗ କରିଛନ୍ତି। ତାହା ପୁଣି ଆଜିଯାଏ ହୋଇପାରୁନି। ତେଣୁ ବର୍ତ୍ତମାନ ବିଭାଗ, ନିଗମ ଓ ସରକାରଙ୍କ ଦୂରଦୃଷ୍ଟି ବିଚାରଯୋଗ୍ୟ। ପ୍ରଯୋଜକ ଯେତିକି ଟଙ୍କାରେ ଚଳଚ୍ଚିତ୍ର କରୁଛି ସେତିକି ମଧ୍ୟ ପାଉନି। ଏଭଳିସ୍ଥିତିରେ ପ୍ରଯୋଜକ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚଳଚ୍ଚିତ୍ର ନିର୍ମାଣ କରିବାକୁ ଭୟ କରୁଛି।



– ଦିଲ୍ଲୀପ ହାଲି, ସିନେ ସମୀକ୍ଷକ



ସୀତା ବିବାହ

### ସରକାରୀ ସ୍ତରରେ ଆର୍ଥିକ ସହାୟତା ଲୋଡ଼ା



ବର୍ତ୍ତମାନ ଓଡ଼ିଆ ଚଳଚ୍ଚିତ୍ର ପୁଣି ନିଜ ଅସ୍ତିତ୍ୱ ବଜାୟ ରଖିବାକୁ ଚେଷ୍ଟା ଚଳାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସରକାରୀସ୍ତରରେ ଆର୍ଥିକ ସହାୟତା ଯୋଗାଇବା ସହ ଚଳଚ୍ଚିତ୍ରକୁ ଘେରି ରହିଥିବା ବିଭିନ୍ନ ସମସ୍ୟାକୁ ସମାଧାନ କରିବା। ନିକଟରେ ପ୍ରଯୋଜକ ସଂଘ ପକ୍ଷରୁ ନିଗମର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀଙ୍କ ସହ ଆଲୋଚନା କରାଯାଇଥିଲା। ପୂର୍ବରୁ ନିଷ୍ପତ୍ତି ହୋଇଥିଲା ନିଗମ ଚଳଚ୍ଚିତ୍ର ବିତରଣରେ ସାହାଯ୍ୟ କରିବ। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇନାହିଁ। ନିଗମ ଏହା ବୁଝିବା ସହ ପ୍ରଯୋଜକ, ବିତରକ ଓ ପ୍ରେକ୍ଷାଳୟ ମାଲିକଙ୍କ ସହ ସହଯୋଗ ରଖିବା ଆବଶ୍ୟକ। ଏପରି କି ଚଳଚ୍ଚିତ୍ରର ଉନ୍ନତି ପାଇଁ ବୈଠକ, ପ୍ରେକ୍ଷାଳୟକୁ କମ୍ପ୍ୟୁଟରୀକରଣ, କଟକଠାରେ ଥିବା ସିଣ୍ଡିକେଟରେ ୱେବ୍‌ସାଇଟ ଖୋଲିବା, ନିୟମିତ ଚଳଚ୍ଚିତ୍ର କରୁଥିବା ବ୍ୟକ୍ତିବିଶେଷଙ୍କୁ ନିଗମର ପଦପଦବୀରେ ମନୋନୀତ କରିବା ଆଦି ପ୍ରସ୍ତାବ ପ୍ରଯୋଜକ ସଂଘ ପକ୍ଷରୁ ଦିଆଯାଇଛି।

–ସ୍ମିତ ପଟ୍ଟନାୟକ,
ପ୍ରଯୋଜକ ତଥା ନିର୍ଦ୍ଦେଶକ



### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୭।୦୪।୨୦୨୩

| ୩,୫୭, ୪୫୮ ଟଙ୍କା | |
|---|---|
| ସୁନା | ୨.୪୦୦ ଗ୍ରାମ୍ |
| ରୁପା | ୨୭.୨୦୦ ଗ୍ରାମ୍ |




ସଂଭାବନା ପକ୍ଷରୁ ଗୁରୁବାର ସୂଚନା ଭବନଠାରେ ଆୟୋଜିତ ଶ୍ରେଷ୍ଠ ଓଡ଼ିଆଣୀ ଉତ୍ସବ ଏବଂ ଓଡ଼ିଆ ସ୍ୱାଭିମାନ ସମାରୋହରେ ଅତିଥିଙ୍କ ଗହଣରେ 'ଶ୍ରେଷ୍ଠ ଓଡ଼ିଆଣୀ' ହୋଇଥିବା ସୌଭାଗ୍ୟଲକ୍ଷ୍ମୀ ମହାନ୍ତି ଓ 'ସହ ଶ୍ରେଷ୍ଠ ଓଡ଼ିଆଣୀ' ଜ୍ୟୋତ୍ସ୍ନାରାଣୀ ପାତ୍ର।

## ସୌଭାଗ୍ୟଲକ୍ଷ୍ମୀ 'ଶ୍ରେଷ୍ଠ ଓଡ଼ିଆଣୀ'

### ସହ ଶ୍ରେଷ୍ଠ ଓଡ଼ିଆଣୀ ହେଲେ ଜ୍ୟୋତ୍ସ୍ନାରାଣୀ

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ସମ୍ଭାବନା ପକ୍ଷରୁ ଗୁରୁବାର ସୂଚନା ଭବନଠାରେ ଶ୍ରେଷ୍ଠ ଓଡ଼ିଆଣୀ ଉତ୍ସବ ଏବଂ ଓଡ଼ିଆ ସ୍ୱାଭିମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ୧୨ଟି ପର୍ଯ୍ୟାୟରେ ପ୍ରତିଯୋଗିତା ପରେ ଚଳିତବର୍ଷର 'ଶ୍ରେଷ୍ଠ ଓଡ଼ିଆଣୀ' ହୋଇଛନ୍ତି ସୌଭାଗ୍ୟଲକ୍ଷ୍ମୀ ମହାନ୍ତି। ସେହିପରି ଜ୍ୟୋତ୍ସ୍ନାରାଣୀ ପାତ୍ର 'ସହ ଶ୍ରେଷ୍ଠ ଓଡ଼ିଆଣୀ' ହେବାର ଗୌରବ ଅର୍ଜନ କରିଛନ୍ତି। ରୁପା ତାରକସିର କୋଣାର୍କ ଚକ୍ର ଓ ଖଣ୍ଡୁଆ ଶାଢ଼ି ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପୂର୍ବତନ ଏମ୍‌ପି ସ୍ୱର୍ଗତ ନରେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଗଠିତ ନରେନ୍ଦ୍ର ପ୍ରଧାନ ଫାଉଣ୍ଡେଶନ ପକ୍ଷରୁ ତାଙ୍କ ପୁତ୍ର ପିଙ୍କୀଶ୍ ପ୍ରଧାନଙ୍କ ଉପସ୍ଥିତିରେ ଶ୍ରେଷ୍ଠ ଓଡ଼ିଆଣୀଙ୍କୁ ୨୫ହଜାର ଟଙ୍କା ଓ ସହ ଶ୍ରେଷ୍ଠ ଓଡ଼ିଆଣୀଙ୍କୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ସାହିତ୍ୟିକ ଦାଶ ବେନହୁର, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ, ଦିନଲିପିର ସମ୍ପାଦିକା ଅନ୍ନପୂର୍ଣ୍ଣା ଦାଶ, କସ୍ତୁରିକା ପଟ୍ଟନାୟକ ଓ ୨୦୨୨ର ଶ୍ରେଷ୍ଠ ଓଡ଼ିଆଣୀ ବେବିରାଣୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱାଭିମାନ ଦିବସ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ ପରିଚାଳନା ଟ୍ରଷ୍ଟି ତଥା ସମ୍ପାଦକ ଦେବ ପ୍ରସାଦ ପରିଜା କହିଲେ, ଓଡ଼ିଶାର ଭୂଗୋଳକୁ ରାଜନୈତିକ ମାନଚିତ୍ରରେ ପରିଣତ କରି ପ୍ରଥମ ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟର ରୂପକାର ଓଡ଼ିଆ ଜାତିର ଅସ୍ମିତା ଓ ପରିଚୟର ପୁନଃସ୍ଥାପକ ହେଉଛନ୍ତି ମଧୁବାବୁ। ସଂଭାବନାର ଟ୍ରଷ୍ଟି ସ୍ମିତି ମହାନ୍ତି ପ୍ରତିଯୋଗିତାରେ ପ୍ରଥମ ଶ୍ରେଷ୍ଠ ୧୦ ସ୍ଥାନ ଅଧିକାର କରିଥିବା ଓଡ଼ିଆଣୀ ଭାବେ ମାନସୀ ରାଉତରାୟ, ଜ୍ୟୋତ୍ସ୍ନାମୟୀ ସେନାପତି, ସୌଦାମିନୀ ମହାନ୍ତି, ବିଦ୍ୟାଶ୍ରୀ ଦାଶ, ମୋନାଲିସା ଓଝା, ସୁଜାତା ପାତ୍ର, ମଧୁସ୍ମିତା ପଟ୍ଟନାୟକ, ସୁଭଦ୍ରା କୁମାରୀ ସୁବୁଦ୍ଧି ପ୍ରମୁଖଙ୍କ ନାମ ଘୋଷଣା କରିଥିଲେ। ଝୋଟି, ପିଠା, ଶଙ୍ଖଫୁଙ୍କା, ଢଗ ଢମାଳି, ପାରମ୍ପରିକ ସଙ୍ଗୀତ, ପାନଭଙ୍ଗା, ପୁରାଣ ଆବୃତ୍ତି, ମୁରୁଜ, ହୁଳହୁଳି, ଓଡ଼ିଆ ଭାଷାଜ୍ଞାନ, ଦଳଗତ ଆଲୋଚନା ଏବଂ ଓଡ଼ିଆଣୀ ବେଶଭୂଷା ଆଦି ପ୍ରତିଯୋଗିତାରେ ପ୍ରଥମ ୩ ସ୍ଥାନରେ ଥିବା ୨୯ଜଣ କୃତୀ ଓଡ଼ିଆଣୀଙ୍କୁ ମଧ୍ୟ ସ୍ମାରକୀ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟି ସ୍ମିତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ ଧକ୍କାରେ ଅଧ୍ୟାପକଙ୍କ ମୃତ୍ୟୁ

ବୋଲଗଡ଼,୨୭।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସମ୍ମୁଖ ୫୭ ନମ୍ବର ଜାତୀୟ ରାଜପଥରେ ଗୁରୁବାର କାର୍ ଧକ୍କାରେ ଜଣେ ଅଧ୍ୟାପକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପରମାନନ୍ଦ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଦୀପ ମିଶ୍ର। ତାଙ୍କ ନିଜ ଘର ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୈବଲ୍ୟପୁର ଗ୍ରାମରେ। ସୂଚନା ମୁତାବକ, ଅଧ୍ୟାପକ ମିଶ୍ର ମଧ୍ୟାହ୍ନରେ ସ୍କୁଟିରେ କଲେଜ କାମରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟକୁ ଯାଉଥିଲେ। ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଯାଉଥିବା କାର୍ (ଓଡି୦୨ ବିଜେ ୫୨୯୨) ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗ ସହାୟତାରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୋଲଗଡ଼ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଚଳାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ହେମନ୍ତ ମହାପାତ୍ର ଓ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ସମେତ ଅଧ୍ୟାପକମାନେ ମାଲ୍ୟାର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିବା ଜଣାପଡ଼ିଛି।



ପ୍ରଦୀପ ମିଶ୍ର

### ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସାଇଶକ୍ତି ମହିଳା ସମିତି, ସତ୍ୟନଗର ଲେଡିଜ୍ ଫୋରମ୍ ଏବଂ ଆପୋଲୋ ହସ୍ପିଟାଲର ମିଳିତ ସହଯୋଗରେ ସ୍ୱାସ୍ଥ୍ୟସେବା ଶିବିର, ବଡ଼ଗଡ଼ ବ୍ରାଇଟଷ୍ଟାର କ୍ଲବ ପରିସର, ସକାଳ ୭ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ, ରାଜଭବନ ଛକ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା।
- ଆମ ପରିଚୟର ୧୮ତମ ସ୍ୱନକ୍ଷତ୍ର ଉତ୍ସବ ଓ ସମ୍ମାନପ୍ରଦାନ ସମାରୋହ, ରବି ଟକିଜ୍ ନିକଟ ରାଧାବଲ୍ଲଭ ମଠ ପରିସର, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ରାଜ୍ୟ ଉଜ୍ଜ୍ୱଳା ଦିଦି ସଂଘ ପକ୍ଷରୁ ଧାରଣା ଶୋଭାଯାତ୍ରା, କଂଗ୍ରେସ ଭବନ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଅଗ୍ରଣୀ ଅନୁଷ୍ଠାନ ଏଚ୍‌ଡିଆଇ, ଫିନିକ୍ସ ସେବା, ମାଟି ଭାଷା ଓ ହେଲ୍ମେଟ୍ ମିଳିତ ଆନୁକୂଲ୍ୟରେ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ, ବୁଦ୍ଧ ମନ୍ଦିର, ୟୁନିଟ୍-୯, ପୂର୍ବାହ୍ନ ୧୦ଟା ୩୦।
- ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ, ସୂଚନା ଭବନ, ମଧ୍ୟାହ୍ନ ୧୨ଟା।
- ପ୍ରଥମ ଓଡ଼ିଆ ସିନେମା 'ସୀତା ବିବାହ'ର ୮୮ବର୍ଷ ଉପଲକ୍ଷେ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ସିନେକ୍ରିଟିକ୍ ସମ୍ମାନ ପ୍ରଦାନ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା।
- ଆମ ଓଡ଼ିଶା ଓ ସମ୍ବାଦ ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ, ୪ ଆର୍ ୧/୨, ଖାରବେଳନଗର, ୟୁନିଟ୍-୩, ସନ୍ଧ୍ୟା ୬ଟା ୩୦।

କଟକ

- ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ପକ୍ଷରୁ ଓଡ଼ିଶାର ପ୍ରଥମ ଓଡ଼ିଆ କଥାଚିତ୍ରର ୮୭ତମ ବାର୍ଷିକୀ, ନିଗମ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା ୩୦।
- ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ସ୍କୁଲ ପରିସର, ସନ୍ଧ୍ୟା ୬ଟା।

## ମନୋଜ ଦାସଙ୍କ ଅନ୍ୱେଷାର ମାଧ୍ୟମ 'କଥା ଓ କାହାଣୀ'

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା

### ଶଙ୍ଖାରୀ ହେବ ଆଧୁନିକ ଭାରତର ସାରସ୍ୱତ ତୀର୍ଥକ୍ଷେତ୍ର

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ଭାରତ କେବଳ ଏକ ଭୌତିକ ଅବସ୍ଥିତି ନୁହେଁ, ବରଂ ଏହାର ଏକ ସୂକ୍ଷ୍ମ ସତ୍ତା ରହିଛି। ବାଲ୍ମୀକି, ବ୍ୟାସ, ଶଙ୍କରାଚାର୍ଯ୍ୟ, କବୀର, ନାନକ, ଚୈତନ୍ୟ, ଅତିବଡ଼ୀ ଜଗନ୍ନାଥ ଦାସ, ବିବେକାନନ୍ଦ ଓ ଶ୍ରୀଅରବିନ୍ଦଙ୍କ ଭଳି ମନୀଷୀମାନେ ସେହି ସୂକ୍ଷ୍ମ ସତ୍ତାକୁ ଅନ୍ୱେଷଣ କରିଛନ୍ତି। ସେମାନଙ୍କ ଭଳି ଯଶସ୍ୱୀ ଲେଖକ ତଥା ଅଧ୍ୟାତ୍ମ ପଥର ଯାତ୍ରୀ ମନୋଜ ଦାସ ମଧ୍ୟ ସେହି ସୂକ୍ଷ୍ମ ସତ୍ତାର ଅନ୍ୱେଷଣର ବ୍ରତୀ ଥିଲେ। ଆଉ ତାଙ୍କର ସେହି ଅନ୍ୱେଷାର ମାଧ୍ୟମ ଥିଲା 'କଥା ଓ କାହାଣୀ'। ଆମେ ମଧ୍ୟ ତାଙ୍କଠାରୁ ପ୍ରେରଣା ନେଇ ନିଜ ନିଜ ବାଟରେ ସେହି ଅନନ୍ତ ଅନ୍ୱେଷଣରେ ଅଗ୍ରସର ହୋଇ ପାରିବା। କାରଣ ସେହି ଅନ୍ୱେଷା ଏକ ଘଟଣା ନୁହେଁ, ଏକ ପ୍ରକ୍ରିୟା ବୋଲି ରାଷ୍ଟ୍ରପତିଙ୍କ ଅତିରିକ୍ତ ଗଣମାଧ୍ୟମ ସଚିବ ବିଜୟ ନାୟକ ପ୍ରକାଶ କରିଛନ୍ତି। ଗୁରୁବାର ମନୋଜ ଦାସ ସ୍ମୃତି ସଂସଦ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ପଦ୍ମଭୂଷଣ ମନୋଜ ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ସଂସଦ ସଭାପତି କଥାକାର ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତିସଭାକୁ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ, ମନୋଜ ଦାସଙ୍କ ସ୍ମୃତିରେ ରାଜ୍ୟ ସରକାର ଲେଖକଙ୍କ ଗାଁରେ ଯେଉଁ ଭବ୍ୟ ସ୍ମାରକୀ ନିର୍ମାଣ କରୁଛନ୍ତି, ତାହା ଅଳ୍ପ ଦିନ ମଧ୍ୟରେ ଶେଷ ହେବ। ଶଙ୍ଖାରୀ ହେବ ଆଧୁନିକ ଭାରତର ସାରସ୍ୱତ ତୀର୍ଥକ୍ଷେତ୍ର। ଅଧ୍ୟାପକ ବିଶ୍ୱରଞ୍ଜନ କହିଲେ, ସାରସ୍ୱତ ପୁରୁଷ ମନୋଜ ଦାସ ବ୍ୟକ୍ତିରୁ ବିଚାରରେ ପରିଣତ ହୋଇଯାଇଥିଲେ। ଆଉ ତାଙ୍କ ବିଚାର ଥିଲା ମହତ୍ତର ଆଧ୍ୟାତ୍ମିକତା। ତାଙ୍କ କବିତାରେ ଅଛି ଖରା ଓ ଜ୍ୟୋତ୍ସ୍ନାର ପୁଲକପ୍ରଦ ଅନୁଭବ। ସଂସଦର ସାଧାରଣ ସମ୍ପାଦକ ଗୌତମବୁଦ୍ଧ ଦାସ ସମ୍ପାଦକୀୟ ବିବରଣୀ, ସମ୍ପାଦକ ସରୋଜ ବଳ ସ୍ୱାଗତ ଭାଷଣ ଓ ସହ ସମ୍ପାଦକ ଅମିତାଭ ଖୁଣ୍ଟିଆର ଧନ୍ୟବାଦ ଅର୍ପଣ କରିଥିଲେ।




ପଦ୍ମଭୂଷଣ ମନୋଜ ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭାରେ ରାଷ୍ଟ୍ରପତିଙ୍କ ଅତିରିକ୍ତ ଗଣମାଧ୍ୟମ ସଚିବ ବିଜୟ ନାୟକ ଓ ଅତିଥିମାନେ।

### ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦେବାଶିଷ



@ ସୂର୍ଯ୍ୟନାରାୟଣ



@ ରବୀନ୍ଦ୍ର



@ ଦିବ୍ୟରଞ୍ଜନ



@ ରୋମି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

### ଭ୍ରମ ସଂଶୋଧନ

ଧରିତ୍ରୀର ୨୬।୪।୨୦୨୩ ମେଟ୍ରୋ ସଂସ୍କରଣର ପୃଷ୍ଠା-୧୦ରେ 'କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର' ଶୀର୍ଷକ ଏକ ପାଠ ପ୍ରକାଶିତ ହୋଇଛି। ହେଲେ ଏଥିରେ ଭୁଲ୍‌ବଶତଃ ଅନ୍ୟ ଜଣଙ୍କ ଫଟୋ ଛପା ଯାଇଛି। ଏହି ପାଠରେ ଛପାଯାଇଥିବା ଯୁବକଙ୍କ ଫଟୋ କୌଶିକ ନାୟକଙ୍କର ନୁହେଁ, ବରଂ ଏହା ବଜ୍ରାଘାତରେ ପ୍ରାଣ ହରାଇଥିବା ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆ ଗ୍ରାମ ସାତଘରିଆ ସାହିର ଅମରେନ୍ଦ୍ର ଛୋଟରାୟ ଓରଫ ବାବୁଲିଙ୍କର। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

## ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ୍ ଟେଲିଭିଜନ୍ ଇନ୍‌ଷ୍ଟିଚ୍ୟୁଟ୍ ବୁଲିଲେ ମନ୍ତ୍ରୀ

**କଟକ ଅଫିସ, ୨୭।୪:** ଗ୍ରାମ ଉନ୍ନୟନ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଗୁରୁବାର କଟକ ଯୋବ୍ରାସ୍ଥିତ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ୍ ଟେଲିଭିଜନ୍ ଇନଷ୍ଟିଚ୍ୟୁଟ୍ ପରିଦର୍ଶନ କରିଥିଲେ। ସେଠାକାର ପାଠପଢ଼ା ଓ ଟ୍ରେନିଂ ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଇନ୍‌ଷ୍ଟିଚ୍ୟୁଟ୍ ଭିତ୍ତିଭୂମିର ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ର ଓ ପୁରାତନ ଛାତ୍ରମାନେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସିନେମା, କ୍ୟାମେରା ଏବଂ ଭିଡିଓ ଏଡିଟିଂ ଜଗତରେ ଉକ୍ତ ଇନ୍‌ଷ୍ଟିଚ୍ୟୁଟର ଖ୍ୟାତି ରହିଛି ବୋଲି ସେ କହିଥିଲେ। ଦେଶର ଏହି ପ୍ରତିଷ୍ଠିତ ଅନୁଷ୍ଠାନକୁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ଗଢ଼ି ତୋଳିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ।



ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ୍ ଟେଲିଭିଜନ୍ ଇନ୍‌ଷ୍ଟିଚ୍ୟୁଟ୍ ପରିଦର୍ଶନରେ ଆସିଥିବା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ।

## ସଂକ୍ଷେପରେ

### ଭତ୍ତା ଟଙ୍କା ବୃଦ୍ଧି ପାଇଁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ, ୨୭।୪: ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତା ଟଙ୍କା ବୃଦ୍ଧି ସହ ସିଧାସଳଖ ଭତ୍ତା ଦେବାକୁ ଗଡ଼ଭିଙ୍ଗୁରା ଓ ଇଡିଭୂଆଁ ପଞ୍ଚାୟତର ହିତାଧିକାରୀମାନେ ଦାବି କରିଛନ୍ତି। ଏ ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବା ସହ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ମହାସଂଘର ଆବାହକ ମାନସ କୁମାର ପ୍ରଧାନ କହିଛନ୍ତି, ଅନ୍ୟ ରାଜ୍ୟରେ ହିତାଧିକାରୀମାନେ ମାସକୁ ୨ ହଜାର ଟଙ୍କାରୁ ଅଧିକ ପାଉଥିବାବେଳେ ରାଜ୍ୟ ସରକାର ବହୁତ କମ୍ ଅର୍ଥ ଦେଉଛନ୍ତି। ୬୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସରକାର ୫ଶହ ଏବଂ ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୭ ଶହ ଟଙ୍କା ଦେଉଛନ୍ତି। ଏହାକୁ ହିସାବ କଲେ ଦିନକୁ ୧୭ ଓ ୨୩ ଟଙ୍କା ମିଳୁଛି। ଏହା ସମୁଦ୍ରକୁ ଶଙ୍ଖେ ସଦୃଶ। ତେଣୁ ଭତ୍ତା ଟଙ୍କା ୨ ହଜାରକୁ ବୃଦ୍ଧି କରାଯିବା ସହ ପ୍ରତି ମାସ ୧୫ ତାରିଖରେ ପ୍ରତ୍ୟେକ ୱାର୍ଡରେ ଭତ୍ତା ପ୍ରଦାନ କରାଯାଉ। ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ମଧୁବାବୁ ପେନ୍‌ସନ୍ ଯୋଜନାରେ ତାଲିକାଭୁକ୍ତ କରିବା ଓ ବୟସ ସୀମା ନ ରଖି ସମସ୍ତଙ୍କୁ ସମାନ ପରିମାଣର ଭତ୍ତା ଦେବାକୁ ଦାବି କରାଯାଇଛି। ଯଦି ସରକାର ଦାବି ପୂରଣ ନ କରନ୍ତି, ତେବେ ଆଗାମୀ ଦିନରେ ଗୋପ ବ୍ଲକ୍‌ର ୧୧ ନମ୍ବର ଜୋନ୍‌ରେ ହେବାକୁ ଥିବା ଜିଲାପରିଷଦ ନିର୍ବାଚନକୁ ବର୍ଜନ କରାଯିବ ବୋଲି ପ୍ରଧାନ କହିଛନ୍ତି।

### ବେଦାନ୍ତଠାରୁ ଅର୍ଥ ଫେରସ୍ତ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ସ୍ମାରକପତ୍ର

ପୁରୀ ଅଫିସ, ୨୭।୪: ଦୀର୍ଘ ୧୭ବର୍ଷ ଧରି ଭୋଗଦଖଲରେ ରହି ପ୍ରଜାଙ୍କ ଫସଲ ଆୟ ବିକ୍ରି କରିଥିବା ବେଦାନ୍ତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅନିଲ ଅଗ୍ରୱାଲ ଫାଉଣ୍ଡେଶନଠାରୁ ତୁରନ୍ତ ଅର୍ଥ ଆଦାୟ କରି ପ୍ରଜାଙ୍କୁ ଦେବା ପାଇଁ ସରକାର ପଦକ୍ଷେପ ନେବାକୁ ଓଡ଼ିଶା ଯୁବ ଚେତନା ସଙ୍ଗଠନ ଦାବି କରିଛି। ଗୁରୁବାର ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ଏନେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମିଶ୍ର ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ୨୦୦୬ରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଜାଙ୍କ ଜମି ଅଧିଗ୍ରହଣ ହେବା ପରଠାରୁ ଫାଉଣ୍ଡେଶନ ଜମିର ସମସ୍ତ ଆୟ ନେଇ ଚାଲିଥିଲା। ସୁପ୍ରିମକୋର୍ଟ ଏବେ ଏହି ଅଧିଗ୍ରହଣକୁ ବେଆଇନ କହିବା ପରେ ସରକାର ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଠାରୁ ଏ ଅର୍ଥ ଆଦାୟ କରି ପ୍ରଜାଙ୍କୁ ଦେବା ସହ ଜମି ଫେରାଇବା ଦରକାର ବୋଲି ମିଶ୍ର କହିଛନ୍ତି।

### ଭୋଟରଙ୍କୁ ଭେଟିଲେ ଗଣଶିକ୍ଷା ମନ୍ତ୍ରୀ

ଗୋପ,୨୭।୪(ଡିଏନଏ)- ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ଭୋଟରଙ୍କୁ ଭେଟିବା ସହିତ ନିର୍ବାଚନ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । ଏପରି କି ମନ୍ତ୍ରୀ ଦାଶ ସୁବର୍ଣ୍ଣପୁର ଛକରେ ଥିବା ଏକ ଜଳଖିଆ ଦୋକାନରେ ବସି ବିଭିନ୍ନ ପଞ୍ଚାୟତ ଓ ଗ୍ରାମର ଭୋଟରଙ୍କୁ ଭେଟିବା ସହିତ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ମନ୍ତ୍ରୀ ଦାଶ ଦୀର୍ଘ ୪୦ ବର୍ଷ ରାଜନୈତିକ ଜୀବନ କାଳ ମଧ୍ୟରେ ନିମାପଡ଼ା - ଗୋପ ନିର୍ବାଚନ ମଣ୍ଡଳୀ ମଧ୍ୟରେ ରହିଥିବା ସାଧାରଣ ଲୋକଙ୍କ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । କଲେଜ ଜୀବନ ରାଜନୈତିକରୁ ଆସିଥିବା ଦାଶ ସରପଞ୍ଚରୁ ମନ୍ତ୍ରୀ ପର୍ଯ୍ୟନ୍ତ ଆସିଥିବା ବେଳେ ୨୪ ଘଣ୍ଟାରୁ ୧୮ ଘଣ୍ଟା ଲୋକଙ୍କ କାମରେ ବ୍ୟସ୍ତ ରହିଥାନ୍ତି। ଧର୍ମେନ୍ଦ୍ର ସାହୁଙ୍କ ଅକାଳ ମୃତ୍ୟୁ ପରେ ଗୋପ ବ୍ଲକର ୧୧ ନମ୍ବର ଜିଲା ପରିଷଦ ଉପ ନିର୍ବାଚନ ମେ ୨ରେ ହେବାକୁ ଥିବାବେଳେ ମନ୍ତ୍ରୀ ଦାଶ ମଧ ବୁଧବାର ଲୋକଙ୍କୁ ଭେଟିବା ସହିତ ବିଭିନ୍ନ କାମ ସମ୍ପର୍କରେ ଆଲୋଚନା କରିଥିଲେ। ଏ ନେଇ ମନ୍ତ୍ରୀ ଦାଶଙ୍କୁ ପଚାରିବାରେ ମୁଁ ସବୁ ମଣିଷଙ୍କୁ ଭଲ ପାଏ। ମୋର ଏପରି କାର୍ଯ୍ୟ ସବୁଦିନିଆ ବୋଲି କହିଥିଲେ ।

# ଲଟେରି ମାଧ୍ୟମରେ ଦୋକାନ ଗୃହ ଆବଣ୍ଟନକୁ ବିରୋଧ

ପୁରୀ ଅଫିସ,୨୭।୪

ରାଜ୍ୟ ସରକାର ପୁରୀକୁ ଐତିହ୍ୟ ନଗରୀରେ ପରିଣତ କରିବା ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। ପ୍ରକଳ୍ପ ମଧ୍ୟରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଅନ୍ୟତମ। ତେବେ ଏହି ପରିକ୍ରମା ପ୍ରକଳ୍ପ ପାଇଁ ଜମି ଦାନ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେବା ସହ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ନବୀକରଣ ପାଇଁ ପ୍ରଶାସନ ମାର୍କେଟଛକ ମାର୍କେଟ ଓ ମୋଚିସାହି ମାର୍କେଟକୁ ଉଚ୍ଛେଦ କରାଯାଇଥିଲା। ପ୍ରତିଶ୍ରୁତି ପାଇବା ପରେ କ୍ଷତିଗ୍ରସ୍ତମାନେ ସେମାନଙ୍କର ଦୋକାନ ଛାଡିଥିଲେ। ପରେ ପୁରୀରେ ୩ଟି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେଉଛି। ଏହି କମ୍ପ୍ଲେକ୍ସଗୁଡିକ ଖୁବ୍‌ଶୀଘ୍ର ଲୋକାର୍ପିତ ହେବାସହ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଏଠାରେ ଥଇଥାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରି ଦୋକାନ ଆବଣ୍ଟନ ନେଇ ଗୁରୁବାର ଟାଉନ ହଲ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କ୍ଷତିଗ୍ରସ୍ତ ଦୋକାନୀମାନେ ଦୋକାନ ଘର ଆବଣ୍ଟନ ନେଇ ପ୍ରସ୍ତାବ ଦେଇଛନ୍ତି।

ନିଷ୍ପତ୍ତି ଅନୁଯାୟୀ, ପୌରପାଳିକା ପକ୍ଷରୁ ସ୍ଥିରୀକୃତ ହୋଇଥିବା ଭଡ଼ା ଓ ଅଗ୍ରୀମ ଜମା ରାଶି ଦେଇ ବିସ୍ଥାପିତ ଦୋକାନୀମାନେ ଦୋକାନ ଘର ନେଇପାରିବେ। ମଠଠାରୁ ଭଡ଼ା ନେଇଥିବା ଦୋକାନୀମାନେ ଦୋକାନ ପାଇଁ ମଠ ମହନ୍ତଙ୍କ ସହ ଚୁକ୍ତି କରିବେ। ତେବେ ବ୍ୟକ୍ତିଗତ ଜମି ଥିବା ଦୋକାନୀଙ୍କୁ ଭଡ଼ା କିମ୍ବା ଅଗ୍ରୀମ ରାଶି ଦେବାକୁ ପଡିବ ନାହିଁ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଓ ବଡ଼ଦାଣ୍ଡରୁ ବିସ୍ଥାପିତ ହୋଇଥିବା ଦୋକାନୀଙ୍କୁ ମାର୍କେଟ ଛକସ୍ଥିତ ମାର୍କେଟ କମ୍ପ୍ଲେକ୍ସରେ ଥଇଥାନ ପାଇଁ ବିସ୍ଥାପିତମାନେ ଦାବି କରିଛନ୍ତି। ତେବେ ସରକାରଙ୍କ ପକ୍ଷରୁ ନିର୍ମାଣ କରାଯାଉଥିବା ୩ଟି ମାର୍କେଟ କମ୍ପ୍ଲେକ୍ସ ରଥଯାତ୍ରା ପୂର୍ବରୁ ଲୋକାର୍ପିତ ହେବ। ବିସ୍ଥାପିତ ହୋଇଥିବା ଦୋକାନୀଙ୍କୁ ଏଠାରେ ଥଇଥାନ କରାଯିବ ବୋଲି ପ୍ରଶାସନ ସୂଚନା ଦେଇଛନ୍ତି। କିନ୍ତୁ ଦୋକାନ ଆବଣ୍ଟନକୁ ନେଇ କେତେଜଣ ବ୍ୟବସାୟୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଫଳରେ ପ୍ରଶାସନ ଓ ବିସ୍ଥାପିତ ଦୋକାନୀଙ୍କ ମଧ୍ୟରେ ହୋଇଥିବା ବୈଠକରେ କୌଣସି ନିଷ୍ପତ୍ତି ବାହାରି ନାହିଁ। ପୁଣି ବୈଠକ ହୋଇ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଓବିସିସିର ବରିଷ୍ଠ ଅଧିକାରୀ ପ୍ରଭାତ ପାଣିଗ୍ରାହୀ ଏବଂ ଅନ୍ୟ ଅଧିକାରୀଙ୍କ ସହ ବିସ୍ଥାପିତ ହୋଇଥିବା ୨୦୦ରୁ ଅଧିକ ଦୋକାନୀ ଉପସ୍ଥିତ ଥିଲେ। ସେହିପରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଚ୍ଛେଦ ସମୟରେ ଦୋକାନ ଭଙ୍ଗାଯାଇଥିବା ମଠର ମହନ୍ତ ମଧ ଉପସ୍ଥିତ ଥିଲେ।

ତେବେ ଦୋକାନ ବଣ୍ଟନ ନୀତିରେ ସ୍ୱଚ୍ଛତା ନ ଥିବା ନେଇ ବୈଠକରେ ଅଭିଯୋଗ ହୋଇଥିଲା। ମାର୍କେଟ ଛକ ମାର୍କେଟ କମ୍ପ୍ଲେକ୍ସରେ ଦେକାନ ପାଇବାକୁ ସମସ୍ତେ ଆଶା ବାନ୍ଧି ବସିଛନ୍ତି। ପୂର୍ବରୁ ଏଠାରେ ଦୋକାନ କରିଥିବା ଦୋକାନୀଙ୍କୁ ପ୍ରାଥମିକତା ଭିତ୍ତିରେ ଦୋକାନ ଘର ମିଳିବ। ପରେ ବଳକା ଦୋକାନକୁ ଅନ୍ୟଙ୍କୁ ବଣ୍ଟାଯିବ ବୋଲି ନିଷ୍ପତ୍ତି ହୋଇଛି। ତେବେ ଉକ୍ତ କମ୍ପ୍ଲେକ୍ସରେ ପରିକ୍ରମା ପ୍ରକଳ୍ପ ବିସ୍ଥାପିତ ଦୋକାନୀ ଦୋକାନ ନେବା ପାଇଁ ଦାବି କରୁଛନ୍ତି। ହେଲେ ଲଟେରି ମାଧ୍ୟମରେ ସେମାନଙ୍କୁ ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ବଣ୍ଟାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ତେବେ ଏହି ନିଷ୍ପତ୍ତିକୁ ଦୋକାନୀମାନେ ବିରୋଧ କରିଛନ୍ତି। ପରିକ୍ରମା ପ୍ରକଳ୍ପ ପାଇଁ ଉଚ୍ଛେଦ ସମୟରେ ତତ୍କାଳୀନ ଜିଲାପାଳ ସେମାନଙ୍କୁ ମାର୍କେଟ ଛକ କମ୍ପ୍ଲେକ୍ସରେ ଥଇଥାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ବୋଲି ଦୋକାନୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷେ ପରିକ୍ରମା ପ୍ରକଳ୍ପ ବିସ୍ଥାପିତଙ୍କୁ ସିଧାସଳଖ ଦୋକାନ ନ ଦେଇ ମଠାଧୀଶମାନଙ୍କ ମାଧ୍ୟମରେ ଦୋକାନ ଦେବାକୁ ମଧ ବୈଠକରେ ବିରୋଧ ହୋଇଛି। ବୈଠକରେ ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ପୋଲିସ ମୁତୟନ ରହିଥିଲେ।



ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଏବଂ ଅନ୍ୟମାନେ ।

**ବିସ୍ଥାପିତଙ୍କୁ ଦୋକାନ ଆବଣ୍ଟନ ସମ୍ପର୍କିତ ବୈଠକ**


କୋଣାର୍କ ଭଗବତୀ ବିହାରସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

### ଜବାହର ନବୋଦୟ ବିଦ୍ୟାଳୟର ବାର୍ଷିକୋତ୍ସବ

କୋଣାର୍କ,୨୭।୪(ଡି.ଏନ୍.ଏ.):

କୋଣାର୍କ ଭଗବତୀ ବିହାରସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ପରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ନୃସିଂହଚରଣ କରଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଅତିଥି ଭାବେ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅବତାର ମିଶ୍ର, ନବୋଦୟ ନେତୃତ୍ୱ ସଂସ୍ଥାନର ନିର୍ଦ୍ଦେଶିକା କୁସୁମ ସିଂହ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ କର ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ବିଜ୍ଞାନ ଉଦ୍ୟାନକୁ ଉଦ୍‌ଘାଟନ କରାଯାଇଥିଲା। ପରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ରବୀନ୍ଦ୍ରନାଥ ଦାସ ସଂଯୋଜନା କରିଥିଲେ।

### ନାମ ସଂକୀର୍ତ୍ତନ ମହୋତ୍ସବ ଉଦ୍‌ଯାପିତ

କଣାସ,୨୭।୪(ସ୍ୱ.ପ୍ର.)

ଗଡ଼ସାନପୁଟ ପଞ୍ଚାୟତ ଲୋକାମାଳ ଗ୍ରାମର ଭାଗବତ ଟୁଙ୍ଗିରେ ଶ୍ରୀଭାଗବତ ବାସୁଦେବ ପ୍ରତିମା ଓ ଶ୍ରୀମଦ୍‌ଭାଗବତ ଦେବଙ୍କ ମହୋତ୍ସବ ଉପଲକ୍ଷେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଛି। ଅଖପାଖର ପ୍ରତିଷ୍ଠିତ ଗାୟକଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯିବା ସହ ବୁଧବାର ନଗରକୀର୍ତ୍ତନ କରାଯାଇ ମହୋତ୍ସବ ଉଦ୍‌ଯାପିତ ହୋଇଥିଲା। ଗ୍ରାମବାସୀ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ।

# କବାଡ଼ିଆଙ୍କୁ ବହି ବିକିଦେଲେ ଶିକ୍ଷକ

ବ୍ରହ୍ମଗିରି,୨୭।୪(ଡି.ଏନ୍.ଏ.):

**ପିଲାଙ୍କ ପାଠପଢ଼ା ପାଇଁ ଯୋଗାଇ ଦେଇଥିଲେ ସରକାର**

ଶିକ୍ଷା କ୍ଷେତ୍ରରେ ପିଲାଙ୍କୁ ବହିପତ୍ରଠାରୁ ଆରମ୍ଭ କରି ସାଇକେଲ ପର୍ଯ୍ୟନ୍ତ ସମସ୍ତ ପ୍ରକାର ସୁବିଧା ସୁଯୋଗ ସରକାର ଯୋଗାଉଛନ୍ତି। କିନ୍ତୁ ବିଦ୍ୟାଳୟ ସ୍ତରରେ ସେହି ଉପକରଣଗୁଡ଼ିକ ପିଲାଙ୍କୁ ନ ଦେଇ ବିକ୍ରି କରିଦେଉଥିବା ଭଳି ଘଟଣା ବିଭିନ୍ନ ସମୟରେ ଦେଖିବାକୁ ମିଳିଛି। କିଛିଦିନ ତଳେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳର ଏକ ବିଦ୍ୟାଳୟରୁ ପିଲାଙ୍କ ବହି ଜଣେ ସିଆର୍‌ସିସି ବିକ୍ରି କରୁଥିବାବେଳେ ଧରାପଡ଼ି ନିଲମ୍ବିତ ହୋଇଛନ୍ତି। ଠିକ୍ ସେହିଭଳି ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅଞ୍ଚଳରେ ମଧ ଗୁରୁବାର ଜଣେ ଶିକ୍ଷକ ପିଲାଙ୍କ ବହି ସବୁ କବାଡ଼ିଆଙ୍କୁ ବିକ୍ରି କରିଦେବା ନେଇ ଘଟଣା ସାଧାରଣରେ ଚର୍ଚ୍ଚା ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କପିଳେଶ୍ୱରପୁର ପଞ୍ଚାୟତ ଅଧୀନ କାଙ୍କୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖରାଛୁଟି ଥିଲା। ଏହାର ସୁଯୋଗ ନେଇ ବିଦ୍ୟାଳୟ ଛୁଟିଥିବା ସମୟରେ ସେଠାର ଜଣେ ଶିକ୍ଷକ ବିଦ୍ୟାଳୟର କିଛି ଅଦରକାରୀ କାଗଜପତ୍ର ସହ ବଳକା ପାଠ୍ୟ ପୁସ୍ତକଗୁଡିକୁ ଏକ କବାଡ଼ିଆବାଲାକୁ ବିକ୍ରି କରିଥିଲେ। କବାଡ଼ିଆ ବାଲା ଏହି ପୁସ୍ତକଗୁଡ଼ିକୁ ନେଉଥିବା ସମୟରେ ଉକ୍ତ ଗ୍ରାମର ମନୋଜ କୁମାର ଦାସଙ୍କ ସମେତ କେତେଜଣ ଯୁବକ ଏହାକୁ ଦେଖି ବିଦ୍ୟାଳୟରୁ ଏକ ଅଖା ବସ୍ତାରେ କ'ଣ ନେଉଛ ବୋଲି ପଚାରିଥିଲେ। ନିକଟରେ ଥିବା ଉକ୍ତ ଶିକ୍ଷକ ଜଣକ ସେଥିରେ ପୁରୁଣା କାଗଜପତ୍ର ଥିବା କହିଥିଲେ। କିନ୍ତୁ ଯୁବକମାନଙ୍କ ସନ୍ଦେହ ହେବାରୁ କବାଡ଼ିଆ ବାଲା ସହ ବସ୍ତାକୁ ଧରି ବିଦ୍ୟାଳୟକୁ ଆଣିଥିଲେ। ସେଠାରେ ସମସ୍ତଙ୍କ ଉପସ୍ଥିତରେ ଉକ୍ତ ଅଖା ଖୋଲାଯିବା ପରେ ସେଥିରୁ ପୁରୁଣା ବହି ସହିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୬ ଖଣ୍ଡ ନୂତନ ପାଠ୍ୟ ପୁସ୍ତକ ଥିବାର ଦେଖିବାକୁ ମିଳିଥିଲା। ଏ ନେଇ ଗ୍ରାମର ଯୁବକମାନେ ବ୍ରହ୍ମଗିରି ବ୍ଲକ ଶିକ୍ଷାଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ଖବରପାଇ ବ୍ଲକ ଶିକ୍ଷାଧିକାରୀ କବିରାଜ ଜେନା ଘଟଣାର ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।


ବିକ୍ରି ହୋଇଥିବା ପିଲାଙ୍କ ବହି।

# ୪୧ ତୁମ୍ବର ଗଡ଼ କାର୍ଯ୍ୟ ସରିଲା



ପୁରୀ ଅଫିସ, ୨୭।୪:

ପବିତ୍ର ଅକ୍ଷୟ ତୃତୀୟା ପରଦିନଠାରୁ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ବିଶ୍ୱକର୍ମା ମହାରଣା, ଭୋଇ ସେବକଙ୍କ ଉପସ୍ଥିତିରେ ରଥଖଳା ଚଳଚଞ୍ଚଳ ହୋଇଉଠିଛି। ରଥଖଳାରେ କରତି ସେବକ ରଥଚକ ପାଇଁ ତୁମ୍ବ ଗଡ଼କରି ଯୋଗାଇଥିବାବେଳେ ମହାରଣା ସେବକମାନେ ତାହାକୁ ସାଇଜ କରି ତୁମ୍ବ ନିର୍ମାଣ ଜାରି ରଖିଛନ୍ତି। ରଥ ନିର୍ମାଣର ତୃତୀୟ ଦିନରେ ରଥ ନିର୍ମାଣକାରୀ ସେବକ ଓ କାରିଗରମାନେ ତିନିରଥ ପାଇଁ ମୋଟ ୩୨ଟି ତୁମ୍ବ ଗଡ଼ କରି କରତି ସେବକମାନେ ମହାରଣାମାନଙ୍କୁ ଯୋଗାଇଥିଲେ। ସେଥିମଧ୍ୟରୁ ମହାରଣାମାନେ ୧୮ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ କରିଥିଲେ। ଚତୁର୍ଥ ଦିନ ଗୁରୁବାର ସନ୍ଧ୍ୟା ସୁଦ୍ଧା ତିନିରଥର ମହାରଣାମାନେ ମୋଟ ୨୭ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ କରିଛନ୍ତି। ତିନିରଥର ୪୨ ଚକ ପାଇଁ ୪୨ ତୁମ୍ବ ଆବଶ୍ୟକ ଥିବାବେଳେ ୪୧ ତୁମ୍ବ ଗଡ଼ କରି କରତି ସେବକମାନେ ମହାରଣାମାନଙ୍କୁ ଯୋଗାଇଛନ୍ତି। ସେଥିମଧ୍ୟରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପାଇଁ ୧୬ ତୁମ୍ବ ଗଡ଼ ହୋଇଛି। ମା' ସୁଭଦ୍ରାଙ୍କ ଦର୍ପଦଳନ ରଥ ପାଇଁ ୧୨ ତୁମ୍ବ ଓ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ପାଇଁ ୧୪ଟି ତୁମ୍ବ ମଧ୍ୟରୁ ୧୩ଟି ତୁମ୍ବ ଗଡ଼ ଯୋଗାଇ ଦିଆଯାଇଛି। ବାକି ଗୋଟିଏ ତୁମ୍ବ ଗଡ଼ ଶୁକ୍ରବାର ଯୋଗାଇବେ ବୋଲି ସୂଚନା ମିଳିଛି। ଅପରପକ୍ଷରେ ନନ୍ଦିଘୋଷ ଓ ଦର୍ପଦଳନ ରଥର ୧୦ଟି ଲେଖାଏ ଓ ତାଳଧ୍ୱଜ ରଥର ୭ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ବା କମାରସେବକମାନେ ଲୁହା ରଡ଼ କାଟି ୬/୭ ସାଇଜର ଅର କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ରଥ ନିର୍ମାଣର ଚତୁର୍ଥ ଦିନରେ ୩୧ଜଣ ମହାରଣା ନିୟୋଜିତ ଥିବା ବେଳେ ଭୋଇ ସେବକ ୨୩, କରତି ସେବକ ୪, କମାର ସେବକ ୯, ତୁମ୍ବ ବିନ୍ଧ କାରିଗର ଜଣେ ଏବଂ ରଥଖଳା ସହାୟକ ଜଣେ ଏହିପରି ମୋଟ ୬୯ ଜଣ ସେବକ ଓ କାରିଗର ନିୟୋଜିତ ଥିଲେ।

**ରଥଖଳାରୁ ...**


କମାର ସେବକମାନେ କଣ୍ଟା ତିଆରି କରୁଛନ୍ତି ।

# ଡାକ୍ତରଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ

ନିମାପଡ଼ା,୨୭।୪(ଡି.ଏନ୍.ଏ.)

**ଭୁଲ୍ ଡାକ୍ତରୀ ରିପୋର୍ଟ ପ୍ରଦାନ ଅଭିଯୋଗ**

ନିମାପଡ଼ା ସହକାରୀ ଦୌରାଜଜ ନୀଳିମା ପଣ୍ଡା ଗୁରୁବାର ଜଣେ ଡାକ୍ତରଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୩ ହଜାର ଟଙ୍କା ଜରିମାନା, ଜରିମାନା ଅନାଦାୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଡାକ୍ତର ଜଣକ ହେଲେ ବାଚସ୍ପତି ଦାସ। କୋର୍ଟ କେସ୍ ନଂ. ୬୧/୨୮/୨୦୦୭ ଓ ଗୋପ ଥାନା କେସ ନଂ. ୫୯/୨୦୦୧ରେ ଦଫା ୩୨୩, ୩୦୭ ଏବଂ ୨୦୧ରେ ବିଚାର କରି ସହକାରୀ ଦୌରାଜଜ୍ ପଣ୍ଡା ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ମାମଲାର ରାୟ ପ୍ରକାଶ ସମୟରେ ଦାସ କୋର୍ଟରେ ଉପସ୍ଥିତ ଥିଲେ।

ସରକାରୀ ଜାଗାକୁ କେନ୍ଦ୍ର କରି ୨୦୦୧ ମାର୍ଚ୍ଚ ୧୦ ତାରିଖରେ ଗୋପ ଥାନା ଅନ୍ତର୍ଗତ ଆମପଡ଼ା ଗ୍ରାମର ରବୀନ୍ଦ୍ର ଘଡ଼େଇଙ୍କୁ ଗ୍ରାମର କେତେକ ବ୍ୟକ୍ତି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ରବୀନ୍ଦ୍ରଙ୍କ ମୁଣ୍ଡ, ହାତ, ଗୋଡ଼ ସମେତ ଶରୀରରେ ଗଭୀର କ୍ଷତ ହୋଇଥିଲା। ଏ ସମ୍ପର୍କରେ ଆହତ ଘଡ଼େଇଙ୍କ ସ୍ତ୍ରୀ ପ୍ରତିମା ଘଡ଼େଇ ୧୦/୩/୨୦୦୧ରେ ଗୋପ ଥାନାରେ ଅଭିଯୋଗ କରିଥିଲେ। ରବୀନ୍ଦ୍ର ସେତେବେଳେ ଚାରିଛକ ମେଡିକାଲରେ ତତ୍କାଳୀନ ଡାକ୍ତର ବାଚସ୍ପତି ଦାସଙ୍କ ପାଖରେ ଚିକିତ୍ସିତ ହେଉଥିଲେ। ମାମଲାର ବିଚାର ଚାଲିଥିବାବେଳେ କୋର୍ଟ ଆହତ ରବୀନ୍ଦ୍ରଙ୍କ ଡାକ୍ତରୀ ମାଇନା ରିପୋର୍ଟ ମାଗିଥିଲେ। ହେଲେ ରବୀନ୍ଦ୍ରଙ୍କ ଗୋଟିଏ ସ୍ଥାନରେ କ୍ଷତ ହୋଇଥିବା ସମ୍ପର୍କରେ ଡାକ୍ତର ଭୁଲ ରିପୋର୍ଟ ପ୍ରଦାନ କରିଥିଲେ। କୋର୍ଟ ଆଦେଶ ମୁତାବକ, ପୁନର୍ବାର ଅନ୍ୟ ଡାକ୍ତରଙ୍କ ଦ୍ୱାରା ରବୀନ୍ଦ୍ରଙ୍କ ଚିକିତ୍ସା କରାଯିବାରୁ ତାଙ୍କ ଶରୀରର ବହୁ ସ୍ଥାନରେ କ୍ଷତ ହୋଇଥିବା ଜଣାପଡ଼ିଥିଲା। ଏଭଳି ଘଟଣାରେ ଡାକ୍ତର ଭୁଲ ରିପୋର୍ଟ ଦର୍ଶାଇଥିବା ଅଭିଯୋଗରେ ଡାକ୍ତର ଦାସଙ୍କୁ ମୁଦାଲା କରାଯାଇ ଘଟଣାର ବିଚାର ଚାଲିଥିଲା। ସମସ୍ତ ତଥ୍ୟ ଓ ପ୍ରମାଣକୁ ଭିତ୍ତି କରି ସହକାରୀ ଦୌରାଜଜ ପଣ୍ଡା ଡ଼ାକ୍ତର ଦାସଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ବ୍ରହ୍ମାନନ୍ଦ ପ୍ରଧାନ ଏହି ମାମଲା ପରିଚାଳନା କରୁଥିଲେ।

# ଶହୀଦ ଦେବାଶିଷଙ୍କ ପରିବାରକୁ ୬ ଲକ୍ଷ ଟଙ୍କା ସହାୟତା ପ୍ରଦାନ

**ଝିଅ ଦିବ୍ୟାଂଶୀଙ୍କୁ ସ୍ନେହ କଲେ ବିଧାୟକ**

ସାକ୍ଷୀଗୋପାଳ, ୨୭।୪(ସ୍ୱ.ପ୍ର./ଡି.ଏନ୍.ଏ.)

ଗତ ୨୦ ତାରିଖରେ ଜମ୍ମୁ କଶ୍ମୀରର ପୁଞ୍ଛରେ ଆତଙ୍କବାଦୀଙ୍କ ଆକ୍ରମଣରେ ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅଳଗୁମ ପଞ୍ଚାୟତ ଖଣ୍ଡାୟତ ସାହିର ବୀର ଯବାନ ଦେବାଶିଷ ବିଶ୍ୱାଳ ଶହୀଦ ହୋଇଥିଲେ। ଶହୀଦ ବିଶ୍ୱାଳଙ୍କ ଶୁଦ୍ଧିକ୍ରିୟା ନିମନ୍ତେ ଗୁରୁବାର ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ତାଙ୍କ ପୈତୃକ ବାସଭବନରେ ପହଞ୍ଚି ପରିବାରକୁ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରି ସମବେଦନା ଜଣାଇଥିଲେ। ଏଥିସହ ସାମନ୍ତରାୟଙ୍କ ପ୍ରାୟୋଜିତ କ୍ରମେ ଭୁବନେଶ୍ୱରସ୍ଥିତ କଳିଙ୍ଗ କମର୍ସିଆଲ କମ୍ପାନୀ ଲିମିଟେଡ଼ର ସାଧାରଣ ପରିଚାଳକ (ଏଚ୍‌ଆର ଓ ଆଡମିନ) ଅକ୍ଷୟ ପାଲ ଓ ନିର୍ଦ୍ଦେଶକ (ଅର୍ଥ) ମନୋଜ ରଞ୍ଜନ ସାମଲ ପ୍ରମୁଖ ଶହୀଦଙ୍କ ପରିବାରକୁ ସମବେଦନା ଜଣାଇ ୫ ଲକ୍ଷ ଟଙ୍କାର ଚେକ୍ ଦେଇଥିଲେ। ଶହୀଦ ବିଶ୍ୱାଳଙ୍କ ବାପା ପ୍ରତାପ ବିଶ୍ୱାଳ, ମା' ମମତା ବିଶ୍ୱାଳ, ସ୍ତ୍ରୀ ସୁଶ୍ରୀ ସଙ୍ଗୀତ ବିଶ୍ୱାଳ, ସାନ ଭାଇ, ଜେଜେ ମା', ଜେଜେ ବାପାଙ୍କ ସହିତ ଅନ୍ୟମାନଙ୍କୁ ଭଲମନ୍ଦ ପଚାରି ବୁଝିଥିଲେ। ତାଙ୍କର ୪ ମାସର ଶିଶୁକନ୍ୟା ଦିବ୍ୟାଂଶୀଙ୍କୁ ଧରି ବିଧାୟକ ସ୍ନେହ କରିବା ସହ ପରିବାରର ଭଲମନ୍ଦ ଖବର ଜଣାଇବାକୁ ଅନୁରୋଧ କରିଥିଲେ। ସହାୟତା ରାଶି ପ୍ରଦାନ ସମୟରେ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ଜିଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ, ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟ, ଯୁବ ସଭାପତି ଶରତ ରାଉତରାୟ, ସରପଞ୍ଚ ଦୁଃଶାସନ ପ୍ରଧାନ, ଚିନ୍ମୟ ରାଉତ, ସରସ୍ୱତୀ ପ୍ରଧାନ, ସମିତି ସଭ୍ୟ ପୁଷ୍ପାଞ୍ଜଳି ବିଶ୍ୱାଳଙ୍କ ସହିତ ଗ୍ରାମବାସୀ, ସ୍ୱେଚ୍ଛାସେବୀ ପ୍ରଶାନ୍ତ ବିଶ୍ୱାଳ, ଯଯାତି କେଶରୀ ରାୟ ପ୍ରମୁଖ ଉପସ୍ଥିତ ଥିଲେ। କଳିଙ୍ଗ କମର୍ସିଆଲ କମ୍ପାନୀ ଏଚ୍‌ଆର ଅରୁନ୍ଧତୀ ଚୌଧୁରୀ, ଏଚ୍‌ଆର ଅପରାଜିତା ରାୟ, ସୁନିତା ରାଉତ, ସୁଶ୍ରୀ ସଙ୍ଗୀତା ମହାପାତ୍ର, ଶ୍ୱେତା ଦାସ ଓ ପ୍ରିୟଙ୍କା ପ୍ରମୁଖ ଶହୀଦଙ୍କ ପରିବାରକୁ ଭେଟିଥିଲେ।


ଶହୀଦ ଦେବାଶିଷଙ୍କ ପରିବାରଲୋକଙ୍କୁ ବିଧାୟକ ଉମାକାନ୍ତ ସାମନ୍ତରାୟ ଏବଂ ଅନ୍ୟମାନେ ଚେକ୍ ପ୍ରଦାନ କରୁଛନ୍ତି ।

# ସୁରକ୍ଷା ବଳୟରେ ଆସିଲା ବାଲଟ ପେପର, ଭୋଟ ବାକ୍ସ

ଗୋପ,୨୭।୪(ଡି.ଏନ୍.ଏ.):

- ୨ରେ ଜିଲା ପରିଷଦ ଉପନିର୍ବାଚନ
- ୧୦୦ ବ୍ୟକ୍ତିଙ୍କ ନାମରେ ୧୦୭ ମାମଲା ରୁଜୁ

ମେ ୨ରେ ପୁରୀ ଜିଲା ଅନ୍ତର୍ଗତ ଗୋପ ବ୍ଲକର ୧୧ ନମ୍ବର ଜିଲା ପରିଷଦ ଉପନିର୍ବାଚନ ହେବାକୁ ଥିବାବେଳେ ଗୁରୁବାର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବାଲଟ ପେପର ଓ ଆବଶ୍ୟକ ସମସ୍ତ ଜିନିଷପତ୍ର ଗୋପ ବ୍ଲକକୁ ଆସିଛି। ବ୍ଲକ କାର୍ଯ୍ୟାଳ ପରିସରରେ ଥିବା ଏକ କୋଠରି ମଧ୍ୟରେ ଏହାକୁ ରଖାଯାଇଥିବା ବେଳେ ପୋଲିସ ପ୍ରହରା ବ୍ୟବସ୍ଥାକୁ ମଧ କଡ଼ାକଡ଼ି କରାଯାଇଛି। ପ୍ରକାଶ ଯେ, ୧୧ ନମ୍ବର ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ପରେ ଏହି ଉପନିର୍ବାଚନ କରାଯାଉଛି। ଏ ନେଇ ବିଭିନ୍ନ ଦଳ ପକ୍ଷରୁ ନିଜ ପ୍ରାର୍ଥୀମାନେ ଜୋରଦାର ପ୍ରଚାର କରାଯାଉଥିବା ସମୟରେ ଏପଟେ ଅବାଧ ଓ ନିରପେକ୍ଷ ଭୋଟ କରିବା ପାଇଁ ବ୍ଲକ ପକ୍ଷରୁ ସମସ୍ତ ବ୍ୟବସ୍ଥାକୁ ଦୃଷ୍ଟି ଦିଆଯାଇଛି। ୧୧ ନମ୍ବର ଜିଲା ପରିଷଦ ଉପ ନିର୍ବାଚନ ମଧ୍ୟରେ ଗୋପ ବ୍ଲକର ଗଣେଶ୍ୱରପୁର, ରାହାଙ୍ଗୋରଡା, ଡଭାର କୁଆଁପଡା, ଇଡିଭୂଆଁ, ଗଡଭିଙ୍ଗୁରା ପଞ୍ଚାୟତ ସହିତ ୯ଟି ପଞ୍ଚାୟତର ଭୋଟର ଚଳିତ ଉପନିର୍ବାଚନରେ ଭୋଟ ଦେବେ। ଏହି ନିର୍ବାଚନରେ ୯ଟି ପଞ୍ଚାୟତର ୩୬ ହଜାର ୨୩୩ଜଣ ଭୋଟ ଦେବେ ବୋଲି ଜଣାପଡିଛି। ଏହି ଉପନିର୍ବାଚନରେ ୧୨୮ଟି ବୁଥ୍ କରାଯାଇଥିବା ବେଳେ ୩୬,୨୩୩ ଭୋଟରଙ୍କ ମଧ୍ୟରେ ମହିଳା ଭୋଟର ୧୭ହଜାର ୯୭୭ ଭୋଟର ରହିଥିବା ସମୟରେ ୧୮ ହଜାର ୨୫୬ ଜଣ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ଏହି ୧୨୮ ବୁଥ ମଧ୍ୟରେ ନର୍ମାଲ ବୁଥ ୬୪ ବୁଥ କେନ୍ଦ୍ର ରହିଥିବା ବେଳେ ଉତ୍ତେଜନାପୂର୍ଣ୍ଣ ବୁଥ କେନ୍ଦ୍ର ୬୦, ଅତି ଉତ୍ତେଜନାପୂର୍ଣ୍ଣ ବୁଥ କେନ୍ଦ୍ର ୪ଟି କେନ୍ଦ୍ର ରହିଛି ବୋଲି ବ୍ଲକ ପଞ୍ଚାୟତ ଅଧିକାରୀ ଜୟଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଏହା ମଧ୍ୟରେ ଗୋପ ବ୍ଲକ ବିଡିଓ ଦୀପ୍ତିରାଣୀ ଦାସ ଅବାଧ ଓ ନିରପେକ୍ଷ ଭୋଟ ଗ୍ରହଣ କରିବା ନିମନ୍ତେ ସମସ୍ତ ବ୍ୟବସ୍ଥାକୁ ଦୃଷ୍ଟିରେ ରଖିଥିବା ବେଳେ ୩ଟି ପର୍ଯ୍ୟାୟରେ ୩୮୪ଜଣ ଶିକ୍ଷକଙ୍କ ସହିତ ଅନ୍ୟ ସରକାରୀ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରିଛନ୍ତି। ଏପଟେ ଗୋପ ଥାନା, ପୁରୀ ସଦର ଥାନା ପକ୍ଷରୁ ଶାନ୍ତି ଶୃଙ୍ଖଳାରେ ଭୋଟ ଗ୍ରହଣ କରିବା ପାଇଁ ଏହି ୯ଟି ପଞ୍ଚାୟତରେ ବିଶୃଙ୍ଖଳା ସୃଷ୍ଟିକାରୀ ଭାବେ ଚିହ୍ନଟ କରାଯାଇଥିବା ୧୦୦ଜଣଙ୍କ ବିରୋଧରେ ୧୦୭ ମାମଲା ରୁଜୁ କରାଯାଇଛି ବୋଲି ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ କହିଛନ୍ତି।


ବାଲଟ ପେପର ଓ ଭୋଟ ବାକ୍ସ ରଖାଯାଇଥିବା ରୁମକୁ ଜଣେ ପୋଲିସ ଜଗି ରହିଛନ୍ତି।

## ସଂକ୍ଷେପରେ

### ଥାନାରୁ ଜବତ ସାମଗ୍ରୀ ନ ମିଳିବା ମାମଲା
## କଟକ ଡିସିପିଙ୍କୁ ଜବାବ ତଲବ

କଟକ ଅଫିସ,୨୭।୪: ବିଭିନ୍ନ ମାମଲାରେ ପୋଲିସ ଜବତ କରୁଥିବା ସାମଗ୍ରୀଗୁଡ଼ିକୁ ମାଲଖାନାରେ ରଖାଯାଏ। ହେଲେ ମାଲଖାନାରୁ ସାମଗ୍ରୀଗୁଡ଼ିକ ନ ମିଳିବା କାରଣରୁ ଆବେଦନକାରୀଙ୍କୁ ନୂଆ ବଦଳରେ ପୁରୁଣା ସାମଗ୍ରୀ ଦିଆଯାଉଛି। ଏଭଳି ଅଭିଯୋଗକୁ ନେଇ ରୁଜୁ ମାମଲାର ଜେଏମ୍‌ଏଫ୍‌ସି-୨ କୋର୍ଟ ଶୁଣାଣି କରି କଟକ ଡିସିପିଙ୍କୁ ଜବାବ ତଲବ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ବାରଙ୍ଗ ଥାନା ପୋଲିସ ଏକ ମାମଲାରେ ୩ଟି ମୋବାଇଲ ଫୋନ୍ ଓ ଗୋଟିଏ କାର୍ ଜବତ କରିଥିଲା। ଆବେଦନକାରୀ ଏକ ମାମଲାର ଅଭିଯୁକ୍ତ ଥିବାରୁ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟରୁ ଜାମିନ ପାଇବା ପରେ ସେ ପୋଲିସ ଦ୍ୱାରା ଜବତ ସାମଗ୍ରୀ ନେବା ପାଇଁ ଥାନାରେ ପହଞ୍ଚିଥିଲେ। ପୋଲିସ ଆବେଦନକାରୀଙ୍କୁ ଦେଖାଇଥିବା ଫୋନ୍‌ଟି ପୁରୁଣା ଓ ଏହା ଜବତ ଫୋନ ନୁହେଁ କହିବା ଆବେଦନକାରୀ ସହ ଅଦାଲତଙ୍କୁ ଅବଗତ କରାଇଥିଲା। ଅଦାଲତ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଓ ବାରଙ୍ଗ ଥାନାଧିକାରୀଙ୍କୁ ହାଜର ହେବା ଲାଗି ୨ ଥର ନୋଟିସ କରିଥିଲେ। ହେଲେ କେହି ହାଜର ହୋଇ ନ ଥିଲେ। ପୁଣି ତୃତୀୟ ଥର ଅଦାଲତଙ୍କ ନୋଟିସ ପାଇବା ପରେ ମାମଲାର ତଦନ୍ତକାରୀ ଅଧିକାରୀ ଓ ଥାନାଧିକାରୀ ଅଦାଲତରେ ହାଜର ହୋଇ ଜବତ ମୋବାଇଲ ଫୋନ୍ କୋର୍ଟଙ୍କ ଜିମା ଦେଇଥିଲେ। କୋର୍ଟରେ ଜିମା ଦିଆଯାଇଥିବା ଫୋନ ସହ ପୋଲିସ ଜବତ କରିଥିବା ମୋବାଇଲର ଆଇଏମଇଆଇ ନମ୍ବର ମେଳ ଖାଇ ନ ଥିଲା। ଏନେଇ ତଦନ୍ତକାରୀ ଅଧିକାରୀ କୌଣସି ସ୍ପଷ୍ଟ ଉତ୍ତର ଦେଇପାରିନଥିଲେ। ଫଳରେ କଟକ ଡିସିପିଙ୍କୁ ଜବାବ ତଲବ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ସାହୁ ମାମଲା ପରିଚାଳନା କରୁଛନ୍ତି।

### ଏକକ ବ୍ୟବହାର ପ୍ଲାଷ୍ଟିକ ବର୍ଜନ ନେଇ ବିଏମ୍‌ସିର ସଚେତନତା

ଭୁବନେଶ୍ୱର,୨୭।୪(ବ୍ୟୁରୋ)- ସହରକୁ ସୁସ୍ଥ ଓ ସୁନ୍ଦର କରି ଗଢ଼ି ତୋଲିବା ସହ ପ୍ରଦୂଷଣମୁକ୍ତ କରିବା ପାଇଁ ବିଏମ୍‌ସି ନିରନ୍ତର ପ୍ରୟାସ ଜାରି ରଖିଛି। ବିଶେଷକରି ଏବେ ଭୁବନେଶ୍ୱରକୁ ଏକକ ବ୍ୟବହାର ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ସଚେତନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ବିଏମ୍‌ସି ପକ୍ଷରୁ ୱାର୍ଡ ନଂ.୪୧ ଅନ୍ତର୍ଗତ ୟୁନିଟ-୩ ମାର୍କେଟ ଆସୋସିଏଶନ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟବସାୟୀମାନଙ୍କୁ ଏକକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକ୍‌କୁ ବ୍ୟବହାର ନ କରିବାକୁ ସଚେତନ କରାଯାଇଥିଲା। ସେହିପରି ମାର୍କେଟ ଅଞ୍ଚଳକୁ ପରିଷ୍କାର ରଖିବା, ପଲିଥିନ୍ କିମ୍ବା ବ୍ୟାନ ହୋଇଥିବା କୌଣସି ପ୍ଲାଷ୍ଟିକ ବ୍ୟବହାରଠାରୁ ଦୂରେଇ ରହିବାକୁ କୁହାଯାଇଥିଲା। ଆସୋସିଏଶନ ପକ୍ଷରୁ ମଧ୍ୟ ଏନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ସୂଚନାଯୋଗ୍ୟ, କିଛିଦିନ ତଳେ ମହାନଗର ନିଗମାଞ୍ଚଳର କୋଟିଲେଇ ହାଟ ବ୍ୟବସାୟୀଙ୍କ ସହ ବିଏମ୍‌ସିର ବୈଠକ ହୋଇଥିଲା। ହାଟ ବ୍ୟବସାୟୀମାନେ ପଲିଥିନ ଏବଂ ସିଙ୍ଗଲ ୟୁଜ୍ଡ ପ୍ଲାଷ୍ଟିକ୍‌କୁ ସମ୍ପୂର୍ଣ୍ଣ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏପରିକି ବ୍ୟବସାୟରେ କ୍ଷତି ହେଲେ ବି କୌଣସି ଗ୍ରାହକଙ୍କୁ ପଲିଥିନ୍‌ରେ ସାମଗ୍ରୀ ଦେବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। କୋଟିଲେଇ ହାଟ ପରେ ଏବେ ୟୁନିଟ-୩ ହାଟ ବ୍ୟବସାୟୀମାନେ ଏଭଳି ସ୍ୱାଗତଯୋଗ୍ୟ ପଦକ୍ଷେପରେ ସାମିଲ ହୋଇଛନ୍ତି।

# ଡାକୋଟା ବିମାନ ଦେଖିଲେ ଇଣ୍ଡୋନେସିଆ ରାଷ୍ଟ୍ରଦୂତ

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ଭାରତ ଓ ଭୁଟାନରେ ଅବସ୍ଥାପିତ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏଚ୍. କ୍ରିଷ୍ଣାମୂର୍ତ୍ତି ଗୁରୁବାର ଅପରାହ୍ନରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ରଖାଯାଇଥିବା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରିୟ ଡାକୋଟା ବିମାନକୁ ପରିଦର୍ଶନ କରିଛନ୍ତି ।

ବିଜ୍ଞାନ ଓ କାରିଗରି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ରାଷ୍ଟ୍ରଦୂତଙ୍କୁ ସ୍ୱାଗତ କରିଥିଲେ । ରାଷ୍ଟ୍ରଦୂତଙ୍କୁ ଉତ୍ତରୀୟ ଓ ସ୍ମାରକ ଦେଇ ସମ୍ବର୍ଦ୍ଧିତ କରିବା ସହ ଡାକୋଟା ବିମାନ ବୁଲାଇ ଦେଖାଇଥିଲେ । ରାଷ୍ଟ୍ରଦୂତ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଡାକୋଟା ବିମାନ ଦେଖି ଅତ୍ୟନ୍ତ ଭାବବିହ୍ୱଳ ହୋଇ କହିଥିଲେ, ଏହି ବିମାନବନ୍ଦରକୁ ଆସି ଡାକୋଟା ବିମାନ ଦେଖିବା ତାଙ୍କ ପାଇଁ ଏବଂ ପ୍ରତ୍ୟେକ ଇଣ୍ଡୋନେସିଆବାସୀଙ୍କ ଲାଗି ଗର୍ବ ଓ ଗୌରବର ବିଷୟ। ଏହି ବିମାନ ସହ ପ୍ରତିଟି ଇଣ୍ଡୋନେସିଆବାସୀଙ୍କର ଭାବଗତ ସମ୍ପର୍କ ରହିଛି । ଇଣ୍ଡୋନେସିଆ ବିପ୍ଳବ ସମୟରେ ଏହି ବିମାନରେ ଇଣ୍ଡୋନେସିଆର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଜୀବନ ରକ୍ଷା ହୋଇପାରିଥିଲା ।

ଉଲ୍ଲେଖଯୋଗ୍ୟ, ଡଚ୍‌ମାନଙ୍କ ଦ୍ୱାରା ଗୃହବନ୍ଦୀ ଥିବା ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣ, ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟା ଏବଂ ପ୍ରଧାନମନ୍ତ୍ରୀ ସୁତନ ସାହରିୟାରଙ୍କୁ ମୁକ୍ତ କରିବା ପାଇଁ ଧର୍ମପତ୍ନୀ ଜ୍ଞାନଦେବୀଙ୍କୁ ନେଇ ଜାକର୍ତ୍ତା ଅଭିମୁଖେ ବିଜୁବାବୁ ନିଜ ଡାକୋଟା ବିମାନରେ ଯାଇ ସେମାନଙ୍କୁ ସୁରକ୍ଷିତ ଭାବେ ଭାରତ ନେଇଆସିଥିଲେ । ବିଜୁବାବୁଙ୍କର ଏହି ସାହସିକତା ପାଇଁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଭୂମିପୁତ୍ରରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ରାଷ୍ଟ୍ରଦୂତ ସେସବୁ ଇତିହାସର ସ୍ମୃତିଚାରଣ କରି ଓଡ଼ିଶା ଓ ଇଣ୍ଡୋନେସିଆ ମଧ୍ୟରେ ଆଗାମୀ ଦିନରେ ସାମାଜିକ-ସାଂସ୍କୃତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ ଡାକୋଟା ବିମାନର ଇତିହାସ ଏବଂ କଲିକତା ବିମାନବନ୍ଦରରୁ ଆଣି ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ସ୍ଥାପିତ ହେବା ସମ୍ପର୍କିତ ଏକ କ୍ଷୁଦ୍ର ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା । ରାଷ୍ଟ୍ରଦୂତ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ପାଇଲଟ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍(ଗତି)ର ପ୍ରଶିକ୍ଷାର୍ଥୀ ଏବଂ ଡାକୋଟା ବିମାନକୁ ମୂଳରୂପକୁ ଫେରାଇ ଆଣିଥିବା ଇଞ୍ଜିନିୟରମାନଙ୍କ ସହ ଭାବ ବିନିମୟ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ କୋଲ୍‌କାତାଠାରେ ଅବସ୍ଥାପିତ ଇଣ୍ଡୋନେସିଆର କନ୍‌ସଲ ମହେଶ ସାହାରିଆ, ବିଜୁ ପଟ୍ଟନାୟକ ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ କୁମାର ପ୍ରଧାନ, ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବ ଦେବଦତ୍ତା ସୁରଞ୍ଜିତା ଜେନା ଏବଂ ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

**‘ଡାକୋଟା ବିମାନ ଦେଖିବା ପ୍ରତ୍ୟେକ ଇଣ୍ଡୋନେସିଆବାସୀଙ୍କ ପାଇଁ ଗୌରବର ବିଷୟ’**



ଡାକୋଟା ବିମାନ ପରିଦର୍ଶନ ଅବସରରେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ବାଣିଜ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସହ ଭାରତ ଏବଂ ଭୁଟାନରେ ଅବସ୍ଥାପିତ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏଚ୍. କ୍ରୀଷ୍ଣାମୂର୍ତ୍ତି ଓ ଅନ୍ୟମାନେ।

### ପରିମଳ ନିୟମ ଖିଲାପ କରି ୧.୪୩ ଲକ୍ଷ ଜରିମାନା

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ବିଏମ୍‌ସି ବିଭିନ୍ନ ପଦକ୍ଷେପ ନେବା ସହ ବାରମ୍ବାର ଲୋକଙ୍କୁ ସଚେତନ କରୁଛି। ମାତ୍ର ତଥାପି ଏହାକୁ କିଛିଲୋକ ଅଣଦେଖା କରୁଛନ୍ତି। ବିଏମ୍‌ସି ପକ୍ଷରୁ ଏବେ ରାତି ସମୟରେ ପରିମଳ ଯାଞ୍ଚ କରାଯାଉଛି। ଏପ୍ରିଲ ୨୨ରେ ରାତିକ ମଧ୍ୟରେ ୧ଲକ୍ଷ ୪୩ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବାବେଳେ ୨୬ ତାରିଖ ରାତିରେ ୧ଲକ୍ଷ ୨୭ ହଜାର ୫୦ଟଙ୍କା ଜରିମାନା ଆଦାୟ କରାଯାଇଛି। ମହାନଗର ନିଗମର ୩ଟି ଜୋନ୍‌ରେ ମୋଟ୍ ୧୩ଟି ୱାର୍ଡର ୩୭୮ଟି ଦୋକାନ ଉପରେ ଚଢାଉ କରି ଏହି ଜରିମାନା ଆଦାୟ କରାଯାଇଛି। ସେହିପରି ନିୟମ ଅବମାନନା କରିଥିବାରୁ ୬ଟି ଦୋକାନକୁ ସିଲ୍ କରାଯାଇଛି। ଦକ୍ଷିଣ ପୂର୍ବ ଜୋନ୍‌ରେ ୧୨୧ ଦୋକାନ ଉପରେ ଚଢାଉ କରାଯାଇଥିବାବେଳେ ୪୬ହଜାର ୫୦ଟଙ୍କା ଆଦାୟ କରାଯାଇଥିଲା। ସେହିପରି ଦକ୍ଷିଣ ପଶ୍ଚିମ ଜୋନ ୧୩୬ଟି ଦୋକାନ ଉପରେ ଚଢ଼ାଉ କରି ୪୭ହଜାର ଟଙ୍କା ଏବଂ ଉତ୍ତର ଜୋନ୍‌ର ୧୨୧ଟି ଦୋକାନ ଉପରେ ଚଢ଼ାଉ କରି ୩୪ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।


ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ପ୍ରଶାସନିକ ସେବା ଅଧିକାରୀମାନେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରାଜଭବନରେ ସାକ୍ଷାତ କରୁଛନ୍ତି।

## ରାଜ୍ୟପାଳଙ୍କୁ ଭେଟିଲେ ୩୧ଜଣ ପ୍ରଶାସନିକ ସେବା ଅଧିକାରୀ

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ୩୧ଜଣ ଅଧିକାରୀ ବୁଧବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସାକ୍ଷାତ୍ କରିଛନ୍ତି। ଓଡ଼ିଶା ପ୍ରଶାସନିକ ସେବା ବର୍ଗରେ ନିୟମିତ ନିଯୁକ୍ତି-୨୦୧୯ ବ୍ୟାଚ୍‌ର ଏହି ଅଧିକାରୀମାନେ ଏକାଡେମୀର ଅତିରିକ୍ତ କମିଶନର ଡ. ହିମାଂଶୁ ଭୂଷଣ ପଣ୍ଡାଙ୍କ ନେତୃତ୍ୱରେ ରାଜଭବନରେ ପହଞ୍ଚି ପ୍ରଥମେ ରାଜ୍ୟପାଳଙ୍କୁ ଆତ୍ମପରିଚୟ ପ୍ରଦାନ କରିଥିଲେ। ରାଜ୍ୟର ଦୈନନ୍ଦିନ ପ୍ରଶାସନ ସହିତ ଗଭୀର ଭାବରେ ଜଡ଼ିତ ହେଉଥିବା ରାଜ୍ୟ ପ୍ରଶାସନିକ ସେବାର ଏକ ଅଂଶ ହୋଇଥିବା ଏହି ଅଧିକାରୀଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ। ସଚ୍ଚୋଟତା, ନିଷ୍ଠା ଓ ଆନ୍ତରିକତା ଜନସେବାର ମୁଖ୍ୟମନ୍ତ୍ର, ଯାହାକୁ ଅଧିକାରୀମାନେ ସର୍ବଦା ଆପଣାଇବା ଉଚିତ ବୋଲି ସେ କହିଥିଲେ। ଏକ ଉନ୍ନତ ରାଷ୍ଟ୍ର ଗଠନ ନିମନ୍ତେ ଜନସାଧାରଣଙ୍କ ପାଇଁ ପ୍ରତିବଦ୍ଧ ରହି କାର୍ଯ୍ୟ କରିବାକୁ ରାଜ୍ୟପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ରାଜ୍ୟପାଳଙ୍କୁ ଏକ ସ୍ମୃତି ଚିହ୍ନ ପ୍ରଦାନ କରାଯାଇଥିଲା। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଓ ରାଜ୍ୟପାଳଙ୍କ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଡ. ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### କୃପାନେତ୍ର ପକ୍ଷରୁ ସାହିତ୍ୟ ସଭା

ବାଲିପାଟଣା,୨୭।୪(ଡି.ଏନ୍.ଏ.)

ତ୍ରୟମାସିକ ଶିଶୁ କିଶୋର ପତ୍ରିକା ‘କୃପାନେତ୍ର’ ପକ୍ଷରୁ ଭକ୍ତକବି ଶ୍ରୀ ଜୟଦେବଙ୍କ ପୀଠରେ ଏକ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍ ଆର୍ମିର ମୁଖ୍ୟ ଦିଲୀପ ଶ୍ରୀଚନ୍ଦନ ମୁଖ୍ୟ ଅତିଥି ଏବଂ ଚିର ସନ୍ଧାନର ସମ୍ପାଦକ ପ୍ରଫେସର ପାର୍ଥସାରଥି, ଅଜୟ ବାରିକ ପ୍ରମୁଖ ଯୋଗଦେଇଥିଲେ। କୃପାନେତ୍ରର କାର୍ଯ୍ୟକାରୀ ସଭାପତି ସୁରେଶ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରାଚୀ ସଂସ୍କୃତିର ଗବେଷକ ହଂସନାଥ ସାହୁ, ବୈଜୟନ୍ତୀମାଳା ବାରିକ, ପଣ୍ଡିତ ହରିହର ମହାପାତ୍ର, ଅନନ୍ତ ମେମୋରିଆଲ୍ ଟ୍ରଷ୍ଟର ମୁଖ୍ୟ ଭାବଗ୍ରାହୀ ଗୋଚ୍ଛାୟତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସମ୍ପାଦକ ରବୀନ୍ଦ୍ର ନାଥ ପାତ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଉତ୍ସବରେ କୃପାନେତ୍ରର ସ୍ୱତନ୍ତ୍ର ଜୟଦେବ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବ୍‌ଦୁଲ ବାରୀ କାର୍ଯ୍ୟକ୍ରମ ସଂଯୋଜନା ଏବଂ କବିତା ପାଠୋତ୍ସବକୁ ଦେବେନ୍ଦ୍ର ନାଥ ସେନାପତି ଓ ସୁଜାତା ଦାସ ସଞ୍ଚାଳନ କରିଥିଲେ। ପତ୍ରିକାର ଉପଦେଷ୍ଟାମଣ୍ଡଳୀ ସଦସ୍ୟ ମାଗୁଣି ଚରଣ ସେଠୀ ଧନ୍ୟବାଦ ଦେଇଥିଲେ।

## ଯୁଗେଯୁଗେ ପ୍ରେମର ଗାଥା କହିଲା ‘ଦେବଦାସ’
### ଓଡ଼ିଆରେ ପ୍ରଥମ ସଙ୍ଗୀତଭିତ୍ତିକ ନାଟକ ମଞ୍ଚସ୍ଥ

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ସଙ୍ଗୀତରେ ଅଭିନୟ। ଗୀତର ମୂର୍ଚ୍ଛନା ସହ କଳାକାରଙ୍କ ଅଭିନୟର ଯାଦୁରେ ବାନ୍ଧି ହୋଇପଡିଥିଲେ ଦର୍ଶକ। ଅବସର ଥିଲା ଗୁରୁବାର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ପ୍ରଥମ ଓଡ଼ିଆ ସଙ୍ଗୀତଭିତ୍ତିକ ନାଟକ ‘ଦେବଦାସ’। ୧୦ଟି ଗୀତକୁ ନେଇ ନାଟକଟି ପ୍ରସ୍ତୁତ ହୋଇଛି। ଅରୋମିରା ଏଣ୍ଟରଟେନମେଣ୍ଟ, ଆମରା ମ୍ୟୁଜିକ ସହଭାଗିତାରେ ସମ୍ପୂର୍ଣ୍ଣ ଓଡ଼ିଆରେ ଏହି କାଳଜୟୀ ପ୍ରେମ ଗାଥା ମଞ୍ଚସ୍ଥ ହୋଇଥିଲା। ଯୁଗେଯୁଗେ ପ୍ରେମ କିପରି ସମସ୍ତଙ୍କୁ ଆଦରି ନେଇଛି ତାହାର ବାର୍ତ୍ତା ଦେଇଥିଲା ଏହି ନାଟକ। ସାହିତ୍ୟିକ ଦେବଦାସ ଛୋଟରାୟଙ୍କ ଦ୍ୱାରା ଲିଖିତ ଓ ଦେବ ମେହେରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକର ମୁଖ୍ୟ ଭୂମିକାରେ ରାନୋ ଜୟ, ଶୀତଲ ଏବଂ ବୈଶାଳୀ ଅଭିନୟ କରିଥିଲେ। ୯୦ ମିନିଟ୍‌ର ଏହି ମଲ୍ଟି ଷ୍ଟାର୍ ନାଟକରେ ଦେଖିବାକୁ ମିଳିଥିଲା ପ୍ରକୃତ ଦେବଦାସଙ୍କ ଚନ୍ଦ୍ରମୁଖୀ ଏବଂ ପାରୋ ସହିତ ଘଟିଥିବା ପ୍ରେମ କାହାଣୀ। ଓମ୍ ପ୍ରକାଶ ମହାନ୍ତି ସଙ୍ଗୀତ ସଂଯୋଜନା କରିଥିବାବେଳେ କଣ୍ଠଶିଳ୍ପୀ ସୁସ୍ମିତା ଦାସ, ଅରବିନ୍ଦ ଦତ୍ତ ଓ ଦେବସ୍ମିତା ମିଶ୍ର ଏହି ସଙ୍ଗୀତକୁ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ଦୁଇ ଅଭିନେତ୍ରୀ ପ୍ରଥମଥର ଲୋକଙ୍କ ଆଖି ସାମ୍ନାରେ ନାଟକ ପରିବେଷଣ କରିବାର ସୁଯୋଗ ମିଳିଥିବା ନେଇ ପ୍ରକାଶ କରିଥିଲେ। ନିର୍ଦ୍ଦେଶକ ମେହେର କହିଥିଲେ, ଦେବଦାସ ସମସ୍ତ ପ୍ରେମ କାହାଣୀର ମା’ ସଦୃଶ। ଏହି କାହାଣୀ ଏକଶହ ବର୍ଷରୁ ଅଧିକ ସମୟ ଧରି ନିଜକୁ ବଜାୟ ରଖିଛି। କାହାଣୀରେ ଅନ୍ତର୍ନିହିତ କବିତା ଏବଂ ନାଟକ ପାଇଁ ବିଭିନ୍ନ ଭାଷାଗୁଡ଼ିକ ମଧ୍ୟରେ ସିନେମା ପାଇଁ ଅନୁକୂଳ ହୋଇଛି। ବର୍ତ୍ତମାନ ପ୍ରଥମଥର ପାଇଁ ମଞ୍ଚରେ ଏହା ସଙ୍ଗୀତ ମାଧ୍ୟମରେ ଦର୍ଶକଙ୍କୁ ସୃଜନଶୀଳତାର ଏକ ନୂଆ ଅଭିଜ୍ଞତା ଦେଇଛି ।


ସଙ୍ଗୀତଭିତ୍ତିକ ନାଟକ ‘ଦେବଦାସ’ର ଏକ ଦୃଶ୍ୟ।



### ଖବରକାଗଜ ବିତରକ ଗୋପବନ୍ଧୁ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୭।୪ (ବ୍ୟୁରୋ)

ଭୁବନେଶ୍ୱର ନ୍ୟୁଜ୍‌ପେପର ସପ୍ଲାୟର୍ସ ଆସୋସିଏଶନ୍ ମାଷ୍ଟରକ୍ୟାଣ୍ଟିନ ପଏଣ୍ଟର ବିତରକ ଗୋପବନ୍ଧୁ ସାହୁଙ୍କର ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଛି। ତାଙ୍କ ବିୟୋଗରେ ଆସୋସିଏଶନର ୩୦୦ରୁ ଊର୍ଦ୍ଧ୍ୱ ବିତରକ ଦୁଃଖ ପ୍ରକାଶ କରିବା ସହ ମର୍ମାହତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ସ୍ୱର୍ଗତ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଆସୋସିଏଶନ ମୁଖ୍ୟ ଲିଙ୍ଗରାଜ ପାତ୍ର, କମଳାକାନ୍ତ ଖାମୁରାଇ, ଦିଲୀପ ଜେନା, ଅରୁଣ ଉଦୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନିଧି ଆପ୍‌କେ ନିକଟ-୨.୦ର ଚତୁର୍ଥ ସଂସ୍କରଣ

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ଭବିଷ୍ୟନିଧି ସଂଗଠନ ଦ୍ୱାରା ଦେଶବ୍ୟାପୀ ଚାଲିଥିବା ନିଧି ଆପ୍‌କେ ନିକଟ-୨.୦ କାର୍ଯ୍ୟକ୍ରମର ଚତୁର୍ଥ ସଂସ୍କରଣ ଓଡ଼ିଶାର ସମସ୍ତ ଜିଲାରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ପାଇଁ ନିଯୁକ୍ତ ନୋଡାଲ ତଥା ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଅଲେଖ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୧୫୦ଜଣ ହିତାଧିକାରୀ ଯୋଗଦେଇ ସେମାନଙ୍କ ଅଭିଯୋଗର ସମାଧାନ କରାଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଡ. ପି.କେ. ନନ୍ଦ ଅଧ୍ୟକ୍ଷତା କରିଥିବାବେଳେ ଅବସରପ୍ରାପ୍ତ ଜିଲା ବିଚାରପତି ସଞ୍ଜୟ କୁମାର ସାହୁ, ଛାତ୍ର କଲ୍ୟାଣ ବିଭାଗ ଡିନ୍ ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଡିଇଓ ଦେବେନ୍ଦ୍ର କୁମାର ସେନାପତି, ଏସ୍‌ଏସ୍‌ଏସ୍‌ଏ ବିଜୟ କୁମାର ଷଡ଼ଙ୍ଗୀ, ବିଶ୍ୱବିଦ୍ୟାଳୟର ତାପସ କୁମାର କର, ରଞ୍ଜନ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଜାନୁଆରୀରୁ ଆରମ୍ଭ ହୋଇଥିବା ଏହି ଅଭିନବ କାର୍ଯ୍ୟକ୍ରମ ଦେଶର ସମସ୍ତ ଜିଲାରେ ଏକ ସଙ୍ଗରେ ଆୟୋଜିତ ହେଉଛି। ଭବିଷ୍ୟନିଧି ସଂଗଠନ ଦ୍ୱାରା ପ୍ରଦତ୍ତ ବିଭିନ୍ନ ସେବାଗୁଡ଼ିକୁ ଲୋକାଭିମୁଖୀ ଏବଂ କ୍ରିୟାଶୀଳ କରିବା ତଥା ତତ୍କାଳ ଅଭିଯୋଗ ଶୁଣାଣି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ।



କାର୍ଯ୍ୟକ୍ରମରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କୁଳପତି ଡ. ପି.କେ. ନନ୍ଦ, ଅବସରପ୍ରାପ୍ତ ଜିଲା ବିଚାରପତି ସଞ୍ଜୟ କୁମାର ସାହୁ ଓ ଅନ୍ୟମାନେ।

# ଫାୟାର ସେଫ୍ଟି ପାଇଁ ଅଭ୍ୟାସ ଆବଶ୍ୟକ

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ଓଡିଶା ଅଗ୍ନିଶମ ଓ ଜରୁରିକାଳୀନ ସେବା ବିଭାଗ ପକ୍ଷରୁ ଗୁରୁବାର ସ୍ଥାନୀୟ ବରମୁଣ୍ଡାସ୍ଥିତ ଓଡିଶା ଅଗ୍ନିଶମ ଏବଂ ବିପତ୍ତି ନିସ୍ତାର ପ୍ରତିଷ୍ଠାନଠାରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ‘ଅଗ୍ନି ଦୁର୍ବିପାକ ପ୍ରତିହତ ଓ ଦେଶ ବିକାଶର ପ୍ରୋତ୍ସାହନ’ ଉପରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଯୋଗଦେଇ କହିଲେ, ପ୍ରବଳ ବର୍ଷା ହେଲେ ବନ୍ୟାର ଆକଳନ କରାଯାଇପାରେ। ସେହିଭଳି ବାତ୍ୟାର ମଧ୍ୟ ପୂର୍ବାନୁମାନ କରିହେବ। କିନ୍ତୁ ଅଗ୍ନିର ପୂର୍ବାନୁମାନ ଅସମ୍ଭବ। ଏଣୁ ଏହାକୁ ଦୃଷ୍ଟିରେ ରଖି ତତ୍‌କ୍ଷଣାତ ନିରାପତ୍ତା ରକ୍ଷା କରିବା କ୍ଷେତ୍ରରେ ଆମ ରାଜ୍ୟ ବହୁ ଆଗରେ। ଅଗ୍ନି ନିରାପତ୍ତା କେବଳ ଅଫିସରଙ୍କର ନୁହେଁ, ବରଂ ସାଧାରଣ ଲୋକେ ତାହାକୁ ନେଇ କେତେ ସଚେତନ ରହୁଛନ୍ତି ତାହା ବଡ଼ ଗୁରୁତ୍ୱ ବହନ କରେ। ଅଗ୍ନି ନିରାପତ୍ତା ପାଇଁ ଆମ ପାଖରେ ବହୁ ପ୍ରଯୁକ୍ତି ବିଦ୍ୟା ରହିଛି, କିନ୍ତୁ ସାଧାରଣରେ ଏହାକୁ ନେଇ ଲୋକେ ଏତେ ଅବଗତ ନ ଥିବାରୁ ବହୁ ଧନ ଜୀବନ କ୍ଷୟ କ୍ଷତି ଘଟୁଛି। ତେଣୁ ଘଟୁଥିବା ଘଟଣାଗୁଡିକରୁ କିଛି ଶିଖି ନିଜକୁ ପ୍ରସ୍ତୁତ କରି ଆଗକୁ ବଢିଲେ ଜ୍ଞାନ ବଢିବ। ଏହାସହ ବୈଷୟିକ ଜ୍ଞାନର ଆବଶ୍ୟକତା ରହିଛି। ସେହିପରି ବିଭାଗ ପକ୍ଷରୁ ଲୋକଙ୍କୁ ଶିଖାଇବାକୁ ପଡିବ। ଫଳରେ ଲୋକେ ନିଜ ଘରେ ନିଆଁ ଲାଗିଲେ ତାକୁ ଆୟତ୍ତ କରିବାରେ ସକ୍ଷମ ହେବେ। ଏଥିପାଇଁ ସଚେତନ ରହିବା ସହ ଅଭ୍ୟାସର ଆବଶ୍ୟକତ ରହିଛି। ଅଗ୍ନିଶମ ବିଭାଗ ସହିତ ସମ୍ପର୍କ ରଖିଲେ ଏହା ସମ୍ଭବ ହୋଇପାରିବ ବୋଲି ମୁଖ୍ୟ ଶାସନ ସଚିବ ଜେନା କହିଛନ୍ତି। କର୍ମଶାଳାରେ ମେୟର ସୁଲୋଚନା ଦାସ, ଓଡ଼ିଶା ଅଗ୍ନିଶମ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅଗ୍ନିଶମ ଡିଆଇଜି ଚରଣ ସିଂ ମୀନା, ଭାରପ୍ରାପ୍ତ ମୁଖ୍ୟ ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀୟ ଅଧିବେଶନରେ ଅଗ୍ନି ନିରାପତ୍ତା ଉପରେ ଆଲୋଚନା ହୋଇଥିଲା। ଏଥିରେ ବେସରକାରୀ କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତିବିଶେଷ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସମାଜର ଉନ୍ନତି ପାଇଁ ସକ୍ରିୟ ଭାବରେ ନିଜ ନିଜ ପରିସରରେ ଅଗ୍ନି ନିରାପତ୍ତାକୁ ପ୍ରୋତ୍ସାହିତ କରିବାକୁ ନିଶ୍ଚିତ କରିଥିଲେ। ଏହି ଅବସରରେ ଅଗ୍ନି ନିର୍ବାପକ ଓ ଉଦ୍ଧାର କାର୍ଯ୍ୟରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୫ଜଣ ଅଗ୍ନିଶମ ଓ ଜରୁରିକାଳୀନ କର୍ମଚାରୀଙ୍କୁ ‘ଡିଜି ଏଫ୍‌ଏସ୍ ଡିସ୍କ’ ପଦକ ପ୍ରଦାନ କରାଯାଇଥିଲା।



କର୍ମଶାଳାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ଅନ୍ୟମାନେ।

**‘ଅଗ୍ନି ଦୁର୍ବିପାକ ପ୍ରତିହତ ଓ ଦେଶ ବିକାଶର ପ୍ରୋତ୍ସାହନ’ କର୍ମଶାଳା**

## ସଂକ୍ଷେପରେ

### ଅଧାପକଙ୍କ ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

ଭୁବନେଶ୍ୱର,୨୭।୪ (ବ୍ୟୁରୋ) : ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କିଶନନଗର ଅଞ୍ଚଳରେ ରହୁଥିବା ଜଣେ ଅଧାପକ ଗୌତମ ମଲ୍ଲଙ୍କ ଘରେ ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଘରର ବାଲକୋନି ବାଟେ ଯାଇ କବାଟ ଭାଙ୍ଗି ଚୋରି ବାହାଘର ସମୟରେ ମିଳିଥିବା ସମସ୍ତ ସୁନାଗହଣା ଚୋରି କରି ନେଇଯାଇଛନ୍ତି। ସୂଚନା ଅନୁସାରେ ଗୌତମଙ୍କ ଗତବର୍ଷ ୫ ମାସ ତଳେ ବାହାଘର ହୋଇଥିଲା। ଗତ ୧୭ ତାରିଖ ଦିନ ରାତିରେ ଘରେ ସମସ୍ତେ ଶୋଇଥିବା ସମୟରେ ବିଳମ୍ବିତ ରାତିରେ ୨ଜଣ ଦୁର୍ବୃତ୍ତ ଏକ ସ୍କୁଟି ଯୋଗେ ଆସିଥିଲେ। ଘରଠାରୁ ଅଳ୍ପ ଦୂରରେ ସ୍କୁଟି ରଖି ବାଲକୋନି ବାଟ ଦେଇ ଘରେ ପଶିଥିଲେ। ବାଲକୋନି କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଏକ ପର୍ସରୁ ଆଲମିରା ଚାବି ନେଇ ଲକରରୁ ବାହାଘରର ବନ୍ଧାଣ ଟଙ୍କା ସହ, ମଙ୍ଗଳସୂତ୍ର, ୧୨ ଟି ମୁଦି, ଏକ ପାଉଁଚି, ୨ଟି ହାର, ଗୋଟେ ଚେନ ସହ ବହୁ ସୁନାଗହଣା ଓ ଟଙ୍କା ନେଇଯାଇଥିଲେ। ସକାଳୁ ଉଠି ଦେଖିବା ବେଳକୁ ଆଲମିରା ଖୋଲା ଥିବା ସହିତ ଆଲମିରା ଲକରରେ ସୁନାଗହଣା ନାହିଁ। ସୁନାଗହଣା ରଖାଯାଇଥିବା ପର୍ସ ଛାତ ଉପରେ ପଡିଥିବା ଦେଖିଥିଲେ। ସିସିଟିଭି ଦେଖିବାରୁ ଦୁଇଜଣ ଚୋର ଏକ ସ୍କୁଟିରେ ଆସିଥିବା ଜଣାପଡିଛି। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଘର ବାବଦରେ କେଉଁଠି କଣ ଅଛି ଜାଣିଥିବା ତଥା ତାଙ୍କ ଘରେ କାମ କରୁଥିବା ଯୁବକ ଏଭଳି କାମ କରିଥିବା ଗୌତମ ସନ୍ଦେହ କରୁଛନ୍ତି। କିନ୍ତୁ ଅଭିଯୋଗକୁ ୧୦ଦିନ ବିତିଯାଇଥିଲେ ମଧ ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବା ଗୌତମ ଅଭିଯୋଗ କରିଛନ୍ତି।

### ସ୍କୁଟି ସହ ମଦ ଜବତ: ଜଣେ ଗିରଫ



ବାଲୁଗାଁ/ଗମ୍ଭାରୀମୁଣ୍ଡା,୨୭।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବାଲୁଗାଁ, ବାଣପୁର ଓ ଚିଲିକା ଅଞ୍ଚଳରେ ଦେଶୀ ମଦ ଚୋରାଚାଲାଣ ବଢ଼ିବାରେ ଲାଗିଛି। ବାରମ୍ବାର ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ଗୁରୁବାର ସକାଳେ ବାଣପୁର ନିକଟ ବାଲେଡ଼ିହ ଗ୍ରାମ ଛକରେ ଅବକାରୀ କର୍ମଚାରୀ ବେଆଇନ ଭାବେ ଚାଲାଣ ହେଉଥିବା ୬୦ ଲିଟର ଦେଶୀ ମଦ ସହ ଏକ ସ୍କୁଟି ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତି ନେଇ ସ୍ଥାନୀୟ ବଡ଼ହନ୍ତୁଆଡ଼ ଗ୍ରାମର ଅଭିମନ୍ୟୁ ପ୍ରଧାନଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଏକ ମାମଲା(ନଂ.୧୩/୨୩) ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ବାଲୁଗାଁ ଅବକାରୀ ଅଧିକାରୀ ରୋହିତ କୁମାର ଦଣ୍ଡସେଣଙ୍କ ତତ୍ତ୍ୱାବଧାନରେ ଏଏସ୍ଆଇ ସୁଦୀପ୍ତ କୁମାର ଦାସ, କନ୍ଷ୍ଟେବଲ ରତ୍ନାକର ଜାଲି, ଉର୍ମିଷ୍ଠା ସାମନ୍ତସିଂହାର, ଚିନ୍ମୟୀ ଦାସ ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

# ଗିରଫଦାରି ଭୟରେ କହ୍ନେଇପୁର ଜନଶୂନ୍ୟ

**ଗୋଷ୍ଠୀ ସଂଘର୍ଷ ଘଟଣା**
- ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ
- ସ୍ଥିତି ନିୟନ୍ତ୍ରଣାଧୀନ: ଏସ୍‌ଡିପିଓ

କୃଷ୍ଣପ୍ରସାଦ, ୨୭।୪(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କହ୍ନେଇପୁର ଗ୍ରାମରେ ବୁଧବାର ସନ୍ଧ୍ୟାରେ ଗୋଷ୍ଠୀ ସଂଘର୍ଷ ଘଟି ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ଏମ୍‌କେସିଜି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଥିବାରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗିରଫଦାରି ଭୟରେ ଗ୍ରାମ ଜନଶୂନ୍ୟ ହୋଇପଡ଼ିଛି। ଗୁରୁବାର ପୁରୀ ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ ଗ୍ରାମରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ସ୍ଥିତି ନିୟନ୍ତ୍ରଣ ଥିବା ବେଳେ ଏହି ଘଟଣାରେ କେହି ଗିରଫ ହୋଇ ନ ଥିବା ଏସ୍‌ଡିପିଓ କହିଛନ୍ତି।

ପ୍ରକାଶ ଯେ, ବୁଧବାର ସକାଳେ କେତେଜଣ ମହିଳା ପୋଖରୀକୁ ଗାଧେଇବା ଲାଗି ଯାଇଥିଲେ। ଏହି ସମୟରେ କେତେଜଣ ଯୁବକ ତାଙ୍କୁ କମେଣ୍ଟ ମାରିଥିଲେ। ପରେ କମେଣ୍ଟମରାର ଶିକାର ହୋଇଥିବା ମହିଳା ପରିବାର ଲୋକଙ୍କୁ ଜଣାଇବା ସହ ଏନେଇ କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କହ୍ନେଇପୁର ଗ୍ରାମକୁ ଆସି ଘଟଣା ସମ୍ପର୍କରେ ପଚରାଉଚରା କରୁଥିବାବେଳେ ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏପରି କି ପୋଲିସ ଏହାକୁ ଅଟକାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲା। କେତେଜଣଙ୍କ ଘରର କବାଟ, ଝରକା ଭାଙ୍ଗିଯାଇଛି।



କହ୍ନେଇପୁର ଗାଁ ଜନଶୂନ୍ୟ ହୋଇପଡିଛି।

ପରବର୍ତ୍ତୀ ସମୟରେ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ପୋଲିସ ଆହତମାନଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ନେଇ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଏମ୍‌କେସିଜି ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ କରାଯାଇଛି। ପ୍ରକାଶ ଯେ, ଏହି ଗ୍ରାମରେ ଗୋଷ୍ଠୀ ସଂଘର୍ଷ ଗତ ୨୦୧୯ ମସିହାରୁ ଲାଗିରହିଛି। ପ୍ରଶାସନର ଶାନ୍ତି କମିଟିରେ ସମାଧାନ ପରେ ବି କିଛି ମାସ ପରେ ପୁଣି ଏଭଳି ବିଶୃଙ୍ଖଳା ଦେଖାଦେଉଛି।

# ଜଟଣୀ ପୌର ପରିଷଦର ପୂର୍ବତନ ଆକାଉଣ୍ଟାଣ୍ଟଙ୍କୁ ୪ ବର୍ଷ ଜେଲଦଣ୍ଡ

**ଲାଞ୍ଚ କାରବାର ମାମଲାର ୮ ବର୍ଷ ପରେ ରାୟ**

ଭୁବନେଶ୍ୱର,୨୭।୪ (ବ୍ୟୁରୋ)

ଏକ ଲାଞ୍ଚ କାରବାର ମାମଲାର ୮ବର୍ଷ ପରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଗୁରୁବାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ଅଭିଯୁକ୍ତ ଥିବା ଜଟଣୀ ପୌର ପରିଷଦର ପୂର୍ବତନ ଆକାଉଣ୍ଟାଣ୍ଟ ଶରତ କୁମାର ଦାଶ (୬୨)ଙ୍କୁ ୪ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ଏଥିସହ ତାଙ୍କୁ ୨୦ ହଜାର ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୨ମାସ ଜେଲଦଣ୍ଡ ଭୋଗିବାକୁ ବିଚାରପତି ସତ୍ୟ ନାରାୟଣ ଷଡ଼ଙ୍ଗୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନା ଅନୁଯାୟୀ, ଜଟଣୀ ପୌର ପରିଷଦ ଅଞ୍ଚଳରେ ୨ଟି ସିସି ରୋଡ୍ ନିର୍ମାଣ ପାଇଁ କଣ୍ଟ୍ରାକ୍ଟର ପ୍ରଦୀପ କୁମାର ବରାଳଙ୍କୁ ଟେଣ୍ଡର ମିଳିଥିଲା। ଏହି କାମ ସରିବା ପରେ କାର୍ଯ୍ୟରତ ଜୁନିୟର ଇଞ୍ଜିନିୟର ଓ ଆସିଷ୍ଟାଣ୍ଟ ଇଞ୍ଜିନିୟର ତଦାରଖ କରିଥିଲେ। ଜୁନିୟର ଇଞ୍ଜିନିୟର ମଧ ଶେଷ ବିଲ୍ ପ୍ରସ୍ତୁତ କରିଥିଲେ। ହେଲେ ପରିଷଦର ଆକାଉଣ୍ଟାଣ୍ଟ ଥିବା ଶରତ ଫାଇଲ କାମ ସହ ଚେକ୍ ଜରିଆରେ ଟଙ୍କା ଦେବା ପାଇଁ ବିଳମ୍ବ କରିଥିଲେ। ଏଥିପାଇଁ ସେ କଣ୍ଟ୍ରାକ୍ଟର ପ୍ରଦୀପଙ୍କୁ ୩୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ପ୍ରଦୀପ ୨୦୧୫ ଜାନୁୟାରୀ ୧୬ରେ କଟକ ଭିଜିଲାନ୍ସ ଏସ୍‌ପିଙ୍କ ସେଲ୍‌ରେ ଅଭିଯୋଗ କରିଥିଲେ। ଯୋଜନାମୁତାବକ, ଏହାର ପରଦିନ ଅର୍ଥାତ ଜାନୁୟାରୀ ୧୭ରେ ପ୍ରଦୀପଙ୍କଠୁ ଲାଞ୍ଚ ଟଙ୍କା ଗ୍ରହଣ କରିବା ପରେ ଶରତ ତାଙ୍କୁ ୮ ଲକ୍ଷ ୬୪ ହଜାର ୯୪୬ ଓ ୬୬ ହଜାର ୪୦ ଟଙ୍କାର ୨ଟି ଚେକ ଦେଇଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଶରତଙ୍କୁ ଗିରଫ କରିଥିଲା। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୩/୨୦୧୫) ରୁଜୁ କରାଯାଇ ଶରତଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ମାମଲାର ଶୁଣାଣି ସମୟରେ ୧୦ଜଣଙ୍କ ସାକ୍ଷ୍ୟ ଓ ଅନ୍ୟ ଦସ୍ତାବିଜ ଆଧାରରେ କୋର୍ଟ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ। ଅନ୍ୟପକ୍ଷରେ ଦଣ୍ଡ ଭୋଗିବାକୁ ଦୋଷୀ ଶରତଙ୍କୁ ଗୁରୁବାର ଜେଲକୁ ପଠାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।




ଖୋର୍ଦ୍ଧା: ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗୁରୁବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା, ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଗର୍ଜିଲେ

**ଏବିଭିପି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ**

ଖୋର୍ଦ୍ଧା ଅଫିସ,୨୭।୪

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଖୋର୍ଦ୍ଧା ଜିଲା ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ବିପର୍ଯ୍ୟସ୍ତ ଶିକ୍ଷା, ଆଇନଶୃଙ୍ଖଳା ସ୍ଥିତିକୁ ନେଇ ପରିଷଦ ସରକାରଙ୍କୁ ସମାଲୋଚନା କରିଥିଲା।

ଶିକ୍ଷା ବ୍ୟବସ୍ଥାରେ ବିଭିନ୍ନ ବ୍ୟତିକ୍ରମ ଦେଖାଦେଇଛି। ଓଏସ୍ଏସ୍‌ସି ପରୀକ୍ଷାରେ ପ୍ରଶ୍ନପତ୍ର ମୁଦ୍ରଣ ତ୍ରୁଟି ଏବଂ ପରୀକ୍ଷା ବାତିଲ, ମାଟ୍ରିକ୍ ପରୀକ୍ଷାରେ ୧୫ ହଜାରରୁ ଊର୍ଦ୍ଧ୍ୱ ପିଲା ପରୀକ୍ଷା ନ ଦେବା, ରାଜ୍ୟରେ ଏକାଧିକ ଅଧାପକ ପଦବୀ ଖାଲି ରାଜ୍ୟର ବିପର୍ଯ୍ୟସ୍ତ ଶିକ୍ଷା ସ୍ଥିତିକୁ ଦର୍ଶାଉଛି। ବିଜେବି କଲେଜ, ମହର୍ଷି କଲେଜ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟର ବିଭିନ୍ନ କ୍ୟାମ୍ପସ ପରିସରରେ ଅଣଛାତ୍ରଙ୍କ ପ୍ରବେଶ ଯୋଗୁ କ୍ୟାମ୍ପସ୍‌ରେ ଅଶାନ୍ତି ଲାଗି ରହୁଛି। ସେହିପରି ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଛି। ଓଡ଼ିଶାରେ ଖାଲି ପଡ଼ିଥିବା ଅଧାପକ ପଦବୀ ତୁରନ୍ତ ପୂରଣ କରାଯାଉ। କ୍ୟାମ୍ପସ୍‌ରେ ଅଣଛାତ୍ରଙ୍କ ପ୍ରବେଶ ଉପରେ କଟକଣା, ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯାଉ। ମହିଳାଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉ। ଖାଲି ପଡ଼ିଥିବା ୨.୨୬ ଲକ୍ଷ ସରକାରୀ ପଦବୀ ପୂରଣ କରାଯାଉ ବୋଲି ଦାବି ହୋଇଛି। ଏହି ବିକ୍ଷୋଭରେ ଖୋର୍ଦ୍ଧା ଜିଲାର କାର୍ଯ୍ୟକର୍ତ୍ତା ତଥା ଜିଲା ସଂଯୋଜକ ସାଗର ପରିଡ଼ା, ଜିଲା ସହ ସଂଯୋଜିକା ଦୀପ୍ତିମୟୀ ପ୍ରତିହାରୀ, ବିଶ୍ୱଜିତ୍ ଦାସ, ଶୈଳେଶ ସାମନ୍ତରାୟ, ଅଂଶୁମାନ ଆଚାର୍ଯ୍ୟ, ବିଭୁପ୍ରକାଶ, ସରସ୍ୱତୀ ଚିନାରା, ପ୍ରଭୁ, ଶୁଭମ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୨୯ରୁ 'ଏକ ହିଁ ଜିଜ୍ଞାସା-ଆନନ୍ଦର ଆଶା' ଦାର୍ଶନିକ ପ୍ରବଚନ

ଖୋର୍ଦ୍ଧା ଅଫିସ,୨୭।୪

ଗୁରୁ କୃପାଳୁଜୀ ମହାରାଜଙ୍କ ବରିଷ୍ଠ ପ୍ରଚାରିକା ରାସେଶ୍ୱରୀ ଦେବୀ ଦେଶ ତଥା ବିଦେଶରେ ସନାତନ ଧର୍ମ ବିଷୟରେ ଅବଗତ କରାଇବା ଉଦ୍ଦେଶ୍ୟରେ ବହୁ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଆଜିର ଯୁବପିଢ଼ିଙ୍କ ମଧ୍ୟରେ ସଂସ୍କାର ଓ ଈଶ୍ୱରୀୟ ଚେତନା ସୃଷ୍ଟିରେ ସେ ନିରନ୍ତର ବ୍ରତୀ ରହିଛନ୍ତି। ବ୍ରଜ ଗୋପୀକା ସେବା ମିଶନ ଦ୍ୱାରା ଆସନ୍ତା ୨୯ ତାରିଖରୁ ମେ'୫ ପର୍ଯ୍ୟନ୍ତ ଖୋର୍ଦ୍ଧା ଜୟୀ ରାଜଗୁରୁ ଟାଉନ ହଲ୍‌ରେ 'ଏକ ହିଁ ଜିଜ୍ଞାସା-ଆନନ୍ଦର ଆଶା' ଦାର୍ଶନିକ ପ୍ରବଚନ କାର୍ଯ୍ୟକ୍ରମରେ ରାସେଶ୍ୱରୀ ଦେବୀ ଯୋଗଦେବେ। ପ୍ରତିଦିନ ସନ୍ଧ୍ୟା ୬ଟା ୩୦ରୁ ରାତି ୮ଟା ପର୍ଯ୍ୟନ୍ତ ଏହି ପ୍ରବଚନ କାର୍ଯ୍ୟକ୍ରମ ହେବ। ଉକ୍ତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଏଡିଏମ୍ ପ୍ରତାପ ଚନ୍ଦ୍ର ବେଉରା, ଏସ୍‌ପି ସିଦ୍ଧାର୍ଥ କଟାରିଆ, ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୋରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥିଭାବେ ଯୋଗଦେବେ। ଏହି କାର୍ଯ୍ୟକ୍ରରେ ବହୁ ଶ୍ରଦ୍ଧାଳୁ ଯୋଗଦେବାକୁ ଅନୁରୋଧ କରାଯାଇଛି।

# ପ୍ରାଣୀ ମଙ୍ଗଳ ସଚେତନତା କାର୍ଯ୍ୟକ୍ରମ



ଖୋର୍ଦ୍ଧା ଅଫିସ,୨୭।୪

ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଜୀବେଦୟା ତଥା ପ୍ରାଣୀ ମଙ୍ଗଳ ବିଧିବ୍ୟବସ୍ଥା ଏବଂ ଏହାର କାର୍ଯ୍ୟକାରିତା ଉପରେ ଏକ ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀ ଚିକିତ୍ସାଳୟ ଉପନିର୍ଦ୍ଦେଶକ ଡ. ମାନସ କୁମାର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ କ୍ଷୀରାବ୍ଧିତନୟା ସାହୁ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସଂଜୀବନୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଣୀଜଗତ ଉପରେ ହେଉଥିବା ବିଭିନ୍ନ ପ୍ରକାର ନିଷ୍ଠୁରତା ବନ୍ଦ ତଥା ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଲାଗି ସରକାର ଜୀବେ ନିଷ୍ଠୁରତା ନିରାକରଣ ଆଇନ ୧୯୬୦ ତଥା ପ୍ରାଣୀ ପରିବହନ ନିୟମ ୧୯୭୮ ଲାଗୁ କରିଛନ୍ତି। ଏ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକସ୍ତରର ବିଭିନ୍ନ ବିଭାଗର ଅଧିକାରୀ, ପ୍ରାଣୀ ବିଭାଗ, ଶିକ୍ଷକ, ଅଧ୍ୟାପକ, ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀ ଜୟକୃଷ୍ଣ ପଣ୍ଡା, ମିଶନ ଶକ୍ତିର ବିପିଏମ୍ ପ୍ରିୟଦର୍ଶୀ ଦାସ, ଏବିଡିଓ ରଞ୍ଜନ କୁମାର ସ୍ୱାଇଁ, ସରପଞ୍ଚ, ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରଜ୍ଞା ପାରମିତା ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

# ଭାଇ ସମେତ ୨ଜଣଙ୍କୁ ଗୁଳିମାଡ଼ କରି ଫେରାର ଥିଲେ ବିପିନ

ଖୋର୍ଦ୍ଧା ଅଫିସ,୨୭।୪

ନିଜକୁ ଭୂତ ସଂଘର ସଭାପତି କହୁଥିବା ବିପିନ କୁମାର ରାଉତରାୟଙ୍କୁ ବୁଧବାର ଖୋର୍ଦ୍ଧା ସଦର ଥାନା ପୋଲିସ ନନ୍ଦପୁରରୁ ଗିରଫ କରିଥିଲା। ଦୁଇଟି ୱାରେଣ୍ଟ ବଳରେ ତାଙ୍କୁ ଗିରଫ କରାଯାଇଥିବା ଗୁରୁବାର ପୋଲିସ ସ୍ପଷ୍ଟ କରିଛି। ତେବେ ବିପିନଙ୍କ ବିରୋଧରେ ଗୁଳିମାଡ଼ ଭଳି ସଙ୍ଗିନ ଅଭିଯୋଗ ରହିଛି। ୨୦୧୩ ମସିହାରେ ଏକ ଜମିଜମା ଘଟଣାରେ ନିଜ ଭାଇ କେଦାରନାଥ ରାଉତରାୟଙ୍କୁ ଗୁଳିମାଡ଼ କରି ବିପିନ ଫେରାର ଥିଲେ। ସେହିପରି ୨୦୧୬ରେ ଅନ୍ୟ ଜଣେ ସମ୍ପର୍କୀୟଙ୍କୁ କୌଣସି କାରଣରୁ ଗୁଳି କରି ଫେରାର ରହିଥିଲେ। ଉକ୍ତ ଦୁଇ ଘଟଣା ନେଇ ତାଙ୍କ ବିରୋଧରେ ଗିରଫ ପର୍‌ୱାନା ଜାରି ହୋଇଥିଲା। ଘଟଣା ପରଠାରୁ ପୋଲିସକୁ ଚକମା ଦେଇ ବିପିନ ଖସିଯାଉଥିଲେ। ବୁଧବାର ଅପରାହ୍ନରେ ନିଜ ଗାଁ ନନ୍ଦପୁର ଆସିଥିବାବେଳେ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ କେଦାରନାଥଙ୍କ ସ୍ତ୍ରୀ କୁହନ୍ତି, ଉକ୍ତ ଗୁଳିକାଣ୍ଡ ପରଠାରୁ ତାଙ୍କ ସ୍ୱାମୀ ପଙ୍ଗୁ ପାଲଟି ଯାଇଛନ୍ତି। ଦୀର୍ଘଦିନ ପରେ ପୋଲିସ ବିପିନଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସେହିଭଳି ଗ୍ରାମର କେତେଜଣ ବ୍ୟକ୍ତି କୁହନ୍ତି, ସେ ଜଣେ ଆତ୍ମଘୋଷିତ ଜ୍ୟୋତିଷ। ନିଜକୁ ବଗଳାମୁଖୀ ସାଧକ କହି ବୁଲୁଥିଲେ। ମାଟ୍ରିକ୍‌ରୁ ତଦୂର୍ଦ୍ଧ୍ୱ ପଢ଼ି ନ ଥିବା ବିପିନ ରାତାରାତି କିପରି ଜଣେ ସାଧକ ହୋଇଗଲେ ବୋଲି କହିଛନ୍ତି। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ପ୍ରକାଶ ଯେ, ବିପିନ ନିଜକୁ ଜଣେ ବଗଳାମୁଖୀ ସାଧକ କହିବା ସହ ଭୂତଙ୍କ ସଭାପତି ବୋଲି ମଧ କହୁଥିଲେ। ମଶାଣିରେ ୧୫ ମିନିଟ୍ ମନ୍ତ୍ର ପଢ଼ିବା ପରେ ୪୦ ଲକ୍ଷ ଭୂତ ତାଙ୍କ ନିକଟକୁ ଆସୁଥିଲେ। ଭୂତଙ୍କ ମିଟିଂରେ ସେ ବସୁଥିଲେ। ଭୂତମାନେ ସମସ୍ୟା ସମାଧାନ ଲାଗି ତାଙ୍କ ସହଯୋଗ ଲୋଡ଼ୁଥିଲେ। ଭୁବନେଶ୍ୱରକୁ ୪୫ ମିନିଟ୍ ପାଇଁ ଅନ୍ଧକାର କରିଥିଲି। ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପ୍ରେତାତ୍ମାଙ୍କ ସହ ଭେଟ ହୋଇଥିବା ଓ ସେ ତାଙ୍କୁ ନ୍ୟାୟ ମାଗୁଥିବା ନେଇ ସୋସିଆଲ ମିଡିଆ ଏବଂ କେତେକ ବୈଦ୍ୟୁତିକ ଗଣମାଧ୍ୟମରେ ଏ ସମ୍ପର୍କରେ କହୁଥିବା ଭିଡିଓ ଭାଇରାଲ ହୋଇଥିଲା। ଏବେ ବିପିନ ଗିରଫ ପରେ ତାଙ୍କ ଗୁମର ଖୋଲିବାରେ ଲାଗିଛି। ଅନ୍ୟପକ୍ଷରେ ଏନେଇ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ମତାମତ ମିଳିପାରିନାହିଁ।

# ଆନ୍ଧ୍ରରେ ଓଡ଼ିଆ ଜେସିବି ଚାଳକଙ୍କ ମୃତ୍ୟୁ

ନିରାକାରପୁର,୨୭।୪(ଡି.ଏନ୍.ଏ.)

ଆନ୍ଧ୍ରପ୍ରଦେଶର ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ଓଡ଼ିଆ ଜେସିବି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ ପଞ୍ଚାୟତ ହରିପୁର ଗ୍ରାମର ସର୍ବେଶ୍ୱର ପାତାଳସିଂହ ଓରଫ ଅଖୁ (୨୩)। ସୂଚନା ମୁତାବକ, ଗତ ୨୪ ତାରିଖରେ ଉକ୍ତ କମ୍ପାନୀରେ ସର୍ବେଶ୍ୱର କାର୍ଯ୍ୟ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କର ଦୁଇ ସହଯୋଗୀ ଚିକିତ୍ସା ପାଇଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସେଠାରେ ରହୁଥିବା ତାଙ୍କର ଦୁଇ ଓଡ଼ିଆ ସାଙ୍ଗ ଆମ୍ବୁଲାନ୍ସରେ ସର୍ବେଶ୍ୱରଙ୍କ ମୃତଶରୀରକୁ ଗ୍ରାମକୁ ଆଣିଥିଲେ। ଗ୍ରାମରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ପ୍ରକାଶ ଯେ, ଏକ ମାସ ପୂର୍ବେ ଗ୍ରାମରେ ହୋଇଥିବା ଦଣ୍ଡଦୋଳ ମେଳଣରେ ସର୍ବେଶ୍ୱର ଘରକୁ ଆସିଥିଲେ। ପରବର୍ତ୍ତୀ ସମୟରେ ସେ ପୁଣି କାର୍ଯ୍ୟସ୍ଥଳୀକୁ ଯାଇଥିଲେ ବୋଲି ପରିବାରଲୋକେ କହିଛନ୍ତି।

**ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ**

# ରିୟଲ ଫାଇଟର ବିଜୟୀ

ବୋଲଗଡ଼,୨୭।୪(ଡି.ଏନ୍.ଏ.)

ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ନବମ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ଆର୍ମି ଇଲେଭେନ ଓ ରିୟଲ ଫାଇଟର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଆର୍ମି ଇଲେଭେନ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ରିୟଲ ଫାଇଟର ପ୍ରଥମେ ବ୍ୟାଟିଂ କରି ୧୦.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଆର୍ମି ଇଲେଭେନ ୧୦.୩ ଓଭରରେ ସମସ୍ତ ଉଇକେଟ ହରାଇ ୭୩ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମ୍‌ର ସାଗର ଉତ୍ତମ ଖେଳ ପ୍ରଦର୍ଶନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅଜୟ ସିଂ ଓ ସୌମ୍ୟରଞ୍ଜନ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ସାମାଜିକ କର୍ମୀ ଶିବପ୍ରସାଦ ଦାସ ଯୋଗଦେଇ ଉଭୟ ଟିମ୍‌ର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ବିପିଏଲ୍ ଟୁର୍ନାମେଣ୍ଟ କମିଟି ପକ୍ଷରୁ ସୋନୁ, ମନୁ, କାଳିଆ, ଶିବୁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ବିଜୟୀ ରିୟଲ ଫାଇଟର ଟିମ୍‌ର ଖେଳାଳିମାନେ।

# ମନମୋହିଲା ଓଡ଼ିଶୀ, ଝୋଟି ପ୍ରତିଯୋଗିତା

**ବାର୍ଷିକ କ୍ରୀଡା ଉତ୍ସବ ଦ୍ୱିତୀୟ ଦିବସ**

ଜଟଣୀ,୨୭।୪(ଡି.ଏନ୍.ଏ.)






ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଟ୍ରାଫିକ୍ କଲୋନିସ୍ଥିତ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅଧୀନ ବକ୍ସି ଜଗବନ୍ଧୁ ବିଦ୍ୟାଧର ରେଳ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବର ଗୁରୁବାର ଥିଲା ଦ୍ୱିତୀୟ ଦିବସ। ଏହି ଅବସରରେ ଝୋଟି, ଚିତ୍ରାଙ୍କନ, ନୃତ୍ୟ, ଗୀତ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଝୋଟିର ବରିଷ୍ଠ ବିଭାଗରେ ଡି. ଉଷା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କନିଷ୍ଠରେ ସାଇ ଶ୍ରଦ୍ଧା ପରିଡ଼ା ପ୍ରଥମ ହୋଇଥିଲେ। ସେହିପରି ବରିଷ୍ଠ ମେହେନ୍ଦିରେ ଡି. ଉଷା ଓ କନିଷ୍ଠରେ ନିର୍ଲିପ୍ତା ଶୁଭଦର୍ଶିନୀ, ବରିଷ୍ଠ ଚିତ୍ରାଙ୍କନରେ ଆକାଂକ୍ଷା ଓ କନିଷ୍ଠରେ ଅନେଶ୍ୱେତା, ସର୍ବକନିଷ୍ଠରେ ପ୍ରଜ୍ଞା ପ୍ରଧାନ, ବରିଷ୍ଠ ଗୀତରେ ବିଶ୍ୱଜିତ୍ ଜେନା, କନିଷ୍ଠରେ ସାଇଶ୍ରୀ ଦାସ, ଆଧୁନିକ ନାଚରେ ଆୟେଶା ପଣ୍ଡା ଓ କନିଷ୍ଠରେ ସ୍ଥିତି ପ୍ରଜ୍ଞା ମିଶ୍ର, ଓଡ଼ିଶୀ ନାଚରେ ସିପ୍ରାରାଣୀ ପାଢ଼ୀ ଓ କନିଷ୍ଠରେ ଭାଡି ଦୁଷ୍ୟଜାନି, ଟେବୁଲ୍ ଟେନିସ୍‌ରେ ଜି. ଅନିଲ କୁମାର ଓ କନିଷ୍ଠରେ ସମ୍ୟକ୍ ମିଶ୍ର, ମହିଳା କନିଷ୍ଠରେ ଭୂମିକା ଜେନା ବିଜୟୀ ଘୋଷିତ ହୋଇଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଜୁନ୍ ପ୍ରଥମ ସପ୍ତାହରେ ହେବାକୁଥିବା ବାର୍ଷିକ ଉତ୍ସବରେ ପୁରସ୍କାର ବିତରଣ କରାଯିବ ବୋଲି ଇନ୍‌ଷ୍ଟିଚ୍ୟୁଟ୍‌ର ସମ୍ପାଦକ ଅକ୍ଷୟ କୁମାର ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଶ୍ରମିକ କଂଗ୍ରେସର ସହ ସଂଯୋଜକ ସୁନୀଲ କୁମାର ଭଞ୍ଜ, କୋଷାଧ୍ୟକ୍ଷ ସାମୁଏଲ୍ ପ୍ରଧାନ, ପି. ରାଜାରାଓ, ଗୋପାଳ ଦାସ, ମନୋରଞ୍ଜନ ମହାପାତ୍ର, କୀର୍ତ୍ତି ପଟ୍ଟନାୟକ, ରସିଦ୍ ବାସା, ରୁନି ବେହେରା, ଅର୍ପିତା ମହାନ୍ତି, ବିଜୟଲକ୍ଷ୍ମୀ ଦାଶ, ବି. ଜାନକୀ, ଅନସୂୟା ନାଥ ପ୍ରମୁଖ ପରିଚାଳନା କରିଥିଲେ ବୋଲି ଶ୍ରମିକ କଂଗ୍ରେସର ଶାଖା ସମ୍ପାଦକ ଏଲ୍.ଡି. ମହାନ୍ତି ସୂଚନା ଦେଇଛନ୍ତି।

## ବ୍ରାଉନ୍‌ସୁଗାର ଜବତ, ଯୁବକ ଗିରଫ

ମଙ୍ଗୁଳି-ଜଗତପୁର,(ଡି.ଏନ୍.ଏ.): ବ୍ରାଉନ୍‌ସୁଗାର ବିକ୍ରି ଅଭିଯୋଗରେ ଜଗତ୍‌ପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ପୀରବଜାର ଅନ୍ଧେଇସାହିର ଧନଞ୍ଜୟ ଦାସ। ବୁଧବାର ସନ୍ଧ୍ୟାରେ ସେ ଅନ୍ଧେଇସାହି ତାରିଣୀ ମନ୍ଦିର ନିକଟରେ ବ୍ରାଉନ୍‌ସୁଗାର ବିକ୍ରି କରିବା ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ପୋଲିସ ଚଢାଉ କରି ତାଙ୍କୁ କାବୁ କରିଥିଲା। ଯାଞ୍ଚବେଳେ ତାଙ୍କ ପକେଟରୁ ୧୫ ଗ୍ରାମ୍‌ର ବ୍ରାଉନ୍‌ସୁଗାର ମିଳିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୯୪/୨୩) ରୁଜୁ ହୋଇଛି। ଜବତ ବ୍ରାଉନ୍‌ସୁଗାର ମୂଲ୍ୟ ଆନୁମାନିକ ଦେଢ ଲକ୍ଷ ଟଙ୍କା ହେବ ବୋଲି ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଆମ୍ବଡାଳ ପଡ଼ି ବୃଦ୍ଧ ମୃତ

ଖୁଣ୍ଟୁଣୀ,୨୭।୪(ଡି.ଏନ୍.ଏ.): ଖୁଣ୍ଟୁଣୀ ଥାନା ଅଧୀନ ରମନଗର ସାହିରେ ଗୁରୁବାର ଆମ୍ବଗଛର ଡାଳ ପଡି ସାହି ମୁରବି ପାଣୁ ପରିଡା(୬୫)ଙ୍କ ମୃତ୍ୟୁ ଘଟିଛି। ସକାଳେ ସେ ତାଙ୍କ ବୋହୂଙ୍କୁ ପଖାଳ ଭାତ ଖାଇବାକୁ ମାଗିଥିଲେ। ବୋହୂ ପଖାଳ ବାଢୁଥିବାବେଳେ ପାଣୁ ବାରି ଗଛରୁ ଆମ୍ବ ଆଣିବା ପାଇଁ ଯାଇଥିଲେ। ହଠାତ୍ ଶବ୍ଦ ଶୁଣି ବୋହୂ ଓ ପୁଅ ଯାଇ ଦେଖିବାବେଳକୁ ପାଣୁଙ୍କ ଉପରେ ଗଛ ଡାଳ ମାଡି ବସିଛି। ଚିତ୍କାର କରିବାରୁ ସାହି ଲୋକେ ଆସି ପାଣୁଙ୍କ ଉପରୁ ଗଛଡାଳ ହଟାଇ ଆଠଗଡ଼ ଡାକ୍ତରଖାନା ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ସ୍ଥାନୀୟ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଥିଲା। ବଡପୁଅ ରତ୍ନାକର ମୁଖାଗ୍ନି ଦେଇଥିଲେ।

### କଲେଜ ଅଧକ୍ଷଙ୍କୁ ହତ୍ୟା ଧମକ, ଯୁବକ ଗିରଫ

ମଙ୍ଗୁଳି-ଜଗତପୁର,୨୭।୪ (ଡି.ଏନ୍.ଏ.): ଟାଙ୍ଗୀ ଥାନା ଅଞ୍ଚଳର ଏକ ଘରୋଇ କଲେଜ ଅଧକ୍ଷଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ କୋଟସାହି ପଞ୍ଚାୟତ ମଦନମୋହନ ସାହିର ପ୍ରଶାନ୍ତ କୁମାର ଗାହାଣ। ଉକ୍ତ କଲେଜ ନିକଟରେ ପ୍ରଶାନ୍ତଙ୍କ ଏକ ବହିଖାତା ଦୋକାନ ରହିଛି। ପୂର୍ବରୁ କଲେଜ ସହ ବ୍ୟବସାୟିକ ସମ୍ପର୍କ ରଖିଥିବା ପ୍ରଶାନ୍ତ ଗତ ୨୦ ତାରିଖରେ କଲେଜ ପରିସରକୁ ଆସି ବ୍ୟବସାୟ ସଂକ୍ରାନ୍ତରେ କଥାବାର୍ତ୍ତା କରିଥିଲେ। କୌଣସି କାରଣରୁ ତିକ୍ତତା ହେବାରୁ ବ୍ୟବସାୟିକ ସମ୍ପର୍କ ଛିନ୍ନ ହୋଇଯାଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରଶାନ୍ତ ପ୍ରଥମେ ସାମାଜିକ ଗଣମାଧମରେ ଶିକ୍ଷାନୁଷ୍ଠାନ ସହ ଅଧକ୍ଷଙ୍କୁ ବଦ୍‌ନାମ କରିବାକୁ ଚେଷ୍ଟା କରିବା ସହ ଅଧକ୍ଷଙ୍କୁ ହତ୍ୟା ଧମକ ଦେଇଥିଲେ। ଏନେଇ କଲେଜ କର୍ତ୍ତୃପକ୍ଷ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୭୪/ ୨୩)ରୁଜୁ କରିଥିଲା।

### ପୂର୍ବତନ ଏମ୍‌ପି ତ୍ରିଲୋଚନ କାନୁନ୍‌ଗୋଙ୍କ ଶ୍ରଦ୍ଧାଞ୍ଜଳି ସଭା

କଟକ ଅଫିସ, ୨୭।୪: ପୂର୍ବତନ ଏମ୍‌ପି ତ୍ରିଲୋଚନ କାନୁନ୍‌ଗୋଙ୍କ ଶ୍ରଦ୍ଧାଞ୍ଜଳି ସଭା କଟକସ୍ଥିତ ଦି ୟୁନିଭର୍ସଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଡ. ପ୍ରମୋଦ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ଇଂ. ମହମ୍ମଦ ମୋକିମ କହିଥିଲେ, ତ୍ରିଲୋଚନଙ୍କ କୃତୀ ଓ କୀର୍ତ୍ତି ପାଇଁ କଟକବାସୀ ସର୍ବଦା ମନେ ରଖିବେ। ଏହି ସଭାରେ ଅତିଥି ଭାବେ ଡ. ସୁଦର୍ଶନ ପଟ୍ଟନାୟକ, ଶୈଳ ବେହେରା, ଡ. ଖାରବେଳ ମହାନ୍ତି, ଦତ୍ତରଞ୍ଜନ ମହାନ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ପାବକ କାନୁନ୍‌ଗୋ, ଡ. ବିଶ୍ୱାବସୁ ଦାସ, ଡ. ପଦନ କୁମାର ଜେନା, ପ୍ରଫେସର ସତ୍ୟକାମ ମିଶ୍ର, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, ଡା. ନିରଞ୍ଜନ ତ୍ରିପାଠୀ, ମଞ୍ଜୁଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ବ୍ୟାପ୍ତି ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଓ କିଶୋର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# କାଓନୋମିକ୍ସ ଟେକ୍ନୋଲୋଜିରେ ପୁନରୁଦ୍ଧାର ହେବ ଜଳାଶୟ

କଟକ ଅଫିସ,୨୭।୪


ବ୍ୟାପ୍‌ଟିଷ୍ଟ ଚର୍ଚ୍ଚ ପରିସରରେ ପରିତ୍ୟକ୍ତ ଅବସ୍ଥାରେ ଥିବା ପୋଖରୀର ସ୍ଥିତି ଅନୁଧ୍ୟାନ କରୁଛନ୍ତି ମେୟର, ଡେପୁଟି ମେୟର ଓ କମିଶନରଙ୍କ ସହ ଅନ୍ୟମାନେ।

- ୧୦ ଜଳାଶୟ ଚିହ୍ନଟ
- ଲୋପ ପାଇବ ମଶା ବଂଶ
- ବ୍ୟାପ୍‌ଟିଷ୍ଟ ଚର୍ଚ୍ଚ ପରିସର ଜଳାଶୟ ବୁଲି ଦେଖିଲେ ମେୟର, କମିଶନର

କଟକ ସହରରେ ଅଧିକାଂଶ ଜଳାଶୟ ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ମଶାବଂଶ ବୃଦ୍ଧି ପାଉଛି। ଫଳରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଏକ ଅଭିନବ ଉପାୟରେ ଜଳାଶୟଗୁଡିକୁ ବିଶୋଧନ କରି ବ୍ୟବହାର ଉପଯୋଗୀ ପାଇଁ ଯୋଜନା କରାଯାଇଛି। ଏନେଇ ଆଧୁନିକ ବିଶୋଧନ ପ୍ରକ୍ରିୟା କାଓନୋମିକ୍ସ ଟେକ୍ନୋଲୋଜି ବ୍ୟବହାର କରାଯିବ। ଏହା ଏକ ଆୟୁର୍ବେଦ ପଦ୍ଧତି। ଏହି ପଦ୍ଧତି ମାଧମରେ ସ୍ୱତନ୍ତ୍ର ଜ୍ଞାନକୌଶଳ ଉପଯୋଗ କରାଯାଇ ଜଳାଶୟଗୁଡିକର ପାଣି ସ୍ୱଚ୍ଛ କରାଯିବ। ଏହାଦ୍ୱାରା ମଶାବଂଶ ଲୋପ ପାଇବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୧୦ଟି ଜଳାଶୟକୁ ସାମିଲ କରାଯାଇଥିବା ସିଏମ୍‌ସି ମେୟର ସୁବାସ ସିଂ ସୂଚନା ଦେଇଛନ୍ତି। ସେଗୁଡିକ ହେଲେ ବିଡାନାସୀ ଡିସ୍‌ପେନ୍‌ସରୀ ପଛପଟରେ ଥିବା ବାଇମୁଣ୍ଡି ନଗର ଜଳାଶୟ, ରାଉଳପଡାର ପାତ୍ର ପୋଖରୀ, ସୂତାହାଟ ଚର୍ଚ୍ଚ ସମ୍ମୁଖ ପୋଖରୀ, କାଫଲା ଫାଣ୍ଡିସ୍ଥିତ ରେବା କଲୋନୀ ପୋଖରୀ, ସିଦ୍ଧେଶ୍ୱର ସାହି ମହାଦେବ ପୋଖରୀ, ବକ୍ସିବଜାର ବଢେଇସାହି ପୋଖରୀ, ଗଣ୍ଡରପୁରସ୍ଥିତ କୋରା ପୋଖରୀ, ଚାଉଳିଆଗଞ୍ଜ ମଠସାହି ପୋଖରୀ ଓ ଚାନ୍ଦିନୀଚୌକ୍‌ର ହାଡଗଡିଆ ପୋଖରୀ। ଏହି ପରିପ୍ରେକ୍ଷୀରେ ଗୁରୁବାର ମେୟର ସିଂ, କମିଶନର ନିଖିଲ ପୱନ କଲ୍ୟାଣ, ଡେପୁଟି ମେୟର ଦମୟନ୍ତୀ ମାଝି ପ୍ରମୁଖ ବ୍ୟାପ୍‌ଟିଷ୍ଟ ଚର୍ଚ୍ଚ ପରିସରରେ ପରିତ୍ୟକ୍ତ ଅବସ୍ଥାରେ ଥିବା ପୋଖରୀ ପରିଦର୍ଶନ କରିବା ସହ ତୁରନ୍ତ ବିଶୋଧନ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ଏ ନେଇ ସେମାନେ ଚର୍ଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ।

ପ୍ରକାଶଥାଉ କି, କାଓନୋମିକ୍ସ ପଦ୍ଧତିରେ ଆୟୁର୍ବେଦୀୟ ସାମଗ୍ରୀଗୁଡିକୁ ଉପଯୋଗ କରାଯିବ। ଏହାଦ୍ୱାରା ଜଳାଶୟରେ କୌଣସି ରାସାୟନିକ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି ହେବ ନାହିଁ। ଫଳରେ ସହଜରେ ଜଳାଶୟଗୁଡିକୁ ସ୍ୱଚ୍ଛ ଓ ଗାଧୋଇବା ଉପଯୋଗୀ କରାଯାଇପାରିବ। ଏହି ଜ୍ଞାନକୌଶଳ ଉପଯୋଗ ଦ୍ୱାରା ମଶାବଂଶ ଲୋପ ପାଇବା ସହ ସେଠାରେ ଦଳ ଜନ୍ମ ହେବ ନାହିଁ। ଜଳାଶୟରେ ସୃଷ୍ଟି ହୋଇଥିବା ଶିଉଳି ନଷ୍ଟ ହୋଇ ଜୀବାଣୁ ମୁକ୍ତ ହେବ। ଦାୟିତ୍ୱ ନେଇଥିବା ସଂସ୍ଥା ମହାରାଷ୍ଟ୍ରର ବ୍ରିଥ୍‌ଗ୍ରୀନ ୧ ବର୍ଷ ପାଇଁ ଏହାର ରକ୍ଷଣାବେକ୍ଷଣ କରିବ ବୋଲି ଜଣାପଡିଛି।

# କଟକ ଡିସିପିଙ୍କୁ ଜବାବ ତଲବ

କଟକ ଅଫିସ,୨୭।୪

### ଥାନାରୁ ଜବତ ସାମଗ୍ରୀ ନ ମିଳିବା ମାମଲା

ବିଭିନ୍ନ ମାମଲାରେ ପୋଲିସ ଜବତ କରୁଥିବା ସାମଗ୍ରୀଗୁଡ଼ିକୁ ମାଲଖାନାରେ ରଖାଯାଏ। ହେଲେ ମାଲଖାନାରୁ ସାମଗ୍ରୀଗୁଡ଼ିକ ନ ମିଳିବା କାରଣରୁ ଆବେଦନକାରୀଙ୍କୁ ନୂଆ ବଦଳରେ ପୁରୁଣା ସାମଗ୍ରୀ ଦିଆଯାଉଛି। ଏଭଳି ଅଭିଯୋଗକୁ ନେଇ ରୁଜୁ ମାମଲାର ଜେଏମ୍‌ଏଫ୍‌ସି-୨ କୋର୍ଟ ଶୁଣାଣି କରି କଟକ ଡିସିପିଙ୍କୁ ଜବାବ ତଲବ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ବାରଙ୍ଗ ଥାନା ପୋଲିସ ଏକ ମାମଲାରେ ୩ଟି ମୋବାଇଲ ଫୋନ୍ ଓ ଗୋଟିଏ କାର୍ ଜବତ କରିଥିଲା। ଆବେଦନକାରୀ ଏକ ମାମଲାର ଅଭିଯୁକ୍ତ ଥିବାରୁ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟରୁ ଜାମିନ ପାଇବା ପରେ ସେ ପୋଲିସ ଦ୍ୱାରା ଜବତ ସାମଗ୍ରୀ ନେବା ପାଇଁ ଥାନାରେ ପହଞ୍ଚିଥିଲେ। ପୋଲିସ ଆବେଦନକାରୀଙ୍କୁ ଦେଖାଇଥିବା ଫୋନ୍‌ଟି ପୁରୁଣା ଓ ଏହା ଜବତ ଫୋନ ନୁହେଁ କହିବା ଆବେଦନକାରୀ ସହ ଅଦାଲତଙ୍କୁ ଅବଗତ କରାଇଥିଲା। ଅଦାଲତ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଓ ବାରଙ୍ଗ ଥାନାଧିକାରୀଙ୍କୁ ହାଜର ହେବା ଲାଗି ୨ ଥର ନୋଟିସ କରିଥିଲେ। ହେଲେ କେହି ହାଜର ହୋଇ ନ ଥିଲେ। ପୁଣି ତୃତୀୟ ଥର ଅଦାଲତଙ୍କ ନୋଟିସ ପାଇବା ପରେ ମାମଲାର ତଦନ୍ତକାରୀ ଅଧିକାରୀ ଓ ଥାନାଧିକାରୀ ଅଦାଲତରେ ହାଜର ହୋଇ ଜବତ ମୋବାଇଲ ଫୋନ୍ କୋର୍ଟଙ୍କ ଜିମା ଦେଇଥିଲେ। କୋର୍ଟରେ ଜିମା ଦିଆଯାଇଥିବା ଫୋନ ସହ ପୋଲିସ ଜବତ କରିଥିବା ମୋବାଇଲର ଆଇଏମଇଆଇ ନମ୍ବର ମେଳ ଖାଇ ନ ଥିଲା। ଏନେଇ ତଦନ୍ତକାରୀ ଅଧିକାରୀ କୌଣସି ସ୍ପଷ୍ଟ ଉତ୍ତର ଦେଇପାରିନଥିଲେ। ଫଳରେ କଟକ ଡିସିପିଙ୍କୁ ଜବାବ ତଲବ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ସାହୁ ମାମଲା ପରିଚାଳନା କରୁଛନ୍ତି।

# ବାଲିସାହିରେ ସାମୂହିକ ସଫେଇ

କଟକ ଅଫିସ, ୨୭।୪

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ପରିମଳ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆରମ୍ଭ ହୋଇଥିବା 'ଉଦ୍ୟମ' କାର୍ଯ୍ୟକ୍ରମ ଜରିଆରେ ଗୁରୁବାର ବାଲିସାହି ଅଞ୍ଚଳରେ ସାମୂହିକ ସଫେଇ କରାଯାଇଛି। ଏଥିରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ଯୋଗଦେଇ ସ୍ୱଚ୍ଛକର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ୩୦ରୁ ଊର୍ଦ୍ଧ୍ୱ ସ୍ୱଚ୍ଛକର୍ମୀ ରାସ୍ତା, ଗଳି, ନର୍ଦ୍ଦମା, ସେପ୍ଟିକ୍ ଟାଙ୍କି ଓ ନଦୀ ସମ୍ମୁଖ ଅଞ୍ଚଳ ସଫା କରିଥିଲେ। ସହରକୁ ପରିଷ୍କାର ରଖିବା ସମସ୍ତଙ୍କ ଦାୟିତ୍ୱ ବୋଲି କମିଶନର କହିଥିଲେ। ସାଧାରଣ ଲୋକଙ୍କୁ ଏ ସମ୍ପର୍କରେ ସଚେତନ କରିବା ସକାଶେ କମିଶନର କଲ୍ୟାଣ ଉପସ୍ଥିତ ଅଧିକାରୀ ଓ କର୍ପୋରେଟରଙ୍କୁ ପରାମର୍ଶ ଦେଇଥିଲେ। ବିଶେଷକରି ବର୍ଷାଦିନ ପୂର୍ବରୁ ନଦୀବନ୍ଧ, ଡ୍ରେନ୍ ଓ ରାସ୍ତା କାମ ଶେଷ କରିବା ପାଇଁ ସେ ଯନ୍ତ୍ରୀମାନଙ୍କୁ ସତର୍କ କରାଇ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି କମିଶନର ସଞ୍ଜୀବିତା ରାୟଙ୍କ ସମେତ ପରିମଳ ନିରୀକ୍ଷକ ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

# ସେପ୍ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ବୁଲି ଦେଖିଲେ ଆମେରିକା ପ୍ରତିନିଧି ଦଳ


ସେପ୍ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିଦର୍ଶନରେ ଆସିଥିବା ଆମେରିକା ପ୍ରତିନିଧି ଦଳ।

କଟକ ଅଫିସ, ୨୭।୪

ଆମେରିକା ସରକାରଙ୍କ ଦ୍ୱାରା ପରିଚାଳିତ ୟୁନାଇଟେଡ୍ ଷ୍ଟେଟ୍‌ସ ଏଜେନ୍ସି ଫର୍ ଇଣ୍ଟରନ୍ୟାଶନାଲ ଡେଭଲପ୍‌ମେଣ୍ଟ(ୟୁଏସ୍‌ଏଆଇଡି)ର ୭ ଜଣିଆ ପ୍ରତିନିଧି ଦଳ ଗୁରୁବାର କଟକ ମତ୍ତଗଜପୁରସ୍ଥିତ ସେପ୍ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିଦର୍ଶନ କରିଛନ୍ତି। ସିନିୟର ଫରେନ ଡିପ୍ଲୋମାଟ୍ ଅଫ୍ ୟୁଏସ୍ ଗଭର୍ନମେଣ୍ଟ ବୀଣା ରେଡ୍ଡୀ ଏହି ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ। ସେମାନେ ମତ୍ତଗଜପୁରଠାରେ ପହଞ୍ଚିବା ପରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, ଡେପୁଟି କମିଶନର ସଞ୍ଜିବୀତା ରାୟ, ଡେପୁଟି ମେୟର ଦମୟନ୍ତୀ ମାଝି, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ୱାଟର ସାନିଟେଶନ ଆଣ୍ଡ ହାଇଜିନ୍ ଇନଷ୍ଟିଚ୍ୟୁଟ୍‌ର କର୍ମକର୍ତ୍ତା, ଓଡ଼ିଶା ୱାଟର ଏକାଡେମୀର କର୍ମକର୍ତ୍ତା, ସ୍ୱେରେଜ ବୋର୍ଡର କର୍ମକର୍ତ୍ତା, ସିଏମ୍‌ସି ଅଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ସେମାନଙ୍କୁ ସ୍ୱାଗତ ଜଣାଇଥିଲେ। ଉକ୍ତ ପ୍ଲାଣ୍ଟ ଦାୟିତ୍ୱରେ ଥିବା 'ବହୁଚାରା ମାତା' କିନ୍ନର ସ୍ୱୟଂ ସହାୟକ ଗୋଷ୍ଠୀ ରାଜ୍ୟରେ ପ୍ରଥମ ବୋଲି ସେମାନେ ମତବ୍ୟକ୍ତ କରିବା ସହ ସେମାନଙ୍କର କାର୍ଯ୍ୟଦକ୍ଷତା ପାଇଁ ପ୍ରଶଂସା କରିଥିଲେ। କିନ୍ନରମାନଙ୍କୁ ରୋଜଗାରକ୍ଷମ କରିବା ସିଏମ୍‌ସିର ପଦକ୍ଷେପ ପ୍ରଶଂସନୀୟ ବୋଲି ରେଡ୍ଡୀ କହିଥିଲେ। ଏହି ପରିପ୍ରେକ୍ଷୀରେ ସେମାନେ ସ୍ୱୟଂ ସହାୟକ ଗୋଷ୍ଠୀର ସଫେଇ କର୍ମଚାରୀଙ୍କ ସହିତ ଆଲୋଚନା କରିବା ସହ ବିଭାଗୀୟ ଅଧିକାରୀଙ୍କ ସହିତ ମତ ବିନିମୟ କରିଥିଲେ।

### ସାହିତ୍ୟିକ ମନୋଜ ଦାସଙ୍କ ସ୍ମୃତିସଭା

ଚୌଦ୍ୱାର,୨୭।୪(ଡି.ଏନ୍.ଏ.)

ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଆନୁକୂଲ୍ୟରେ ବିଶିଷ୍ଟ ସାହିତ୍ୟିକ ତଥା ସାରସ୍ୱତ ସାଧକ ମନୋଜ ଦାସଙ୍କ ସ୍ମୃତିଚାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ଅଧକ୍ଷ ମାନସ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଝରଣା ସାହୁ, ବିଷ୍ଣୁପ୍ରିୟା ସାହୁ, ଭବାନୀ ଶଙ୍କର ମୁର୍ମୁ, ଦୀପ୍ତିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ମନୋଜଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ରାଜେଶ କୁମାର ଓଝା ଧନ୍ୟବାଦ ଦେଇଥିଲେ।

### ଆଇନଜୀବୀଙ୍କୁ ପେନ୍‌ସନ୍ ଦେବାକୁ ଦାବିପତ୍ର

କଟକ ଅଫିସ,୨୭।୪

ଆର୍ଥିକ ସ୍ୱଚ୍ଛଳ ନ ଥିବା ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଆଇନଜୀବୀଙ୍କୁ ମାସିକ ପେନ୍‌ସନ୍ ଓ ୩୦ ବର୍ଷରୁ କମ୍ ନୂତନ ଆଇନଜୀବୀଙ୍କ ଅଭ୍ୟାସ ନିମନ୍ତେ ଷ୍ଟାଇପେଣ୍ଡ ପ୍ରଦାନ ପାଇଁ ଦାବି ହୋଇଛି। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ସଦସ୍ୟମାନେ ସଭାପତିଙ୍କୁ ଗୁରୁବାର ଏହି ମର୍ମରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏପ୍ରିଲ ୨୮ ତାରିଖ ଆଇନଜୀବୀ ଦିବସ ପାଳନ ଅବସରରେ ଏନେଇ ଘୋଷଣା କରିବାକୁ ସେମାନେ ନିବେଦନ କରିଛନ୍ତି। ହାଇକୋର୍ଟ ବାର୍ ଆସୋସିଏଶନ ସଦସ୍ୟ ଶ୍ରୀନିବାସ ମହାନ୍ତି, ଏ. ଏସ୍. ନାଣ୍ଡି, ଉମେଶ ଚନ୍ଦ୍ର ବେଉରା, ଦିନେଶ ରାୟ, ଆକାଶ ଭୂୟାଁ, ବିରଞ୍ଚି ନାରାୟଣ ରଥ, ସରୋଜ କୁମାର ଦାସ, ଅଶ୍ୱିନୀ କୁମାର ସାହୁ, ଅଜୟ ମହାନ୍ତି ପ୍ରମୁଖ ଆଇନଜୀବୀମାନେ ଏହି ଦାବି ଜଣାଇଛନ୍ତି।

# 'ପରିବର୍ତ୍ତନ ପାଇଁ ଗବେଷଣାତ୍ମକ ଶିକ୍ଷା ଜରୁରୀ'


କର୍ମଶାଳାରେ ଉପସ୍ଥିତ ଅଧ୍ୟାପିକା ଓ ଅଧ୍ୟାପକମାନେ।

କଣ୍ଟାପଡା,୨୭।୪(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମସ୍ଥିତ ଦଧୀଚି ଫାର୍ମାସୀ କଲେଜ ପରିସରରେ 'ଲିଡରସିପ ଡେଭଲପମେଣ୍ଟ' ଶୀର୍ଷକ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଙ୍ଗାଲୁରୁସ୍ଥିତ ସିଏସ୍‌ଆଇଆର୍ ଫୋର୍ଥ ପାରାଡିଜିମ ଇନ୍‌ଷ୍ଟିଚ୍ୟୁଟ ଏନ୍‌ଏଲ୍‌ଏର ମୁଖ୍ୟ ଗବେଷକ ଡ. ଜ୍ଞାନେନ୍ଦ୍ରନାଥ ମହାପାତ୍ର ଯୋଗଦେଇ କହିଥିଲେ, ସମାଜରେ ପରିବର୍ତ୍ତନ ପାଇଁ ଗବେଷଣାତ୍ମକ ଶିକ୍ଷା ନିହାତି ଜରୁରୀ। ସେହିପରି ଅନୁଷ୍ଠାନର ଅଧକ୍ଷ ଡ. ରଜତ କର କହିଥିଲେ, ଗବେଷଣାତ୍ମକ ଶିକ୍ଷା ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକମାନଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବା ସହ ଗୁଣାତ୍ମକ ଶିକ୍ଷାର ବିକାଶ ହୋଇଥାଏ। ଏହି ଅବସରରେ ମେଟାବୋଲିଜମ ଇନ୍ ହେଲ୍‌ଥକେୟାର ବିଷୟରେ ଉପସ୍ଥିତ ଅଧ୍ୟାପିକା ଓ ଅଧ୍ୟାପକମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଡ. ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଓ ଦୁର୍ଗାଚରଣ ସାହୁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଆଶିଷ କୁମାର ପାଣ୍ଡବ, ଅଜୟ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦଧୀଚି ଶିକ୍ଷା ସମୂହର ଚେୟାରମ୍ୟାନ୍ ଡ. ମନୋଜ କୁମାର ଦାଶ ଯୋଗଦେଇ ଡ. ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ୩୦ କେଜି ବାସି ଖାଦ୍ୟ ନଷ୍ଟ, ଜରିମାନା ଆଦାୟ

କଟକ ଅଫିସ,୨୭।୪

### ହୋଟେଲ, ନର୍ସିଂହୋମ୍, ସର୍ବତ ଦୋକାନରେ ଚଢ଼ାଉ

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବାଦାମବାଡି-ଶଙ୍କରପୁରସ୍ଥିତ ଗ୍ରାଣ୍ଡ ରେସିଡେନ୍ସି ହୋଟେଲ ଓ ସାଇ ସୋନାଲୀ ନର୍ସିଂହୋମ୍‌ରେ ଚଢାଉ କରାଯାଇଛି। ନିୟମ ଉଲଂଘନ କରି ଉଭୟ ସଂସ୍ଥା ବ୍ୟବସାୟ ଚଳାଉଥିବାରୁ ପ୍ରତ୍ୟେକଙ୍କ ନିକଟରୁ ୩୦ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି। ସହରରେ ଏକାଧିକ ବ୍ୟବସାୟିକ ସଂସ୍ଥା ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସ ହାସଲ ନ କରି ବ୍ୟବସାୟ କରୁଛନ୍ତି। ଖବରପାଇ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ବିଭାଗ, ରାଜସ୍ୱ ବିଭାଗ ଓ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଥିଲା। ବିଭାଗୀୟ ଅଧିକାରୀ ସଦଳବଳ ପ୍ରଥମେ ଗ୍ରାଣ୍ଡ ରେସିଡେନ୍ସି ହୋଟେଲରେ ପହଞ୍ଚି ଏକାଧିକ ନଥିପତ୍ର, ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସ ଯାଞ୍ଚ କରିଥିଲେ। ହୋଟେଲର ରୋଷେଇଶାଳାରେ ଥିବା ଖାଦ୍ୟ ଯାଞ୍ଚ କରାଯିବାବେଳେ ବାସିଖାଦ୍ୟ ଥିବା ଜଣାପଡିଥିଲା। ଫଳରେ ସେଠାରୁ ୩୦ କେଜିରୁ ଊର୍ଦ୍ଧ୍ୱ ବାସିଖାଦ୍ୟ ନଷ୍ଟ କରାଯିବା ସହ ହୋଟେଲ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ଏହାପରେ ସିଏମ୍‌ସିର ଟିମ୍ ଉକ୍ତ ନର୍ସିଂହୋମ୍‌ରେ ପହଞ୍ଚି ଯାଞ୍ଚ କରିବାବେଳେ କର୍ତ୍ତୃପକ୍ଷ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ସହ ଉକ୍ତ ନର୍ସିଂହୋମ୍ ସିଲ୍ କରିଦିଆଯାଇଥିଲା। ୭ ଦିନ ମଧ୍ୟରେ ସମସ୍ତ କାଗଜପତ୍ର ଦାଖଲ କରିବା ପାଇଁ ନୋଟିସ୍ ଦିଆଯାଇଛି ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଛି। ସିଏମ୍‌ସି ଏନଫୋର୍ସମେଣ୍ଟ ବିଭାଗ ଦାୟିତ୍ୱରେ ଥିବା ଡେପୁଟି କମିଶନର ଅଜୟ ମହାନ୍ତି ଓ ରାଜସ୍ୱ ବିଭାଗ ଦାୟିତ୍ୱରେ ଥିବା ଡେପୁଟି କମିଶନର ଅମିୟ ପଣ୍ଡା, ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଏହି ଚଢଉ କରାଯାଇଥିଲା। ଏଥିରେ ବାଦାମବାଡି ପୋଲିସ ଓ କଟକ ଜିଲା ଏନ୍‌ଫୋର୍ସମେଣ୍ଟ ଫୋର୍ସ ସାମିଲ ହୋଇଥିଲା।

ସେହିପରି ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରର ବକ୍ସିବଜାର, ଦୋଳମୁଣ୍ଡାଇ, ପିଠାପୁର, ହରିପୁର ଅଞ୍ଚଳରେ ଥିବା ଏକାଧିକ ଲସି ଓ ସର୍ବତ ଦୋକାନରେ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ ସର୍ବତ ପ୍ରସ୍ତୁତିରେ ଆମ୍ଳିକା ଦହି ଓ ବେନାମି ଫୁଡ୍ ଏସେନ୍ସ ବ୍ୟବହାର କରାଯାଉଥିବା ଜଣାପଡିଥିଲା। ତେଣୁ ଅଧିକାଂଶ ଦୋକାନରୁ ବିପୁଳ ପରିମାଣର ଆମ୍ଳିକା ଦହି, ଫୁଡ୍ ଏସେନ୍ସ ଜବତ କରି ନଷ୍ଟ କରାଯାଇଛି।


ଶଙ୍କରପୁରରେ ଥିବା ଘରୋଇ ନର୍ସିଂହୋମ୍ ସିଲ୍ କରାଯାଇଛି।

### ରାଜମିସ୍ତ୍ରିଙ୍କ ସନ୍ଦେହଜନକ ମୃତ୍ୟୁ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ମଙ୍ଗୁଳି-ଜଗତପୁର,୨୭।୪(ଡି.ଏନ୍.ଏ.)




ପୂର୍ବତନ ବିଧାୟକ ଓ ଥାନାଧିକାରୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି। | ରାସ୍ତାରୋକୋବେଳେ ଫସି ରହିଥିବା ଆମ୍ବୁଲାନ୍ସ।

### ଅଂଶୁଘାତ ସନ୍ଦେହ

- ଫସି ରହିଲା ଆମ୍ବୁଲାନ୍ସ
- କ୍ଷତିପୂରଣ ପ୍ରତିଶ୍ରୁତି

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ମଙ୍ଗୁଳି ଛକ ନିକଟ ଏକ ଖୋଲାସ୍ଥାନରେ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଜଣେ ରାଜମିସ୍ତ୍ରିଙ୍କ ଗୁରୁବାର ଅପରାହ୍ନରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଚୌଦ୍ୱାର ଥାନା ଅଧୀନ ନଖରା ପଞ୍ଚାୟତ ଅଲାରପୁର ଗ୍ରାମର ଧ୍ରୁବ ଚରଣ ସାହାଣୀ। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଅଞ୍ଚଳବାସୀ ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଜଣେ ଠିକାଦାରଙ୍କ ଅଧୀନରେ ଧ୍ରୁବଙ୍କ ସମେତ ୬ ଜଣ ଶ୍ରମିକ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରେ କାମ କରୁଥିବାବେଳେ ଘଟଣାସ୍ଥଳରେ ହଠାତ୍ ଧ୍ରୁବଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଠିକାଦାର ଜଣଙ୍କ ସେଠାରୁ ପଳାଇ ଯାଇଥିଲେ। ଖବରପାଇ ମୃତକଙ୍କ ପରିବାର ଘଟଣାସ୍ଥଳରେ ପହଞ୍ଚିବା ପରେ ଠିକାଦାରଙ୍କୁ ନ ପାଇ ବିରକ୍ତି ହୋଇଥିଲେ। ଠିକାଦାର ଏଠାକୁ ଆସି କ୍ଷତିପୂରଣ ନ ଦେବା ପର୍ଯ୍ୟନ୍ତ ମୃତଦେହ ନେବୁନାହିଁ ବୋଲି ମୃତକଙ୍କ ପରିବାର ସମେତ ସ୍ଥାନୀୟ ଅଞ୍ଚଳବାସୀ ଅଡି ବସିଥିଲେ। ଇତିମଧ୍ୟରେ ପ୍ରାୟ ୩ ଘଣ୍ଟା ବିତିଯାଇଥିଲେ ମଧ୍ୟ ଠିକାଦାର ଆସି ନ ଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ମୃତଦେହକୁ ଜାତୀୟ ରାଜପଥରେ ରଖି ଅପରାହ୍ନ ପ୍ରାୟ ୩ଟାରେ ରାସ୍ତାରୋକୋ କରିଥିଲେ। ଖବରପାଇ ଟାଙ୍ଗୀ ଥାନା ଅଧିକାରୀ ସୂଚିତ୍ରବୀର୍ଯ୍ୟ ଦାସ ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଅଂଶୁଘାତରେ ଧ୍ରୁବଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବିଶ୍ୱାଳ ଫୋନ୍‌ରେ ଉପଜିଲାପାଳଙ୍କ ସହ କଥା ହେବା ପରେ ମୃତକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ୪ଲକ୍ଷ ଟଙ୍କା ଏବଂ ଠିକାଦାର ଓ ବିଧାୟକ ପାଣ୍ଠିରୁ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ଧାରଣାକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅପରାହ୍ନ ପ୍ରାୟ ସାଢେ ୪ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ତେବେ ଏହି ରାସ୍ତାରୋକୋବେଳେ ଏକ ଆମ୍ବୁଲାନ୍ସ ଫସି ରହିଥିଲା। ଫଳରେ ଲୋକମାନେ ଅନ୍ୟ ଗାଡିକୁ ହଟାଇ ଆମ୍ବୁଲାନ୍ସକୁ ଯିବାକୁ ଦେଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୮/୨୩) ରୁଜୁ କରି ତଦନ୍ତ ଚଳାଇଛି। ଶାଳଗାଁ ସରପଞ୍ଚ ପବିତ୍ର ଉପାଧ୍ୟାୟ, ଧୀରେନ୍ଦ୍ର ନାଥ ଜେଠି, ନାରାୟଣ ସାହୁ ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ରହି ମୃତକଙ୍କ ପରିବାରକୁ ଶାନ୍ତ୍ୱନା ଜଣାଇଥିଲେ।

**ଆଜି ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ**

ପୁରୀ ଅଫିସ: ଶ୍ରୀମନ୍ଦିରରେ ଶୁକ୍ରବାର ନୀଳାଦ୍ରି ମହୋଦୟାଷ୍ଟମୀର ସ୍ୱତନ୍ତ୍ର ନୀତି ସମ୍ପନ୍ନ ହେବ। ଏଥିପାଇଁ ଗୁରୁବାର ରାତିରେ ଶ୍ରୀମନ୍ଦିରରେ ଅଧିବାସ ନୀତି ସମ୍ପନ୍ନ ହୋଇଛି। ଭୋଗମଣ୍ଡପ ଘରେ ୧୦୮ ଗରାଜଳକୁ ଅଧିବାସ କରାଯାଇଛି। ଶୁକ୍ରବାର ମହାପ୍ରଭୁଙ୍କ ସକାଳ ଆଳଟ ଲାଗି, ମଇଲମ, ଯାତ୍ରାଙ୍ଗୀ ମହାସ୍ନାନ ପୂଜା ପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯିବ ।

# ଡାକୋଟା ବିମାନ ଦେଖିଲେ ଇଣ୍ଡୋନେସିଆ, ଭୁଟାନ ରାଷ୍ଟ୍ରଦୂତ

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆ ଏବଂ ଭୁଟାନର ରାଷ୍ଟ୍ରଦୂତ ଇନା ଏଚ୍ କ୍ରିଷ୍ଣାମୂର୍ତ୍ତି ଗୁରୁବାର ଅପରାହ୍ନରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ରଖାଯାଇଥିବା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରିୟ ଡାକୋଟା ବିମାନକୁ ପରିଦର୍ଶନ କରିଛନ୍ତି।

ବିଜ୍ଞାନ ଓ କାରିଗରି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ରାଷ୍ଟ୍ରଦୂତଙ୍କୁ ସ୍ୱାଗତ କରିଥିଲେ । ରାଷ୍ଟ୍ରଦୂତଙ୍କୁ ଉତ୍ତରୀୟ ଓ ସ୍ମାରକ ଦେଇ ସମ୍ବର୍ଦ୍ଧିତ କରିବା ସହ ଡାକୋଟା ବିମାନ ବୁଲାଇ ଦେଖାଇଥିଲେ । ରାଷ୍ଟ୍ରଦୂତ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଡାକୋଟା ବିମାନ ଦେଖି ଅତ୍ୟନ୍ତ ଭାବବିହ୍ୱଳ ହୋଇ କହିଥିଲେ, ଏହି ବିମାନବନ୍ଦରକୁ ଆସି ଡାକୋଟା ବିମାନ ଦେଖିବା ତାଙ୍କ ପାଇଁ ଏବଂ ପ୍ରତ୍ୟେକ ଇଣ୍ଡୋନେସିଆବାସୀଙ୍କ ଲାଗି ଗର୍ବ ଓ ଗୌରବର ବିଷୟ । ଏହି ବିମାନ ସହ ପ୍ରତିଟି ଇଣ୍ଡୋନେସିଆବାସୀଙ୍କର ଭାବଗତ ସମ୍ପର୍କ ରହିଛି । ଇଣ୍ଡୋନେସିଆ ବିପ୍ଳବ ସମୟରେ ଏହି ବିମାନରେ ଇଣ୍ଡୋନେସିଆର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଜୀବନ ରକ୍ଷା ହୋଇପାରିଥିଲା ।



ଡାକୋଟା ବିମାନ ପରିଦର୍ଶନ ଅବସରରେ ଇଣ୍ଡୋନେସିଆ ଓ ଭୁଟାନ ରାଷ୍ଟ୍ରଦୂତଙ୍କ ସହ ଅନ୍ୟମାନେ ।

ଉଲ୍ଲେଖଯୋଗ୍ୟ, ଡଚ୍‌ମାନଙ୍କ ଦ୍ୱାରା ଗୃହବନ୍ଦୀ ଥିବା ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣ, ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟା ଏବଂ ପ୍ରଧାନମନ୍ତ୍ରୀ ସୁତନ ସାହରିୟାରଙ୍କୁ ମୁକ୍ତ କରିବା ପାଇଁ ଧର୍ମପତ୍ନୀ ଜ୍ଞାନଦେବୀଙ୍କୁ ନେଇ ଜାକର୍ତ୍ତା ଅଭିମୁଖେ ବିଜୁବାବୁ ନିଜ ଡାକୋଟା ବିମାନରେ ଯାଇ ସେମାନଙ୍କୁ ସୁରକ୍ଷିତ ଭାବେ ଭାରତ ନେଇଆସିଥିଲେ । ବିଜୁବାବୁଙ୍କର ଏହି ସାହସିକତା ପାଇଁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଭୂମିପୁତ୍ରରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ରାଷ୍ଟ୍ରଦୂତ ସେସବୁ ଇତିହାସର ସ୍ମୃତିଚାରଣ କରି ଓଡ଼ିଶା ଓ ଇଣ୍ଡୋନେସିଆ ମଧ୍ୟରେ ଆଗାମୀ ଦିନରେ ସାମାଜିକ-ସାଂସ୍କୃତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

**ଡାକୋଟା ବିମାନ ଦେଖିବା ପ୍ରତ୍ୟେକ ଇଣ୍ଡୋନେସିଆବାସୀଙ୍କ ପାଇଁ ଗୌରବର ବିଷୟ : ରାଷ୍ଟ୍ରଦୂତ**

ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ ଡାକୋଟା ବିମାନର ଇତିହାସ ଏବଂ କଲିକତା ବିମାନବନ୍ଦରରୁ ଆଣି ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ସ୍ଥାପିତ ହେବା ସମ୍ପର୍କିତ ଏକ କ୍ଷୁଦ୍ର ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା । ରାଷ୍ଟ୍ରଦୂତ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ପାଇଲଟ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍(ଗତି)ର ପ୍ରଶିକ୍ଷାର୍ଥୀ ଏବଂ ଡାକୋଟା ବିମାନକୁ ମୂଳରୂପକୁ ଫେରାଇ ଆଣିଥିବା ଇଞ୍ଜିନିୟରମାନଙ୍କ ସହ ଭାବ ବିନିମୟ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

ଏହି ଅବସରରେ କୋଲ୍‌କାତାଠାରେ ଅବସ୍ଥାପିତ ଇଣ୍ଡୋନେସିଆର କନ୍‌ସଲ ମହେଶ ସାହରିଆ, ବିଜୁ ପଟ୍ଟନାୟକ ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ କୁମାର ପ୍ରଧାନ, ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବ ଦେବଦତ୍ତା ସୁରଞ୍ଜିତା ଜେନା ଏବଂ ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

## ଇଲେକ୍ଟ୍ରିସିଟି ଏମ୍ପ୍ଲୋଇଜ୍ ଫେଡେରେଶନ୍‌ର ବୈଠକ

ପୁରୀ ଅଫିସ, ୨୭।୪

ପୁରୀ ବିଦ୍ୟୁତ କର୍ମଚାରୀ ସଂଘ ଆନୁକୂଲ୍ୟରେ ଓଡ଼ିଶା ଷ୍ଟେଟ୍ ଇଲେକ୍ଟ୍ରିସିଟି ଏମ୍ପ୍ଲୋଇଜ୍ ଫେଡେରେଶନ୍‌ର କାର୍ଯ୍ୟନିର୍ବାହୀ ସମିତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରମିକ ଶ୍ରେଣୀର ସାମାଜିକ ନିରାପତ୍ତା ଓ ଶୋଷଣମୁକ୍ତ ଉପଭୋକ୍ତା ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବାକୁ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ଫେଡେରେଶନ୍‌ର ଅଧ୍ୟକ୍ଷ ରାମକୃଷ୍ଣ ପଣ୍ଡା ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ସତ୍ୟବାଦୀ ବାଘ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପୁରୀ ବିଦ୍ୟୁତ କର୍ମଚାରୀ ସଂଘ ଅଧ୍ୟକ୍ଷ ତଥା ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡେରେଶନ୍‌ର ଉପାଧ୍ୟକ୍ଷ କୈଳାସ ରାୟ ଆଲୋଚନାରେ ଭାଗନେଇଥିଲେ। ଶ୍ରମିକ ନେତା ଭ୍ରମରବର ରାଉତ, ଆକୁଳି ନାଥ, ନିରଞ୍ଜନ ପାଣିଗ୍ରାହୀ, କୃଷ୍ଣ ପଟ୍ଟନାୟକ, ଦୀପକ କୁମାର ବାରିକ୍, ଏନ୍. ଗୋପାଳ, ଜଗଦୀଶ ବେହେରା, ବସନ୍ତ କୁମାର ପ୍ରତାପ, ରମେଶ ଚନ୍ଦ୍ର ମହାନ୍ତି, ରାଜକିଶୋର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର କର୍ମକର୍ତ୍ତା ଗଣେଶ ଚନ୍ଦ୍ର ବେହେରା, ଜି. ଜଗଦୀଶ ପଟ୍ଟନାୟକ, ସତ୍ୟ ନାରାୟଣ ପ୍ରଧାନ ଏବଂ ଜୟକୃଷ୍ଣ ମଲ୍ଲିକ୍ ପ୍ରମୁଖ ସହଯୋଗ କରିଥିଲେ। ଅତିରିକ୍ତ ସାଧାରଣ ସମ୍ପାଦକ ଶମ୍ଭୁ ପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଜାତି, ଧର୍ମ ଓ ବର୍ଣ୍ଣବାଦ ହଟାଓ: ସିପିଆଇଏମ୍

ପୁରୀ ଅଫିସ, ୨୭।୪: ସର୍ବହରାଙ୍କ ନେତା ଭି.ଆଇ. ଲେନିନ ଏବଂ ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ ସିପିଆଇଏମ୍ ତରଫରୁ ପୁରୀ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାମପନ୍ଥୀ ନେତା ଶରତ କୁମାର ରାୟଗୁରୁ ସଭାପତିତ୍ୱ କରିଥିଲେ। ରାୟଗୁରୁ କହିଥିଲେ, ବିଶ୍ୱରେ ପୁଞ୍ଜିବାଦୀ ବ୍ୟବସ୍ଥା ଯୋଗୁ ବେକାରୀ, ଦାରିଦ୍ର୍ୟ ଏବଂ ଅସମାନତା ବଢୁଛି। ଏହା ବିରୋଧରେ ଶ୍ରମିକ ଓ କୃଷକ ଐକ୍ୟବଦ୍ଧ ଲଢ଼େଇ କଲାବେଳେ ଏହାକୁ ଜାତି, ଧର୍ମ ଓ ବର୍ଣ୍ଣ ବାଦରେ ଭାଗ ଭାଗ କରିବାକୁ ମୋଦି ସରକାର ଚେଷ୍ଟା କରୁଛନ୍ତି। ଏଥିସହ ନିଜର ସତ୍ତା ବଜାୟ ରଖିବା ଲାଗି ସାମ୍ବିଧାନିକ ଓ ଗଣତାନ୍ତ୍ରିକ ସଂସ୍ଥାକୁ ବିରୋଧୀ ଶିବିରରେ ମଧ ପ୍ରୟୋଗ କରୁଛନ୍ତି। ଦେଶର ସମ୍ବିଧାନ ରକ୍ଷା ପାଇଁ ଜାତିବାଦ, ବର୍ଣ୍ଣବାଦ ବରୋଧରେ ସମସ୍ତେ ଏକ ହୋଇ ଲଢ଼େଇ କରିବା ପାଇଁ ରାୟଗୁରୁ ଆହ୍ୱାନ ଦେଇଛନ୍ତି। ସଭାରେ ମନୋରଞ୍ଜନ ମହାରଣା, ଜଗନ୍ନାଥ ଦେଓ, ପୀତବାସ ବେହେରା, ଶ୍ରୀକାନ୍ତ ପରିଜା, ଗୋବିନ୍ଦ ନାୟକ, କୃପାସିନ୍ଧୁ ପଣ୍ଡା ଏବଂ ବାବୁଲି ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ନୀଳାଚଳ ବରିଷ୍ଠ ନାଗରିକ ମଞ୍ଚର ବୈଠକ

ପୁରୀ ଅଫିସ, ୨୭।୪: ନୀଳାଚଳ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶରଧାବାଲିଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚ ସଭାପତି ବୀରେନ୍ଦ୍ର ଭୂଷଣ ହୋତା ସଭାପତିତ୍ୱ କରିଥିଲେ। ସମସ୍ତ ସଭ୍ୟାସଭ୍ୟଙ୍କ ପରସ୍ପର ମଧ୍ୟରେ ସହଯୋଗ ସହିତ ସାମାଜିକ କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବା ପାଇଁ ସ୍ଥିର କରାଯାଇଥିଲା। ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ତାହାର ନିରାକରଣ କିପରି ହୋଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ସଭ୍ୟାସଭ୍ୟମାନେ ସେମାନଙ୍କ ମତାମତ ରଖିଥିଲେ। ତେବେ ଏନେଇ ଆଗାମୀ ଦିନରେ ଜିଲାପାଳଙ୍କୁ ଭେଟି ନିମନ୍ତେ ବୈଠକରେ ସ୍ଥିର ହୋଇଥିଲା। ବୈଠକରେ ସଭାପତି ଦୁର୍ଗାମାଧବ ମହାପାତ୍ର, ସମ୍ପାଦକ ପ୍ରସନ୍ନ କୁମାର ଦୀକ୍ଷିତ ଏବଂ ମୁଖ୍ୟ ଉପଦେଷ୍ଟା ରମେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ କାର୍ଯ୍ୟକାରୀ କମିଟି ସଦସ୍ୟ ଶରତ ଚନ୍ଦ୍ର ମିଶ୍ର, ପ୍ରତାପ କୁମାର ମହାନ୍ତି, ଚୈତନ୍ୟ ବିଶୋଇ, ସନ୍ତୋଷ କୁମାର ମହାନ୍ତି, ଲକ୍ଷ୍ମୀଧର ସାହୁ, ବିଦ୍ୟୁତଲତା ଆଚାର୍ଯ୍ୟ, ବିଜୟ କୁମାର ଦାଶ, ଡା. ମନମୋହନ ରାଉତ, ଜଗତ ଜ୍ୟୋତି ଦାଶ, ସୂର୍ଯ୍ୟନାରାୟଣ ପଟ୍ଟନାୟକ ଏବଂ ରାଜକୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବାଲୁଙ୍କେଶ୍ୱରଙ୍କ ପୀଠରେ ଶୈବଯଜ୍ଞ ଉଦ୍‌ଯାପିତ

କଣାସ,୨୭।୪(ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ ବାରଦା ଓ ବାଦଲପୁର ଗ୍ରାମର ଆରାଧଠାକୁର ବାବା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ୫ ଦିନ ଧରି ଅନୁଷ୍ଠିତ ହେଉଥିବା ଶୈବମହାଯଜ୍ଞ ଗୁରୁବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଦୈନନ୍ଦିନ ଧରି ଅଙ୍କୁରାରୋପଣ, ଜଳଯାତ୍ରା, ଗୋପୂଜା, ସାଲା ପ୍ରବେଶ ଓ ପୂର୍ଣ୍ଣାହୁତି କାର୍ଯ୍ୟ ପଣ୍ଡିତମାନେ ସମ୍ପାଦନ କରିଥିଲେ। ଯଜ୍ଞରେ କର୍ତ୍ତାଭାବେ ଦ୍ୱାରିକାନାଥ ମିଶ୍ର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନ ଉତ୍ସବରେ ପ୍ରବଚକ ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରବଚନ ଦେଇଥିଲେ। ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ସମଲିଙ୍ଗୀ ବିବାହକୁ ମାନ୍ୟତା ପ୍ରତିବାଦରେ 'ସଚେତନ ମହିଳା ଶକ୍ତି' ପକ୍ଷରୁ ଗୁରୁବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

# ଗୁଣ୍ଡିଚା ମନ୍ଦିର ମରାମତି କାର୍ଯ୍ୟ ଦେଖିଲେ ଜିଲାପାଳ

ପୁରୀ ଅଫିସ,୨୭।୪

ଜୁନ ୨୦ରେ ମହାପ୍ରଭୁଙ୍କ ରଥଯାତ୍ରା। ଏଥିନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ, ସେବାୟତମାନଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଅକ୍ଷୟ ତୃତୀୟାଠାରୁ ରଥ ଅନୁକୂଳ ହୋଇ ରଥଖଳାରେ ରଥ ନିର୍ମାଣ ଜାରି ରହିଛି। ଅପରପକ୍ଷେ ପର୍ଯ୍ୟାୟକ୍ରମେ ରଥକାଠ ଆସି ପହଞ୍ଚୁଛି। ତେବେ ଶ୍ରୀମନ୍ଦିର ଉପ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ଗୁରୁବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିରରେ ଚାଲିଥିବା ମରାମତି କାର୍ଯ୍ୟର ସମୀକ୍ଷା କରିବା ସହ ରଥଖଳାକୁ ଯାଇ ରଥ ନିର୍ମାଣ କାର୍ଯ୍ୟର ତଦାରଖ କରିଛନ୍ତି। ଏଥିସହ ରଥ ନିର୍ମାଣରେ ନିୟୋଜିତ ଥିବା ସେବାୟତଙ୍କ ସହ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ଶ୍ରୀଗୁଣ୍ଡିଚା ମନ୍ଦିରର ନାଟମଣ୍ଡପରେ ସମସ୍ୟା ଦେଖାଯାଇଥିଲା। ଯାହାକୁ ବୈଷୟିକ ଟିମ ଯାଞ୍ଚ କରିବା ପରେ କାର୍ଯ୍ୟ ଆରମ୍ଭ କରିଥିଲା। ଚଳିତ ରଥଯାତ୍ରା ପୂର୍ବରୁ କାର୍ଯ୍ୟ ସାରିବା ପାଇଁ ଟିମ ପକ୍ଷରୁ ସୂଚନା ଦିଆଯାଇଥିଲା। କାର୍ଯ୍ୟ କେତେ ବାଟ ହେଲାଣି, ସେନେଇ ଜିଲାପାଳ ସମୀକ୍ଷା କରିଥିଲେ। ଜିଲାପାଳଙ୍କ ସହ ଶ୍ରୀମନ୍ଦିରର ବରିଷ୍ଠ ସେବାୟତମାନେ ଉପସ୍ଥିତ ଥିଲେ।


ଜିଲାପାଳ ସମର୍ଥ ବର୍ମା ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରୁଛନ୍ତି ।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁଣ୍ଡିଚା ମନ୍ଦିର ମରାମତି ପାଇଁ ବ୍ୟୟବରାଦ କରାଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିରର କାନ୍ଥ, ଚଟାଣ, ବାହାର ଓ ଭିତର ରଙ୍ଗ ସହ ଅନ୍ୟ ଆବଶ୍ୟକ ମରାମତି କାର୍ଯ୍ୟ ଚାଲିଛି। ଏ ନେଇ ଜିଲାପାଳ ବର୍ମା କହିଛନ୍ତି, ରଥଯାତ୍ରା ଆଗକୁ ଥିବାରୁ ମହାପ୍ରଭୁଙ୍କ କାର୍ଯ୍ୟ ଯେପରି ଶୃଙ୍ଖଳିତ ହେବ ସେଥିପ୍ରତି ଦୃଷ୍ଟି ଦିଆଯାଉଛି। ରଥଖଳା, ଶ୍ରୀମନ୍ଦିର, ଗଣ୍ଡିଚା ମନ୍ଦିରକୁ ଯାଇ ସେବାୟତମାନଙ୍କ ସହ ଆଲୋଚନା କରାଯାଉଛି। ଅପରପକ୍ଷେ ରଥଯାତ୍ରା ପାଇଁ ସମସ୍ତ ବିଭାଗ କାର୍ଯ୍ୟ କରୁଛନ୍ତି ବୋଲି ବର୍ମା କହିଛନ୍ତି। ଏ ନେଇ ବରିଷ୍ଠ ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି, ଗତବର୍ଷ କାମ ପାଇଁ ଯାହା ଦାବି ଥିଲା, ତାହା ଠିକ୍ ଭାବେ କରାଯାଇନାହିଁ। ଗୁଣ୍ଡିଚା ମନ୍ଦିର ଚାରିପାଖ ଏବଂ ଜଗମୋହନରେ ଖଣ୍ଡଲାଇଟ ପଥର ପଡ଼ିଥିବାରୁ କାର୍ଯ୍ୟ କରାଯିବ। ଆନନ୍ଦବଜାରରେ ପାଣିର ବ୍ୟବସ୍ଥା କରାଯିବା ପାଇଁ କୁହାଯାଇଛି। ପ୍ରଶାସନ ସମସ୍ତ ସାହାଯ୍ୟ କରୁଛନ୍ତି। ରଥ ରହିବା ସ୍ଥାନ ଅନୁଧ୍ୟାନ କରାଯାଇଛି। ସ୍ନାନବେଦୀରେ ମହାପ୍ରଭୁଙ୍କ ଦର୍ଶନ ଯେପରି ସୁରୁଖୁରୁରେ ହେବ ସେନେଇ କୁହାଯାଇଛି ବୋଲି ଦାସ ମହାପାତ୍ର କହିଛନ୍ତି।

## ଭାରତୀୟ କ୍ଷେତ ମଜଦୁର ୟୁନିୟନ୍‌ର ୪ର୍ଥ ପୁରୀ ଜିଲା ସମ୍ମିଳନୀ

ନିମାପଡ଼ା,୨୬।୪(ଡି.ଏନ୍.ଏ.)

ଭାରତୀୟ କ୍ଷେତ ମଜଦୁର ୟୁନିୟନ୍‌ର ୪ର୍ଥ ପୁରୀ ଜିଲା ସମ୍ମିଳନୀ ନିମାପଡ଼ା ବ୍ଲକ ଅଧୀନ ଚାରିଛକ ଏକାନ୍ତ ଆଶ୍ରମଠାରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ କୃଷକ ସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ସନାତନ ପାତ୍ର, ସିପିଆଇ ରାଜ୍ୟ କଣ୍ଟ୍ରୋଲ କମିଟି ସଭ୍ୟ ଦେବେନ୍ଦ୍ରନାଥ ସାହୁ, ସିପିଆଇ ରାଜ୍ୟ ପରିଷଦ ସଭ୍ୟ ପ୍ରଦୀପ୍ତ ମହାନ୍ତି, ପୁରୀ ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ସିପିଆଇ ବରିଷ୍ଠ ନେତା ମହେନ୍ଦ୍ର ବାରିକ, ସୁରେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ପୁରୀ ଜିଲା ଅନ୍ତର୍ଗତ ପ୍ରତ୍ୟେକ ବ୍ଲକରେ କ୍ଷେତ ମଜଦୁର ୟୁନିୟନକୁ ଅଧିକ ଶକ୍ତିଶାଳୀ, ମଜଭୁତ, କ୍ରିୟାଶୀଳ କରିବା, ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରାଯିବା ସହ ଅଧିକ ସଂଖ୍ୟାରେ ସଭ୍ୟ ସଂଗ୍ରହ କରିବା, ୟୁନିୟନ୍ ସଦସ୍ୟ, କର୍ମକର୍ତ୍ତାଙ୍କ ବିଭିନ୍ନ ସମସ୍ୟା ଓ ତାର ପ୍ରତିକାର ଦିଗରେ ଦାବିଗୁଡ଼ିକ ସରକାରଙ୍କ ନିକଟରେ ଉପସ୍ଥାପନ କରିବା, ନ୍ୟାଯ୍ୟ ଦାବି ପାଇଁ ଲଢ଼େଇ, ସଂଗ୍ରାମ, ଆନ୍ଦୋଳନ ଜାରି ରଖିବା ସମ୍ପର୍କରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସମ୍ମିଳନୀରେ ସଭାପତି ମଣ୍ଡଳୀ ଭାବେ ଗୋଲେଖ ନାୟକ ଓ ପ୍ରସନ୍ନ ଦାସ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସାଂଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ଭାବେ ସଭାପତି ମଧୁସୂଦନ ବରାଳ, ଉପସଭାପତି ସୁରଥ ମାଛୁଆ, ସମ୍ପାଦକ ମହେନ୍ଦ୍ର ବାରିକ୍, ସହସମ୍ପାଦକ ଭାବେ ଗୋବିନ୍ଦ ସେଠୀ ପ୍ରମୁଖ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ସମ୍ମିଳନୀରେ ଯୋଗଦେବାକୁ ପୁରୀରୁ ବିକାଶ ମୁଦୁଲି, ମଧୁସୂଦନ ବରାଳ, ସନ୍ତୋଷ ବେହେରା, ମହେନ୍ଦ୍ର ବାରିକ, ଜଗଦୀଶ ପଣ୍ଡା, ସୁରଥ ମାଛୁଆ, ଅମରେଶ୍ୱର ମଲ୍ଲିକ ପ୍ରମୁଖ ୭ ଜଣ ଏହି ସମ୍ମିଳନୀରେ ମନୋନୀତ ହୋଇଛନ୍ତି। ଜିଲା ସମ୍ମିଳନୀରେ ପୁରୀ ଜିଲାର ପ୍ରତ୍ୟେକ ବ୍ଲକର ପ୍ରାୟ ୮୦ ଜଣ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।


ପୁରୀ ମାଟିମଣ୍ଡପ ସାହି କାମେଶ୍ୱର ମହାଦେବ ମନ୍ଦିରର ତ୍ରିଶୂଳ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ଯଜ୍ଞ ପାଇଁ ମହିଳାମାନେ ଗୁରୁବାର ଶ୍ୱେତଗଙ୍ଗା ପୁଷ୍କରିଣୀରୁ କଳସ ବୁଡ଼ାଇ ଯଜ୍ଞ ମଣ୍ଡପକୁ ନେଉଛନ୍ତି।

# ଡକାୟତି ଯୋଜନା ବେଳେ ୭ ଗିରଫ

ପୁରୀ ଅଫିସ, ୨୭।୪:

**ବନ୍ଧୁକ, ଖଣ୍ଡା, ଭୁଜାଲି, ବୋମା, ଗୁଳି, ସ୍କୁଟି, ମୋବାଇଲ ଫୋନ୍ ଜବତ**

ଡକାୟତି ପାଇଁ ଯୋଜନା କରୁଥିବାବେଳେ ୭ଜଣଙ୍କୁ ମାତାମଠ ନିକଟ ଗିନାରୀବନ୍ତ ଅଞ୍ଚଳରୁ ବାସେଳି ସାହି ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ପାର୍ବତୀପୁର ଅଞ୍ଚଳର ଡମ୍ବରୁଧର ଖଟେଇ, ଜଗନ୍ନାଥ ବସ୍ତିର ପିନୁ ଓରଫ ପିନାକୀ ବରାଳ, ପାପୁନି ଜେନା, ହରିଜନ ବସ୍ତି ଟିଗିରିଆ ସାହିର ଅମି ଓରଫ ଅମିତ ନାଏକ, ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତିର ରାଜା ଓରଫ କୈଳାସ ନାଏକ, ଶଙ୍କରପୁରର ସନ୍ତୋଷ ମହାନ୍ତି, ମୁଦୁଲି ଜାଗାର ବିଶିଆ ଓରଫ ବିଶ୍ୱନାଥ ମହାରଣା। ପୋଲିସ ଏହି ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ଗୋଟିଏ ଅଫୁଟା ଗୁଳି, ଦୁଇଟି ଖଣ୍ଡା, ଗୋଟିଏ ଲୁହାରଡ୍, ଗୋଟିଏ ଭୁଜାଲି, ଗୋଟିଏ ଲାଠି, ୨ଟି ଅଫୁଟା ବୋମା, ଗୋଟିଏ ଟର୍ଚ୍ଚଲାଇଟ୍, ବୋମା ପ୍ରସ୍ତୁତ ସାମଗ୍ରୀ, ଦୁଇଟି ଖାଲି ବିଅର ବୋତଲ, ଗୋଟିଏ ସ୍କୁଟି, ୪ଟି ମୋବାଇଲ ଫୋନ୍ ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୧୦୬/୨୩) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ମାତା ମଠ ନିକଟ ଗିନାରୀବନ୍ତ ଅଞ୍ଚଳରେ ଏକାଠି ହୋଇ ଡକାୟତି ପାଇଁ ଯୋଜନା କରୁଥିଲେ। ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ସେଠାରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।



ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ ।

# ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ନେଇ ବଢୁଛି ଉତ୍ସାହ

ପୁରୀ ଅଫିସ, ୨୭।୪:

ଓଡ଼ିଶାରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ନେଇ ଆଶା ଉଜ୍ଜ୍ୱଳ ହେବାରେ ଲାଗିଛି। ବୁଧବାର ପ୍ରଥମ ଥର ପାଇଁ ହାଓଡ଼ାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଏହି ଦ୍ରୁତଗାମୀ ଆରାମଦାୟକ ଟ୍ରେନ୍‌ର ଟ୍ରାଏଲ ରନ୍ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ହାଓଡ଼ାରୁ ପୁରୀ ପର୍ଯ୍ୟନ୍ତ ଦ୍ୱିତୀୟ ଥର ନିମନ୍ତେ ଟ୍ରାଏଲ ରନ୍ ହେବାକୁ ଯାଉଛି। ସକାଳ ୬ଟା ୧୦ରେ ହାଓଡ଼ା ଷ୍ଟେଶନରୁ ଟ୍ରେନ୍ ଛାଡ଼ିବ ଏବଂ ପୂର୍ବାହ୍ନ ୧୧ଟା ୨୧ରେ ଭୁବନେଶ୍ୱରରେ ପହଞ୍ଚିବ। ସେଠାରେ ୨ମିନିଟ୍ ରହି ପୁରୀରେ ମଧ୍ୟାହ୍ନ ୧୨ଟା ୩୫ରେ ଏହି ଟ୍ରେନ୍ ପହଞ୍ଚିବ ବୋଲି ଜଣାପଡ଼ିଛି। ସେହିପରି ପୁରୀରୁ ଅପରାହ୍ନ ୧ଟା ୫୦ରୁ ବାହାରି ରାତି ୮ଟା ୩୦ରେ ହାଓଡ଼ାରେ ପହଞ୍ଚିବ ବୋଲି ସୂଚନା ମିଳିଛି। ତେଣୁ ଖୁବ୍‌ଶୀଘ୍ର ଓଡ଼ିଶାରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଦୌଡ଼ିବା ନେଇ ହେଉଥିବା ଚର୍ଚ୍ଚା ଏବେ କ୍ରମଶଃ ଦୃଢ ହେବାରେ ଲାଗିଛି। ଆଗକୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆସୁଛି। ତେଣୁ ପୁରୀକୁ ଯଦି ଏହି ଟ୍ରେନ୍ ଚଳାଚଳ କରେ ତେବେ ଅଧିକରୁ ଅଧିକ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ହେବ ବୋଲି କୁହାଯାଉଛି। ଏ ନେଇ ପୁରୀବାସୀଙ୍କ ମନରେ ଉଲ୍ଲାସ ଓ ଉତ୍ସାହ ସୃଷ୍ଟି ହୋଇଛି। ପୁରୀ ବାସିନ୍ଦା ଦୁର୍ଗା ପ୍ରସାଦ ନନ୍ଦ କହିଛନ୍ତି, ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ହେବା ଦ୍ୱାରା କେବଳ ଯାତ୍ରୀ କିମ୍ବା ପର୍ଯ୍ୟଟକ ନୁହଁନ୍ତି ପୁରୀବାସୀ ମଧ ସୁଫଳ ପାଇବେ। କାରଣ ପୁରୀର ଅନେକ ବ୍ୟବସାୟୀ କୋଲକାତା ଯାଇ ସେଠାରୁ ବିଭିନ୍ନ ଜିନିଷପତ୍ର ଆଣି ଏଠାରେ ବ୍ୟବସାୟ କରିଥାନ୍ତି। ଅପରପକ୍ଷରେ କୋଲକାତାରୁ ମଧ ଅନେକ ଲୋକ ପୁରୀ ଆସିଥାନ୍ତି। ସ୍ୱଳ୍ପ ସମୟ ମଧ୍ୟରେ ଏହି ଟ୍ରେନ ଯୋଗେ ଯାତାୟାତ ହୋଇପାରିବ। ଏପରିକି ଗୋଟିଏ ଦିନରେ ପୁରୀରୁ କୋଲକାତା ଯାଇହେବ। ତେବେ ପ୍ରମୁଖ ଚାରିଧାମ ମଧ୍ୟରୁ ପୁରୀ ଅନ୍ୟତମ ହୋଇଥିବାରୁ ଏବଂ କେନ୍ଦ୍ର ସରକାର ପୁରୀ ରେଳଷ୍ଟେଶନକୁ ବିଶ୍ୱସ୍ତରୀୟ କରୁଥିବାରୁ ଆଗାମୀ ଦିନରେ ଏଠାକୁ ଭକ୍ତ ଓ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେଣୁ କେନ୍ଦ୍ର ସରକାର ଦେଶର ପ୍ରମୁଖ ସହରରୁ ପୁରୀକୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଇବା ପାଇଁ ନନ୍ଦ ଅନୁରୋଧ କରିଛନ୍ତି। ସେହିପରି ସାମାଜିକ କର୍ମୀ ଦିଲୀପ ବରାଳ କହିଛନ୍ତି, କେନ୍ଦ୍ର ସରକାରଙ୍କ ତରଫରୁ ଏହା ଏକ ଉତ୍ତମ ବ୍ୟବସ୍ଥା। ପର୍ଯ୍ୟଟନସ୍ଥଳୀ ପୁରୀକୁ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଆସିଥାନ୍ତି। ବିଶେଷକରି ମହାପ୍ରଭୁଙ୍କ ଦର୍ଶନ ପାଇଁ ପଶ୍ଚିମବଙ୍ଗରୁ ବହୁ ଭକ୍ତ ଆସିଥାନ୍ତି। ତେଣୁ ଏପରି ଟ୍ରେନ ଚଳାଚଳ ଦ୍ୱାରା ଭକ୍ତମାନେ ଉପକୃତ ହୋଇପାରିବେ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ ପ୍ରକାଶ କରିଛନ୍ତି। ବଙ୍ଗୀୟ ପର୍ଯ୍ୟଟକ ଶଙ୍କର ସରକାର କହିଛନ୍ତି, ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍ ଚଳାଚଳ ନେଇ ମୁଁ ଖୁବ୍ ଉତ୍ସାହିତ। କାରଣ ଅନେକ ସମୟରେ ମୁଁ ଓ ମୋ' ପରିବାରବର୍ଗ ପୁରୀ ଆସୁ। ଏଠାରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଳାଭୂମିର ମଜା ନେଉ। ପୂର୍ବରୁ ପୁରୀରୁ ହାଓଡ଼ାକୁ ଅନେକ ଟ୍ରେନ ଚଳାଚଳ କରୁଛି। ତେବେ ପହଞ୍ଚିବା ପାଇଁ ଅନେକ ସମୟ ଲାଗୁଛି। ମାତ୍ର ବନ୍ଦେ ଏକ୍ସପ୍ରେସରେ ଖୁବ କମ୍ ସମୟରେ ପୁରୀରେ ପହଞ୍ଚିହେବ। ଏଥିସହ ସ୍ୱତନ୍ତ୍ର ବ୍ୟବସ୍ଥା ଓ ସୁନ୍ଦର ଅନୁଭୂତିର ମଜା ନେଇହେବ।



**ପୁରୀବାସୀଙ୍କ ସମେତ ଉପକୃତ ହେବେ ଭକ୍ତ, ପର୍ଯ୍ୟଟକ**

**୧୦ କେଜି ଗଞ୍ଜେଇ ଜବତ, ବେପାରୀ ଗିରଫ**

ଭୁବନେଶ୍ୱର, (ବ୍ୟୁରୋ) : ଗଞ୍ଜେଇ ଚୋରାଚାଲାଣ ସହ ବିକ୍ରି କରିବା ଅଭିଯୋଗରେ ଅବକାରୀ ବିଭାଗ ଜଣେ ବେପାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ କନ୍ଧମାଳ ଜିଲାର ଧୀରେନ ନାୟକ। ତାଙ୍କଠାରୁ ୧୦କେଜି ଗଞ୍ଜେଇ ଜବତ କରାଯାଇଛି। ଜାମିନ ନ ମିଳିବାରୁ ଅଭିଯୁକ୍ତ ଧୀରେନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ସୂଚନାନୁସାରେ ଅଭିଯୁକ୍ତ ଧୀରେନ କନ୍ଧମାଳରୁ ବସ ଯୋଗେ ଗଞ୍ଜେଇ ଆଣି ନୟାପଲ୍ଲୀ ଥାନା ଅନ୍ତର୍ଗତ ସିଆରପି ଛକ ନିକଟରେ ଛିଡା ହୋଇଥିଲେ। ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ଟିମ ସେଠାରେ ଚଢାଉ କରି ଯୁବକଙ୍କୁ ଧରିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ କାର୍ଯ୍ୟାଳୟରେ ଭଙ୍ଗାରୁଜା କରି ୨ ଗିରଫ

ବାଲକାଟୀ,୨୭।୪(ଡି.ଏନ୍.ଏ.)- ବିଦ୍ୟୁତ୍ କାର୍ଯ୍ୟାଳୟରେ ଗଣ୍ଡଗୋଳ ଏବଂ ଭଙ୍ଗାରୁଜା କରିବା ଅଭିଯୋଗରେ ବାଲିଅନ୍ତା ପୋଲିସ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝିଣ୍ଟି ଗ୍ରାମର ସତ୍ୟବ୍ରତ ଜେନା (୩୦) ଓ ସନ୍ତୋଷ ଜେନା(୩୭)। ଏନେଇ ପୋଲିସ ୧୭୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ପୋଲିସ କହିଛି। ବିଭାଗୀୟ ଅଧିକାରୀଙ୍କଠୁ ମିଳିଥିବା ସୂଚନା ମୁତାବକ, ବୁଧବାର ଟାଟା ପାୱାରର ପ୍ରବର୍ତ୍ତନ ଟିମ ଝିଣ୍ଟି ଗ୍ରାମରେ ଚଢ଼ାଉ କରି ବେଆଇନ ବିଦ୍ୟୁତ୍ କନେକ୍ସନ ନେଇଥିବା କେତେକ ବ୍ୟକ୍ତିଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲା। ଏହି ଘଟଣାକୁ କେନ୍ଦ୍ର କରି ଅପରାହ୍ନ ୩ଟା ସମୟରେ ୮/୧୦ଜଣ ଯୁବକ ବାଲକାଟୀସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟରେ ପହଞ୍ଚି ବିଭାଗୀୟ ଯନ୍ତ୍ରୀ ବିକାଶ ସ୍ୱାଇଁଙ୍କ ସହିତ ପ୍ରଥମେ ଯୁକ୍ତିତର୍କ କରିଥିଲେ। ପରେ କଥା କଟାକଟି ଯୋଗୁ ଅବସ୍ଥା ଅସମ୍ଭାଳ ହୋଇଥିଲା। ସମ୍ପୃକ୍ତ ଯୁବକମାନେ ଅଫିସରେ ଥିବା ଆସବାବପତ୍ର ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ମାଡ଼ ମାରି କାଗଜପତ୍ର ଫୋପାଡ଼ି ଦେଇଥିଲେ। ଖବରପାଇ ବାଲକାଟୀ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରି ୨ ଜଣଙ୍କୁ ଫାଣ୍ଡିକୁ ନେଇ ଅଟକ ରଖିଥିଲା, ମାତ୍ର ପ୍ରକୃତ ଗଣ୍ଡଗୋଳ କରିଥିବା ଅଭିଯୁକ୍ତ ସେଠାରୁ ଖସି ପଳାଇ ଯାଇଥିଲେ।

### ଅନ୍‌ଲାଇନ୍ ପେମେଣ୍ଟ ହୋଇଥିବା କହି ଠକ ଗିରଫ

ଭୁବନେଶ୍ୱର,୨୭।୪ (ବ୍ୟୁରୋ) : ଦୋକାନରୁ ସାମଗ୍ରୀ ନେଉଥିଲେ। ଫୋନ ପେ ମାଧମରେ ଟଙ୍କା ପେମେଣ୍ଟ ହୋଇଯାଇଥିବା କହି ସ୍କ୍ରିନଶଟ ଦେଖାଇ ଦୋକାନୀକୁ ଚକମା ଦେଉଥିଲେ। ଏମିତି ଠକୁଥିବା ଯୁବକଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲାର ଅଭିଶେଖ ନାଥ(୨୬)। ତାଙ୍କଠାରୁ ଗୋଟିଏ କୁଲର, ଗୋଟିଏ ମୋବାଇଲ ଫୋନ ଜବତ କରିଛି ପୋଲିସ। ଅନ୍ୟପକ୍ଷେ କେଉଁ ଆପ ମାଧମରେ ଅଭିଯୁକ୍ତ ଠକୁଥିଲେ ତାହା ଜାଣିବାକୁ ପୋଲିସ ଉଦ୍ୟମ ଚଳାଇଛି। ଅଭିଯୋଗକାରୀ ବାଦଲ ବାରିକଙ୍କର ଖଣ୍ଡଗିରିରେ ଗୋଟିଏ ଇଲେକଟ୍ରୋନିକ୍ସ ଦୋକାନ ରହିଛି। ଗତ ୧୨ତାରିଖରେ ସେ ତାଙ୍କ ଦୋକାନକୁ ଗୋଟିଏ କୁଲର କିଣିବା ପାଇଁ ଆସିଥିଲେ। ଅଭିଶେଖ କୁଲର ବାବଦକୁ ୬ ହଜାର ଟଙ୍କା ପେମେଣ୍ଟର ଗୋଟିଏ ସ୍କ୍ରିନଶଟ ଦେଖାଇ କୁଲରଟିକୁ ନେଇଥିଲେ। ସେହିପରି ପୁଣି୨୫ତାରିଖରେ ଉକ୍ତ ଦୋକାନଙ୍କୁ ଆସି ଗୋଟିଏ ଏସି କିଣିବା ସହ ୩୫ହଜାର ଟଙ୍କାର ପେମେଣ୍ଟର ଏକ ସ୍କ୍ରିନଶଟ ଦେଖାଇ ନେଇଯାଇଥିଲେ। ପରେ ଅଭିଶେଖ କିଣିଥିବା ସାମଗ୍ରୀ ବାବଦକୁ ସମୁଦାୟ ୪୧ ହଜାର ଟଙ୍କା ଉକ୍ତ ଦୋକାନ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇ ନ ଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ।

# 'ମାନସିକ ଦୁଶ୍ଚିନ୍ତାରେ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ଜୀବନ ଯାଉଛି'

## ସରକାରୀ ହାଇସ୍କୁଲ ସିବିଟି ସଂଘର ଅଭିଯୋଗ

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ଗଣଶିକ୍ଷା ବିଭାଗର ଅବହେଳା ପାଇଁ ମାନସିକ ଦୁଶ୍ଚିନ୍ତାରେ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକଙ୍କ ଜୀବନ ଚାଲିଯାଉଛି। ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ କରି ନିଯୁକ୍ତିକୁ ନିୟମିତ କରିବା ଦାବିରେ ଗୁରୁବାର ଓଡିଶା ସରକାରୀ ହାଇସ୍କୁଲ ସିବିଟି ସଂଘ ପକ୍ଷରୁ ଭର୍ଚୁଆଲରେ ଅନୁଷ୍ଠିତ ବୈଠକରେ ଶିକ୍ଷୟିତ୍ରୀଶିକ୍ଷକ ଏପରି ଅଭିଯୋଗ କରିଛନ୍ତି। ଗତ ଏପ୍ରିଲ ୩ରେ ସଂଘର ଆହ୍ୱାନରେ ଶିକ୍ଷୟିତ୍ରୀଶିକ୍ଷକ ଗାନ୍ଧୀ ମାର୍ଗରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସାମୂହିକ ଧାରଣାରେ ବସି ଶିକ୍ଷା ବିଭାଗର ଅବହେଳା ପାଇଁ ପ୍ରତିବାଦ ଜଣାଇଥିଲେ। ପରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସ ସିବିଟି ଶିକ୍ଷକ ସଂଘର ୧୦ ଜଣିଆ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ମନ୍ତ୍ରୀ ବିଭାଗ ସହ ଆଲୋଚନା କରି ଅତିଶୀଘ୍ର ବିଜ୍ଞପ୍ତି ପ୍ରକାଶ ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ସ୍ଥଗିତ କରାଯାଇଥିଲା। ନିଯୁକ୍ତି ନିୟମିତ ନ ହେବା ଫଳରେ ମାନସିକ ଦୁଶ୍ଚିନ୍ତାରେ ରହୁଥିବା ଅନେକ ଶିକ୍ଷୟିତ୍ରୀଶିକ୍ଷକ ପ୍ରାଣ ହରାଉଥିବା ସଂଘର ଆବାହକ ମନୋଜ କୁମାର ଜେନା କହିଛନ୍ତି। ମାନସିକ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେବା ତଥା ଅର୍ଥାଭାବରୁ ଚିକିତ୍ସାରୁ ବଞ୍ଚିତ ହୋଇ କେତେଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ସେ କହିଛନ୍ତି। ଏଣେ ସରକାରଙ୍କ କଣ୍ଟ୍ରାକ୍ଟୁଆଲ ହେଡ୍‌ରେ ଅର୍ଥ ନ ଥିବାରୁ ଦୁଇ ମାସ ହେବ ଦରମା ମିଳି ନ ଥିବା ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ କହିଛନ୍ତି। କଳାହାଣ୍ଡି ମହାଲିଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ୨୦୨୨ ବ୍ୟାଚ୍‌ର ହିନ୍ଦୀ ଶିକ୍ଷକ ଧୃତରାଷ୍ଟ୍ର ବରର୍ତ୍ତି ଓ ରାଉରକେଲା ଏନ୍‌ଏସି ଏସ୍‌ଟି ସରକାରୀ ଉଚ୍ଚ ବିଦ୍ୟାଳୟର କଳା ଶିକ୍ଷୟିତ୍ରୀ ଦିବ୍ୟା କୁମାରୀ କୁଲ୍ଲୁ ଅର୍ଥାଭାବ ପାଇଁ ଚିକିତ୍ସାରୁ ବଞ୍ଚିତ ହୋଇ ଶେଷରେ ଆଖି ବୁଜିଥିବାରୁ ସଂଘ କ୍ଷୋଭ ପ୍ରକାଶ କରିଛି। ସେହିଭଳି ମାର୍ଚ୍ଚ ୪ରେ ରାୟଗଡା ଜିଲା ମୁନିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ୨୦୧୬ ବ୍ୟାଚର ଶିକ୍ଷକ ରାମକୃଷ୍ଣ ସବର ରେଗୁଲାର ହୋଇପାରୁ ନ ଥିବାରୁ ମାନସିକ ଚିନ୍ତାରେ ରହି ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଚଳିତ ମାସ ୧୯ ତାରିଖରେ ମାନସିକ ସ୍ଥିତି ଠିକ ନ ଥିବାରୁ ଖୋର୍ଦ୍ଧା ଜିଲାର ଗୋଦାବରୀଶ ବିଦ୍ୟାପୀଠର ଶିକ୍ଷୟିତ୍ରୀ ଶୁଚିସ୍ମିତା ବଳ ଦୁର୍ଘଟଣାର ଶିକାର ହୋଇ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏ ସମସ୍ତ ଘଟଣା ପାଇଁ ଗଣଶିକ୍ଷା ବିଭାଗକୁ ଦାୟୀ କରିଛି ସିବିଟି ଶିକ୍ଷକ ସଂଘ। ଏଥିସହିତ ମୃତ ବ୍ୟକ୍ତିଙ୍କ ପରିବାରର ଯେକୌଣସି ବ୍ୟକ୍ତିଙ୍କୁ ସରକାରୀ ନିଯୁକ୍ତି ଦେବାକୁ ସଂଘ ଦୃଢ ଦାବି କରିଛି। ଆଗାମୀ ୫ ଦିନ ମଧ୍ୟରେ ସ୍ଥାୟୀ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଘ ଚେତାବନୀ ଦେଇଛି।



ଅତିଥିମାନେ ମନୋଜ ଦାସଙ୍କ ଉପରେ ପ୍ରକାଶିତ 'କୋଣାର୍କ' ପତ୍ରିକା ଉନ୍ମୋଚନ କରୁଛନ୍ତି।

# ଅଧ୍ୟାପକଙ୍କ ଘରୁ ଚୋରି, ପୋଲିସ ନୀରବ





ଭୁବନେଶ୍ୱର,୨୭।୪ (ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କିଶନନଗର ଅଞ୍ଚଳରେ ରହୁଥିବା ଜଣେ ଅଧ୍ୟାପକ ଗୌତମ ମଲ୍ଲଙ୍କ ଘରେ ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଘରର ବାଲକୋନି ବାଟେ ଯାଇ କବାଟ ଭାଙ୍ଗି ଚୋରି ବାହାଘର ସମୟରେ ମିଳିଥିବା ସମସ୍ତ ସୁନାଗହଣା ଚୋରି କରି ନେଇଯାଇଛନ୍ତି। ସୂଚନା ଅନୁସାରେ ଗୌତମଙ୍କ ଗତବର୍ଷ ୫ ମାସ ତଳେ ବାହାଘର ହୋଇଥିଲା। ଗତ ୧୭ ତାରିଖ ଦିନ ରାତିରେ ଘରେ ସମସ୍ତେ ଶୋଇଥିବା ସମୟରେ ବିଳମ୍ବିତ ରାତିରେ ୨ଜଣ ଦୁର୍ବୃତ୍ତ ଏକ ସ୍କୁଟି ଯୋଗେ ଆସିଥିଲେ। ଘରଠାରୁ ଅଳ୍ପ ଦୂରରେ ସ୍କୁଟି ରଖି ବାଲକୋନି ବାଟ ଦେଇ ଘରେ ପଶିଥିଲେ। ବାଲକୋନି କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଏକ ପର୍ସରୁ ଆଲମିରା ଚାବି ନେଇ ଲକରରୁ ବାହାଘରର ବନ୍ଧାଣ ଟଙ୍କା ସହ, ମଙ୍ଗଳସୂତ୍ର, ୧୨ ଟି ମୁଦି, ଏକ ପାଉଁଚି, ୨ଟି ହାର, ଗୋଟେ ଚେନ ସହ ବହୁ ସୁନାଗହଣା ଓ ଟଙ୍କା ନେଇଯାଇଥିଲେ। ସକାଳୁ ଉଠି ଦେଖିବା ବେଳକୁ ଆଲମିରା ଖୋଲା ଥିବା ସହିତ ଆଲମିରା ଲକରରେ ସୁନାଗହଣା ନାହିଁ। ସୁନାଗହଣା ରଖାଯାଇଥିବା ପର୍ସ ଛାତ ଉପରେ ପଡିଥିବା ଦେଖିଥିଲେ। ସିସିଟିଭି ଦେଖିବାରୁ ଦୁଇଜଣ ଚୋର ଏକ ସ୍କୁଟିରେ ଆସିଥିବା ଜଣାପଡିଛି। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଘର ବାବଦରେ କେଉଁଠି କଣ ଅଛି ଜାଣିଥିବା ତଥା ତାଙ୍କ ଘରେ କାମ କରୁଥିବା ଯୁବକ ଏଭଳି କାମ କରିଥିବା ଗୌତମ ସନ୍ଦେହ କରୁଛନ୍ତି। କିନ୍ତୁ ଅଭିଯୋଗକୁ ୧୦ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବା ଗୌତମ ଅଭିଯୋଗ କରିଛନ୍ତି।

# ଓୟୁଏଟିକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ ପାଇଁ ନିଷ୍ଠାପର ଉଦ୍ୟମ ଆବଶ୍ୟକ: କୃଷିମନ୍ତ୍ରୀ

ଭୁବନେଶ୍ୱର, ୨୭।୪(ବ୍ୟୁରୋ)

ବୈଷୟିକ ବାତାବରଣ ଓ ଗବେଷଣା କ୍ଷେତ୍ରରେ ଉନ୍ନତି ଆଣି ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)କୁ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ଦିଗରେ ନିଷ୍ଠାପର ଉଦ୍ୟମ ହେବା ଆବଶ୍ୟକ। କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଗବେଷଣାଲବ୍ଧ ଜ୍ଞାନକୌଶଳ ଏବଂ ନୂତନ ପ୍ରଯୁକ୍ତିବିଦ୍ୟାର ସୁଫଳ ସିଧାସଳଖ ଚାଷୀଙ୍କ ନିକଟରେ ପହଞ୍ଚାଇଲେ ସେମାନଙ୍କ ଆର୍ଥିକ ଓ ସାମାଜିକ ବିକାଶ ହୋଇପାରିବ ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

କୃଷି ଭବନଠାରେ ଗୁରୁବାର ଆୟୋଜିତ ଏକ ବୈଠକରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଗତ ୨ ଦଶନ୍ଧି ମଧ୍ୟରେ ରାଜ୍ୟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ହୋଇପାରିଛି। କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା ଦିଗରେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। କୃଷି ସହିତ ମତ୍ସ୍ୟ, ପ୍ରାଣୀପାଳନ ଓ ଫସଲ ଆଦିର ବିବିଧିକରଣ ଦ୍ୱାରା ଚାଷୀର ଆୟବୃଦ୍ଧିର ପର୍ଯ୍ୟାପ୍ତ ସୁଯୋଗ ରହିଥିବାବେଳେ ବିଶ୍ୱବିଦ୍ୟାଳୟର କୃଷି ବୈଜ୍ଞାନିକମାନେ ଉନ୍ନତ ଓ ଅଧିକ ଅମଳକ୍ଷମ ଫସଲ ବିହନ ସହିତ ନୂତନ ଜ୍ଞାନକୌଶଳ ଉଦ୍ଭାବନ ଦିଗରେ ଉଚ୍ଚତର ଗବେଷଣା କରିବାର ଆବଶ୍ୟକତା ଅଛି। ବିଶ୍ୱବିଦ୍ୟାଳୟ ଚାଷୀଙ୍କ ସମସ୍ୟାଭିତ୍ତିକ ବିଷୟକୁ ନେଇ ନୂତନ ଗବେଷଣା କରିବା ଆବଶ୍ୟକ। ରାଜ୍ୟ ସରକାର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଥିବାବେଳେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ଦିଗରେ କୁଳପତି ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ବିଶ୍ୱବିଦ୍ୟାଳୟ ପ୍ରତ୍ୟେକ କୃଷିବିଜ୍ଞାନ କେନ୍ଦ୍ରରେ ସମନ୍ୱିତ କୃଷି ପଦ୍ଧତିର ଏକ ମଡେଲ କରିବା ପାଇଁ କହିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଜିଲା ନିମନ୍ତେ ନିୟୋଜିତ ନୋଡାଲ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ସମୟରେ କୃଷିବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମକୁ ସମୀକ୍ଷା କରିବା ପାଇଁ କହିଛନ୍ତି।

# 'ତୁଙ୍ଗିମ ମନୋଜ : ଜୀବନାୟନ ଓ ସାହିତ୍ୟାୟନ' ସାରସ୍ୱତ ଆସର

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁବାର ବିଭାଗର ସମ୍ମିଳନୀ କକ୍ଷରେ ଯୁଗସ୍ରଷ୍ଟା ସାଧକ ଓ ପଦ୍ମଭୂଷଣ ମନୋଜ ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକାଡେମୀ ସମ୍ପାଦିତ ମନୋଜ ଦାସଙ୍କ ଉପରେ ପ୍ରକାଶିତ 'କୋଣାର୍କ' ପତ୍ରିକା ଅତିଥିମାନଙ୍କୁ ସୌଜନ୍ୟ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ତୁଙ୍ଗିମ ମନୋଜ:ଜୀବନାୟନ ଓ ସାହିତ୍ୟାୟନ'। ଆରମ୍ଭରେ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଘାଟକ ଭାବେ ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ମୁଖ୍ୟ ଅତିଥି ବିଶିଷ୍ଟ ସ୍ତମ୍ଭକାର ରାଜେନ୍ଦ୍ର ନାରାୟଣ ଦାସ, ବରେଣ୍ୟ ଅତିଥି ବିଭାଗୀୟ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ, ବିଶିଷ୍ଟ ଅତିଥି ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ସମ୍ମାନନିତ ଅତିଥି ଭାବେ ଏକାଡେମୀର କାର୍ଯ୍ୟକାରୀ ପରିଷଦ ସଦସ୍ୟା ଡ. ଶୁଭଶ୍ରୀ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। 'ସ୍ୱରାଞ୍ଜଳି' ସଂସ୍ଥା ପକ୍ଷରୁ ଗୁରୁ ବିନୟ ଦାସ, ମମତା କବି ଓ ସାଥିଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଏକାଡେମୀର ଉପବିଭାଗ ଅଧିକାରୀ ସଞ୍ଜୟ କୁମାର ଛୁଆଲସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

### ଦୋକାନରୁ ଚୋରି କରି କର୍ମଚାରୀ ଗିରଫ

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ଦୋକାନରୁ ଚୋରି ଓ ମାଲିକଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ ସମ୍ପୃକ୍ତ କର୍ମଚାରୀଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ୟୁନିଟ୍-୩ରେ ରହୁଥିବା ନୟାଗଡର ଓମ ପ୍ରକାଶ ପ୍ରଧାନ ଓରଫ ପିଣ୍ଟୁ। ତାଙ୍କଠାରୁ ଗୋଟିଏ ସାମସଙ୍ଗ କମ୍ପାନୀର ଟାବେଲଟ ଜବତ କରିଛି ପୋଲିସ। ଜାମିନ ନମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ଅଭିଯୋଗକାରୀ ଅକ୍ଷୟ ସାହୁଙ୍କର ପଟିଆରେ ଗୋଟିଏ ଜୁସ ସେଣ୍ଟର ଅଛି। ଅଭିଯୁକ୍ତ ଓମ ଉକ୍ତ ସେଣ୍ଟରରେ କାମ କରୁଥିଲେ। ହେଲେ ମାଲିକଙ୍କ ଅଜଣାତରେ ଟଙ୍କା ବାକ୍ସରୁ ବାରମ୍ବାର ଚୋରି କରୁଥିଲେ। ମାଲିକ ପଚାରିବାକୁ ସିଧା ମନା କରିଦେଉଥିଲେ। ଗତ ୨୫ ତାରିଖରେ ଅକ୍ଷୟଙ୍କର ଟଙ୍କା ବାକ୍ସରୁ ପୁନର୍ବାର ୧୦ ହଜାର ଚୋରି ହୋଇଥିବାରୁ ସେ ଆଉଥରେ ଓମପ୍ରକାଶଙ୍କୁ ପଚାରି ବୁଝିଥିଲେ। ଏଥିରେ ଓମ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ।

# କବାଡ଼ିଆଙ୍କୁ ପିଲାଙ୍କ ବହି ବିକିଦେଲେ ଶିକ୍ଷକ

ବ୍ରହ୍ମଗିରି,୨୭।୪(ଡି.ଏନ୍.ଏ.)

ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅଞ୍ଚଳରେ ମଧ୍ୟ ଗୁରୁବାର ଜଣେ ଶିକ୍ଷକ ପିଲାଙ୍କ ବହି ସବୁ କବାଡ଼ିଆଙ୍କୁ ବିକ୍ରି କରିଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, କପିଳେଶ୍ୱରପୁର ପଞ୍ଚାୟତ ଅଧୀନ କାଙ୍କୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖରାଛୁଟି ସମୟରେ ସେଠାର ଜଣେ ଶିକ୍ଷକ ବିଦ୍ୟାଳୟର କିଛି ଅଦରକାରୀ କାଗଜପତ୍ର ସହ ବଳକା ପାଠ୍ୟ ପୁସ୍ତକଗୁଡିକୁ ଏକ କବାଡ଼ିଆବାଲାକୁ ବିକ୍ରି କରିଥିଲେ। କବାଡ଼ିଆ ବସ୍ତାରେ ନେବାବେଳେ ଉକ୍ତ ଗ୍ରାମର ମନୋଜ ଦାସଙ୍କ ସମେତ କେତେଜଣ ଯୁବକ ଏହାକୁ ଦେଖି ପଚାରିଥିଲେ। ନିକଟରେ ଥିବା ଉକ୍ତ ଶିକ୍ଷକ ଜଣକ ସେଥିରେ ପୁରୁଣା କାଗଜପତ୍ର ଥିବା କହିଥିଲେ। କିନ୍ତୁ ଯୁବକମାନଙ୍କ ସନ୍ଦେହ ହେବାରୁ କବାଡ଼ିଆ ବାଲା ସହ ବସ୍ତାକୁ ଧରି ବିଦ୍ୟାଳୟକୁ ଆଣି ସମସ୍ତଙ୍କ ଉପସ୍ଥିତରେ ଉକ୍ତ ଅଖା ଖୋଲାଯିବା ପରେ ସେଥିରୁ ପୁରୁଣା ବହି ସହିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୬ ଖଣ୍ଡ ନୂତନ ପାଠ୍ୟ ପୁସ୍ତକ ଥିବାର ଦେଖିବାକୁ ମିଳିଥିଲା। ଏ ନେଇ ଗ୍ରାମର ଯୁବକମାନେ ବ୍ରହ୍ମଗିରି ବ୍ଲକ ଶିକ୍ଷାଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ଖବରପାଇ ବ୍ଲକ ଶିକ୍ଷାଧିକାରୀ କବିରାଜ ଜେନା ଘଟଣାର ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

# ରାପିଡୋ ପକ୍ଷରୁ ସଡ଼କ ସୁରକ୍ଷା ଅଭିଯାନ

ଭୁବନେଶ୍ୱର,୨୭।୪



ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ଏବଂ କମିଶନରେଟ୍ ପୋଲିସ ସହଭାଗିତାରେ ରାପିଡୋ ଅଟୋ ପକ୍ଷରୁ ସଡ଼କ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବୁଧବାର ସ୍ଥାନୀୟ ରୂପାଲୀ ଛକଠାରେ ସଡ଼କ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରାପିଡୋ ଅଟୋ ଟିମ୍, ଧର୍ମରାଜ ଏବଂ ତାଙ୍କ ସହଯୋଗୀ ଚିତ୍ରଗୁପ୍ତ ଏବଂ ୨ଦୂତ ଭୁବନେଶ୍ୱର ସଡ଼କରେ ଯାତାୟାତ କରୁଥିବା ସବୁ ବର୍ଗର ଯାତ୍ରୀଙ୍କୁ ସଚେତନ କରାଉଥିଲେ। ଏପରିକି ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ସଡ଼କ ସୁରକ୍ଷା ପାଇଁ ଆବଶ୍ୟକ ନୀତିନିୟମ ପାଳନ କରିବା ପାଇଁ ପରିବହନ ବିଭାଗର ଲିଫ୍‌ଲେଟ ବଣ୍ଟନ କରିଥିଲେ। ବିଶେଷକରି ରାପିଡୋ ଅଟୋର ସ୍ୱେଚ୍ଛାସେବୀମାନଙ୍କର ଅନ୍ୟ ଏକ ଦଳ ସଡ଼କ ସୁରକ୍ଷା ନିୟମ ଓ ସତର୍କତା ଉପରେ ସଚେତନା ଓ ପ୍ରଚାର କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ସଭାରେ ଶହୀଦନଗର ଥାନା ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସହାୟତା ତାଲିମପ୍ରାପ୍ତ କ୍ୟାପ୍‌ଟେନମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ସେହିଭଳି କାର୍ଯ୍ୟକ୍ରମର ୨ୟ ପର୍ଯ୍ୟାୟରେ ପୋଲିସ କମିଶନର, ଜନସାଧାରଣ ଏବଂ ରାପିଡୋ ଅଟୋ କ୍ୟାପ୍‌ଟେନଙ୍କ ପକ୍ଷରୁ ଏକ ସଚେତନତା ରାଲି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାପିଡୋ ମୁଖ୍ୟ କାର୍ଯ୍ୟାଳୟରୁ ମୋହନ କୁମାର, ଦୀପୁନ୍ ଏବଂ ସୁବାଶିଷ, ସୁଜିତ, ଅଟୋ କ୍ୟାପ୍‌ଟେନ, ସ୍ୱେଚ୍ଛାସେବୀ ଏବଂ ଜନସାଧାରଣ ଉକ୍ତ କାର୍ଯ୍ୟକ୍ରମରେ ସାମିଲହୋଇ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ନୟାପଲ୍ଲୀ ହଜର ପୁନରୁଦ୍ଧାର ଅଧାପନ୍ତରିଆ

## ଏନ୍‌ଜିଟିଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଜବରଦଖଲ ହଟୁନି

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ବିଏମ୍‌ସି ଦ୍ୱାରା ଏକାଧିକ ଜଳାଶୟ ଓ ପୋଖରୀର ପୁନରୁଦ୍ଧାର କରାଯିବା ସହ ବିକାଶ ଜାରି ରହିଛି। ଏହି କ୍ରମରେ ନୟାପଲ୍ଲୀର ସର୍ବପୁରାତନ ଜଳାଶୟ ନୟାପଲ୍ଲୀ ହଜର ପୁନରୁଦ୍ଧାର ଜାରି ରହିଛି। ପ୍ରାୟ ୪ ଏକର ପରିମିତ ଜାଗାରେ ଏହି ବିକାଶ ଚାଲିଥିବାବେଳେ ଏଥିଲାଗି ପ୍ରାୟ ୪କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ଜବରଦଖଲ ହଟା ନ ଯାଇ ଏହି ବିକାଶ କାର୍ଯ୍ୟ କରାଯାଉଥିବାରୁ ଏହା ଅଧାପନ୍ତରିଆ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ହଜ ପୋଖରୀର ଜମି ଏବଂ ୧୦ ନମ୍ବର ପ୍ରାକୃତିକ ନାଳକୁ ଜବରଦଖଲମୁକ୍ତ କରି ବିକାଶ କରିବାକୁ ଜାତୀୟ ସବୁଜ ନ୍ୟାୟାଧିକରଣ (ଏନଜିଟି)ର କୋଲକାତାସ୍ଥିତ ପୂର୍ବାଞ୍ଚଳ ଜୋନ ବିଏମ୍‌ସି ଓ ବିଡିଏକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ନିର୍ଦ୍ଦେଶକୁ ଇତିମଧ୍ୟରେ ୨ମାସ ବିତିଯାଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ କାହା ସ୍ୱାର୍ଥରେ ଜବରଦଖଲ ଉଚ୍ଛେଦ କରୁନାହାନ୍ତି, ସେନେଇ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ହଜ ପୋଖରୀ, ୧୦ ନମ୍ବର ନାଳ ଜବରଦଖଲ ଏବଂ ପ୍ରଦୂଷଣ ନେଇ ୨୦୨୨ରେ ଦାଖଲ ହୋଇଥିବା ମାମଲାର ଶୁଣାଣି କରି ଏନ୍‌ଜିଟି ଏହି ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚରୁ ବିଏମ୍‌ସି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚିଠି ମିଳିବା ସତ୍ତ୍ୱେ ଏ ନେଇ କୌଣସି ପଦକ୍ଷେପ ନେବାକୁ ଅଧିକାରୀ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ବିଏମ୍‌ସି ଡ୍ରେନେଜ ବିଭାଗୀୟ ଅଧିକାରୀଙ୍କୁ ଜବରଦଖଲ ଉଚ୍ଛେଦ କଥା ପଚାରିବାରୁ ସେ ଏନେଇ ମୁହଁ ଖୋଲିବାକୁ ମନା କରିଦେଇଛନ୍ତି। ଅପରପକ୍ଷେ ଅବହେଳିତ ହୋଇପଡ଼ି ରହିଥିବା ନୟାପଲ୍ଲୀ ହଜର ବିକାଶ ଫଟୋ ଛାଡ଼ି ବିଏମ୍‌ସି ଏବେ ପ୍ରଶଂସା ସାଉଁଟିବାକୁ ଚେଷ୍ଟା କରୁଛି। ମାତ୍ର ବାସ୍ତବରେ ହଜକୁ ପୂର୍ଣ୍ଣତଃ ଜବରଦଖଲରୁ ହଟାଇବାରେ ବିଫଳ ହୋଇଛି। ୧୯୬୧ ମସିହାର ସାବକ ଖାତା ନମ୍ବର ୩୫୫ରେ ଏହି ହଜର ପରିସୀମା ୭ ଏକର ଥିଲା। ପରେ ୨୦୧୧ ହାଲ୍ ଖାତା ନମ୍ବର ୧୧୫୫ରେ ୩.୯୩୪ ଏକର ଜାଗା ସୂଚାଇ ଦିଆଗଲା। ତେବେ ବାକି ୩ ଏକର କୁଆଡ଼େ ଗଲା ବୋଲି ସ୍ଥାନୀୟ ଅଞ୍ଚଳବାସୀ ବିଏମ୍‌ସିକୁ ପ୍ରଶ୍ନ କରିଛନ୍ତି। ଜଳାଶୟ ଜମିକୁ କିଏ ଜବରଦଖଲ କଲା ଓ କାହା ସ୍ୱାର୍ଥରେ ବିଏମ୍‌ସି ଏଥିପ୍ରତି ଦୃଷ୍ଟି ଦେଉନାହିଁ ଭଳି ପ୍ରଶ୍ନ ସାମ୍ନାକୁ ଆସିଥିବାବେଳେ ତୁରନ୍ତ ଜଳାଶୟକୁ ଜବରଦଖଲ ମୁକ୍ତ ନ କଲେ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି।






ମହିଳା କୁସ୍ତି ଯୋଦ୍ଧାଙ୍କୁ ଯୌନ ନିର୍ଯାତନା ମାମଲାରେ ଅଭିଯୁକ୍ତ ବ୍ରିଜଭୂଷଣ ସିଂଙ୍କୁ ଗିରଫ ଦାବିରେ ବିଭିନ୍ନ ବାମପନ୍ଥୀ ଦଳ ପକ୍ଷରୁ ଗୁରୁବାର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।



ୟୁନିଟ-୮ ସ୍ଥିତ ଗୁଣ୍ଡିଚା ମନ୍ଦିର ନିକଟରେ ପଦ୍ମଶ୍ରୀ ଡ. ରଜତ କୁମାର କରଙ୍କ ପ୍ରଥମ ଶ୍ରାଦ୍ଧଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ଏପ୍ରିଲ, ୨୦୨୩

## ଲକ୍ଷ୍ମୀ ନୃସିଂହ ପୀଠରେ ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

କଟକ ସଦର,(ଡି.ଏନ୍.ଏ.): ନୃସିଂହ ଚତୁର୍ଦ୍ଦଶୀ ଅବସରରେ କନ୍ଦରପୁର ନିକଟସ୍ଥ ଦରଡା ଗ୍ରାମରେ ଠାକୁର ଶ୍ରୀଅଭିରାମ ପରମହଂସ ଦେବଙ୍କ ଲକ୍ଷ୍ମୀ ନୃସିଂହ ପୀଠରେ ମେ ୨ରୁ ୪ ତାରିଖ ପର୍ଯ୍ୟନ୍ତ ୩୪ତମ ଯଜ୍ଞ ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାନନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅଭିରାମ ଆଶ୍ରିତ ଭକ୍ତମାନେ ଯୋଗଦେଇଥିଲେ। ଶ୍ରଦ୍ଧାଳୁମାନେ ଯୋଗଦେଇ ୩ଦିନ ବ୍ୟାପୀ ଯଜ୍ଞ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଶାନ୍ତିଲତା ସାହୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।



### ସଂକ୍ଷେପରେ

## ମା' ରଙ୍ଗେଶ୍ୱରୀ ମନ୍ଦିର ତାଲା ଭାଙ୍ଗି ଲୁଟ୍

ନିଶ୍ଚିନ୍ତକୋଇଲି,୨୭।୪(ସ୍ୱ.ପ୍ର.): କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ବଡ଼କ୍ଷୀର-ସରପଡ଼ା ମଧସ୍ଥଳରେ ଥିବା ପ୍ରସିଦ୍ଧ ମା' ରଙ୍ଗେଶ୍ୱରୀଙ୍କ ମନ୍ଦିର ତାଲା ଭାଙ୍ଗି ଲୁଟ୍ ହୋଇଛି। ଦୁର୍ବୃତ୍ତ ମନ୍ଦିରରୁ ବହୁ ସ୍ୱର୍ଣ୍ଣ ଅଲଙ୍କାର ଓ ନଗଦ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଗୁରୁବାର ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ବୁଧବାର ରାତିରେ ଦୁର୍ବୃତ୍ତ ଏହି ମନ୍ଦିରର ୩ଟି ଘର ତାଲା ଭାଙ୍ଗି ଠାକୁରାଣୀଙ୍କର ବିଭିନ୍ନ ଆସବାପତ୍ର, ଗୋଟିଏ ସଉଣ୍ଡ ମେଶିନ, ଘଣ୍ଟା, ଘଂଟ ଓ ଠାକୁରାଣୀଙ୍କର ସ୍ୱର୍ଣ୍ଣ ଅଲଙ୍କାର ଲୁଟି ନେଇଛନ୍ତି। ମା'ଙ୍କ ହୁଣ୍ଡିରେ ଥିବା ସମସ୍ତ ଟଙ୍କା ମଧ ନେଇ ଯାଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମର ରଘୁନାଥ ପଣ୍ଡା, ପ୍ରସନ୍ନ ପତି, ବିଦ୍ୟୁଲତା ପଣ୍ଡା, ଦ୍ୱାରିକାନାଥ ପଣ୍ଡା ପ୍ରମୁଖ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ନଂ.୮୩/୨୩ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ନିଶ୍ଚିନ୍ତକୋଇଲି ବ୍ଲକ୍ ଅଞ୍ଚଳରେ ଥିବା ବିଭିନ୍ନ ଦେବଦେବୀଙ୍କ ମନ୍ଦିରକୁ ଲୁଟେରା ଟାର୍ଗେଟ କରୁଥିବାରୁ ଦେବଦେବୀ ଅସୁରକ୍ଷିତ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ଅଲୋଡ଼ା ମଧୁସୂଦନ ସଂଗ୍ରହାଳୟ

### ମଧୁ ଜୟନ୍ତୀ ପାଇଁ ଦେଖିବାକୁ ମିଳୁନି ତତ୍ପରତା

- ସରଞ୍ଜାମ ଉପରେ ଧୂଳିର ଆସ୍ତରଣ
- ସଂଗ୍ରହାଳୟ ସମ୍ମୁଖରେ ଠେଲା ଗାଡ଼ି




ମଧୁସୂଦନ ସଂଗ୍ରହାଳୟ ସମ୍ମୁଖରେ ରହିଥିବା ଠେଲାଗାଡ଼ି। ସଂଗ୍ରହାଳୟ ପରିସରରେ ଥିବା ମଧୁବାବୁଙ୍କ ଫଟୋଚିତ୍ର ଓ ଅନ୍ୟ ସାମଗ୍ରୀ।

କଟକ ଅଫିସ,୨୭।୪

ଶୁକ୍ରବାର ମଧୁବାବୁଙ୍କ ଜୟନ୍ତୀ। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ହେଲେ ତାଙ୍କ ସ୍ମୃତିରେ ନିର୍ମାଣ କରାଯାଇଥିବା କଟକ ଚଣ୍ଡୀଛକସ୍ଥିତ ମଧୁସୂଦନ ସଂଗ୍ରହାଳୟ ଏବେ ଅସ୍ତିତ୍ୱ ହରାଇବାରେ ଲାଗିଛି। ରାତି ପାହିଲେ ଜୟନ୍ତୀ, ହେଲେ ଗୁରୁବାର ସଂଗ୍ରହାଳୟ ପରିସରରେ କୌଣସି ପ୍ରସ୍ତୁତି ନ ଥିବା ଦେଖିବାକୁ ମିଳିଛି, ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ବ୍ୟବହୃତ ସାମଗ୍ରୀଗୁଡ଼ିକୁ ସୁରକ୍ଷିତ ରଖିବା ନିମନ୍ତେ ମଧୁବାବୁଙ୍କ କର୍ମସ୍ଥଳୀ କୋଠାକୁ ସଂଗ୍ରହାଳୟରେ ପରିଣତ କରାଯାଇଛି। ଏହା ଶୈଳବାଳା ମହାବିଦ୍ୟାଳୟ ପରିସରରେ ରହିଛି। ୨୦୦୭ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଏହି ସଂଗ୍ରହାଳୟରେ ମଧୁବାବୁ ପରିଧାନ କରୁଥିବା କୋଟ୍, ପାଇଜାମା, ଜୋତା, ଘଣ୍ଟା, ଛତା, କଲମ, ଦୁଆତ, ଟିକା, ବହୁ ବିରଳ ଦସ୍ତାବିଜ ଆଲମିରାରେ ରଖାଯାଇଛି। ହେଲେ ବର୍ତ୍ତମାନ ସଂଗ୍ରହାଳୟ ସ୍ଥିତି ବିଗିଡ଼ିବାରେ ଲାଗିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୧୯ଲକ୍ଷ ଟଙ୍କା ବ୍ୟୟରେ ଏହି ସଂଗ୍ରହାଳୟ ନୂଆ ରୂପ ପାଇଥିଲା। ହେଲେ ବର୍ତ୍ତମାନ ସଂଗ୍ରହାଳୟ ସମ୍ମୁଖରେ ମାଳ ମାଳ ଠେଲା ଗାଡ଼ି ଗଦା ହୋଇଛି। ସେହିପରି ଉଦ୍‌ଘାଟନୀ ସମୟରେ ଯେମିତି ସରଞ୍ଜାମ ରଖାଯାଇଥିଲା ୧୬ବର୍ଷପରେ ମଧ ସେଭଳି କିଛି ପରିବର୍ତ୍ତନ ଦେଖିବାକୁ ମିଳିନାହିଁ। କାଚ ଆଲ୍‌ମାରିରେ ରଖାଯାଇଥିବା ବିଭିନ୍ନ ଆସବାବ ପତ୍ରରେ ଧୂଳିର ଆସ୍ତରଣ ଜମି ରହିଛି। ମଧୁବାବୁଙ୍କ ନାମରେ ନାମିତ ଏହି ସଂଗ୍ରହାଳୟକୁ ଆସୁଥିବା ପରିଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ମଧ ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଧୀରେ ଧୀରେ ଦର୍ଶକଙ୍କ ସଂଖ୍ୟା କମିବାରେ ଲାଗୁଛି। ତେଣୁ ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକ ରହିଛି ବୋଲି ଦର୍ଶକ ରେଖା ସାମଲ କହିଛନ୍ତି।

ଅପରପକ୍ଷରେ ସଂଗ୍ରହାଳୟ ବର୍ତ୍ତମାନ ଗୋଟିଏ କକ୍ଷ ମଧରେ ସୀମିତ ହୋଇ ରହିଛି। ରାଜ୍ୟର ବିଭିନ୍ନ ଜିଲା ସମେତ ଦେଶ ବିଦେଶରୁ ଦର୍ଶକ ଏହି ସଂଗ୍ରହାଳୟ ଦେଖିବାକୁ ପ୍ରତିଦିନ ଆସିଥାନ୍ତି। ମଧୁବାବୁଙ୍କ କର୍ମସ୍ଥଳୀ ଭାବେ ବିବେଚନା କରାଯାଉଥିବା ଏହି କୋଠାର ଉପର ମହଲାକୁ ସଂଗ୍ରହାଳୟରେ ପରିଣତ କରାଯାଇପାରି ନାହିଁ। ସଂଗ୍ରହାଳୟ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହିଥାଏ। ପ୍ରତି ସୋମବାର ଓ ସରକାରୀ ଛୁଟି ଦିନଗୁଡ଼ିକରେ ସଂଗ୍ରହାଳୟ ବନ୍ଦ ରହିଥାଏ। ଦୈନିକ ୨୦ରୁ ୨୫ ଜଣ ଦର୍ଶକ ସଂଗ୍ରହାଳୟ ପରିଦର୍ଶନରେ ଆସୁଛନ୍ତି। ମ୍ୟୁଜିୟମ ଉପର ମହଲାକୁ ସଂଗ୍ରହାଳୟରେ ପରିଣତ କରିବା ସହିତ ଏହା ବାହାରକୁ କିପରି ଦୃଶ୍ୟମାନ ହୋଇପାରିବ, ଏହାର ବନ୍ଦୋବସ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ ସଂଗ୍ରହାଳୟ ଦାୟିତ୍ୱରେ ଥିବା ଅଧିକାରୀଙ୍କ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ଜାଲ୍ ପ୍ରମାଣପତ୍ରରେ ସିଆର୍‌ପି ପଦ ହାତେଇବା ଅଭିଯୋଗ : ବିଡିଓଙ୍କୁ ସ୍ମାରକପତ୍ର

ବାଙ୍କୀ,୨୭।୪(ସ୍ୱ.ପ୍ର.)

ବାଙ୍କୀ ବ୍ଲକ ଅନ୍ତର୍ଗତ କିଆପଲ୍ଲା ପଞ୍ଚାୟତରେ ସିଆର୍‌ପି ପଦବୀରେ ଜାଲ୍ ପ୍ରମାଣପତ୍ର ଦିଆଯାଇଥିବାନେଇ ଗୁରୁବାର ବିଡିଓଙ୍କ ନିକଟରେ ନମିତା ମିଶ୍ର ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ଏହି ପଦବୀ ପାଇଁ ପୂର୍ବରୁ ଆବେଦନ କରିଥିଲେ। ଗତ ୨୪ ତାରିଖରେ ଏହି ପଦବୀରେ ଅନ୍ୟ ଜଣକୁ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି। ଉକ୍ତ ପଦବୀ ନିମନ୍ତେ ଶିକ୍ଷାଗତ ଯୋଗ୍ୟତା ଦଶମ ରଖାଯାଇଥିଲେ ମଧ ମନୋନୀତ ହୋଇଥିବା ସିଆର୍‌ପି ଦଶମ ପାସ୍ କରିନାହାନ୍ତି। ମାତ୍ର ସମ୍ପୃକ୍ତ ମହିଳା ଜାଲ୍ ଶିକ୍ଷାଗତ ପ୍ରମାଣ ପତ୍ର ଦେଖାଇ ଏହି ପଦବୀ ହାତେଇଥିବା ନେଇ ମିଶ୍ର ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଡିଓ କ୍ଷିତୀଶ ବେହେରା ପ୍ରକାଶ କରିଛନ୍ତି।



ବିଡିଓଙ୍କୁ ନମିତା ମିଶ୍ର ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ଟାଙ୍ଗୀ ସ୍କୁଲସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ମଙ୍ଗୁଳି-ଜଗତପୁର,୨୭।୪(ଡି.ଏନ୍.ଏ.): ସମଗ୍ର ବିଶ୍ୱରେ ପରିବେଶ ପ୍ରଦୂଷଣ ବର୍ତ୍ତମାନ ଚିନ୍ତାର କାରଣ ହୋଇଛି। ପରିବେଶକୁ ସୁସ୍ଥ ରଖିବା ପାଇଁ ବିଭିନ୍ନ ସ୍ତରରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ କଟକ ଜିଲା ଟାଙ୍ଗୀ ଚୌଦ୍ୱାର ବ୍ଲକ ସଦର ମହକୁମା କୋଟସାହି ପଞ୍ଚାୟତର ଟାଙ୍ଗୀ ବିଦ୍ୟାପୀଠରେ ବୁଧବାର 'ସମ୍ପର୍କ' ସାମାଜିକ ଅନୁଷ୍ଠାନ ପକ୍ଷରୁ ସ୍କୁଲସ୍ତରୀୟ ଚିତଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଙ୍ଗୀ ବିଦ୍ୟାପୀଠ, ସରକାରୀ ବାଳିକା ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଉତ୍କଳମଣି ଗୋପବନ୍ଧୁ ଶିଶୁ ଶିକ୍ଷା ମନ୍ଦିର ଏବଂ ମଣିଅସ୍ଥିତ ଡିଏଭି ସ୍କୁଲର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଜୁନିୟରର ଗ୍ରୁପ୍ରର ବିଷୟବସ୍ତୁ 'ପରିବେଶ ପ୍ରଦୂଷଣ ଓ ଉତ୍ତପ୍ତ ବିଶ୍ୱ' ପ୍ରତିଯୋଗିତାରେ ୨୮ଜଣ ଏବଂ ସିନିୟର ଗ୍ରୁପ୍ରର ବିଷୟବସ୍ତ 'ପ୍ଲାଷ୍ଟିକ ପ୍ରଦୁଷଣର' ପ୍ରତିଯୋଗିତାରେ ୨୨ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଭାପତି ଜିତେନ୍ଦ୍ର କୁମାର ସାହୁ, ଉପସଭାପତି ସେକ ଅବଦୁଲ କଲିମ, ସହ ସମ୍ପାଦକ ସତ୍ୟବ୍ରତ ସ୍ୱାଇଁ, ପ୍ରୀତିରଞ୍ଜନ ବେହେରା, ପ୍ରକାଶ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟାଙ୍ଗୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଗଙ୍ଗୋତ୍ରୀ ରଥ, ସହକାରୀ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ଦେବିକାରଣୀ ଚୌଧୁରୀଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ପରିବେଶ ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ମଧୁବାବୁଙ୍କ ପାଇଁ ସାଲେପୁର ଭୂମିର ସ୍ୱତନ୍ତ୍ରତା ରହିଛି



ଅତିଥିମାନେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସାଲେପୁର,୨୭।୪(ଡି.ଏନ୍.ଏ.)

ସାଲେପୁର ବଜାର ପଡ଼ିଆରେ ଚାଲିଥିବା ମଧୁ ବାବୁ ଜୟନ୍ତୀ ସମାରୋହ ଓ ସାଲେପୁର ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଦର୍ଶକମାନେ ଝୁମିଛନ୍ତି। ଉତ୍କଳ ଗୌରବ ମଧୁବାବୁ ଜୟନ୍ତୀ କମିଟି ପକ୍ଷରୁ ଚାଲିଥିବା କାର୍ଯ୍ୟକ୍ରମରେ ସଭାପତି ତଥା ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଏହାର ନେତୃତ୍ୱ ନେଇଥିଲେ। ଅତିଥିଭାବେ ସେଣ୍ଟ୍ରାଲ ବିଶ୍ୱବିଦ୍ୟାଳୟ ଭାଇସ୍ ଚାନ୍ସେଲର ଚକ୍ରଧର ତ୍ରିପାଠୀ ଯୋଗଦେଇଥିଲେ। ମଧୁବାବୁଙ୍କ ପାଇଁ ସାଲେପୁର ଭୂମିର ସ୍ୱତନ୍ତ୍ରତା ରହିଛି। ମୁଖ୍ୟ ବକ୍ତା ଭାବେ ସିବିଏସ୍‌ସି ବୋର୍ଡ ନିର୍ଦ୍ଦେଶକ କେ.ଶ୍ରୀନିବାସନ,ସମ୍ମାନିତ ଅତିଥି ଭାବେ ପୂର୍ବତନ ଡିଜି ପ୍ରକାଶ ମିଶ୍ର ପ୍ରମୁଖ ଯୋଗ ଦେଇ ମଧୁବାବୁଙ୍କ ସ୍ମୃତି ଚାରଣ କରିଥିଲେ। ମଧୁ ବାବୁ ଜୟନ୍ତୀ କମିଟି ସମ୍ପାଦକ ଅଶ୍ୱିନୀ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। କମିଟି ଉପସଭାପତି ଶ୍ରୀକାନ୍ତ ପଣ୍ଡା ଶେଷରେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ସୁଶ୍ରୀ ନମିତା ନାୟକ,ଏସ୍‌ସିବି ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର, ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯାମୀ ମିଶ୍ର, ନୃତ୍ୟଶିଳ୍ପୀ ସୁଶ୍ରୀ ସ୍ମରଣିକା ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୯ ସେବା ସମବାୟ ସମିତିକୁ ମିଳିଲା ସରକାରୀ ମଞ୍ଜୁରୀ

ନିଶ୍ଚିନ୍ତକୋଇଲି ୨୭।୪(ସ୍ୱ.ପ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ୯ଟି ନୂତନ ସେବା ସମବାୟ ସମିତିକୁ ସରକାରୀ ମଞ୍ଜୁରୀ ମିଳିଛି। ଏହାପରେ ଏହି ସଂଖ୍ୟା ୨୪ରେ ପହଞ୍ଚିଛି। ଆଗାମୀ ଦିନରେ ଚାଷୀଙ୍କ ସମବାୟ ଋଣଠାରୁ ଆରମ୍ଭ କରି ଧାନ ବିହନ ଓ ବିକ୍ରି ପାଇଁ ହେଉଥିବାର ସମସ୍ୟାର ସମାଧାନ କରାଯିବ ବୋଲି ବହୁ ସମବାୟବିତ୍ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ପ୍ରଶାସନ ତରଫରୁ ନିଶ୍ଚିନ୍ତକୋଇଲି ବ୍ଲକର ବୁହାଲୋସ୍ଥିତ ଶ୍ରୀଶ୍ରୀ ଗୋପୀନାଥ ଜୀଉ ସେବା ସମିତି, କେରିଲୋ ପଞ୍ଚାୟତର ହରଚଣ୍ଡୀ ସେବା ସମବାୟ ସମିତି, ଦାଉଦପୁର ସେବା ସମବାୟ ସମିତି, ବରାଦ ପଞ୍ଚାୟତର ଶଙ୍କରେଶ୍ୱର ସେବା ସମବାୟ ସମିତି, ରାମକୃଷ୍ଣପୁର ସେବା ସମବାୟ ସମିତି, ତରତ ସେବା ସମବାୟ ସମିତି, କେଷ୍ଟାଲୋ ସେବା ସମବାୟ ସମିତି, ତିଲକଣା ସେବା ସମବାୟ ସମିତି, ନେମାଳ ସେବା ସମବାୟ ସମିତିକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଆଉ ୨ଟି ସେବା ସମବାୟ ସମିତି ସରକାରୀ ସ୍ୱୀକୃତି ଅପେକ୍ଷାରେ ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ନିଶ୍ଚିନ୍ତକୋଇଲି ବ୍ଲକର ୪୧ ପଞ୍ଚାୟତରେ ପୂର୍ବରୁ ୧୫ଟି ସେବା ସମବାୟ ସମିତି ଥିଲା। ଏହି ବ୍ଲକରେ ଆବଶ୍ୟକ ସେବା ସମବାୟ ସମିତି ନ ଥିବା କାରଣରୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଧାନ ବିକ୍ରି ଓ ଋଣ ନେବା ନିମନ୍ତେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ। ଏବେ ନୂତନ ସେବା ସମବାୟ ସମିତିକୁ ସ୍ୱୀକୃତି ମିଳିବା ପରେ ଚାଷୀମାନେ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପାଇପାରିବେ ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି।

## 'ହେମନ୍ତ ଦାସ ନିଖୁଣ ଅଭିନୟ ପାଇଁ ଦର୍ଶକ ମହଲରେ ଚର୍ଚ୍ଚିତ ଥିଲେ'



ହେମନ୍ତ ଦାସଙ୍କୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

ବାଙ୍କୀ,୨୭।୪(ସ୍ୱ.ପ୍ର.)

ବାଙ୍କୀ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୁଲ୍ୟରେ ବାଙ୍କୀର ବରପୁତ୍ର ତଥା ଜୟଦେବ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ଅଭିନେତା ହେମନ୍ତ ଦାସଙ୍କ ୧୩ତମ ଶ୍ରାଦ୍ଧ ଦିବସ ତାଙ୍କ ଜନ୍ମମାଟିରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରେସ୍‌କ୍ଲବ ସଭାପତି ବଳଭଦ୍ର ପଣ୍ଡା ଯୋଗଦେଇ

ସ୍ୱର୍ଗତ ଦାସଙ୍କ ଅଭିନୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରିଷଦର ଉପସଭାପତି ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରି କହିଥିଲେ ସ୍ୱର୍ଗତ ଦାସଙ୍କ ଅଭିନୟର ଶୈଳୀ ସ୍ୱତନ୍ତ୍ର ଥିଲା। ତାଙ୍କର ନିଖୁଣ ଅଭିନୟ ପାଇଁ ସେ ଦର୍ଶକ ମହଲରେ ଚର୍ଚ୍ଚିତ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ପରିଷଦର ସମ୍ପାଦକ ବେଣୁଧର କର, ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ଦିକ୍ଷୀତ୍, ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ପରିଷଦର ବରିଷ୍ଠ ସଭ୍ୟ କବି ଲଲାଟେନ୍ଦୁ ପଣ୍ଡା ଓ କିଷନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ନୃତ୍ୟ ଶିକ୍ଷକ ମହେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନୁଧ୍ୟାନକଲେ ବିଭାଗୀୟ ଉଚ୍ଚ ଅଧିକାରୀ

### ଗୋବରୀ ନଦୀ ପୁନରୁଦ୍ଧାର କାର୍ଯ୍ୟରେ ଅନିୟମିତତା ହେବା ଘଟଣା

ମାହାଙ୍ଗା,୨୭।୪(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅଞ୍ଚଳରେ ଗୋବରୀ ନଦୀ ଦୀର୍ଘ ବର୍ଷ ଧରି ସଫେଇ ହୋଇ ନ ଥିଲା। ଫଳରେ ବିଭିନ୍ନ ସ୍ଥାନରେ ପଠା ସୃଷ୍ଟି ହେବା ସହ ନଦୀଶଯ୍ୟା ପୋତି ହୋଇଯାଇଥିଲା। ଏନେଇ ବାରମ୍ବାର ଅଭିଯୋଗ ପରେ ଏବେ କଟକ ଡ୍ରେନେଜ୍ ଡିଭିଜନ ପକ୍ଷରୁ ୨ କୋଟି ଟଙ୍କା ବ୍ୟୟରେ ପୁନରୁଦ୍ଧାର କାର୍ଯ୍ୟ ଚାଲୁରହିଛି। ନଦୀଶଯ୍ୟା ପଠାରୁ ମାଟି ଉଠାଯିବା ସହ ଉଭୟ ପାର୍ଶ୍ୱର ବନ୍ଧକୁ ସୁଦୃଢ଼ୀକରଣ କରାଯାଉଛି। କିନ୍ତୁ ଏହି କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ବିଧାୟକ ପ୍ରତାପ ଜେନା ବିଭାଗୀୟ ଅଧିକାରୀଙ୍କୁ ଠିକ୍ ଭାବେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ଡ୍ରେନେଜ୍ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ନନ୍ଦ ଓ ସହକାରୀ ଯନ୍ତ୍ରୀ ସୌମେନ୍ଦ୍ର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଏହି କାର୍ଯ୍ୟର ତଦାରଖ କରିଛନ୍ତି। ଏଥିସହ ସମ୍ପୃକ୍ତ ଠିକାଦାରଙ୍କୁ ନଦୀଶଯ୍ୟାରୁ ମାଟି ଉଠାଇବା ସହ ଯେଉଁ ସ୍ଥାନରେ ଠିକ୍ ଭାବେ କାର୍ଯ୍ୟ କରାଯାଇନାହିଁ ସେସବୁ ଜାଗାରେ ପୁନର୍ବାର କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବରଦିଆ ଗ୍ରାମ ନିକଟରେ ପୂର୍ବରୁ ନିର୍ମାଣ ହୋଇଥିବା ଗାର୍ଡୱାଲ କଡ଼ରେ ମାଟି ଭର୍ତ୍ତି କରାଯିବ ବୋଲି ସେ କହିଛନ୍ତି।

# ଅକ୍ଷୟ ତୃତୀୟା କୃଷକଙ୍କ ପାଇଁ ମହାନ୍ ପର୍ବ

### ସିଂହନାଥ ଦେବଙ୍କ ଅକ୍ଷୟ ତୃତୀୟା ମହୋତ୍ସବ ଉଦ୍‌ଯାପିତ

ବଡ଼ମ୍ବା,୨୭।୪(ଡି.ଏନ.ଏ.):

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମସ୍ଥିତ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ୪ ଦିନ ଧରି ଚାଲିଥିବା ସିଂହନାଥ ଦେବଙ୍କ ଅକ୍ଷୟ ତୃତୀୟା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମହୋତ୍ସବରେ ଗୋପୀନାଥପୁର ସରପଞ୍ଚ ଯଯାତି କେଶରୀ ନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ମହୋତ୍ସବର ମହତ୍ତ୍ୱ ପ୍ରତିପାଦନ କରିବା ସହିତ ଅକ୍ଷୟ ତୃତୀୟା ଓଡ଼ିଆ କୃଷକଙ୍କ ପାଇଁ ଏକ ମହାନ ପର୍ବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ସାମାଜିକ କର୍ମୀ ସୁଶାନ୍ତ କୁମାର ଜେନା, ତହସିଲଦାର ନୀଳକଣ୍ଠ ବେହେରା ଓ ସଂଗୀତକାର ପ୍ରଫୁଲ୍ଲ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।



ମହୋତ୍ସବରେ ଯୋଗଦେଇଥିବା ଅତିଥି ଓ କର୍ମକର୍ତ୍ତା।

ଏହି ଉତ୍ସବ ଏପ୍ରିଲ ୨୩ରୁ ଆରମ୍ଭ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଦର୍ଶକଙ୍କ ପାଇଁ ପାନୀୟ ଜଳ, ଜରୁରୀକାଳୀନ ଡାକ୍ତରୀ ବ୍ୟବସ୍ଥା ପ୍ରଶାସନ ତରଫରୁ ଯୋଗାଇ ଦିଆଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା; ରାମଲୀଳା, ଦଣ୍ଡ, ମେଲୋଡି, ଗୋଟିପୁଅ ନୃତ୍ୟ, ଭଜନ ସମାରୋହ, ରେକର୍ଡ ଡ୍ୟାନ୍ସ, ଓଡ଼ିଶୀ ନୃତ୍ୟ ଓ କଟକସ୍ଥିତ ଗୀତ ସାଗର ମେଲୋଡି ସହ ଯାତ୍ରା ପରିବେଷଣ କରାଯାଇଥିଲା। ବଡ଼ମ୍ବା ନରସିଂହପୁରର ଖବରଦାତା ମନୋଜ କୁମାର ନାୟକ, ସୁବାସ ଚନ୍ଦ୍ର ପଣ୍ଡା, ଦ୍ୱିଜରାଜ ବେହେରା, ଶିବରାମ ପଣ୍ଡା, ଦେବୀପ୍ରସାଦ ରଥ, ସର୍ବେଶ୍ୱର ସ୍ୱାଇଁ, ମାୟାଧର ମଲ୍ଲିକ, ଶିବରାମ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଖବରଦାତା ଓ ସାମାଜିକ କର୍ମୀଙ୍କୁ କମିଟି ପକ୍ଷରୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ନିରଞ୍ଜନ ଶତପଥୀ, ଅଜୟ କୁମାର ବସ୍ତି, ଗୋବର୍ଦ୍ଧନ ବେହେରାଙ୍କ ସହ ସ୍ଥାନୀୟ ଜନପ୍ରତିନିଧି, ନେତୃବୃନ୍ଦ ଓ ଗ୍ରାମବାସୀ ଯୋଗଦେଇ ସହଯୋଗ କରିଥିଲେ। ସ୍ଥାନୀୟ ସମିତିସଭ୍ୟ ଜିତେନ୍ଦ୍ର କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ୬୦ କେଜି ବାର୍‌ହା ମାଂସ, ୩ ସାଇକେଲ ଜବତ

### ପୋଲିସକୁ ଦେଖି ମାଂସ, ସାଇକେଲ ଛାଡ଼ି ୩ ଚମ୍ପଟ

ଖୁଣ୍ଟୁଣୀ,୨୭।୪(ଡି.ଏନ୍.ଏ.)

ଖୁଣ୍ଟୁଣୀ ପୋଲିସ ବୁଧବାର ବିଳମ୍ବିତ ରାତି ସାଢ଼େ ୩ଟା ବେଳେ ପାଟ୍ରୋଲିଂ କରୁଥିବା ବେଳେ ଖୁଣ୍ଟୁଣୀ ଗଣେଶ ବଜାର ଉପରେ ୩ଟି ସାଇକେଲରେ ଥିବା ପ୍ରାୟ ୬୦ କେଜିରୁ ଉର୍ଦ୍ଧ୍ୱ ଓଜନର ବାର୍‌ହା ମାଂସ ଓ ସାଇକେଲ ଜବତ କରିଛନ୍ତି। ପୋଲିସ ଜବତ ସାଇକେଲ ଓ ମାଂସକୁ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀଙ୍କ ଜିମା ଦେଇଛନ୍ତି। ଏ ନେଇ ବନାଞ୍ଚଳ ପକ୍ଷରୁ ବନ୍ୟଜନ୍ତୁ ଶିକାର ଆଇନରେ ନଂ.୨/୨୩ରେ ଏକ ମାମଲା ରୁଜୁ ହୋଇଥିବା ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି। ଜବତ ମାଂସକୁ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଛି। ସୂଚନା ଅନୁଯାୟୀ, ଭୋର ସମୟରେ ଖୁଣ୍ଟୁଣୀ ପୋଲିସ ପାଟ୍ରୋଲିଂରୁ ଫେରୁଥିବା ବେଳେ ଗଣେଶ ବଜାରଠାରେ ଜାତୀୟ ରାଜପଥ ଉପରେ ୩ଜଣ ସାଇକେଲରେ ୩ଟି ଜରିମୁଣିରେ ମାଂସ ସହ ବାରହା ମୁଣ୍ଡକୁ ବାନ୍ଧି ଖୁଣ୍ଟୁଣୀ ବଜାର ଆଡକୁ ଆସୁଥିଲେ। କିଛି ଦୂରରୁ ପୋଲିସ ଗାଡିର ଲାଇଟ୍ ଦେଖି ୩ଜଣ ବ୍ୟକ୍ତି ଭୟରେ ସାଇକେଲକୁ ରାସ୍ତା ଉପରେ ପକାଇ ଦେଇ ଅନ୍ଧାର ମଧ୍ୟରେ ଗହୀର ବିଲରେ ଖସି ପଳାଇଥିଲେ। ପୋଲିସ ଆଗରେ ସାଇକେଲ ପକାଇ ଧାଇଁ ପଳାଉଥିବା ଦେଖି ସନ୍ଦେହରେ ସାଇକେଲକୁ ଯାଞ୍ଚ କରିବାରୁ ୩ଟି ସାଇକେଲରେ ବନ୍ଧାଯାଇଥିବା ବାର୍‌ହା ମାଂସ ଦେଖି ତୁରନ୍ତ ବନାଞ୍ଚଳକୁ ଖବର ଦେଇଥିଲେ। ବନ ବିଭାଗ ଆସି ଏହାକୁ ଜବତ କରିଥିଲା। ଖୁଣ୍ଟୁଣୀ ବନାଞ୍ଚଳରେ ପ୍ରତ୍ୟହ ଅବାଧ ପଶୁ ଶିକାର ହେଉଥିବା ପୂର୍ବରୁ ଅନେକଥର ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଚଢ଼ାଉ ମଧ ହୋଇଛି। ହେଲେ ଏହି ଚଢ଼ାଉ ନାମକୁ ମାତ୍ର କରାଯାଉଛି। ଶିକାରୀମାନେ ବନ ବିଭାଗର କୋହଳ ନୀତି ଦେଖି ବନ୍ୟଜନ୍ତୁଙ୍କ ବିଭିନ୍ନ ଉପାୟରେ ଶିକାର କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ପ୍ରତ୍ୟହ ନୃସିଂହପୁର, ରାଧାଶ୍ୟାମପୁର, ଛେନାଖିଆନୂଆଗାଁ କଂସର, ମହଲକ୍ଷ୍ମୀପୁର ଡାଲୁଆ, ଘଣ୍ଟିଖାଲ, ଓରନ୍ଦା, ବ୍ରାହ୍ମଣବସ୍ତ, ପାନିଆମା ଆଦି ଜଙ୍ଗଲରୁ କେତେକ ପେସାଦାର ଜନ୍ତୁ ଶିକାରୀ ଦୈନିକ ହରିଣ, ବାର୍‌ହା, ଖୁରୁଙ୍ଗ, ଝିଙ୍କ, ଠେକୁଆ, ବଣକୁକୁ ଆଦି ଶିକାର କରି ଏହି ମାଂସକୁ ବାହାରେ ବିକ୍ରି କରି ଅତୀତରେ ଧରା ପଡି ଜେଲ ଯାଇଛନ୍ତି। ହେଲେ ଏବେ ବନ ବିଭାଗ କୋହଳ ହେବା ଦେଖି ଏହି ଶିକାରୀମାନେ ପୁଣି ସକ୍ରିୟ ହୋଇଯାଇଛନ୍ତି। ବନାଞ୍ଚଳ ଅଧିକାରୀ ଏଥିପ୍ରତି କଠୋର ନୀତି ଗ୍ରହଣ କରିବାକୁ ପରିବେଶବିତ ଦାବି କରିଛନ୍ତି। ଏ ନେଇ ବନାଞ୍ଚଳ ଅଧିକାରୀ ସାହୁ କହିଛନ୍ତି, ଆମେ ତଦନ୍ତ ଚଳାଇଛୁ ଏହି ସାଇକେଲକୁ ଦେଖାଇ କେତେକ ସନ୍ଦେହଜନକ ଗାଁରେ ଚଢ଼ାଉ ଜାରି ରହିଛି।




ଗଣେଶ ବଜାରରୁ ଜବତ ବାର୍‌ହା ମାଂସ ଓ ସାଇକେଲ୍।

## ସଂକ୍ଷେପରେ

### ଶନିଶ୍ବର ଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବୋଲଗଡ଼,୨୭।୪(ଡି.ଏନ୍.ଏ.): ବୋଲଗଡ଼ ସଦର ମହକୁମା ଅନ୍ତର୍ଗତ ନୂଆସାହି ନିକଟ ଶିଆଳିଆ ବନ୍ଧଠାରେ ଥିବା ଶନି ମନ୍ଦିରରେ ଗୁରୁବାର ଶନିଶ୍ବର ଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ବରଗାଡ଼ିଆ ପୋଖରୀ ନିକଟରେ ପୂଜାର୍ଚ୍ଚନା ପରେ ଶତାଧିକ ମହିଳା ପୁରୁଷ ଜଳପୂର୍ଣ୍ଣ କଳସ ମୁଣ୍ଡେଇ ଶନି ମନ୍ଦିରରେ ସ୍ଥାପନ କରିଥିଲେ। ପରେ ପୂଜାପାଠ, ହୋମଯଜ୍ଞ କରାଯାଇ ଶନିଶ୍ବର ଦେବଙ୍କ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ସମାପନ ହୋଇଥିଲା। ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଷ୍ଠା ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ନୂଆସାହି ବାସିନ୍ଦା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମନ୍ଦିରର ବାର୍ଷିକୋତ୍ସବ

ବେଗୁନିଆ,୨୭।୪(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡାଡିହ ଗ୍ରାମସ୍ଥିତ ଈଶାନେଶ୍ବର ଓ ସଙ୍କଟ ମୋଚନ ମନ୍ଦିର ପରିସରରେ ଅଷ୍ଟାଦଶତମ ବାର୍ଷିକୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞାଚାର୍ଯ୍ୟ ପ୍ରମୋଦ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ହନୁମାନ ଚାଲିଶା, ଅଙ୍କୁରାରୋପଣ, କଳସ ଯାତ୍ରା, ଯଜ୍ଞ ଆରମ୍ଭ, ସୂର୍ଯ୍ୟ ପୂଜା, ଗୋପୂଜା, ରୁଦ୍ରାଭିଷେକ ପରେ ପୂର୍ଣ୍ଣାହୁତି ହୋଇଥିଲା। ପରେ ଶ୍ରଦ୍ଧାଳୁମାନେ ନାମ ସଂକୀର୍ତ୍ତନ ସହିତ ଗ୍ରାମ ପରିକ୍ରମା କରିଥିଲେ। ସନ୍ଧ୍ୟାରେ ରାମ ନାଟକ ପରିବେଷଣ କରାଯାଇଥିଲା। ଏଥିରେ ଅତିଥି ଭାବେ ବିଜେଡିର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଓ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଯୋଗଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ।

### ଅନନ୍ତେଶ୍ୱରଙ୍କ ରୁଦ୍ରମହାଯଜ୍ଞ ସମ୍ପନ୍ନ

ନିରାକାରପୁର,୨୭।୪(ଡି.ଏନ୍.ଏ.): ସରପାରି ପଞ୍ଚାୟତ ଅଧୀନ ବଘେଇପୁଟ ଗ୍ରାମର ଇଷ୍ଟଦେବ ଅନନ୍ତେଶ୍ୱର ଦେବଙ୍କ ପୀଠରେ ଚାଲିଥିବା ବିଶ୍ୱଶାନ୍ତି ରୁଦ୍ରମହାଯଜ୍ଞ ସମ୍ପନ୍ନ ହୋଇଛି। ଏହି ଅବସରରେ ସକାଳେ ସୂର୍ଯ୍ୟପୂଜା, ଧେନୁପୂଜା ତଥା ଅନ୍ୟାନ୍ୟ ରୀତିନୀତିପରେ ସନ୍ଧ୍ୟାରେ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେରେ ଆହୁତ ପ୍ରଦାନ କରାଯାଇଥିଲା। ଶିବଷ୍ଟକ, ଶିବପଞ୍ଚାକ୍ଷରୀ, ହରିବୋଲ, ହୁଳହୁଳି, ନାମସଂକୀର୍ତ୍ତନରେ ପୀଠରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବିଜେଡିର ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ, ପୂର୍ବତନ ଜିଲାପରିଷଦ ସଭ୍ୟ ସୁକାନ୍ତ ମଙ୍ଗରାଜ, ଯୁବସଙ୍ଗଠକ ମହେଶ୍ୱର ବେହେରାଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର,୨୭।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଖଜୁରିପଡ଼ା ଗ୍ରାମସ୍ଥିତ ଶନିଶ୍ବର ଦେବଙ୍କ ପୀଠରେ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଏକାଦଶ ବାର୍ଷିକ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି। ଏହି ଉପଲକ୍ଷେ ମାନସିକଧାରୀ ନିକଟ ପୁଷ୍କରିଣୀରୁ ଜଳ ଉଠାଇ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଏହାପରେ ଯଜ୍ଞ ନିମନ୍ତେ ଅଗ୍ନି ସ୍ଥାପନ ଆରମ୍ଭ ହେବା ସହିତ ହବନ, ଆଳତି, ପୁଷ୍ପାଞ୍ଜଳି ଓ ନାମସଂକୀର୍ତ୍ତନ ହୋଇଥିଲା। ଏହାପରେ ସୂର୍ଯ୍ୟପୂଜା, ଶନିଦେବଙ୍କ ଷୋଡ଼ଶ ଉପଚାର, ତୈଳଲାଗି, ଚଣ୍ଡୀ ଆହୁତି, ହବନ ହୋଇଥିଲା। ଏହି କାର୍ଯ୍ୟକ୍ରମ ଶନିବାର ପର୍ଯ୍ୟନ୍ତ ଚାଲୁରହିବ ବୋଲି ଯଜ୍ଞ କମିଟି ପକ୍ଷରୁ ସୂଚନା ମିଳିଛି।

### ଆଇନଜୀବୀଙ୍କ ପରଲୋକ

ବେଗୁନିଆ,୨୭।୪(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋଲାପାଟଣା ଗ୍ରାମର ଆଇନଜୀବୀ ମାନସ ରଞ୍ଜନ ମହାପାତ୍ର(୬୮)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ହଠାତ ଶରୀର ଅସୁସ୍ଥତା କାରଣରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ କବି, ସାହିତ୍ୟିକ, ପରୋପକାରୀ, ଧର୍ମ ପରାୟଣ ବ୍ୟକ୍ତିଭାବେ ଜଣାଶୁଣା ଥିଲେ। ପୈତୃକ ଗ୍ରାମରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡପୁଅ ବିଶ୍ଵଜିତ ମୁଖାଗ୍ନି ଦେଇଥିଲେ।

# ଡାକୋଟା ବିମାନ ଦେଖିଲେ ଇଣ୍ଡୋନେସିଆ, ଭୁଟାନର ରାଷ୍ଟ୍ରଦୂତ

## ଡାକୋଟା ବିମାନ ଦେଖିବା ପ୍ରତ୍ୟେକ ଇଣ୍ଡୋନେସିଆବାସୀଙ୍କ ପାଇଁ ଗୌରବର ବିଷୟ : ରାଷ୍ଟ୍ରଦୂତ




ଭୁବନେଶ୍ୱର,୨୭।୪(ବ୍ୟୁରୋ)

ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆ ଏବଂ ଭୁଟାନର ରାଷ୍ଟ୍ରଦୂତ ଇନା ଏଚ୍ କ୍ରିଷ୍ଣାମୂର୍ତ୍ତି ଗୁରୁବାର ଅପରାହ୍ନରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ରଖାଯାଇଥିବା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରିୟ ଡାକୋଟା ବିମାନକୁ ପରିଦର୍ଶନ କରିଛନ୍ତି।

ବିଜ୍ଞାନ ଓ କାରିଗରି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ରାଷ୍ଟ୍ରଦୂତଙ୍କୁ ସ୍ୱାଗତ କରିଥିଲେ । ରାଷ୍ଟ୍ରଦୂତଙ୍କୁ ଉତ୍ତରୀୟ ଓ ସ୍ମାରକ ଦେଇ ସମ୍ବର୍ଦ୍ଧିତ କରିବା ସହ ଡାକୋଟା ବିମାନ ବୁଲାଇ ଦେଖାଇଥିଲେ। ରାଷ୍ଟ୍ରଦୂତ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଡାକୋଟା ବିମାନ ଦେଖି ଅତ୍ୟନ୍ତ ଭାବବିହ୍ୱଳ ହୋଇ କହିଥିଲେ, ଏହି ବିମାନବନ୍ଦରକୁ ଆସି ଡାକୋଟା ବିମାନ ଦେଖିବା ତାଙ୍କ ପାଇଁ ଏବଂ ପ୍ରତ୍ୟେକ ଇଣ୍ଡୋନେସିଆବାସୀଙ୍କ ଲାଗି ଗର୍ବ ଓ ଗୌରବର ବିଷୟ। ଏହି ବିମାନ ସହ ପ୍ରତିଟି ଇଣ୍ଡୋନେସିଆବାସୀଙ୍କର ଭାବଗତ ସମ୍ପର୍କ ରହିଛି। ଇଣ୍ଡୋନେସିଆ ବିପ୍ଳବ ସମୟରେ ଏହି ବିମାନରେ ଇଣ୍ଡୋନେସିଆର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଜୀବନ ରକ୍ଷା ହୋଇପାରିଥିଲା।

ଉଲ୍ଲେଖଯୋଗ୍ୟ, ଡଚ୍‌ମାନଙ୍କ ଦ୍ୱାରା ଗୃହବନ୍ଦୀ ଥିବା ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣ, ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟା ଏବଂ ପ୍ରଧାନମନ୍ତ୍ରୀ ସୁତନ ସାହରିୟାରଙ୍କୁ ମୁକ୍ତ କରିବା ପାଇଁ ଧର୍ମପତ୍ନୀ ଜ୍ଞାନଦେବୀଙ୍କୁ ନେଇ ଜାକର୍ତ୍ତା ଅଭିମୁଖେ ବିଜୁବାବୁ ନିଜ ଡାକୋଟା ବିମାନରେ ଯାଇ ସେମାନଙ୍କୁ ସୁରକ୍ଷିତ ଭାବେ ଭାରତ ନେଇଆସିଥିଲେ । ବିଜୁବାବୁଙ୍କର ଏହି ସାହସିକତା ପାଇଁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଭୂମିପୁତ୍ରରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ରାଷ୍ଟ୍ରଦୂତ ସେସବୁ ଇତିହାସର ସ୍ମୃତିଚାରଣ କରି ଓଡ଼ିଶା ଓ ଇଣ୍ଡୋନେସିଆ ମଧ୍ୟରେ ଆଗାମୀ ଦିନରେ ସାମାଜିକ-ସାଂସ୍କୃତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ ଡାକୋଟା ବିମାନର ଇତିହାସ ଏବଂ କଲିକତା ବିମାନବନ୍ଦରରୁ ଆଣି ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ସ୍ଥାପିତ ହେବା ସମ୍ପର୍କିତ ଏକ କ୍ଷୁଦ୍ର ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା । ରାଷ୍ଟ୍ରଦୂତ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ପାଇଲଟ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍(ଗତି)ର ପ୍ରଶିକ୍ଷାର୍ଥୀ ଏବଂ ଡାକୋଟା ବିମାନକୁ ମୂଳରୂପକୁ ଫେରାଇ ଆଣିଥିବା ଇଞ୍ଜିନିୟରମାନଙ୍କ ସହ ଭାବ ବିନିମୟ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ଏହି ଅବସରରେ କୋଲକାତାଠାରେ ଅବସ୍ଥାପିତ ଇଣ୍ଡୋନେସିଆର କନ୍‌ସଲ ମହେଶ ସାହାରିଆ, ବିଜୁ ପଟ୍ଟନାୟକ ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ କୁମାର ପ୍ରଧାନ, ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବ ଦେବଦତ୍ତା ସୁରଞ୍ଜିତା ଜେନା ଏବଂ ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

# ଜନଶୁଣାଣି ଶିବିରରେ ସମାଧାନର ପ୍ରତିଶ୍ରୁତି ମିଳିଲା

ବୋଲଗଡ଼, ୨୭।୪(ଡି.ଏନ୍.ଏ.)


ଗୁରୁଚରଣ ଦାସ

ରାଶନକାର୍ଡ ନ ଥିବାରୁ ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ହେଉଥିବା ଗୁରୁଚରଣ ଦାସ (୭୨)ଙ୍କୁ ଜନଶୁଣାଣି ଶିବିର ମାଧ୍ୟମରେ ପ୍ରତିଶ୍ରୁତି ମିଳିଛି। ଏଥିରେ ତାଙ୍କ ମନରେ ସରକାରୀସ୍ତରୀୟ ସୁବିଧା ପାଇଁ ଆଶା ସଞ୍ଚାର ହୋଇଛି। ବାଙ୍କୀ ସୁବର୍ଣ୍ଣପୁର ନିବାସୀ ଗୁରୁଚରଣ ତୃତୀୟଦେବଙ୍କ ଜମିରେ ଘରବାରି କରି ବ୍ରାହ୍ମଣ କର୍ମକାଣ୍ଡ କାର୍ଯ୍ୟ କରି ଚଳିଆସୁଥିଲେ। ପରେ ସେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅଧୀନ ଗୋପୀନାଥପୁର ମୌଜାରେ ୧୯୯୪ ମସିହାରୁ ଭଡ଼ା ଘରେ ରହୁଛନ୍ତି। ବ୍ରାହ୍ମଣ କର୍ମକାଣ୍ଡ ଏବଂ ରଙ୍ଗ ମିସ୍ତ୍ରି ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ସେ ଏବେ ଅସହାୟ। ତାଙ୍କ ପରିବାର କହିଲେ ସ୍ତ୍ରୀ ଏବଂ ଗୋଟିଏ ଝିଅ। ଧାରକରଜ କରି ଝିଅକୁ ବିବାହ କରିବା ପରେ ଗୁରୁଚରଣ ହୃଦ୍‌ରୋଗରେ ପୀଡ଼ିତ ହେଇଥିଲେ। ପରେ ଧାର କରି କଟକ ବଡ଼ମେଡିକାଲରେ ଅସ୍ତ୍ରୋପ୍ରଚାର କରିବା ପରେ ଏବେ ଆର୍ଥିକ ଅନଟନରେ କାଳାତିପାତ କରୁଛନ୍ତି। ପୂର୍ବତନ ସ୍ଥାନୀୟ ସରପଞ୍ଚ ଏବଂ ବୋଲଗଡ଼ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ସହାୟତା ପାଇଁ ଦାବି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ରାଶନ କାର୍ଡ ଏବଂ ଭୂମିହୀନ ପାଇଁ ଜମି ଖଣ୍ଡେ

## ରାଶନ କାର୍ଡ ନ ଥିବାରୁ ହୋଇପାରୁନି ସ୍ୱାସ୍ଥ୍ୟକାର୍ଡ

ମିଳିପାରିନି। ଫଳରେ ତାଙ୍କ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ସରକାରୀସ୍ତରରେ ସାହାଯ୍ୟ ମିଳିପାରି ନାହିଁ। ଗତ ୨ ମାସ ଧରି ମାସିକ ବାର୍ଦ୍ଧକ୍ୟ ଭତ୍ତା ମିଳି ନ ଥିବାରୁ ଦୈନନ୍ଦିନ ଜୀବନରେ ବ୍ୟତିକ୍ରମ ଦେଖାଦେଉଛି। ଏସମ୍ପର୍କରେ ମଙ୍ଗଳବାର ଆୟୋଜିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କୁ ଭେଟି ଭୂମିହୀନ ଓ ନିହାତି ଗରିବ ଶ୍ରେଣୀ ହେବା ସହ ତାଙ୍କର ରାଶନକାର୍ଡ ନ ଥିବାରୁ ସେ ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ହୋଇଥିବା ସରପଞ୍ଚ ନାରାୟଣ ସାହୁ ଜଣାଇଛନ୍ତି। ଘଟଣାର ସମାଧାନ କରିବା ସହ ଯୋଗାଣ ନିରୀକ୍ଷୀକା ସାଗରୀକା ମାହାଲି ରାସନ କାର୍ଡ ବାବଦରେ ତଦନ୍ତ କରିନିଷ୍ପତ୍ତିନେବାକୁପ୍ରତିଶ୍ରୁତିଦେଇଥିଲେ।


କୋଣାର୍କ ଭଗବତୀ ବିହାରସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

# ଅନ୍‌ଲାଇନ୍ ପେମେଣ୍ଟ ହୋଇଥିବା କହି ଠକ ଗିରଫ

ଭୁବନେଶ୍ୱର,୨୭।୪ (ବ୍ୟୁରୋ)

ଦୋକାନରୁ ସାମଗ୍ରୀ ନେଉଥିଲେ। ଫୋନ ପେ ମାଧ୍ୟମରେ ଟଙ୍କା ପେମେଣ୍ଟ ହୋଇଯାଇଥିବା କହି ସ୍କ୍ରିନଶଟ ଦେଖାଇ ଦୋକାନୀକୁ ଚକମା ଦେଉଥିଲେ। ଏମିତି ତରିକାରେ ଏକ ଆପ ମାଧ୍ୟମରେ ଠକୁଥିବା ଅଭିଯୋଗ ପରେ ସମ୍ପୃକ୍ତ ଠକକୁ ଖଣ୍ଡଗିରି ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲାର ଅଭିଶେଖ ନାଥ(୨୬)। ତାଙ୍କ ନିକଟରୁ ଗୋଟିଏ କୁଲର, ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ କେଉଁ ଆପ ମାଧ୍ୟମରେ ଅଭିଯୁକ୍ତ ଏମିତି ଠକୁଥିଲେ ତାହା କାରଣ ଜାଣିବାକୁ ପୋଲିସ ଅଧିକ ତଦନ୍ତ ଚଳାଇଛି।

# ଡାକ୍ତରଙ୍କୁ ୨ ବର୍ଷ କାରାଦଣ୍ଡ

ନିମାପଡ଼ା,୨୭।୪(ଡି.ଏନ୍.ଏ.)

## ଭୁଲ୍ ଡାକ୍ତରୀ ରିପୋର୍ଟ ପ୍ରଦାନ ଅଭିଯୋଗ

ନିମାପଡ଼ା ସହକାରୀ ଦୌରାଜଜ ନୀଳିମା ପଣ୍ଡା ଗୁରୁବାର ଜଣେ ଡାକ୍ତରଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୩ ହଜାର ଟଙ୍କା ଜରିମାନା, ଜରିମାନା ଅନାଦାୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଡାକ୍ତର ଜଣକ ହେଲେ ବାଚସ୍ପତି ଦାସ। କୋର୍ଟ କେସ୍ ନଂ. ୬୧/୨୮୮/୨୦୦୭ ଓ ଗୋପ ଥାନା କେସ ନଂ. ୫୯/୨୦୦୧ରେ ଦଫା ୩୨୩, ୩୦୭ ଏବଂ ୨୦୧ରେ ବିଚାର କରି ସହକାରୀ ଦୌରାଜଜ୍ ପଣ୍ଡା ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ମାମଲାର ରାୟ ପ୍ରକାଶ ସମୟରେ ଦାସ କୋର୍ଟରେ ଉପସ୍ଥିତ ଥିଲେ।

ସରକାରୀ ଜାଗାକୁ କେନ୍ଦ୍ର କରି ୨୦୦୧ ମାର୍ଚ୍ଚ ୧୦ ତାରିଖରେ ଗୋପ ଥାନା ଅନ୍ତର୍ଗତ ଆମପଡ଼ା ଗ୍ରାମର ରବୀନ୍ଦ୍ର ଘଡ଼େଇଙ୍କୁ ଗ୍ରାମର କେତେକ ବ୍ୟକ୍ତି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ରବୀନ୍ଦ୍ରଙ୍କ ମୁଣ୍ଡ, ହାତ, ଗୋଡ଼ ସମେତ ଶରୀରରେ ଗଭୀର କ୍ଷତ ହୋଇଥିଲା। ଏ ସମ୍ପର୍କରେ ଆହତ ଘଡ଼େଇଙ୍କ ସ୍ତ୍ରୀ ପ୍ରତିମା ଘଡ଼େଇ ୧୦/୩/୨୦୦୧ରେ ଗୋପ ଥାନାରେ ଅଭିଯୋଗ କରିଥିଲେ। ରବୀନ୍ଦ୍ର ସେତେବେଳେ ଚାରିଛକ ମେଡିକାଲରେ ତତ୍କାଳୀନ ଡାକ୍ତର ବାଚସ୍ପତି ଦାସଙ୍କ ପାଖରେ ଚିକିତ୍ସିତ ହେଉଥିଲେ। ମାମଲାର ବିଚାର ଚାଲିଥିବାବେଳେ କୋର୍ଟ ଆହତ ରବୀନ୍ଦ୍ରଙ୍କ ଡାକ୍ତରୀ ମାଇନା ରିପୋର୍ଟ ମାଗିଥିଲେ। ହେଲେ ରବୀନ୍ଦ୍ରଙ୍କ ଗୋଟିଏ ସ୍ଥାନରେ କ୍ଷତ ହୋଇଥିବା ସମ୍ପର୍କରେ ଡାକ୍ତର ଭୁଲ ରିପୋର୍ଟ ପ୍ରଦାନ କରିଥିଲେ। କୋର୍ଟ ଆଦେଶ ମୁତାବକ, ପୁନର୍ବାର ଅନ୍ୟ ଡାକ୍ତରଙ୍କ ଦ୍ୱାରା ରବୀନ୍ଦ୍ରଙ୍କ ଚିକିତ୍ସା କରାଯିବାରୁ ତାଙ୍କ ଶରୀରର ବହୁ ସ୍ଥାନରେ କ୍ଷତ ହୋଇଥିବା ଜଣାପଡ଼ିଥିଲା। ଏଭଳି ଘଟଣାରେ ଡାକ୍ତର ଭୁଲ ରିପୋର୍ଟ ଦର୍ଶାଇଥିବା ଅଭିଯୋଗରେ ଡାକ୍ତର ଦାସଙ୍କୁ ମୁଦାଲା କରାଯାଇ ଘଟଣାର ବିଚାର ଚାଲିଥିଲା। ସମସ୍ତ ତଥ୍ୟ ଓ ପ୍ରମାଣକୁ ଭିତ୍ତି କରି ସହକାରୀ ଦୌରାଜଜ ପଣ୍ଡା ଡ଼ାକ୍ତର ଦାସଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ବ୍ରହ୍ମାନନ୍ଦ ପ୍ରଧାନ ଏହି ମାମଲା ପରିଚାଳନା କରୁଥିଲେ।

# ଖବରଦାତାଙ୍କ ମାତୃ ବିୟୋଗ

ବେଗୁନିଆ,୨୭।୪(ଡି.ଏନ୍.ଏ.)

ବେଗୁନିଆ ସଦର ମହକୁମାର ଖବରଦାତା ପ୍ରଭାତ ବିଶୋଇଙ୍କ ମା' ସାହେବାଣୀ ବିଶୋଇଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୩ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସାହେବାଣୀ ସ୍ଥାନୀୟ ଅଞ୍ଚଳରେ ଜଣେ ମେଳାପି ମହିଳା ଭାବେ ଜଣାଶୁଣା ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। ୪ ପୁଅ ପ୍ରସନ୍ନ, ସୁଶାନ୍ତ, ପ୍ରଭାତ, ସୁକାନ୍ତଙ୍କ ସହିତ ନାତିନାତୁଣୀ ଓ ଆତ୍ମୀୟମାନେ ଉପସ୍ଥିତ ଥିଲେ।

# ୪୧ ତୁମ୍ବର ଗଡ଼ କାର୍ଯ୍ୟ ସରିଲା



ପୁରୀ ଅଫିସ, ୨୭।୪:

ପବିତ୍ର ଅକ୍ଷୟ ତୃତୀୟା ପରଦିନଠାରୁ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ବିଶ୍ୱକର୍ମା ମହାରଣା, ଭୋଇ ସେବକଙ୍କ ଉପସ୍ଥିତିରେ ରଥଖଳା ଚଳଚଞ୍ଚଳ ହୋଇଉଠିଛି। ରଥଖଳାରେ କରତି ସେବକ ରଥଚକ ପାଇଁ ତୁମ୍ବ ଗଡ଼କରି ଯୋଗାଇଥିବାବେଳେ ମହାରଣା ସେବକମାନେ ତାହାକୁ ସାଇଜ କରି ତୁମ୍ବ ନିର୍ମାଣ ଜାରି ରଖିଛନ୍ତି। ରଥ ନିର୍ମାଣର ତୃତୀୟ ଦିନରେ ରଥ ନିର୍ମାଣକାରୀ ସେବକ ଓ କାରିଗରମାନେ ତିନିରଥ ପାଇଁ ମୋଟ ୩୨ଟି ତୁମ୍ବ ଗଡ଼ କରି କରତି ସେବକମାନେ ମହାରଣାମାନଙ୍କୁ ଯୋଗାଇଥିଲେ। ସେଥିମଧ୍ୟରୁ ମହାରଣାମାନେ ୧୮ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ

## ରଥଖଳାରୁ ...

କରିଥିଲେ। ଚତୁର୍ଥ ଦିନ ଗୁରୁବାର ସନ୍ଧ୍ୟା ସୁଦ୍ଧା ତିନିରଥର ମହାରଣାମାନେ ମୋଟ ୨୭ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ କରିଛନ୍ତି। ତିନିରଥର ୪୨ ଚକ ପାଇଁ ୪୨ ତୁମ୍ବ ଆବଶ୍ୟକ ଥିବାବେଳେ ୪୧ ତୁମ୍ବ ଗଡ କରି କରତି ସେବକମାନେ ମହାରଣାମାନଙ୍କୁ ଯୋଗାଇଛନ୍ତି। ସେଥିମଧ୍ୟରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପାଇଁ ୧୬ ତୁମ୍ବ ଗଡ଼ ହୋଇଛି। ମା' ସୁଭଦ୍ରାଙ୍କ ଦର୍ପଦଳନ ରଥ ପାଇଁ ୧୨ ତୁମ୍ବ ଓ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ପାଇଁ ୧୪ଟି ତୁମ୍ବ ମଧ୍ୟରୁ ୧୩ଟି ତୁମ୍ବ ଗଡ଼ ଯୋଗାଇ ଦିଆଯାଇଛି। ବାକି ଗୋଟିଏ ତୁମ୍ବ ଗଡ଼ ଶୁକ୍ରବାର ଯୋଗାଇବେ ବୋଲି ସୂଚନା ମିଳିଛି। ଅପରପକ୍ଷରେ ନନ୍ଦିଘୋଷ ଓ ଦର୍ପଦଳନ ରଥର ୧୦ଟି ଲେଖାଏ ଓ ତାଳଧ୍ୱଜ ରଥର ୭ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ବା କମାରସେବକମାନେ ଲୁହା ରଡ଼ କାଟି ୬/୭ ସାଇଜର ଅର କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ରଥ ନିର୍ମାଣର ଚତୁର୍ଥ ଦିନରେ ୩୧ଜଣ ମହାରଣା ନିୟୋଜିତ ଥିବା ବେଳେ ଭୋଇ ସେବକ ୨୩, କରତି ସେବକ ୪, କମାର ସେବକ ୯, ତୁମ୍ବ ବିନ୍ଧ କାରିଗର ଜଣେ ଏବଂ ରଥଖଳା ସହାୟକ ଜଣେ ଏହିପରି ମୋଟ ୬୯ ଜଣ ସେବକ ଓ କାରିଗର ନିୟୋଜିତ ଥିଲେ।

# ୧୦ କେଜି ଗଞ୍ଜେଇ ଜବତ, ବେପାରୀ ଗିରଫ

ଭୁବନେଶ୍ୱର,୨୭।୪ (ବ୍ୟୁରୋ)

ଗଞ୍ଜେଇ ଚୋରାଚାଲାଣ ସହ ବିକ୍ରି କରିବା ଅଭିଯୋଗରେ ଅବକାରୀ ବିଭାଗ ଜଣେ ବେପାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ କନ୍ଧମାଳ ଜିଲାର ଧୀରେନ ନାୟକ। ତାଙ୍କଠାରୁ ୧୦କେଜି ଗଞ୍ଜେଇ ଜବତ କରାଯାଇଛି। ଜାମିନ ନ ମିଳିବାରୁ ଅଭିଯୁକ୍ତ ଧୀରେନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ସୂଚନାନୁସାରେ ଅଭିଯୁକ୍ତ ଧୀରେନ କନ୍ଧମାଳରୁ ବସ ଯୋଗେ ଗଞ୍ଜେଇ ଆଣି ନୟାପଲ୍ଲୀ ଥାନା ଅନ୍ତର୍ଗତ ସିଆର୍‌ପି ଛକ ନିକଟରେ ଛିଡା ହୋଇଥିଲେ। ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ଟିମ ସେଠାରେ ଚଢାଉ କରି ଯୁବକଙ୍କୁ ଧରିବାରେ ସଫଳ ହୋଇଥିଲେ।

# ଫାୟାର ସେଫ୍ଟି ପାଇଁ ଅଭ୍ୟାସ ଆବଶ୍ୟକ




ଭୁବନେଶ୍ୱର,୨୭।୪(ବ୍ୟୁରୋ)

ଓଡିଶା ଅଗ୍ନିଶମ ଓ ଜରୁରିକାଳୀନ ସେବା ବିଭାଗ ପକ୍ଷରୁ ଗୁରୁବାର ସ୍ଥାନୀୟ ବରମୁଣ୍ଡାସ୍ଥିତ ଓଡିଶା ଅଗ୍ନିଶମ ଏବଂ ବିପତ୍ତି ନିସ୍ତାର ପ୍ରତିଷ୍ଠାନଠାରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। 'ଅଗ୍ନି ଦୁର୍ବିପାକ ପ୍ରତିହତ ଓ ଦେଶ ବିକାଶର ପ୍ରୋତ୍ସାହନ' ଉପରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଯୋଗଦେଇ କହିଲେ, ପ୍ରବଳ ବର୍ଷା ହେଲେ ବନ୍ୟାର ଆକଳନ କରାଯାଇପାରେ। ସେହିଭଳି ବାତ୍ୟାର ମଧ୍ୟ ପୂର୍ବାନୁମାନ କରିହେବ। କିନ୍ତୁ ଅଗ୍ନିର ପୂର୍ବାନୁମାନ ଅସମ୍ଭବ। ଏଣୁ ଏହାକୁ ଦୃଷ୍ଟିରେ ରଖି ତତ୍‌କ୍ଷଣାତ ନିରାପତ୍ତା ରକ୍ଷା କରିବା କ୍ଷେତ୍ରରେ ଆମ ରାଜ୍ୟ ବହୁ ଆଗରେ। ଏଥିପାଇଁ ସଚେତନ ରହିବା ସହ ଅଭ୍ୟାସର ଆବଶ୍ୟକତ ରହିଛି। କର୍ମଶାଳାରେ ସୁଲୋଚନା ଦାସ, ସନ୍ତୋଷ ଉପାଧ୍ୟାୟ, ସୌମେନ୍ଦ୍ର ପ୍ରିୟଦର୍ଶୀ, ଅଗ୍ନିଶମ ଡିଆଇଜି ଚରଣ ସିଂ ମୀନା ପ୍ରମୁଖ ଉପସ୍ଥିତ ଥିଲେ।

# 'ମାନସିକ ଦୁଶ୍ଚିନ୍ତାରେ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ଜୀବନ ଯାଉଛି'

ଭୁବନେଶ୍ୱର,୨୭।୪(ବ୍ୟୁରୋ)

## ସରକାରୀ ହାଇସ୍କୁଲ ସିବିଟି ସଂଘର ଅଭିଯୋଗ

ଗଣଶିକ୍ଷା ବିଭାଗର ଅବହେଳା ପାଇଁ ମାନସିକ ଦୁଶ୍ଚିନ୍ତାରେ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକଙ୍କ ଜୀବନ ଚାଲିଯାଉଛି। ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ କରି ନିଯୁକ୍ତିକୁ ନିୟମତି କରିବା ଦାବିରେ ଗୁରୁବାର ଓଡିଶା ସରକାରୀ ହାଇସ୍କୁଲ ସିବିଟି ସଂଘ ପକ୍ଷରୁ ଭର୍ଚୁଆଲରେ ଅନୁଷ୍ଠିତ ବୈଠକରେ ଶିକ୍ଷୟିତ୍ରୀଶିକ୍ଷକ ଏପରି ଅଭିଯୋଗ କରିଛନ୍ତି। ଗତ ଏପ୍ରିଲ ୩ରେ ସଂଘର ଆହ୍ୱାନରେ ଶିକ୍ଷୟିତ୍ରୀଶିକ୍ଷକ ଗାନ୍ଧୀ ମାର୍ଗରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସାମୂହିକ ଧାରଣାରେ ବସି ଶିକ୍ଷା ବିଭାଗର ଅବହେଳା ପାଇଁ ପ୍ରତିବାଦ ଜଣାଇଥିଲେ। ପରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସ ସିବିଟି ଶିକ୍ଷକ ସଂଘର ୧୦ ଜଣିଆ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ମନ୍ତ୍ରୀ ବିଭାଗ ସହ ଆଲୋଚନା କରି ଅତିଶୀଘ୍ର ବିଜ୍ଞପ୍ତି ପ୍ରକାଶ ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ସ୍ଥଗିତ କରାଯାଇଥିଲା। ନିଯୁକ୍ତି ନିୟମିତ ନ ହେବା ଫଳରେ ମାନସିକ ଦୁଶ୍ଚିନ୍ତାରେ ରହୁଥିବା ଅନେକ ଶିକ୍ଷୟିତ୍ରୀଶିକ୍ଷକ ପ୍ରାଣ ହରାଉଥିବା ସଂଘର ଆବାହକ ମନୋଜ କୁମାର ଜେନା କହିଛନ୍ତି। ମାନସିକ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେବା ତଥା ଅର୍ଥାଭାବରୁ ଚିକିତ୍ସାରୁ ବଞ୍ଚିତ ହୋଇ କେତେଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ସେ କହିଛନ୍ତି। ଏଣେ ସରକାରଙ୍କ କଣ୍ଟ୍ରାକ୍‌ଚୁଆଲ ହେଡ୍‌ରେ ଅର୍ଥ ନ ଥିବାରୁ ଦୁଇ ମାସ ହେବ ଦରମା ମିଳି ନ ଥିବା ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ କହିଛନ୍ତି। କଳାହାଣ୍ଡି ମହାଲିଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ୨୦୨୨ ବ୍ୟାଚ୍‌ର ହିନ୍ଦୀ ଶିକ୍ଷକ ଧୃତରାଷ୍ଟ୍ର ବଗର୍ତ୍ତି ଓ ରାଉରକେଲା ଏନ୍‌ଏସି ଏସ୍‌ଟି ସରକାରୀ ଉଚ୍ଚ ବିଦ୍ୟାଳୟର କଳା ଶିକ୍ଷୟିତ୍ରୀ ଦିବ୍ୟା କୁମାରୀ କୁଲ୍ଲୁ ଅର୍ଥାଭାବ ପାଇଁ ଚିକିତ୍ସାରୁ ବଞ୍ଚିତ ହୋଇ ଶେଷରେ ଆଖି ବୁଜିଥିବାରୁ ସଂଘ କ୍ଷୋଭ ପ୍ରକାଶ କରିଛି। ସେହିଭଳି ମାର୍ଚ୍ଚ ୪ରେ ରାୟଗଡା ଜିଲା ମୁନିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ୨୦୧୬ ବ୍ୟାଚର ଶିକ୍ଷକ ରାମକୃଷ୍ଣ ସବର ରେଗୁଲାର ହୋଇପାରୁ ନ ଥିବାରୁ ମାନସିକ ଚିନ୍ତାରେ ରହି ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଚଳିତ ମାସ ୧୯ ତାରିଖରେ ମାନସିକ ସ୍ଥିତି ଠିକ ନ ଥିବାରୁ ଖୋର୍ଦ୍ଧା ଜିଲାର ଗୋଦାବରୀଶ ବିଦ୍ୟାପୀଠର ଶିକ୍ଷୟିତ୍ରୀ ଶୁଚିସ୍ମିତା ବଳ ଦୁର୍ଘଟଣାର ଶିକାର ହୋଇ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏ ସମସ୍ତ ଘଟଣା ପାଇଁ ଗଣଶିକ୍ଷା ବିଭାଗକୁ ଦାୟୀ କରିଛି ସିବିଟି ଶିକ୍ଷକ ସଂଘ। ଏଥିସହିତ ମୃତ ବ୍ୟକ୍ତିଙ୍କ ପରିବାରର ଯେକୌଣସି ବ୍ୟକ୍ତିଙ୍କୁ ସରକାରୀ ନିଯୁକ୍ତି ଦେବାକୁ ସଂଘ ଦୃଢ ଦାବି କରିଛି। ଆଗାମୀ ୫ ଦିନ ମଧ୍ୟରେ ସ୍ଥାୟୀ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଘ ଚେତାବନୀ ଦେଇଛି।

**ମଣିପୁର ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳକୁ ଜାଳିଦେଲେ**

ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କର ଶୁକ୍ରବାର ଚୁରାଚାନ୍ଦପୁର ଜିଲାରେ ଏକ କାର୍ଯ୍ୟକ୍ରମ ଥିଲା। ଉତ୍ୟକ୍ତ ଲୋକେ କାର୍ଯ୍ୟକ୍ରମ ହେବାକୁ ଥିବା ହଲ୍‌ରେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇଦେଇଛନ୍ତି। ଉତ୍ତେଜନା ଲାଗିରହିଥିବାରୁ ଅଧିକ ପୋଲିସ ମୁତୟନ କରାଯାଇଛି। ଚୁରାଚାନ୍ଦପୁରରେ ମୁଖ୍ୟମନ୍ତ୍ରୀ ଏକ ଜିମ୍ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ଥିଲା। ବିକ୍ଷୋଭକାରୀମାନେ କ୍ରୀଡ଼ା ଉପକରଣ ଓ କାର୍ଯ୍ୟକ୍ରମ ହେବାକୁ ଥିବା ସ୍ଥାନରେ ନିଆଁ ଲଗାଇଦେଇଥିଲେ।

# ପୁଟିନ୍‌ଙ୍କୁ ହତ୍ୟା ଉଦ୍ୟମ କରିଥିଲା ୟୁକ୍ରେନ୍

ଲଣ୍ଡନ,୨୭।୪

ୟୁକ୍ରେନୀୟ ସିକ୍ରେଟ୍ ସର୍ଭିସ ଏଜେଣ୍ଟମାନେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ହତ୍ୟା ପାଇଁ ଉଦ୍ୟମ କରିଥିଲେ। ବିସ୍ଫୋରକ ଭର୍ତ୍ତି ଏକ କାମିକାଜି ଡ୍ରୋନ୍‌ରେ ପୁଟିନ୍‌ଙ୍କୁ ଉଡ଼ାଇଦେବାକୁ ଯୋଜନା ହୋଇଥିଲା। କିନ୍ତୁ ମାନବବିହୀନ ଏରିଆଲ ଭେହିକିଲ୍ (ୟୁଏଭି) ଲକ୍ଷ୍ୟ ଭେଦ କରିବା ପୂର୍ବରୁ କିଛି ମାଇଲ ଦୂରରେ କ୍ରାସ୍ ହୋଇଯିବାରୁ ସେମାନଙ୍କ ଗୁପ୍ତ ମିଶନ ବିଫଳ ହୋଇଥିଲା ବୋଲି ଏକ ମିଡିଆ ରିପୋର୍ଟରେ ପ୍ରକାଶ ପାଇଛି।

ୟୁକ୍ରେନୀୟ ବଳ ରବିବାର ୟୁଜେ-୨୨ ଡ୍ରୋନ୍ ଲଞ୍ଚ କରିଥିଲା। ଏଥିରେ ୧୭ କେ.ଜି. ଓଜନର ସି୪ ପ୍ଲାଷ୍ଟିକ୍ ବିସ୍ଫୋରକ ଭର୍ତ୍ତି କରାଯାଇଥିଲା। ଉକ୍ତ ଡ୍ରେନ୍‌କୁ ମସ୍କୋ ନିକଟସ୍ଥ ଏକ ନବପ୍ରତିଷ୍ଠିତ ଶିଳ୍ପାଞ୍ଚଳକୁ ପଠାଯିବା ଲକ୍ଷ୍ୟ ରଖାଯାଇଥିଲା। ଏହି ଇଣ୍ଡଷ୍ଟ୍ରିଆଲ୍ ଏଷ୍ଟେଟ୍‌କୁ ପୁଟିନ୍ ପରିଦର୍ଶନ ପାଇଁ ଯିବା କାର୍ଯ୍ୟକ୍ରମ ଥିଲା ବୋଲି ଜର୍ମାନୀ ଖବରକାଗଜ ବିଲ୍ଡରେ ଉଲ୍ଲେଖ କରାଯାଇଥିବା ଡେଲି ମେଲ୍ ରିପୋର୍ଟ କରିଛି। କିନ୍ତୁ ରୁଷିଆ ରାଷ୍ଟ୍ରପତିଙ୍କୁ ହତ୍ୟା କରିବା ପାଇଁ ଏହି ଘାତକ ଡ୍ରୋନ୍ ରୁଡ୍‌ନେଭୋ ଇଣ୍ଡଷ୍ଟ୍ରିଆଲ୍ ପାର୍କରେ ପହଞ୍ଚିଥିବା ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୟୁକ୍ରେନୀୟ ଆକ୍ଟିଭିଷ୍ଟ ୟୁରିୟ ରୋମାନେଙ୍କୋ ଏନେଇ ଟୁଇଟ୍ କରିଛନ୍ତି। ପୁଟିନ୍ ଉକ୍ତ ସ୍ଥାନକୁ ଯିବେ ବୋଲି ପୂର୍ବରୁ ସୂଚନା ମିଳିଥିବା କିଭ୍‌ର ଗୋଇନ୍ଦା ସେବା ସହ ଘନିଷ୍ଠତା ଥିବା ରୋମାନେଙ୍କୋ କହିଛନ୍ତି। ତାଙ୍କ ମତରେ କାମିକାଜି ଡ୍ରୋନ୍ ରୁଡ୍‌ନେଭୋରୁ ୧୨ ମାଇଲ ଦୂର ଭୋରୋସ୍କୋଗୋରେ କ୍ରାସ୍ କରିଥିଲା।

**ଲକ୍ଷ୍ୟଭେଦ ପୂର୍ବରୁ କ୍ରାସ୍ ହୋଇଥିଲା ବିସ୍ଫୋରକ ଭର୍ତ୍ତି ଡ୍ରୋନ୍**





ଭ୍ଲାଡିମିର ପୁଟିନ୍

## କିଭ୍‌କୁ ନାଟୋ ଦେଇଛି ୧,୫୫୦ ସଶସ୍ତ୍ର ଯାନ, ୨୩୦ ଟ୍ୟାଙ୍କ

ବ୍ରସେଲ୍ସ,୨୭।୪

ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ଏବଂ ଏହି ସାମରିକ ମେଣ୍ଟର ସହଯୋଗୀ ରାଷ୍ଟ୍ରଗୁଡ଼ିକ ରୁଷିଆ ବିରୋଧରେ ଲଢ଼େଇ ପାଇଁ ୟୁକ୍ରେନ୍‌କୁ ୧,୫୫୦ ସଶସ୍ତ୍ର ଯାନ ଓ ୨୩୦ ଟ୍ୟାଙ୍କର ଦେଲେଣି। ନାଟୋ ମୁଖ୍ୟ ଜେନ୍ସ ଷ୍ଟୋଲଟେନ୍‌ବର୍ଗ ଗୁରୁବାର ଏନେଇ ସୂଚନା ଦେଇଛନ୍ତି। ଗତ ବର୍ଷ ଫେବୃୟାରୀ ୨୪ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ୟୁକ୍ରେନ୍‌କୁ ସାମରିକ ସହାୟତା ଜାରି ରହିଥିବାବେଳେ ୯୮%ରୁ ଅଧିକ ଯୁଦ୍ଧଯାନ ଯୋଗାଇବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ୟୁକ୍ରେନ୍‌ର ୯ ସଶସ୍ତ୍ର ବ୍ରିଗେଡ୍‌କୁ ନାଟୋ ପକ୍ଷରୁ ତାଲିମ ପ୍ରଦାନ କରାଯାଇଛି। ତେବେ ରୁଷିଆକୁ ଆମେ ନ୍ୟୂନ ମନେକରିବା ଅନୁଚିତ ବୋଲି ଜେନ୍ସ କହିଛନ୍ତି।



ନୂଆଦିଲ୍ଲୀରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଗୁରୁବାର ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କୁ ଭେଟୁଛନ୍ତି।

# ସମଲିଙ୍ଗୀ ଯୋଡ଼ି କିପରି ପାଇବେ ସାମାଜିକ ସୁବିଧା

**କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**

ନୂଆଦିଲ୍ଲୀ,୨୭।୪

ଯୁଗ୍ମ ବ୍ୟାଙ୍କ ଆକାଉଣ୍ଟ ଖୋଲିବା କିମ୍ବା ବୀମା ପଲିସିରେ ପାର୍ଟନରଙ୍କୁ ନୋମିନୀ ରଖିବା ଆଦି ମୌଳିକ ସାମାଜିକ ଅଧିକାର ସମଲିଙ୍ଗୀ ଯୋଡ଼ି କିପରି ପାଇବେ, ସରକାର ତାହା ଖୋଜି ବାହାର କରିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ଯାହା ଜଣାପଡୁଛି, ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେବା ପାର୍ଲାମେଣ୍ଟର ବିଶେଷ ଅଧିକାର ଭାବେ ସର୍ବୋଚ୍ଚ ଅଦାଲତ ଗ୍ରହଣ କରିପାରନ୍ତି। ସମଲିଙ୍ଗୀ ବିବାହର ଆଇନଗତ ବୈଧତାକୁ କେନ୍ଦ୍ର ସରକାର ବିରୋଧ କରିଆସୁଛନ୍ତି। ଅନ୍ୟପକ୍ଷେ ବିବାହ ଅଧିକାର ନ ମିଳିବା ସେମାନଙ୍କ ମୌଳିକ ଅଧିକାରର ଉଲ୍ଲଂଘନ ଏବଂ ପକ୍ଷପାତିତା ବୋଲି ଆବେଦନକାରୀମାନେ ଯୁକ୍ତି କରିଛନ୍ତି। ସମଲିଙ୍ଗୀ ଯୋଡ଼ିଙ୍କୁ ବିବାହ ମାନ୍ୟତା ନ ଦେଇ ସେମାନଙ୍କ ବିଭିନ୍ନ ସମସ୍ୟାର କିପରି ସମାଧାନ କରାଯାଇପାରିବ, ତାହା ଉପରେ ସର୍ବୋଚ୍ଚ ଅଦାଲତ ସଲିସିଟର ଜେନେରାଲଙ୍କୁ ଜବାବ ମାଗିଛନ୍ତି। ଅଦାଲତରେ ନୁହେଁ, ପାର୍ଲାମେଣ୍ଟରେ ସମଲିଙ୍ଗୀ ବିବାହ ପ୍ରସଙ୍ଗରେ ବିତର୍କ ହେବା ଆବଶ୍ୟକ ବୋଲି ବୁଧବାର କେନ୍ଦ୍ର ଆଇନମନ୍ତ୍ରୀ କିରେନ ରିଜିଜୁ କହିଥିଲେ।

# କୋଣାର୍କରେ ହେବ ପ୍ରୋଜେକ୍ସନ ମ୍ୟାପିଂ ଶୋ’

**ମନ୍ କୀ ବାତ୍‌ର ୧୦୦ତମ ଅଧ୍ୟାୟ**

ନୂଆଦିଲ୍ଲୀ,୨୭।୪

ଜନସାଧାରଣଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତ୍ୟକ୍ଷ ଆଲୋଚନା କାର୍ଯ୍ୟକ୍ରମ ମନ୍ କୀ ବାତ୍‌ର ୧୦୦ତମ ଅଧ୍ୟାୟ ପୂର୍ତ୍ତି ଅବସରରେ କୋଣାର୍କ ସୂର୍ଯ୍ୟମନ୍ଦିରଠାରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଅତ୍ୟାଧୁନିକ ପ୍ରୋଜେକ୍ସନ ମ୍ୟାପିଂ ଶୋ’ ଆୟୋଜିତ ହେବ। ଆସନ୍ତା ୨୯ ତାରିଖରେ ଆଇଏସ୍ଆଇ କୀର୍ତ୍ତିରାଜି ସମେତ ୧୩ଟି ପ୍ରତିଷ୍ଠିତ ସ୍ଥାନରେ ଏଭଳି ଶୋ’ର ଆୟୋଜନ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ବିବିଧତା ଶୀର୍ଷକ ଉପରେ ଐତିହାସିକ, ପ୍ରତ୍ନତାତ୍ତ୍ୱିକ ଗୁରୁତ୍ୱ ତଥା ଭାରତର ବିବିଧତା ମଧ୍ୟରେ ଆଞ୍ଚଳିକ ବୈଶିଷ୍ଟ୍ୟ ଉକ୍ତ ଶୋ’ରେ ପ୍ରଦର୍ଶିତ ହେବ ବୋଲି କେନ୍ଦ୍ର ସଂସ୍କୃତି ସଚିବ ଗୋବିନ୍ଦ ମୋହନ କହିଛନ୍ତି।

ଆଞ୍ଚଳିକ ଭାଷାରେ ପ୍ରୋଜେକ୍ସନ ମ୍ୟାପିଂ ଶୋ’ହେବାକୁ ଥିବାବେଳେ ସେଥିରେ ଦେଶର ଇତିହାସ ଓ ଐତିହ୍ୟକୁ ବିସ୍ତୃତ ଭାବେ ଉପସ୍ଥାପନ କରାଯିବ। ଦର୍ଶକମାନେ ରାତି ୭ଟାରୁ ଏହାକୁ ଉପଭୋଗ କରିବାର ସୁଯୋଗ ପାଇବେ। ସେହିପରି ୩୦ ତାରିଖରେ ନୂଆଦିଲ୍ଲୀର ଏନ୍‌ଜିଏମ୍ଏରେ ଜନଶକ୍ତି ଉପରେ ଏକ ଚିତ୍ରକଳା ପ୍ରଦର୍ଶନୀର ଉଦ୍‌ଘାଟନ କରାଯିବ। ସେଥିରେ ୧୨ ଜଣ ଖ୍ୟାତନାମା ଚିତ୍ରକରଙ୍କ ପେଣ୍ଟିଂ ପ୍ରଦର୍ଶିତ ହେବ। ମୋଦିଙ୍କ ମନ୍ କୀ ବାତ୍‌ରେ ଉଲ୍ଲେଖ ଥିବା ସାଧାରଣ ବ୍ୟକ୍ତିବିଶେଷଙ୍କ ବୀରତ୍ୱ ଗାଥାକୁ ଅମୃତଚିତ୍ର କମିକ୍ସରେ ପ୍ରକାଶିତ ହେବ।

# ବ୍ରାଜିଲ ଶବ୍ଦକୋଷରେ ‘ପେଲେ’

ସାଓପାଓଲୋ,୨୭।୪(ପି.ଟି)



ବ୍ରାଜିଲିଆନ୍ ଫୁଟ୍‌ବଲ କିମ୍ବଦନ୍ତୀ ପେଲେଙ୍କ ନାମକୁ ବର୍ତ୍ତମାନ ଶବ୍ଦକୋଷରେ ସାମିଲ କରାଯାଇଛି। ‘ପେଲେ’ ଶବ୍ଦକୁ ଏକ ବିଶ୍ଳେଷଣ ଭାବେ ବ୍ୟବହାର କରାଯାଉଥିବା ବେଳେ ଏହାକୁ ଶ୍ରେଷ୍ଠର ପ୍ରତିଶବ୍ଦ ବୋଲି ମଧ୍ୟ କୁହାଯାଇଛି। ଏହା ସହିତ ସ୍ୱତନ୍ତ୍ର ଶବ୍ଦ ପାଇଁ ମଧ୍ୟ ଏହାର ବ୍ୟବହାର କରାଯିବ। ବୁଧବାର ‘ମାଇକେଲ୍ସ ଡିକ୍ସନାରି’ ପକ୍ଷରୁ ପେଲେଙ୍କ ପାଇଁ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା, ଯହିଁରେ ୧ ଲକ୍ଷ ୨୫ ହଜାର ଲୋକ ସାମିଲ ହୋଇଥିଲେ। ୩ଥର ବିଶ୍ୱକପ୍ ଚାମ୍ପିୟନ ପେଲେ ଡିସେମ୍ବର ୨୦୨୨ରେ ପ୍ରାଣ ହରାଇଥିଲେ।

ଶବ୍ଦକୋଷରେ ଦିଆଯାଇଥିବା ସଂଜ୍ଞା ଅନୁଯାୟୀ ପେଲେ ଶବ୍ଦର ପରିଭାଷା ହେଉଛି, ସେହି ବ୍ୟକ୍ତି ଯିଏ ଅସାଧାରଣ, ଗୁଣବତ୍ତାରେ ଶ୍ରେଷ୍ଠ, ଯାହାଙ୍କ ଶ୍ରେଷ୍ଠତ୍ୱ ସହ କେହି ସମାନ ହୋଇପାରିବେ ନାହିଁ। ଏହାସହିତ ଏହି ଶବ୍ଦଟି ଏଡସନ୍ ଆରାଣ୍ଟେସ୍ ଡୋ ନାସିମେଣ୍ଟୋଙ୍କ ଡାକନାମ ବୋଲି ମଧ୍ୟ ଶବ୍ଦକୋଷରେ ଉଲ୍ଲେଖ ରହିଛି। ବିଶ୍ୱର ସର୍ବକାଳୀନ ଶ୍ରେଷ୍ଠ ଆଥଲେଟ୍ ଅତୁଳନୀୟ, ବିରଳ। ଏହି ଶବ୍ଦକୁ ଶ୍ରେଷ୍ଠତ୍ୱର ଉଦାହରଣ ପାଇଁ ବ୍ୟବହାର କରାଯିବ ବୋଲି ମଧ୍ୟ କୁହାଯାଇଛି। ସାଣ୍ଟୋସ୍ ଏଫ୍‌ସି ନାମକ ଏକ କ୍ଲବ୍‌ରେ ପେଲେ ନିଜ କ୍ୟାରିୟରର ସର୍ବାଧିକ ସମୟ ଖେଳିଥିଲେ। ସେଠାରେ ଥିବା ଦି ପେଲେ ଫାଉଣ୍ଡେଶନ ପକ୍ଷରୁ ଏହି ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ପୂର୍ବରୁ କେବଳ ଦୃଷ୍ଟାନ୍ତ ମାଧ୍ୟମରେ ଶ୍ରେଷ୍ଠତ୍ୱକୁ ପେଲେଙ୍କ ସହ ତୁଳନା କରାଯାଉଥିବା ବେଳେ ପ୍ରଥମଥର ପାଇଁ ଏହାକୁ ଶବ୍ଦକୋଷରେ ସାମିଲ କରାଯାଇଛି।

# ବିବାହ ପ୍ରତିଶ୍ରୁତି ଦେଇ ସହମତିରେ ସମ୍ବନ୍ଧ ବଳାତ୍କାର ନୁହେଁ: ହାଇକୋର୍ଟ

କୋଲକାତା,୨୭।୪

ବିବାହ ପ୍ରତିଶ୍ରୁତି ଦେଇ ୨ ପ୍ରାପ୍ତବୟସ୍କ ସହମତିରେ ଶାରୀରିକ ସମ୍ପର୍କ ସ୍ଥାପନ କଲେ ତାହା ବଳାତ୍କାର ଭାବେ ପରିଗଣିତ ହେବ ନାହିଁ ବୋଲି କାଲକାଟା ହାଇକୋର୍ଟ ଏକ ୧୪ ବର୍ଷ ପୁରୁଣା ମାମଲାରେ ରାୟ ଦେଇଛନ୍ତି।

୨୦୦୯ରେ ପଶ୍ଚିମବଙ୍ଗର ହୁଗୁଳି ଜିଲା ଦାଙ୍କୁନିର ଏକ ମାମଲାର ବିଚାରକରି ଗୁରୁବାର ଜଷ୍ଟିସ୍ ଶମ୍ପା ଦତ୍ତା କହିଛନ୍ତି, ପାରିବାରିକ ସମ୍ପର୍କରେ ଜଟିଳତାକୁ ନେଇ ଅନେକ ସମୟରେ ଏପରି ବଳାତ୍କାର ଅଭିଯୋଗ ହୋଇଥାଏ। ଘଟଣାରୁ ପ୍ରକାଶ ଯେ, ପରିବାର ସହମତିରେ ଜଣେ ଯୁବତୀ ଓ ଯୁବକଙ୍କ ବିବାହ ସ୍ଥିର ହୋଇଥିଲା। ନିବିଡ଼ତା ବଢ଼ିବାରୁ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସ୍ଥାପନ ହେଲା। ଯୁବକ ଜଣକ କାମ ପାଇଁ ଗୋଆ ଯାଇ ଅନ୍ୟ ଜଣେ ଝିଅଙ୍କୁ ବିବାହ କଲେ। ବିବାହ ପ୍ରତିଶ୍ରୁତି ଦେଇ ଯୁବକ ତାଙ୍କୁ ବଳାତ୍କାର କରିଥିବା ପୂର୍ବରୁ ବିବାହ ସ୍ଥିର ହୋଇଥିବା ଯୁବତୀ ଅଭିଯୋଗ ଆଣିଥିଲେ। ପୋଲିସ ଆଇପିସି ଦଫା ୩୭୬ ବଳରେ ଯୁବକ ଓ ତାଙ୍କ ପରିବାର ବିରୋଧରେ ମାମଲା ରୁଜୁ କଲା। ସେମାନେ ଉକ୍ତ ଏଫ୍ଆଇଆର୍‌କୁ ଚ୍ୟାଲେଞ୍ଜ କରି କାଲକାଟା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ। ଯୁବକଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ, ଉଭୟେ ପ୍ରାପ୍ତ ବୟସ୍କ। ଦୁହିଙ୍କ ସହମତିରେ ସମ୍ବନ୍ଧ ସ୍ଥାପନ ହୋଇଥିବାରୁ ଏହାକୁ ବଳାତ୍କାର କୁହାଯାଇପାରିବ ନାହିଁ। ସହମତି ପାଇଁ ଅନୁମତି ଦେଇଥିବା ତାଙ୍କ ପରିବାର ଲୋକଙ୍କ ବିରୋଧରେ ମାମଲା ରୁଜୁ କରାଯାଇପାରିବ ନାହିଁ।

**ଫୁର୍‌ସତ୍**



# ମେଟ୍ରୋରେ ସାରାଙ୍କ ଯାତ୍ରା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ଅନେକ ସମୟରେ ଚର୍ଚ୍ଚାରେ ରହିଥାନ୍ତି। ତେବେ ସେ ବୁଲିବାକୁ ବେଶି ପସନ୍ଦ କରନ୍ତି। ଏପରିକି ସେ ନିଜ କାମରୁ ବିରତି ନେଇ ପ୍ରାୟ ସମୟ ବୁଲିବାକୁ ବାହାରି ପଡ଼ନ୍ତି। କହିବାକୁ ଗଲେ, ଅଭିନେତ୍ରୀ ହୁଅନ୍ତୁ କି ଅଭିନେତା ସମସ୍ତେ କିନ୍ତୁ ଆରାମଦାୟକ ଯାତ୍ରା ଲାଗି ଲକ୍‌ଜୁରିଅସ୍ କାର୍‌ରେ ଯିବାଆସିବା କରନ୍ତି। ହେଲେ ନିକଟରେ ସାରାଙ୍କ ଏକ ଫଟୋ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ତାଙ୍କ ଲକ୍‌ଜୁରି କାର୍ ଛାଡ଼ି ମେଟ୍ରୋ ଟ୍ରେନ୍‌ରେ ବସି କେଉଁଠିକୁ ଯାଉଥିବା ଦେଖିବାକୁ ମିଳିଛି। ମେଟ୍ରୋ ଯାତ୍ରାକୁ ସେ ଉପଭୋଗ କରୁଥିବା ନଜରକୁ ଆସିଛନ୍ତି। କ୍ୟାମେରାରେ ସେ ଖୁସିରେ ହାତ ହଲାଉଛନ୍ତି। ଏହାର ଏକ ଫଟୋ ସାରା ତାଙ୍କ ଇନ୍‌ଷ୍ଟା ଷ୍ଟୋରିରେ ଶେୟାର କରି କ୍ୟାପ୍ସନରେ ଲେଖିଛନ୍ତି, ‘ମୁମ୍ବାଇ ମେରି ଜାନ୍।’ ତେବେ ସାରା ତାଙ୍କ ଆଗାମୀ ଫିଲ୍ମ ‘ମେଟ୍ରୋ ଇନ୍ ଦିନୋ’ରେ ନଜର ଆସିବେ। ସିନେମାରେ ତାଙ୍କ ସହ ଆଦିତ୍ୟ ରୟ କପୁରଙ୍କୁ ଦେଖିବାକୁ ମିଳିବ। ଅନୁରାଗ ବାସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସେ ଦୁହିଙ୍କ ବ୍ୟତୀତ ଅନୁପମ୍ ଖେର୍, ନିନା ଗୁପ୍ତା, ଫାତିମା ସାନା ଶେଖ୍, ଅଲି ଫଜଲ, ପଙ୍କଜ ତ୍ରିପାଠୀ ପ୍ରମୁଖ ଭିନ୍ନ ଭିନ୍ନ ଭୂମିକାରେ ନଜର ଆସିବେ।

# ରାସ୍ତାକଡ଼ରେ ୬ ହଜାର ଘର

**୩୦ କି.ମି.ର ଗାଁ**

**ୱାର୍ସ:** ବିଶ୍ୱରେ ବିଭିନ୍ନ ଜାଗା ରହିଛି, ଯେଉଁଠାରେ ଲୋକଙ୍କ ରହଣି ସହ ଅନେକ କିଛି ଭିନ୍ନ ଧରଣର ହୋଇଥାଏ। ଏପରି ଏକ ଗାଁ ରହିଛି, ଯେଉଁଠାରେ କି ରାସ୍ତାକଡ଼ରେ ହିଁ ପୂରା ଗାଁର ଲୋକ ତାଙ୍କ ବସତି ସ୍ଥାପନ କରିଛନ୍ତି। ଆଉ ସବୁଆଡ଼େ ଅନାଇଲେ କେବଳ କ୍ଷେତ ହିଁ କ୍ଷେତ ଦେଖିବାକୁ ମିଳିବ। ସବୁବେଳେ ଗାଁର ପରିବେଶ ସବୁଠାରୁ ସୁନ୍ଦର ଥାଏ। ଅଧିକାଂଶ ଜାଗାରେ ଗଛ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରି ରହିଥାଏ, ଯେଉଁଥିପାଇଁ ଅନେକେ ଗାଁରେ ରହିବାକୁ ପସନ୍ଦ କରନ୍ତି। ପୋଲାଣ୍ଡର ଏକ ଗାଁ ରହିଛି, ଯାହାର ନାମ ସୁଲୋସଜୋୱା। ଗାଁଟି ଉତ୍ତର-ପଶ୍ଚିମ ଦିଗକୁ ୩୦ କିମି ପର୍ଯ୍ୟନ୍ତ ବ୍ୟାପିଛି। ରିପୋର୍ଟ ମୁତାବକ, ଏଠାରେ ପାଖାପାଖି ୬ ହଜାର ଘର ରହିଛି। ଏହି ଗାଁର ଖାସ୍ କଥା ହେଉଛି, ଲୋକମାନେ



ନିଜ ନିଜ ମଧ୍ୟରେ ବହୁତ ପାଖାପାଖି ରୁହନ୍ତି। ଅର୍ଥାତ୍ ଗୋଟିଏ ରାସ୍ତାର ଏପଟ ସେପଟ ଦୁଇ ପାର୍ଶ୍ୱରେ ହିଁ ନିଜ ଘର କରି ରହିଛନ୍ତି। କ୍ଷେତ ମଝିରେ ଏକ ୯ କି.ମି.ର ଏକ ପ୍ରମୁଖ ରାସ୍ତା ଯାଇଛି, ଯାହାକି ଗୋଟିଏ ଡାଳରୁ ବାହାରିଥିବା ଅଙ୍ଗୁର ପେଣ୍ଠା ଭଳି ଦୃଶ୍ୟମାନ ହେଉଛି। ଏଥିନିମନ୍ତେ ଗାଁଟି ଅତି ସୁନ୍ଦର ଦେଖାଯାଉଥିବାବେଳେ ଏକ ଭିନ୍ନ ପରିଚୟ ସୃଷ୍ଟି କରିଛି।

# ‘ଆର୍‌ସିବି ଜିତିଲେ ସ୍କୁଲ ଯିବି’

ମୁମ୍ବାଇ

କ୍ରିକେଟ୍ ଖେଳ ପ୍ରତି ସମସ୍ତଙ୍କ ଦୁର୍ବଳତା ରହିଛି। ବର୍ତ୍ତମାନ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଚାଲିଥିବାବେଳେ ସମସ୍ତ ଟିମ୍‌ର ଅନେକ ଫ୍ୟାନ୍ସ ରହିଛନ୍ତି। ଆଇପିଏଲ୍‌କୁ ନେଇ ପ୍ରତିଦିନ ଅନେକ ପ୍ରଶଂସକଙ୍କ ଫଟୋ ଓ ଭିଡିଓ ଭାଇରାଲ ହେବାର ଲାଗିଛି। ନିକଟରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି) ଏବଂ କଲିକତା ନାଇଟ୍ ରାଇଡର୍ସ(କେକେଆର୍) ମଧ୍ୟରେ ଆଇପିଏଲ୍ ମ୍ୟାଚ ଚାଲିଥିଲା। ସେଥିରେ ଜଣେ ଛୋଟ ଝିଅର ଫଟୋ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ଏକ ପୋଷ୍ଟର ଧରି ଠିଆହୋଇଛି। ପୋଷ୍ଟରରେ ଲେଖାହୋଇଛି, ‘ଆର୍‌ସିବି ଆଇପିଏଲ୍ ନ ଜିତିବା ଯାଏ ମୁଁ ସ୍କୁଲ ଯିବିନି।’ ଝିଅଟି ଦଳୀୟ ଜର୍ସି ପିନ୍ଧିଥିବାବେଳେ ତା’ର ଏପରି ଆର୍‌ସିବି ପ୍ରତି ଭଲପାଇବା ଦେଖି ଲୋକେ ସେହି ଫଟୋରେ ଅନେକ ମଜାଳିଆ କମେଣ୍ଟ କରିଥିବା ଦେଖିବାକୁ ମିଳିଛି। ଜଣେ ଲେଖିଛନ୍ତି, ଝିଅ ତା’ହେଲେ ତମେ କେବେ ସ୍କୁଲ ଯାଇପାରିବନି। ଆଇପିଏଲ୍ ୨୦୦୭ରେ ଆରମ୍ଭ ହୋଇଥିବାବେଳେ ଆର୍‌ସିବି କେଉଁବର୍ଷ ମଧ୍ୟ ଜିତିପାରିନି। ଚଳିତବର୍ଷ ଆୟୋଜିତ ଲିଗ୍‌ରେ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ମଧ୍ୟରୁ ଆର୍‌ସିବି ୪ଟି ଜିତିଛି।




# କର୍ମକ୍ଷେତ୍ରରେ ନିରାପତ୍ତା

**କର୍ମକ୍ଷେତ୍ରରେ ନିରାପତ୍ତା ସ୍ୱାସ୍ଥ୍ୟ ଦିବସ**

କର୍ମକ୍ଷେତ୍ରରେ କର୍ମଚାରୀଙ୍କ ସୁରକ୍ଷା ଏବଂ ନିରାପତ୍ତା ପ୍ରତି ଦୃଷ୍ଟିଦେବା ଅତ୍ୟନ୍ତ ଜରୁରୀ। ଏହା ଦ୍ୱାରା କର୍ମଚାରୀଙ୍କ କାର୍ଯ୍ୟକ୍ଷମତା ବୃଦ୍ଧି ସହିତ ବିକାଶଧାରା ଜାରି ରହିଥାଏ। ଏ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଏପ୍ରିଲ ୨୮ରେ କର୍ମକ୍ଷେତ୍ରରେ ନିରାପତ୍ତା ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଥାଏ। ଏହି ଦିବସ ଜାତିସଂଘର ସ୍ୱୀକୃତିକ୍ରମେ ପାଳିତ ହୋଇଥାଏ। ଏହି ଦିବସ ପାଳନ ଅବସରରେ କର୍ମକ୍ଷେତ୍ରରେ ନିରାପଦ ଭାବେ କାର୍ଯ୍ୟ ସମ୍ପାଦନ ଏବଂ ଦୁର୍ଘଟଣା ଆଦିକୁ ରୋକିବା ନେଇ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରାଯାଇଥାଏ। ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ ଦ୍ୱାରା ଜାରି ହୋଇଥିବା ମାନଦଣ୍ଡ ଆଧାରରେ କର୍ମକ୍ଷେତ୍ରରେ କର୍ମଚାରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଯାଇଥାଏ। କର୍ମକ୍ଷେତ୍ରରେ ନିରାପତ୍ତା ସ୍ୱାସ୍ଥ୍ୟ ଦିବସ ପ୍ରଥମେ ୨୦୦୩ରେ ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ ଦ୍ୱାରା ପାଳନ କରାଯାଇଥିଲା। ସେବେଠାରୁ ଏହା ପ୍ରତିବର୍ଷ ପାଳିତ



ହୋଇଆସୁଛି। ଏପ୍ରିଲ ୧୯୯୬ ମସିହାଠାରୁ ଟ୍ରେଡ୍ ୟୁନିୟନ ପକ୍ଷରୁ ବିଶ୍ୱରେ ମୃତ ଓ ଆହତ ଶ୍ରମିକମାନଙ୍କ ପାଇଁ ୨୮ ଏପ୍ରିଲରେ ଅନ୍ତର୍ଜାତୀୟ ସ୍ମୃତି ଦିବସ ପାଳନ କରାଯାଉଛି। ଏହାର ସ୍ମୃତିରେ କର୍ମକ୍ଷେତ୍ରରେ ନିରାପତ୍ତା ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଥାଏ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ କର୍ମକ୍ଷେତ୍ରରେ କର୍ମଚାରୀଙ୍କ ସୁରକ୍ଷାକୁ ନିଶ୍ଚିତ କରାଯାଇଥାଏ।



ବିଶ୍ୱର ପ୍ରଥମ ତଥା ଇଫ୍‌କୋର ନାନୋ ଡିଏପି ତରଳ ସାରକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛନ୍ତି। ଏହି ଅବସରରେ ନୂଆଦିଲ୍ଲୀସ୍ଥିତ ଇଫ୍‌କୋ ମୁଖ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଇଫ୍‌କୋର ଚେୟାରମ୍ୟାନ ଦିଲୀପ ସାଂଘାନି, ଏମ୍‌ଡି ଡ. ୟୁ.ଏସ୍.ଅୱସ୍ଥିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଏୟାରଟେଲ୍ ୫ଜି ପ୍ଲସ୍‌ର ବିରଳ ମାଇଲଖୁଣ୍ଟ

**ନୂଆଦିଲ୍ଲୀ,୨୭।୪**

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଏୟାରଟେଲ୍ ଅଲ୍‌ଟ୍ରା-ଫାଷ୍ଟ ୫ଜି ସେବା ନିକଟରେ ଏକ ବିରଳ ମାଇଲଖୁଣ୍ଟ ହାସଲ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଦେଶର ୩୦୦୦ ସହର ଓ ନଗରରେ ଏୟାରଟେଲ୍‌ର ୫ଜି ପ୍ଲସ୍ ସେବା ଉପଲବ୍ଧ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଭାରତୀ ଏୟାରଟେଲ୍‌ର ସିଟିଓ ରଣଦୀପ ସେଖୋଁ କହିଛନ୍ତି, ଆମେ ୫ଜିର ଶକ୍ତି ସହ ଦେଶର ବୃହତ୍ ଅଂଶକୁ ସାମିଲ କରିପାରିଥିବାରୁ ବେଶ୍ ଆନନ୍ଦିତ । ଏପରିକି ଆମେ ଦେଶର ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ କ୍ଷେତ୍ରରେ ମଧ୍ୟ ୫ଜି ସେବାର ଦ୍ରୁତ ଗ୍ରହଣୀୟତାକୁ ପରିଲକ୍ଷିତ କରୁଛୁ। ବିଶେଷକରି ଏୟାରଟେଲ୍ ୫ଜି ପ୍ଲସ୍ ଏକ ପରିଚାଳକ ଭାବେ କାର୍ଯ୍ୟ କରିବ, ଯାହା ଡିଜିଟାଲ କନେକ୍ଟିଭିଟିରେ ପରବର୍ତ୍ତୀ ପିଢ଼ିକୁ ଆଗକୁ ବଢ଼ାଇବ।

# 'କାୟମ ଚୂର୍ଣ୍ଣ ଆଡ୍‌ଭାନ୍ସ ଗ୍ରାନୁଲ୍ସ'

**ନୂଆଦିଲ୍ଲୀ,୨୭।୪**

ଦେଶର ପ୍ରମୁଖ ଘରୋଇ ଆୟୁର୍ବେଦିକ ସଂସ୍ଥା ତଥା ଦୀର୍ଘ ୫୦ ବର୍ଷ ହେବ ଶେଠ୍ ବ୍ରଦର୍ସ ଦ୍ୱାରା ନିର୍ମିତ ଅତିପ୍ରିୟ ଆୟୁର୍ବେଦ ଔଷଧ କାୟମ ଚୂର୍ଣ୍ଣର ନୂତନ ଉତ୍ପାଦ 'କାୟମ ଚୂର୍ଣ୍ଣ ଆଡ୍‌ଭାନ୍ସ ଗ୍ରାନୁଲ୍ସ'ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ନୂତନ ପଦ୍ଧତିରେ ପ୍ରସ୍ତୁତ ଏହି ଆୟୁର୍ବେଦିକ୍ ଔଷଧ ଉଭୟ ଗ୍ରାହକ ଚାହିଦା ଓ ରୋଗ ପ୍ରତିରୋଧକ ବୋଲି କୁହାଯାଉଛି। ବିଶେଷକରି ବଜାର ଚାହିଦା ଓ ରୋଗୀଙ୍କ ଆବଶ୍ୟକତା ପୂରଣ ଦିଗରେ ଏହା ବେଶ୍ ସହାୟକ ହେବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଦୀର୍ଘ ବର୍ଷ ଧରି ଲୋକଙ୍କ ପ୍ରିୟଭାଜନ ହୋଇପାରିଥିବା ବ୍ରାଣ୍ଡର ଅନ୍ୟ ଉତ୍ପାଦ ଭଳି ଏହି ନୂତନ ଉତ୍ପାଦ ମଧ୍ୟ ଗ୍ରାହକଙ୍କର ରୋଗ ଉପଶମ କରିବ ବୋଲି ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ଗୁଜରାଟର ଭାବନଗରସ୍ଥିତ ଶେଠ୍ ବ୍ରଦର୍ସ ଦ୍ୱାରା କାୟମ ଚୂର୍ଣ୍ଣ ଆଡ୍‌ଭାନ୍ସ ଗ୍ରାନୁଲ୍ସ ପ୍ରସ୍ତୁତ କରାଯାଇଛି। ଏହା ଦୀର୍ଘ ବର୍ଷ ହେବ ରୋଗୀଙ୍କ ପାଇଁ ବେଶ୍ ସହାୟକ ହେଉଛି।




# ଆକ୍ସିସ ବ୍ୟାଙ୍କର ୪ର୍ଥ ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୨୭।୪**

ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ ଗୁରୁବାର ମୁମ୍ବାଇଠାରେ ଅନୁଷ୍ଠିତ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ବୋର୍ଡ ବୈଠକରେ ଉକ୍ତ ଆର୍ଥିକ ଫଳାଫଳକୁ ମଞ୍ଜୁରି ପ୍ରଦାନ କରାଯାଇଛି। ବିଶେଷ କରି ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ ବ୍ୟାଙ୍କର ଟିକସ ପରବର୍ତ୍ତୀ ଲାଭ ବାର୍ଷିକ ଭିତିରେ ୬୧% ବୃଦ୍ଧି ପାଇ ୬,୬୨୫ କୋଟି ଟଙ୍କା ହୋଇଛି। ବର୍ଷତମାମ ପାଇଁ ଟିକସ ପରବର୍ତ୍ତୀ ଲାଭ ବାର୍ଷିକ ଭିତିରେ ୬୮% ବୃଦ୍ଧି ପାଇ ୨୧,୯୩୩ କୋଟି ଟଙ୍କା ହୋଇଛି। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଅମିତାଭ ଚୌଧୁରୀ କହିଛନ୍ତି, ଆମେ ଦୃଢ଼ତା ଉପରେ କାମ କରୁଛୁ, ଯେଉଁଥିରୁ ଫଳ ମିଳିବା ଆରମ୍ଭ ହୋଇଯାଇଛି। ୨୦୨୨-୨୩ର ୪ର୍ଥ ତ୍ରୈମାସିକରେ ଆମେ ଭାରତ ନେଟ୍ ବ୍ୟାଙ୍କିଙ୍ଗ ଓ ଡିଜିଟାଲ୍ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ହାସଲ କରିଛୁ। ବିଶେଷ କରି ଅର୍ଥପୂର୍ଣ୍ଣ ଭାବେ ଏକ ଦୃଢ଼ ଫ୍ରାଞ୍ଚାଇଜି ଗଠନ ସହ ଆମେ ଏହି ବର୍ଷକୁ ଶେଷ କରୁଛୁ। ଆଲୋଚ୍ୟ ଆର୍ଥିକ ବର୍ଷରେ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ସିଟି ବ୍ୟାଙ୍କ ଇଣ୍ଡିଆର ଉପଭୋକ୍ତା ବ୍ୟବସାୟ ଅଧିଗ୍ରହଣକୁ ଶେଷ ଶେଷ କରାଯାଇଛି। ସିଟିବ୍ୟାଙ୍କ ଇଣ୍ଡିଆର ଋଣ, କ୍ରେଡିଟ୍ କାର୍ଡ, ସଂପତି ପରିଚାଳନା ଏବଂ ରିଟେଲ୍ ବ୍ୟାଙ୍କିଙ୍ଗ କାରବାରକୁ ବ୍ୟାଙ୍କ ଅଧିଗ୍ରହଣ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ଅଧିଗ୍ରହଣ ଦ୍ୱାରା ଆକ୍ସିସ୍ ବ୍ୟାଙ୍କ ନିଜକୁ ଭାରତର ଏକ ବୃହତ ବ୍ୟାଙ୍କ ଭାବେ ଉପସ୍ଥାପନ କରିପାରିଛି ଏବଂ ଏହା ବ୍ୟାଙ୍କର ପ୍ରିମିୟମ୍ ବଜାର ଅଂଶ ବଢ଼ାଇବାରେ ସହାୟକ ହେବ। ସିସିଆଇ ଅନୁମୋଦନ ମିଳିବାର ସାତ ମାସ ଭିତରେ ଏହି କାର୍ଯ୍ୟ ଶେଷ ହୋଇଛି। ଇଜିଟ୍ୟାପ୍ ବାଏ ରେଜରପେ ଓ ମାଇଁପିନ୍‌ପ୍ୟାଡ୍ ସହଯୋଗିତାରେ ଡିଜିଟାଲ୍ ପେମେଂଟ୍ ଗ୍ରହଣ କରିବା ଲାଗି ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ 'ମାଇକ୍ରୋପେ'ର ଶୁଭାରମ୍ଭ କରାଯାଇଛି।

# ବେଦାନ୍ତକୁ ଆଉ ଏକ ଜାତୀୟସ୍ତରୀୟ ସ୍ୱୀକୃତି

**ଭୁବନେଶ୍ୱର,୨୭।୪**



ବେଦାନ୍ତ ଆଲୁମିନିୟମର ଓଡ଼ିଶା ୟୁନିଟ୍(ଝାରସୁଗୁଡ଼ା)କୁ ନିକଟରେ ଆଉ ଏକ ଜାତୀୟସ୍ତରୀୟ ସ୍ୱୀକୃତି ପ୍ରଦାନ କରାଯାଇଛି। ବିଶେଷକରି କମ୍ପାନୀର ଝାରସୁଗୁଡ଼ାଠାରେ ଥିବା ସ୍ପେଶାଲ ଇକୋନୋମିକ୍ ଜୋନ୍ (ସେଜ୍) ମଧ୍ୟରେ ଥିବା କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟରେ ଆଲୁମିନିୟମ ଷ୍ଟିୱାର୍ଡଶିପ୍ ଇନିସିଏଟିଭ୍ (ଏଏସ୍‌ଆଇ) ପ୍ରଦର୍ଶନ ମାନାଙ୍କ ପ୍ରମାଣିତ ହୋଇଛି। ଏପରିକି ଏଏସ୍‌ଆଇ କାର୍ଯ୍ୟଦକ୍ଷତା ମାନକ ଭି୨ (୨୦୧୭) ପ୍ରମାଣପତ୍ର ମଧ୍ୟ ହାସଲ କରିଛି, ଯାହା ବିଲେଟ୍, ତାରବାଡ଼, ପ୍ରାଥମିକ ଫାଉଣ୍ଡ୍ରି ଆଲୋଏସ୍ (ପିଏଫ୍‌ଏ) ଆକାରରେ ସମସ୍ତ ପ୍ରାଥମିକ ଆଲୁମିନିୟମ ଉତ୍ପାଦର ଉତ୍ପାଦନ ଏବଂ ଯୋଗାଣ ପାଇଁ ଇନ୍‌ଗୋଟ୍ ଏବଂ ସୋ ଇନ୍‌ଗୋଟ୍ ଏବଂ କମ୍ କାର୍ବନ ଯୁକ୍ତ ଆଲୁମିନିୟମ ଉତ୍ପାଦଗୁଡିକ 'ରେଷ୍ଟୋରା' ବ୍ରାଣ୍ଡ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି। ବେଦାନ୍ତ ଲିମିଟେଡ୍ (ଆଲୁମିନିୟମ୍ ବ୍ୟବସାୟ)ର ସିଇଓ ରାହୁଲ ଶର୍ମା କହିଛନ୍ତି, ଆଲୁମିନିୟମ ହେଉଛି ଏକ ଗତିଶୀଳ ଏବଂ ଦ୍ରୁତଗତିରେ ବିକାଶଶୀଳ ଶିଳ୍ପ, ଯାହାକି ଏକ ସ୍ଥିରତା-ସଚେତନ ଦୁନିଆରେ ଅଧିକ ପ୍ରୟୋଗ ପାଇଁ ସମ୍ଭାବନା କମ୍। କାର୍ବନ ଭବିଷ୍ୟତର ମେରୁଦଣ୍ଡ ଭାବେ ଆଲୁମିନିୟମ୍‌ର ଅନନ୍ୟ ଗୁଣ। ଏହାକୁ ବିଶ୍ୱର ଶକ୍ତି ପରିବର୍ତ୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ଧାତୁରେ ପରିଣତ କରିଥାଏ। ବେଦାନ୍ତ ଆଲୁମିନିୟମ୍ ଏଏସ୍‌ଆଇ ସଦସ୍ୟ ତାଲିକାରେ ଯୋଗଦେଇ ଆନନ୍ଦିତ। ଏଏସ୍‌ଆଇ କାର୍ଯ୍ୟଦକ୍ଷତା ମାନକର ପ୍ରମାଣିତ ହୋଇଛି। ସ୍ଥାୟୀ ଏବଂ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ଅଭ୍ୟାସ ମାଧ୍ୟମରେ ଆମର ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହା ଆମର ପ୍ରତିବଦ୍ଧତାର ସାକ୍ଷ୍ୟ। ଦୁନିଆର ଅଗ୍ରଣୀ ଆଲୁମିନିୟମ ଉତ୍ପାଦକମାନଙ୍କ ମଧ୍ୟରୁ ଜଣେ ହୋଇ ଆସନ୍ତାକାଲି ସବୁଜ ପରିବେଶ ପାଇଁ ଆଲୁମିନିୟମର ଅସୀମ ସମ୍ଭାବନାକୁ 'ଭବିଷ୍ୟତର ଧାତୁ' ଭାବେ ଅନୁସନ୍ଧାନ କରିବା ପାଇଁ ଆମର ଦୃଢ଼ତାକୁ ସୂଚାଇଥାଏ।

# ଏସ୍‌ବିଆଇଏଲ୍‌ଆଇର ବାର୍ଷିକ ଫଳାଫଳ

**ନୂଆଦିଲ୍ଲୀ,୨୭।୪**

ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ (ଏସ୍‌ବିଆଇଏଲ୍‌ଆଇ)ର ବାର୍ଷିକ (୨୦୨୨-୨୩ ଆର୍ଥିକ ବର୍ଷ) ଫଳାଫଳ ନିକଟରେ ପ୍ରକାଶ ପାଇଛି। ଏପରିକି ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ଏସ୍‌ବିଆଇଏଲ୍‌ଆଇ ମୋଟ ୨୯,୫୮୯ କୋଟି ଟଙ୍କାର ନୂଆ ବ୍ୟବସାୟ ପ୍ରିମିୟମ ହାସଲ କରିଛି, ଯାହା ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ୨୫,୪୫୭ କୋଟି ଟଙ୍କା ଥିଲା। ସେହିଭଳି ନିୟମିତ ପ୍ରିମିୟମ୍ ଏହି ସମୟ ମଧ୍ୟରେ ୧୭% ବୃଦ୍ଧି ପାଇଛି। ସୁରକ୍ଷା ଉପରେ ସ୍ପଷ୍ଟ ଗୁରୁତ୍ୱ ରଖି ଏସ୍‌ବିଆଇ ଲାଇଫ୍‌ର ସୁରକ୍ଷା ନୂଆ ବ୍ୟବସାୟ ପ୍ରିମିୟମ୍ ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ୩,୬୩୬ କୋଟି ଟଙ୍କା ହୋଇଛି। ଯାହା ପୂର୍ବବର୍ଷ ତୁଳନାରେ ୧୯% ଅଧିକ ବୋଲି କୁହାଯାଇଛି। ସେହିପରି ସୁରକ୍ଷା ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମୟମ ୧୬% ବୃଦ୍ଧି ପାଇଥିବା ବେଳେ ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ୯୯୬ କୋଟି ଟଙ୍କା ହୋଇଛି। ବ୍ୟକ୍ତି ନୂଆ ବ୍ୟବସାୟ ପ୍ରିମିୟମ୍ ୨୭% ବୃଦ୍ଧି ପାଇ ୨୦,୯୦୬ କୋଟି ଟଙ୍କା ହୋଇଛି। ଏସବିଆଇ ଲାଇଫ୍‌ର ଟିକସ ପରବର୍ତ୍ତୀ ଲାଭ ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ୧,୭୨୧ କୋଟି ଟଙ୍କା ହୋଇଛି। ଏହି ସମୟ ସୁଦ୍ଧା କମ୍ପାନୀର ସୋଲଭେନ୍‌ସି ରେସିଓ ୨.୧୫ ରହିଛି, ଯାହା ପୂର୍ବ ବର୍ଷ ୧.୫୦ ଥିଲା। ଏସ୍‌ବିଆଇ ଲାଇଫ୍‌ର ପରିଚାଳନା ଅଧୀନ ସଂପତି ୧୫% ବୃଦ୍ଧି ପାଇ ୩,୦୭,୩୩୯ କୋଟି ଟଙ୍କା ହୋଇଛି। ଯାହା ପୂର୍ବବର୍ଷ ୨,୬୭,୪୦୯ କୋଟି ଟଙ୍କା ଥିଲା। ଡେବଟ-୍ ଇକ୍ୱିଟି ଅନୁପାତ ୭୧:୨୯ ରହିଛି, ୯୪%ରୁ ଅଧିକ ଡେବ୍‌ଟ ନିବେଶ ଏଏଏ କିମ୍ବା ସୋଭରେନ୍ ଇନଷ୍ଟ୍ରୁମେଣ୍ଟରେ ରହିଛି। କମ୍ପାନୀର ବିବିଧ ବଣ୍ଟନ ନେଟ୍‌ୱର୍କରେ ୨,୭୫,୩୭୪ ତାଲିମପ୍ରାପ୍ତ ବୀମା ପ୍ରଫେସନାଲ ରହିଛନ୍ତି। ସେଥିରେ ବ୍ୟାଙ୍କ ଇସ୍ୟୁରାନ୍ସ ଚ୍ୟାନେଲ୍, ଏଜେନ୍ସି ଚ୍ୟାନେଲ୍, କର୍ପୋରେଟ୍ ଏଜେଣ୍ଟ୍, ପଏଣ୍ଟ ଅଫ ସେଲ୍ ପର୍ସନ, ବୀମା ମାର୍କେଟିଂ କମ୍ପାନୀ, ୱେବ୍ ଏଗ୍ରିଗେଟର ଓ ଡାଇରେକ୍ଟ ବ୍ୟବସାୟ ଆଦି ରହିଛି।

# ଓଏମ୍‌ସି କର୍ମଚାରୀଙ୍କୁ 'ଲଙ୍ଗ୍ ସର୍ଭିଂ ଆୱାର୍ଡ'




**ଭୁବନେଶ୍ୱର,୨୭।୪**

ଓଡ଼ିଶା ଖଣି ନିଗମ (ଓଏମ୍‌ସି) ର ମୁଖ୍ୟାଳୟରେ କାର୍ଯ୍ୟରତ ଥିବା ୧୬୪ କର୍ମଚାରୀଙ୍କୁ ଗୁରୁବାର ଏକ ସ୍ୱତନ୍ତ୍ର ସମାରୋହରେ ସମ୍ମାନିତ କରାଯାଇଛି। ଓଏମ୍‌ସିରେ ଦୀର୍ଘ ସମୟ ଧରି କାର୍ଯ୍ୟ କରିବା ସହ ସେବା ପ୍ରଦାନ କରିଥିବାରୁ ସମ୍ପୃକ୍ତ କର୍ମଚାରୀଙ୍କୁ ନିଗମ ପକ୍ଷରୁ 'ଲଙ୍ଗ୍ ସର୍ଭିଂ ଆୱାର୍ଡ'ରେ ସମ୍ମାନିତ କରାଯାଇଛି।

ଏ ସମ୍ପର୍କରେ ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ କହିଛନ୍ତି, ଦୀର୍ଘ ବର୍ଷ ଧରି ନିରନ୍ତର ଭାବେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ପ୍ରୋତ୍ସାହିତ କରିବା ସହ ନିଗମ ପ୍ରତି ରହିଥିବା ଅବଦାନ ଲାଗି ଏଭଳି ପୁରସ୍କାରର ପରିକଳ୍ପନା କରାଯାଇଛି। ସେମାନଙ୍କର ପ୍ରତିବଦ୍ଧତା ଓଏମ୍‌ସିକୁ କ୍ରମାଗତ ଭାବେ ସାଧାରଣ ଲୋକଙ୍କୁ ସେବା କରିବାରେ ସକ୍ଷମ କରିବା ସହ ଭାରତର ଏକ ବୃହତ୍ତମ ତଥା ଅଗ୍ରଣୀ ଖଣିଜ ପ୍ରତିଷ୍ଠାନ ଭାବେ ପ୍ରତିଷ୍ଠିତ କରାଇବାରେ ସକ୍ଷମ ହୋଇଛି।

ଅପରପକ୍ଷରେ ପୁରସ୍କାର ପାଇଥିବା

## ୧୬୪ କର୍ମଚାରୀ ପୁରସ୍କୃତ

କର୍ମଚାରୀମାନଙ୍କ ମଧ୍ୟରୁ ୧୫୦ଜଣ ୨୫ ବର୍ଷ ଧରି କାର୍ଯ୍ୟ କରିଥିବା ବେଳେ ଅବଶିଷ୍ଟ ୧୪ ଜଣ ୧୫ ବର୍ଷ ଧରି କ୍ରମାଗତ ଭାବେ ଓଏମ୍‌ସିରେ କାର୍ଯ୍ୟ କରିଛନ୍ତି। ସେହିପରି ସେମାନଙ୍କ ପ୍ରତିବଦ୍ଧତା ଓ ନିଃସ୍ୱାର୍ଥପର ସେବାର ସ୍ୱୀକୃତି ସ୍ୱରୂପ ଭୁବନେଶ୍ୱରଠାରେ ନିଗମ ପକ୍ଷରୁ ଆୟୋଜିତ ଲଙ୍ଗ୍ ସର୍ଭିଂ ଆୱାର୍ଡ ସମାରୋହରେ ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ପୃକ୍ତ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଅବସରରେ ଓଏମ୍‌ସିର ସାଧାରଣ ପରିଚାଳକ (କାର୍ମିକ ଓ ପ୍ରଶାସନ) ତଥା ବରିଷ୍ଠ ଓଏଏସ୍ ଅଧିକାରୀ ଅଶୋକ କୁମାର ବେହେରାଙ୍କ ସମେତ କମ୍ପାନୀର ଉଚ୍ଚପଦସ୍ଥ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ପୁରସ୍କାରପ୍ରାପ୍ତ କର୍ମଚାରୀମାନେ ନିଗମ ସମ୍ପର୍କରେ ନିଜ ନିଜର ଅଭିଜ୍ଞତା ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ନିଗମର କର୍ତ୍ତୃପକ୍ଷ ମଧ୍ୟ ସେମାନଙ୍କ କଲ୍ୟାଣ ପାଇଁ ବହୁବିଧ ପଦକ୍ଷେପ ନେଉଥିବାରୁ ସେମାନେ ଉଭୟ ଓଏମ୍‌ସି ଓ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ମଧ୍ୟ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ, ଓଏମ୍‌ସିର ବିଭିନ୍ନ ଖଣି ଅଞ୍ଚଳରେ ଥିବା କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ମଧ୍ୟ ଲଙ୍ଗ୍ ସର୍ଭିସ୍ ଆୱାର୍ଡ ପ୍ରଦାନ କରାଯାଇଛି। ନିଗମ କ୍ରମାଗତ ଭାବେ କର୍ମଚାରୀଙ୍କ ଦକ୍ଷତା ବିକାଶ ଏବଂ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛି। ଏହି ଲଙ୍ଗ୍ ସର୍ଭିସ୍ ଆୱାର୍ଡ ତା' ମଧ୍ୟରୁ ଅନ୍ୟତମ ବୋଲି ନିଗମ ପକ୍ଷରୁ କୁହାଯାଇଛି।

# ସିଜିୟୁରେ ଜି-୨୦ କନ୍‌କ୍ଲେଭ



**ଭୁବନେଶ୍ୱର,୨୭।୪**

ସି.ଭି.ରମଣ.ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ)ରେ ଜି-୨୦ କନ୍‌କ୍ଲେଭ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ସିଜିୟୁର ଷ୍ଟାର୍ଟଅପ୍ ଇନ୍‌କ୍ୟୁବେଟର ଏଆଇସି ସିଭିଆର୍‌ସିଇଏଫ୍ ଦ୍ୱାରା 'ଖାଦ୍ୟପେୟର ଭବିଷ୍ୟତ ଓ କାର୍ଯ୍ୟ ବିଷୟରେ ଆଶା' ଶୀର୍ଷକ ବିଷୟବସ୍ତୁ ଉପରେ ଉକ୍ତ କନ୍‌କ୍ଲେଭର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏନ୍‌ଏବିଏଲ୍‌ର ସିଇଓ ଏନ୍.ଭେଙ୍କଟେଶ୍ୱରନ୍, ଷ୍ଟାର୍ଟ ଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଚେୟାରମ୍ୟାନ୍, ଡ.ଓମ୍‌କାର ରାୟ, ଏଫ୍‌ଏସ୍‌ଏସ୍‌ଏଆଇ ଆଞ୍ଚଳିକ ଶାଖାର ସହକାରୀ ନିର୍ଦ୍ଦେଶିକା ପାୟେଲ ମାଜି, ନ୍ୟୁଟ୍ରି ହବ୍‌ର ପ୍ରୋଗ୍ରାମ ମ୍ୟାନେଜର ଏନ୍.କ୍ରିଷ୍ଣା ଶ୍ରୀସାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ କର୍ମଶାଳାକୁ ଉଦ୍‌ଘାଟନ କରିବା ସହ ଏକ ଅନ୍ତର୍ଜାତୀୟସ୍ତରର ଫୁଡ୍ ଟେଷ୍ଟିଂ ଲାବରେଟୋରି ରଞ୍ଜିତା ଆନାଲିଟିକାଲ୍ ରିସର୍ଚ୍ଚ ଲାବରେଟୋରିର ଉଦ୍‌ଘାଟନ ମଧ୍ୟ କରିଥିଲେ। ସିଜିୟୁର ପ୍ରତିଷ୍ଠାତା ସଞ୍ଜିବ କୁମାର ରାଉତ କହିଥିଲେ, ଉପରୋକ୍ତ ତିନୋଟି ସଂଗଠନର ମିଳିତ ଉଦ୍ୟମ ନିଶ୍ଚିତ ଭାବେ ଅଧିକ ଖାଦ୍ୟ ଷ୍ଟାର୍ଟଅପ୍ ସୃଷ୍ଟି କରିବ। ଏପରିକି ସମାଜ ଉପରେ ଏହାର ପ୍ରଭାବ ଓ ରୋଜଗାରର ବାଟ ବାହାର କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।


ଓଡ଼ିଶା ସରକାର
GOVERNMENT OF ODISHA
OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)
Power House Square, Unit - V, Bhubaneswar
Tel. No.: 0674-2394873, Fax: 2391255/2391024
E-Mail: sdaorissa@nic.in, eic-epcei@nic.in
INVITATION FOR EXPRESSION OF INTEREST (EOI)
FOR EMPANELING ENERGY AUDIT FIRMS FOR CARRYING OUT ENERGY AUDIT IN INDUSTRY & BUILDINGS
No. AA-03: The Office of EIC (E)-cum-PCEI invites Expression of Interest from eligible energy auditing firms for empaneling of energy audit firms for carrying out Energy Audit in Industry & Buildings. The last date of receipt of complete application is upto15.05.2023. For all terms & conditions and to download the requisite forms please visit the website: http://eicelectricityodisha.nic.in.
The authority reserves the right to accept/reject any application without assigning any reason thereof.
Sd./- EIC (E)-cum-PCEI & SDA (Odisha)
OIPR-04068/11/0002/2324

OFFICE OF THE COLLECTOR, JAJPUR
(SPORTS DEPTT.)
Ph.: 06728-222001, E-mail: dm-jajpur@nic.in, dsojajpur@gmail.com
DETAIL EOI NOTICE
No. TT-5: District Sports Officer, Jajpur invites sealed Expression of Interest (EOI) in the prescribed format from reputed agencies for "Selection of Agency for Management, operation and maintenance of the District Sports Complex, Jajpur on lease".
The details of the EOI are available in the district website i.e. www.jajpur.nic.in.
Sd./- District Sports Officer, Jajpur
OIPR-29019/11/0002/2324

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SAMBALPUR
E-mail: serwcirclesbp@yahoo.com
Office Order No. 954 Dated: 24.04.2023
No. O-94: Due to unavoidable circumstances tender invited vide this office Bid ID No. PMGSY Tender Online RWCSBP 01/2023-24 & Bid ID No. PMGSY tender Online RWCSBP 02/2023-24 through this office Letter No. 803 Dt.05.04.2023 & Letter No. 814 Dt.05.04.2023 are hereby cancelled.
Sd./- Chief Construction Engineer
OIPR-25091/11/0004/2324 Rural Works Circle, Sambalpur

Government of Odisha
Higher Education Department
Timeline for Common P.G. Entrance Test (CPET-2023) & P.G. e-Admission for the session 2023-24 For State Public Universities and Colleges
No.N-08:Timeline for Common PG Entrance Test (CPET-2023) & e-Admission for the Session 2023-24 for State Public Universities and Colleges with PG Courses under the project 'Student Academic Management System (SAMS)' is given below. Any changes in the timeline will be published in the newspapers as well as on the website www.samsodisha.gov.in. Common Prospectus (CP) for CPET-2023 will be available on the said website. Kindly refer to the CP before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 01-May-2023 (02:00 PM) |
| 2 | Last date of applying online CAF through www.samsodisha.gov.in | 10-May-2023 (11:45 PM) |
| 3 | Editing of the CAF (if required) for the CAF submitted earlier. (No fresh CAF will be allowed during this period) | 11 -May-2023 & 12-May-2023 |
| 4 | Submission of applicant's data to State Selection Board (SSB) | 16-May-2023 |
| 5 | Availability of Hall Ticket on the website of the State Selection Board (SSB) i.e. https://ssbodisha.ac.in as well as on the SAMS website for downloading the Admit Card | 09-Jun-2023 (02:00 PM onwards) |
| 6 | Conduct of Entrance Examination (CPET-2023) | 23-Jun-2023 to 04-Jul-2023 (except 28-Jun-2023 & 30-Jun-2023) |
| 7 | Handing over the entrance marks to OCAC by SSB, Odisha | 16-Jul-2023 |
| 8 | Updation of Graduation/Equivalent marks by the applicant | 08-Jul-2023 (10:00 AM) to 15-Jul-2023 (11:45 PM) |
| 9 | Publication of subject-wise and State-wide merit list, Choice filling by eligible applicants & Publication of Provisional Allotment of Seats for different rounds | Dates will be notified by the Higher Education Department later |

For more details please contact: e-Admission Helpline (Toll Free) Number 155335 / 1800-345-6770
N.B.: Candidates, whose final U.G. results are awaited (not published), can also apply online in the Common Application Form (CAF) to appear CPET-2023. But, they must upload their marks prior to preparation of "Subject wise and statewide provisional rank" within the timeline, failing which, their applications will not be considered.
Sd./- Deputy Director
PTC Section
OIPR-11001/11/0001/2324

STATE HEALTH ASSURANCE SOCIETY
DEPTT. OF HEALTH & FAMILY WELFARE
GOVT. OF ODISHA
A1 Block, 2nd Floor, Toshali Bhawan, Satya Nagar, Bhubaneswar - 751007, District - Khordha, Odisha
Phone/Fax: 0674-2620500, Email ID: snaodisha@gmail.com
CORRIGENDUM NOTICE
No. E-61: The Advertisement publsihed on Dt.27.04.2023 vide Advertisement No. 01/2023 may be read as "A pre-bid meeting shall be held on 02.05.2023 (11.30 A.M.) instead of 02.05.2023 (11.30 P.M.)".
Sd./- Chief Executive Officer
State health Assurance Society, Odisha
OIPR-10170/11/0003/2324

ODISHA STATE AGRICULTURAL MARKETING BOARD (OSAMB)
(A Statutory Organization of Govt. of Odisha)
Plot No.1800 (P), Baramunda, Post-Khandagiri, Near Indian Oil Petrol Pump, Bhubaneswar
Ph.No.0674-2952410, Email:osamboard99@yahoo.com
No.03 Dated:27.04.2023
EXPRESSION OF INTEREST FOR EMPANELMENT OF AGENCIES FOR DISTRICT AND STATE LEVEL BUYER SELLER MEET
OSAMB invites Expression of Interest (EOI) for Empanelment of Agencies for District And State Level Buyer Seller Meet
No.CAD-367:The EOI documents covering the details of information, eligibility criteria, selection process and other terms & conditions can be downloaded from https://coop.odisha.gov.in from 28.04.2023. The last date for submitting the EOI documents through regd / speed post is 15.05.2023 by 5 P.M. The Submission of queries is by 5.00 PM of 06.05.2023. The technical bids will be opened on 16.05.2023 at 11 A.M. The Authority reserves the right to reject any / all proposals without assigning any reason thereof.
Sd./- General Manager
OSAM Board, Bhubaneswar
OIPR-01444/11/0001/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୬ ଦିନରେ ୨୨ ରାଲି କରିବେ ମୋଦି

## କର୍ଣ୍ଣାଟକ ନିର୍ବାଚନ

ବେଙ୍ଗାଲୁରୁ,୨୭।୪

କର୍ଣ୍ଣାଟକ ବିଧାନସଭା ନିର୍ବାଚନ ମେ' ୧୦ରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିପାଇଁ ପ୍ରଚାର ଜୋର୍‌ଦାର ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୯ ତାରିଖରୁ ଭାଜପା ପାଇଁ ପ୍ରଚାରର ମଙ୍ଗ ଧରିବେ। ସେ ୬ ଦିନରେ ୨୨ଟି ରାଲିରେ ଯୋଗଦେବେ। ଶନିବାର ବେଙ୍ଗାଲୁରୁରେ ଏକ ବିଶାଳ ରୋଡ୍‌ଶୋ'ରେ ପ୍ରଧାନମନ୍ତ୍ରୀ ସାମିଲ ହେବେ। ସେ ପ୍ରତି ଗସ୍ତରେ ୩ରୁ ଅଧିକ ରାଲିରେ ଯୋଗଦେବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି।



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ ବେଙ୍ଗାଲୁରୁର ହାଇ ଗ୍ରାଉଣ୍ଡସ ଥାନାରେ ଗୁରୁବାର କଂଗ୍ରେସ ନେତା ରଣଦୀପ ସୂର୍ଯ୍ୟେୱାଲା ଓ କର୍ଣ୍ଣାଟକ କଂଗ୍ରେସ ସଭାପତି ଡି.କେ. ଶିବକୁମାର ଏତଲା ଦେଉଛନ୍ତି।

# ଶାହାଙ୍କ ବିରୋଧରେ ଏତଲା ଦାବିକଲା କଂଗ୍ରେସ

ବେଙ୍ଗାଲୁରୁ,୨୭।୪ (ପି.ଟି.)

କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହେଲେ ଦଙ୍ଗା ପ୍ରପୀଡ଼ିତ ହେବ ଏବଂ ରାଜ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବ ବାଧାପ୍ରାପ୍ତ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଥିଲେ। କଂଗ୍ରେସ ତାଙ୍କ ବିରୋଧରେ ପୋଲିସରେ ଅଭିଯୋଗ କରିବା ସହ ଏଭଳି ମନ୍ତବ୍ୟ ପାଇଁ ଶାହା ଓ ଅନ୍ୟମାନଙ୍କ ବିରୋଧରେ ତୁରନ୍ତ ଏତଲା ଦାଏର କରିବାକୁ ଅନୁରୋଧ କରିଛି। କର୍ଣ୍ଣାଟକ ଦାୟିତ୍ୱରେ ଥିବା ଏଆଇସିସି ସାଧାରଣ ସମ୍ପାଦକ ରଣଦୀପ୍ ସିଂ ସୁର୍ଜେୱାଲା, ରାଜ୍ୟ କଂଗ୍ରେସ ସଭାପତି ଡି.କେ. ଶିବକୁମାର ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର ହାଇ ଗ୍ରାଉଣ୍ଡସ୍ ଥାନାକୁ ଯାଇ ଏସ୍ଏଚ୍ଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଗତ ୨୫ ତାରିଖରେ ଶାହା ବିଜୟପୁରାରେ ଏକ ସଭାକୁ ଉଦ୍‌ବୋଧନ ଦେବା ଅବସରରେ କଂଗ୍ରେସର ଭାବମୂର୍ତ୍ତି କ୍ଷୁର୍ଣ୍ଣ କରିବା ଲାଗି ମିଥ୍ୟା ଷଡ଼ଯନ୍ତ୍ରପୂର୍ଣ୍ଣ ବୟାନ ଦେଇଥିଲେ ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଉପସ୍ଥିତ ଲୋକଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଭେଦଭାବର ବାତାବରଣ ସୃଷ୍ଟି କରିବା ଶାହାଙ୍କ ମନ୍ତବ୍ୟର ଉଦ୍ଦେଶ୍ୟ ଥିଲା ବୋଲି କଂଗ୍ରେସ କହିଛି।

# ମନ୍ତ୍ରୀ, ଅଫିସର ଚଢ଼ିବେ ହାଇବ୍ରିଡ୍ ଗାଡ଼ି

ଭୁବନେଶ୍ୱର,୨୭।୪(ବ୍ୟୁରୋ)

- ସରକାର ସମସ୍ତଙ୍କୁ ସବ୍‌ସିଡି ଦିଅନ୍ତୁ: ଭାଜପା
- ପୁରୁଣା ଗାଡ଼ିକୁ ହଠାତ୍ ଛାଡ଼ିବା ବିଜ୍ଞତାର ପରିଚୟ ନୁହେଁ: କଂଗ୍ରେସ
- ପ୍ରଦୂଷଣ, ତେଲଖର୍ଚ୍ଚ କମିବ: ମନ୍ତ୍ରୀ

ଉଭୟ ତେଲ ଓ ବ୍ୟାଟେରିରେ ଚାଲୁଥିବା ହାଇବ୍ରିଡ୍ ଗାଡ଼ି ନେତା, ମନ୍ତ୍ରୀ ଏବଂ ଅଫିସରମାନେ ଚଢ଼ିବେ। ଅର୍ଥ ବିଭାଗର ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ପରିବହନ ବିଭାଗ ପକ୍ଷରୁ ଏ ନେଇ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। କିଏ କେତେ ଟଙ୍କାର ଗାଡ଼ି ଚଢ଼ିବେ ସେନେଇ ମଧ୍ୟ ନିଷ୍ପତ୍ତି ହୋଇଛି। ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଫିସରମାନେ ୨୫ ଲକ୍ଷ ଟଙ୍କା ମୂଲ୍ୟର ଟୟୋଟା ଇନୋଭା, ମହିନ୍ଦ୍ରା ଏସ୍‌ୟୁଭି ୫୦୦, ଟାଟା ହେକ୍ସା ଭଳି ହାଇବ୍ରିଡ୍ ଗାଡ଼ି ବ୍ୟବହାର କରିବେ।

ସେହିପରି ଜିଲାଜଜ୍, ପ୍ରମୁଖ ସଚିବ ତଥା ସଚିବ ପାହ୍ୟାର ଅଧିକାରୀମାନେ ମାରୁତି ସିଆଜ, ହୋଣ୍ଡା ସିଟି ଭଳି ଗାଡ଼ି ବ୍ୟବହାର କରିବେ, ଯାହାର ସର୍ବାଧିକ ମୂଲ୍ୟ ୧୫ ଲକ୍ଷ ଟଙ୍କା। ଜିଲାପାଳ, ଏସ୍‌ପିମାନେ ମଧ୍ୟ ୧୫ ଲକ୍ଷ ଟଙ୍କା ମୂଲ୍ୟର ମହିନ୍ଦ୍ରା ସ୍କର୍ପିଓ, ହ୍ୟୁଣ୍ଡାଇ କ୍ରେଟା ଓ ମହିନ୍ଦ୍ରା ମାରାକୋଭଳି ଗାଡ଼ି ବ୍ୟବହାର କରିବେ। ଏହାବ୍ୟତୀତ ଅନ୍ୟ ଗାଡ଼ି କେହି ବ୍ୟବହାର କରିପାରିବେ ନାହିଁ। ସରକାର ଚାହିଁଲେ ଭଡ଼ାରେ ଆଣି ଏହିସବୁ ଗାଡ଼ି ବ୍ୟବହାର କରିପାରିବେ ବୋଲି ଅର୍ଥ ବିଭାଗ କହିଛି।

ପରିବେଶ ସୁରକ୍ଷା ଦୃଷ୍ଟିରୁ ଏବେ ହାଇବ୍ରିଡ୍ ଗାଡ଼ିକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ହାଇବ୍ରିଡ୍ ଗାଡ଼ିରେ ପେଟ୍ରୋଲ, ଡିଜେଲ ସହିତ ବ୍ୟାଟେରି ବ୍ୟବହାର ହୋଇଥାଏ। ଏହି ଗାଡ଼ିଗୁଡ଼ିକର ବ୍ୟାଟେରିକୁ ଚାର୍ଜ କରିବାର ଆବଶ୍ୟକତା ନାହିଁ। ଗାଡ଼ି ଚାଲିବା ସମୟରେ ଆପେ ଏହି ବ୍ୟାଟେରି ଚାର୍ଜ ହୋଇଥାଏ। ତେବେ ସରକାରଙ୍କ ନିଷ୍ପତ୍ତିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ମନ୍ତ୍ରୀ, ଅଫିସରମାନଙ୍କର ଦାମିକା ଗାଡ଼ି ଥାଉ ଥାଉ ସରକାର ହଠାତ୍ କାହିଁକି ବହୁମୂଲ୍ୟ ହାଇବ୍ରିଡ୍ ଗାଡ଼ି କିଣିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ କହିଛନ୍ତି, ମୁଖ୍ୟମନ୍ତ୍ରୀ ଅନେକ ଜନହିତକର ପଦକ୍ଷେପ ନେଇଛନ୍ତି। ଇଲେକ୍ଟ୍ରିକ୍ ଭେହିକିଲକୁ ନିକଟରେ କ୍ୟାବିନେଟ ଅନୁମୋଦନ କରିଛନ୍ତି। ଏହି ଗାଡ଼ିଗୁଡିକ ପ୍ରଦୂଷଣ କମ୍ କରିବା ସହ ତେଲ ମଧ୍ୟ ବଞ୍ଚାଇବ। ସେଥିପାଇଁ ସରକାର ସବ୍‌ସିଡି ବ୍ୟବସ୍ଥା କରିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ରାଜ୍ୟ ଭାଜପା ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି, ରାଜ୍ୟ ସରକାର ଅଫିସରମାନଙ୍କୁ ଯେତେ ସୁବିଧା ଦେବା କଥା ଦେଇଚାଲିଛନ୍ତି। ଏଥିରେ କିଛି ନୂଆ ନାହିଁ। ରାଜ୍ୟ ସରକାର ଯଦି ପ୍ରଦୂଷଣ କମ୍ କରିବାକୁ ଚାହୁଁଛନ୍ତି ତେବେ ସମସ୍ତଙ୍କୁ ସବ୍‌ସିଡି ଦିଅନ୍ତୁ। କେବଳ ନେତା କି ମନ୍ତ୍ରୀ ନୁହନ୍ତି, ଜନସାଧାରଣ ଯେଉଁମାନେ ଇଲେକ୍ଟ୍ରିକ୍ ଗାଡ଼ି କିଣିବାକୁ ଚାହୁଛନ୍ତି ଦିଲ୍ଲୀ ଏବଂ ଅନ୍ୟ ରାଜ୍ୟ ଭଳି ସମସ୍ତଙ୍କୁ ସବ୍‌ସିଡି ଦିଅନ୍ତୁ।

ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିଛନ୍ତି, ପେଟ୍ରୋଲ ଓ ଡିଜେଲ ଉପରେ ନିର୍ଭରଶୀଳତା କମିବା ଆବଶ୍ୟକ। ହାଇବ୍ରିଡ୍ ଗାଡ଼ିର ଦାମ୍ ବହୁତ ବେଶି। ଯେଉଁ ଗାଡ଼ିଗୁଡ଼ିକ ଅଛି ତାକୁ ଛାଡ଼ିଦେଇ ହଠାତ୍ ହାଇବ୍ରିଡ୍ ଗାଡ଼ି କିଣିବା ବିଜ୍ଞତାର ପରିଚୟ ନୁହେଁ। କିନ୍ତୁ ଯେଉଁ ଗାଡ଼ିଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଉପରେ କମ୍ ନିର୍ଭରଶୀଳ ସେଭଳି ଗାଡ଼ି ବ୍ୟବହାର କରିବା ଆବଶ୍ୟକ। ମାତ୍ର ଧୀରେ ଧୀରେ ତାହା କରିବା ଜରୁରୀ।

# ଶ୍ରୀମନ୍ଦିର ରତ୍ନଭଣ୍ଡାର: ତେଜିଲା ରାଜନୀତି

ଭୁବନେଶ୍ୱର,୨୭।୪(ବ୍ୟୁରୋ)

## ଡୁପ୍ଲିକେଟ୍ ଚାବି ପ୍ରସଙ୍ଗ

- ବିଳମ୍ବ ନ କରି ରତ୍ନଭଣ୍ଡାର ଖୋଲନ୍ତୁ: ଭାଜପା
- ମନଗଢ଼ା କାହାଣୀ କହି ରାଜନୀତି କରିବା ଓଡ଼ିଶା ଭାଜପାର ଅଭ୍ୟାସ: ବିଜେଡି
- କମିଶନଙ୍କ ରିପୋର୍ଟ ସାର୍ବଜନୀନ କରନ୍ତୁ: କଂଗ୍ରେସ

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାକୁ ନେଇ ପୁଣି ରାଜନୀତି ଆରମ୍ଭ ହୋଇଛି। ଚାବି ହଜିବା ଘଟଣାର ସାଢ଼େ ୪ ବର୍ଷ ପରେ ଜଷ୍ଟିସ୍ ରଘୁବୀର ଦାସ କମିଶନଙ୍କ ରିପୋର୍ଟ ସାର୍ବଜନୀନ ନ ହେବା ଓ ଏହାକୁ ନେଇ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ଜବାବ ତଲବ ପରେ ସରକାରଙ୍କୁ ବିରୋଧୀ ପୁଣି ଆକ୍ରମଣ କରିଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ଭାଜପା ସରକାରଙ୍କୁ କଡ଼ା ସମାଲୋଚନା କରିଛି। ଭାଜପା ମୁଖପାତ୍ର ତଥା ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଗୁରୁବାର ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ଓଡ଼ିଆ ଜାତିର ଆରାଧ୍ୟ ଦେବତା ଓ ସମଗ୍ର ବିଶ୍ୱ ଯେଉଁ ପ୍ରଭୁଙ୍କୁ ପୂଜା କରୁଛି ତାଙ୍କର ଅମୂଲ୍ୟ ସମ୍ପତ୍ତି ସୁରକ୍ଷିତ ନେଇ ୧୯୫୫ରେ ଆଇନ ପ୍ରଣୟନ କରାଯାଇଥିଲା। ଏପ୍ରିଲ ୩, ୨୦୧୮ରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଏକ ବଡ଼ ଅନୁଧ୍ୟାନକାରୀ ଦଳ ଧଳାଲୁଗା ପିନ୍ଧି ଅରୁଆ ଖାଇ କୂଅରେ ଗାଧୋଇ ମନ୍ଦିର ଭିତରକୁ ପ୍ରବେଶ କଲେ। ହେଲେ ରତ୍ନଭଣ୍ଡାର ଖୋଲିବା ପାଇଁ ପାଖରେ ଚାବିକାଠି ନ ଥିଲା। ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ବିବୃତି ଦେଲେ, ରତ୍ନଭଣ୍ଡାର ଚାବି ମିଳୁନି। ଏହାପରେ ସାରା ରାଜ୍ୟରେ ଆନ୍ଦୋଳନ ହେଲା ଓ ପ୍ରତିବାଦର ସ୍ୱର ଉଠିଲା। ମୁଖ୍ୟମନ୍ତ୍ରୀଙ୍କ ନାଁରେ ଭାଜପା ପୁରୀ ସିଂହଦ୍ୱାର ଥାନାରେ ଏତଲା ଦେଇଥିଲେ ବି ପୋଲିସ ମାମଲା ରୁଜୁ କଲା ନାହିଁ। ଭାଜପାର ତୀବ୍ର ଆନ୍ଦୋଳନ ପରେ ରାଜ୍ୟ ସରକାର ଜୁନ୍ ୬ରେ ଜଷ୍ଟିସ୍ ରଘୁବୀର ଦାସ କମିଶନ ଗଠନ କଲେ। କମିଶନଙ୍କ ପାଇଁ ରାଜ୍ୟ ସରକାର ୨୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିବାର ୬ମାସ ପରେ ଗୋଟିଏ ରିପୋର୍ଟ ସାମ୍ନାକୁ ଆସିଲା। ରତ୍ନଭଣ୍ଡାର ଚାବି ପ୍ରସଙ୍ଗରେ ସେତେବେଳେ ଭାଜପା ମାମଲା ରୁଜୁ କରିବା ପରେ ଜିଲାପାଳ ନାଟକ କରି କହିଲେ, "ରେକର୍ଡ ରୁମ୍‌ରୁ ଗୋଟିଏ ଡୁପ୍ଲିକେଟ୍ ଚାବି ମିଳିଲା।" ୪୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଓଡ଼ିଶା ସରକାର ରତ୍ନଭଣ୍ଡାର ଚାବିକୁ ହଜେଇ ଦେଇଛନ୍ତି ବୋଲି ୨୦୧୮ରେ ଜଣାପଡ଼ିଲା। ରାଜ୍ୟ ସରକାର ପ୍ରଥମତଃ ସ୍ୱୀକାର କଲେ ଅରିଜିନାଲ ଚାବି ହଜିଛି ଓ ଡୁପ୍ଲିକେଟ୍ ଚାବି ମିଳିଛି। ଯଦି ପ୍ରକୃତରେ ମୂଳ ଚାବିର ଡୁପ୍ଲିକେଟ୍ ହୋଇଥାଏ ତା'ହାଲେ ରତ୍ନଭଣ୍ଡାର ଖୋଲିବାରେ ପ୍ରତିବନ୍ଧକ ରହିଲା କେଉଁଠି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ୫ ବର୍ଷ ହେଲା ସରକାର ରତ୍ନଭଣ୍ଡାର ଖୋଲୁନାହାନ୍ତି କାହିଁକି। ଯଦି ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାର ପ୍ରକୃତରେ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତିର ସୁରକ୍ଷା ଦିଗରେ ସାମାନ୍ୟତମ ଚିନ୍ତିତ ତାହାଲେ ତୁରନ୍ତ ରତ୍ନଭଣ୍ଡାର ଖୋଲନ୍ତୁ ବୋଲି ଆଚାର୍ଯ୍ୟ ଦାବି କରିଛନ୍ତି।

ଅନ୍ୟପକ୍ଷରେ ବିଜେଡି ମଧ୍ୟ ରତ୍ନଭଣ୍ଡାର ଚାବି ହଜିବା ଘଟଣାକୁ ନେଇ ପାଲଟା ଆକ୍ରମଣ କରିଛି। ରତ୍ନଭଣ୍ଡାର ପ୍ରସଙ୍ଗରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ବିଭିନ୍ନ ସ୍ୱର୍ଣ୍ଣକାତର ଘଟଣାରେ ମନଗଢ଼ା କାହାଣୀ କହି ରାଜନୀତି କରିବା ଓଡ଼ିଶା ଭାଜପାର ଅଭ୍ୟାସରେ ପରିଣତ ହୋଇଗଲାଣି। ରତ୍ନଭଣ୍ଡାର ପ୍ରସଙ୍ଗରେ ଭାଜପା ଯେଉଁ କାହାଣୀ ଶୁଣାଇଛି, ତାହା ଦେଖି ମନେହେଉଛି ଓଡ଼ିଶା ଭାଜପା ନେତାଙ୍କର ମଧ୍ୟ ସ୍ମୃତି ବିଭ୍ରମ ଘଟିଲାଣି। ସେମାନେ ସମ୍ଭବତଃ ଜାଣିନାହାନ୍ତି ଯେ ଆଜି ନୁହେଁ, ୧୯୮୫ ମସିହାରୁ ଦୀର୍ଘ ୩୮ ବର୍ଷ ଧରି ଶ୍ରୀମନ୍ଦିରର ରତ୍ନଭଣ୍ଡାର ଖୋଲା ହୋଇନାହିଁ। କାରଣ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ମିଳିତ ସରକାରରେ ଆଇନ ମନ୍ତ୍ରୀ ଥିବା ନିଜ ଦଳର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ମଧ୍ୟ ରତ୍ନଭଣ୍ଡାର ଖୋଲା ନ ହେବା ପାଇଁ ଭାଜପା ପରୋକ୍ଷରେ ଦାୟୀ କରିଛି। ରାଜନୀତି କରିବା ପାଇଁ ବିରୋଧୀ ଦଳ ପାଖରେ ଅନେକ ପ୍ରସଙ୍ଗ ଅଛି। ମାତ୍ର ସେପରି ନ କରି ଟାଣିଓଟାରି ବିଭିନ୍ନ ସ୍ୱର୍ଣ୍ଣକାତର ପ୍ରସଙ୍ଗରେ ରାଜନୀତି କରୁଛନ୍ତି ଏବଂ ଲୋକଙ୍କ ଧର୍ମୀୟ ଭାବନା ସହ ଖେଳ ଖେଳୁଛନ୍ତି। ଓଡ଼ିଶାବାସୀ ସେମାନଙ୍କୁ କେବେ କ୍ଷମା ଦେବେନାହିଁ ବୋଲି ଲେନିନ୍ କହିଛନ୍ତି।

କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିଛନ୍ତି, ଯଦି ସରକାର ଟ୍ରାନ୍ସପରେନ୍ସିରେ ବିଶ୍ୱାସ କରନ୍ତି ତେବେ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବା ଦରକାର। ଚାବି ଅଛି କି ନାହିଁ, ରତ୍ନଭଣ୍ଡାରରେ ରତ୍ନ ଅଛି କି ନାହିଁ ତାହା ଓଡ଼ିଶା ଜନସାଧାରଣଙ୍କର ଜାଣିବାର ଅଧିକାର ରହିଛି। ମନ୍ଦିର କଥାକୁ ଯେତିକି ଗୁରୁତର ସହ କରିବା କଥା ତାହା କରୁନାହାନ୍ତି ବୋଲି ବିଜୟ କହିଛନ୍ତି।

# ୫-ଟି ନାଁରେ ପ୍ରହେଳିକା: ଶରତ



ପିସିସି ସଭାପତି ଶରତ ପଟ୍ଟନାୟକ

ଭୁବନେଶ୍ୱର, ୨୭।୪(ବ୍ୟୁରୋ)

ରାଜ୍ୟ ସମସ୍ୟା ସମାଧାନ କ୍ଷେତ୍ରରେ ବିଫଳ ସରକାର ୫-ଟି ନାଁରେ ପ୍ରହେଳିକା ସୃଷ୍ଟି କରୁଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ଓଡ଼ିଶାର ଅର୍ଦ୍ଧେକ ଅର୍ଥାତ୍ ୧୫ ଜିଲାରେ ୪୦.୫% ଲୋକ ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ। ଆତ୍ମଶକ୍ତି ତଥା ଓଡ଼ିଶା ଶ୍ରମଜୀବୀ ମହିଳା ଓ ମହିଳା ଶ୍ରମଜୀବୀ ସଙ୍ଗଠନର ମିଳିତ ଉଦ୍ୟମରେ ପ୍ରସ୍ତୁତ ରିପୋର୍ଟରୁ ଏହା ଜଣାପଡ଼ିଛି। ଏହି ୧୫ ଜିଲା ମଧ୍ୟରେ ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ସୁନ୍ଦରଗଡ଼, ଗଜପତି ତଥା ଦେବଗଡ଼ ରହିଛି। ଅନୁରୂପ ଭାବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଅଘୋଷିତ ବିଦ୍ୟୁତ୍‌କାଟ କରାଯାଉଛି। ଭୋଲ୍‌ଟେଜ ଲୋ ରହୁଛି ଏବଂ ବିଜୁଳି ଉପଭୋକ୍ତା ଯନ୍ତ୍ରଣାରେ ଶଢ଼ୁଛନ୍ତି। ଦ୍ୱିତୀୟରେ ଓଡ଼ିଶା କୋଲ ଓ ପାୱାର କମ୍ପାନୀ (ଓସିପିଏଲ୍) ଆଇନ ତଥା କେନ୍ଦ୍ରୀୟ ନିର୍ଦ୍ଦେଶନାମା ଫାଙ୍କି ବ୍ୟବସାୟୀଙ୍କ ଉଦ୍ଦେଶ୍ୟରେ କୋଇଲା ଉତ୍ତୋଳନ କରୁଛନ୍ତି ଓ ବିକ୍ରି କରି ୪୭୯ କୋଟି ଟଙ୍କା ଲାଭ ଉଠାଇବା ବେଳେ ଖାଉଟିମାନେ ଅଧିକ ଦରରେ ତଣ୍ଡ ଗଣୁଛନ୍ତି। ରାଜ୍ୟ ସରକାର ସବୁ ଦେଖି ଆଖି ବୁଜି ଦେଇଛନ୍ତି। ଏହାଠୁ ବଳି ଅପରାଧ କ'ଣ ହୋଇପାରେ ବୋଲି ଶରତ ପ୍ରଶ୍ନ କରିଛନ୍ତି। ସେହିପରି ଏହି ଅବସରରେ କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିଛନ୍ତି, ୫-ଟି ଶାସନ ନାଁରେ ପ୍ରହସନ ଚାଲିଛି। କେବଳ ମିଥ୍ୟା ଆଉ ମିଥ୍ୟାକୁ ନେଇ ସରକାର ଚାଲିଛି।


# Classified Everyday 0674-2580101, 2549949



REAL ESTATE

SALE

Urgent Sale, New 2/3 BHK Flat (910/1240 Sq Ft) close to KIITS Square Rs 58/71 Lakhs/ ( Not negotiable) No broker. Contact-7016920388. D-0197

ରବିଟକିଜ ଛକରୁ 6 କିଲୋମିଟର ସାଇମନ୍ଦିର ନିକଟ ବାଙ୍କୁଆଳ ହାଇସ୍କୁଲ ପାଖରେ 1500 sqft ଜାଗା ସହ 3 Bedroom Duplex ମାତ୍ର 69 ଲକ୍ଷ। Bank finance available. Possession time one year. For details: 9438220432/ 8144658008. D-0200

Plot for sale in and around Bhubaneswar investment commercial and residential. 9777345831. D-71052

Hitech Medical ପଛପଟେ 30ft ପିଚୁରୋଡ ଥାଇ ପ୍ଲଟ ମିଳୁଛି-7008699350. D-74844

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଅନୁଗୁଳ, ଛେଣ୍ଡିପଦା ଅଞ୍ଚଳରେ ପଟ୍ଟାଥାଇ ବାସଉପଯୋଗୀ ପ୍ଲଟ କିଣିବା ପାଇଁ ଯୋଗାଯୋଗ କରନ୍ତୁ। 9437621753. D-75102

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ। ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ। ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛଡାବର 1200sqft. 3,00,000/-, ନଖରା- 300/-. 6371569855. D-74849

Plot for Sale ପାଚେରି ଓ ରାସ୍ତା ଥାଇ କଟକ ଜଗତପୁରରେ ପ୍ରତି ବର୍ଗଫୁଟକୁ @550 ଟଙ୍କାରେ ପ୍ଲଟ୍ ମିଳୁଛି। 7978201906. D-0193

PURCHASE

ଭୁବନେଶ୍ୱରରେ ପୁରୁଣା ୧/୨/୩ BHK ଫ୍ଲାଟ୍ ଏବଂ ଶସ୍ତା ପ୍ଲଟ୍ କିଣିବାକୁ ଚାହୁଁଛି- 7653898752. D-74306

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



CONSTRUCTION

Construct your dream home with competitive rate and for sharing projects. Contact Besco Developers, Bhubaneswar, 7735330028, 9778855101. D-0082



Room size.14'x15', ATM, Shop, Patholab near Saraswati Sishu Vidya Mandir, Sector 9, CDA Mob- 9438092705. D-13888

3BHK Semi-Furnished premium 1800sqft. flat pool facing-3 Bathrooms, Garage, Trident Galaxy, Paikarapur. 7205432039. D-71559



Newly open health benefits Spa special offer @999 Nayapalli. 7846814019. D-75101

Relax, Refresh your body, Mind at Saikrupa Spa with best therapies. 8984068077. D-0145

Newly open health benefits SPA special offer @ 799, Jaydev Vihar. 8018429809. D-75103

Full body massage in homely atmosphere in all therapy. Mob: 8114881641. D-73429

All types of professional body massage by professional therapy. 9556924059/ 7077933109. D-0202

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74674

SPA head to foot body point only massages best Therapist Gents & Lady Senior Citizen @999/- Bhubaneswar-9337672475. D-0171

AFFIDAVIT

I, Mamata Mohapatra, D/o Late Gopinath Mohapatra, At:Z1 Apartment, Tower 8/ 303, Kalarahanga, PS: Infocity, Bhubaneswar, PIN: 751024 declare by this affidavit No 38/2019 dated 03/10/2019 that now onwards I shall be known as Mamata Nanda for all future purposes. D-0199

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ସପ୍ତମ ଶ୍ରାଦ୍ଧ ବାର୍ଷିକୀ



ଅରୁଣ କୁମାର ମହାନ୍ତି
ଆବିର୍ଭାବ - ୧୯.୦୧.୧୯୫୯
ତିରୋଧାନ - ୨୮.୦୪.୨୦୧୬

ତୁମେ ଅକସ୍ମାତ ଆମକୁ ଶୋକସାଗରରେ ଭସାଇ ଅମର ପୁରକୁ ଚାଲିଗଲ। ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସଭାବ, କର୍ତ୍ତବ୍ୟ ନିଷ୍ଠା ଆମର ସର୍ବଦା ପାଥେୟ ହେଉ। ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।

ତୁମର ଶୋକ ସନ୍ତପ୍ତ :
ସ୍ତ୍ରୀ- ସାଗରିକା, ପୁତ୍ର- ଅଭିଷେକ
ଝିଅ- ଇପ୍‌ସିତା ଏବଂ ମହାନ୍ତି ପରିବାର ବର୍ଗ।
ଧ-୦୧୮୪

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସାବିତ୍ରୀ ଦେବୀ
ସ୍ୱାମୀ: ରାଜକିଶୋର ଦାଶ
ଶ୍ରୀରାମ ନଗର (ଖୋର୍ଦ୍ଧା)
ଆବିର୍ଭାବ: ୨୩।୦୮।୧୯୪୨
ସ୍ୱର୍ଗାରୋହଣ: ୧୯।୦୪।୨୦୨୩

ବୋଉଲୋ, ସବୁ ଠିକ୍‌ଠାକ୍ ଥିଲାବେଳେ ହଠାତ୍ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଆରପାରିକି ଚାଲିଗଲୁ। ତୋ ସ୍ନେହ, ଶ୍ରଦ୍ଧା, ପରୋପକାରିତା, ଆଦର୍ଶ, ନିଃସ୍ୱାର୍ଥପରତା ଆମ୍ଭମାନଙ୍କ ଚିର ପାଥେୟ ହେବ। ତୋ ଅମର ଆତ୍ମାର ଶାନ୍ତି ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ।
ଧ-୦୧୯୮

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ପ୍ରଭାସିନୀ ମଙ୍ଗରାଜ
ସାଇ ନିଡ଼ମ୍, ଗୌରୀ ନଗର, ଭୁବନେଶ୍ୱର-୨
ଆବିର୍ଭାବ-୨୨।୦୧।୧୯୪୯
ତିରୋଧାନ- ୧୨।୦୫।୨୦୦୮
(ନୀଳାଦ୍ରି ମହୋଦୟାଷ୍ଟମୀ)

ଆପଣଙ୍କର ଧର୍ମପରାୟଣତା, ପରୋପକାରିତା, ମିଷ୍ଟଭାଷିନତା, ଆତିଥ୍ୟପରାୟଣତା ଆମର ଚିର ପାଥେୟ ହେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥ ତଥା ଶ୍ରୀ ସତ୍ୟସାଇ ବାବାଙ୍କ ଚରଣାରବିନ୍ଦରେ ପ୍ରାର୍ଥନା। ସରଗପୁରରେ ଥାଇ ଦିଅହେ ଆଶିଷ ପ୍ରଭୁ ପାଦ ତଳେ ଏହି ଅଭିଳାଷ।

ଶୋକସନ୍ତପ୍ତ: ତୁମର ହତଭାଗ୍ୟ ସ୍ୱାମୀ: ଇଂ. ଅନ୍ତର୍ଯ୍ୟାମୀ ମଙ୍ଗରାଜ, ପୁଅ, ଝିଅ, ଜ୍ୱାଇଁ, ବୋହୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୦୨୦୩

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ଆଶୁକବି କୈଳାସ ଚନ୍ଦ୍ର ସାହୁଙ୍କ ପରଲୋକ



ଧର୍ମଶାଳା,୨୭।୪(ଡି.ଏନ.ଏ.): ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ କୋଟପୁର ଗ୍ରାମର ଆଶୁକବି କୈଳାସ ଚନ୍ଦ୍ର ସାହୁ(୫୮)ଙ୍କ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟା୩୦ରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଯକୃତ ରୋଗରେ ଆକ୍ରାନ୍ତ ହୋଇ ଯାଜପୁର ମେଡିକାଲରେ ଚିକିତ୍ସାଧୀନ ଥିଲେ। ସାହୁ ଧର୍ମଶାଳା ସାହିତ୍ୟ ସମାଜର ପ୍ରାକ୍ତନ ସାଧାରଣ ସମ୍ପାଦକ ଥିଲେ। ପରିବାରର ସ୍ୱଚ୍ଛଳତା ନ ଥିଲେ ମଧ୍ୟ ବିଭିନ୍ନ ସାହିତ୍ୟ ଅନୁଷ୍ଠାନରେ ଯୋଗଦେଇ ଉନ୍ନତମାନର କବିତା ପାଠ କରି ଶ୍ରୋତାମାନଙ୍କ ମନମୁଗ୍ଧ କରୁଥିଲେ। ତାଙ୍କର ବହୁ କବିତା ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶ ପାଇଛି।

# ପରିବର୍ତ୍ତିତ ପରିବେଶ ପାଇଁ ଯୁବବର୍ଗଙ୍କ ଦକ୍ଷତା ବିକାଶ ଜରୁରୀ

**ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀର ତୃତୀୟ ବୈଠକ**

- ଯୋଗଦେଲେ ଜି-୨୦ ସଦସ୍ୟ ରାଷ୍ଟ୍ର-ସମୂହର ପ୍ରତିନିଧି ମଣ୍ଡଳୀ
- ସାମାଜିକ କଲ୍ୟାଣ ପାଇଁ ସହଭାଗିତା ନିମନ୍ତେ ଆହ୍ୱାନ

ଭୁବନେଶ୍ୱର, ୨୭।୪ (ବ୍ୟୁରୋ)

ଶିକ୍ଷାର ପ୍ରସାର, ଗୁଣବତ୍ତା ଓ ପରିଣାମରେ ସୁଧାର ଆଣିବା ସହ ସାଧାରଣ ପ୍ରତିବଦ୍ଧତାକୁ ଦୋହରାଇବା ଲାଗି ଭାରତ ଅଧ୍ୟକ୍ଷତାରେ ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀ ମିଳିତ ଭାବେ କାର୍ଯ୍ୟ କରୁଛି। ଏବେ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଦେଖାଯାଉଛି। ଏହି ପରିବର୍ତ୍ତିତ କାର୍ଯ୍ୟ ପରିସ୍ଥିତି ସହିତ ଖାପଖୁଆଇବା ଲାଗି ଯୁବବର୍ଗଙ୍କୁ ଆବଶ୍ୟକ ଦକ୍ଷତା ବିକାଶ ଓ ଦୃଷ୍ଟିକୋଣ ସହିତ ପ୍ରସ୍ତୁତ କରିବାକୁ ହେବ ବୋଲି କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁଭାଷ ସରକାର କହିଛନ୍ତି। ଭୁବନେଶ୍ୱରଠାରେ ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀର ତୃତୀୟ ବୈଠକ ଅନୁଷ୍ଠିତ ହେଉଛି। ଗୁରୁବାର ପ୍ରତିନିଧିସ୍ତରୀୟ ଆଲୋଚନାର ପ୍ରଥମ ଦିନରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଯୋଗଦେଇ, ସାମାଜିକ କଲ୍ୟାଣ ଲକ୍ଷ୍ୟ ହାସଲ ନିମନ୍ତେ ମିଳିତ ବିଶେଷଜ୍ଞତାକୁ ଉପଯୋଗ କରିବା, ଦୃଢ଼ ଗବେଷଣା ଓ ଉଦ୍ଭାବନ ଇକୋସିଷ୍ଟମ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀର ବିଭିନ୍ନ ପ୍ରାଥମିକତା ପ୍ରସଙ୍ଗ ଉପରେ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଉଚ୍ଚ ଶିକ୍ଷା ବିଭାଗ ସଚିବ କେ. ସଞ୍ଜୟ ମୂର୍ତ୍ତି, ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ସଚିବ ସଞ୍ଜୟ କୁମାର, ଦକ୍ଷତା ବିକାଶ ଓ ଉଦ୍ୟମିତା ସଚିବ ଅତୁଲ ତିୱାରୀଙ୍କ ସମେତ ବିଭିନ୍ନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ ଜି-୨୦ ସଦସ୍ୟ ରାଷ୍ଟ୍ର, ନିମନ୍ତ୍ରିତ ରାଷ୍ଟ୍ର ଓ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନେ ଯୋଗଦେଇ ନିଜ ନିଜର ମତ ରଖିଥିଲେ।



ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀର ତୃତୀୟ ବୈଠକ ପୂର୍ବରୁ ଜନସଚେତନତା ସୃଷ୍ଟି ଲାଗି ଏପ୍ରିଲ ୧ ଉତ୍କଳ ଦିବସଠାରୁ ୧ ମାସ ଧରି ରାଜ୍ୟବ୍ୟାପୀ 'ଜନ ଭାଗୀଦାରି' ଅଭିଯାନ ଆୟୋଜନ କରାଯାଇଥିଲା। ଅଭିଯାନ ଅଧୀନରେ ୩୦ ଜିଲାରେ ଯୁବବର୍ଗ, ବିଶେଷକରି ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା ଶୋଭାଯାତ୍ରା, ଗଣଦୌଡ଼ ପ୍ରବନ୍ଧ ଲିଖନ ପ୍ରତିଯୋଗିତା, ଝୋଟି ପ୍ରତିଯୋଗିତା, ଯୋଗ ଶିବିର, ପ୍ରଶ୍ନୋତ୍ତର, ବକ୍ତୃତା, ବିତର୍କ ପ୍ରତିଯୋଗିତା, ଛାୟା ଜି-୨୦ ସମ୍ମିଳନୀ ଏବଂ ଅନେକ ସଚେତନତା କାର୍ଯ୍ୟକ୍ରମ ରାଜ୍ୟରେ ଆୟୋଜନ କରାଯାଇଥିଲା। ଅଭିଯାନରେ ୩୫ରୁ ଅଧିକ ଅନୁଷ୍ଠାନର ୧ଲକ୍ଷରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

# ୭ରେ ଝାରସୁଗୁଡ଼ା ଯାଇପାରନ୍ତି ନବୀନ

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ମେ' ୭ରେ ଝାରସୁଗୁଡ଼ା ଗସ୍ତ କରିବା ସମ୍ଭାବନା ରହିଛି। ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀ ଦୀପାଳି ଦାସଙ୍କ ସପକ୍ଷରେ ପ୍ରଚାର କରିବା ପାଇଁ ଯାଇପାରନ୍ତି ବୋଲି ବିଜେଡି ପକ୍ଷରୁ ସୂଚନା ମିଳିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମ ନେଇ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ବ୍ଲକ ଓ ପଞ୍ଚାୟତ ଦାୟିତ୍ୱରେ ଥିବା ବିଜେଡି ନେତାମାନେ ପ୍ରଚାର ମଇଦାନକୁ ମୁଖ୍ୟମନ୍ତ୍ରୀ ଆସିବେ ବୋଲି ଦଳୀୟ କର୍ମୀଙ୍କୁ ଅବଗତ କରୁଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ବିଜେଡିର ୧୦୦ରୁ ଅଧିକ ନେତା ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ୪ଟି ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଗୋଟିଏ ମ୍ୟୁନିସିପାଲିଟିର ସମସ୍ତ ୱାର୍ଡରେ ନିୟୋଜିତ ହୋଇଛନ୍ତି। ସେମାନେ ପଞ୍ଚାୟତ ଓ ୱାର୍ଡସ୍ତରରେ ବୈଠକ କରି ଏବେ ଦଳୀୟ ଭୋଟ ବୃଦ୍ଧି ପାଇଁ ପ୍ରୟାସରେ ଲାଗି ପଡ଼ିଛନ୍ତି। ନବ ଦାସଙ୍କ ହତ୍ୟା ରହସ୍ୟ ଏବେବି ଉନ୍ମୋଚିତ ହୋଇ ନ ଥିବାରୁ ଏହାର ନକାରାତ୍ମକ ପ୍ରଭାବ ସାଧାରଣ ଭୋଟରଙ୍କ ମଧ୍ୟରେ ରହିଥିବାରୁ ସେଥିପାଇଁ ଦଳର ସଭାପତି ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ବିଜେଡି ଯୋଜନା କରିଛି। ଦଳର ବରିଷ୍ଠ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଉପନିର୍ବାଚନ ଲାଗି ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକାରେ ଦଳ ସଭାପତି ନବୀନ ଅଛନ୍ତି । ତାଙ୍କର ଝାରସୁଗୁଡ଼ାକୁ ଆସିବା ଦିନ ଏପର୍ଯ୍ୟନ୍ତ ଧାର୍ଯ୍ୟ ହୋଇନାହିଁ। ତାଙ୍କ ଗସ୍ତ କାର୍ଯ୍ୟକ୍ରମ ପାଇଁ ବିଚାରବିମର୍ଶ ଚାଲିଛି। ତେବେ ବିଜେଡି ସୂତ୍ର ଅନୁସାରେ, ମେ' ୧୦ରେ ଭୋଟ ଗ୍ରହଣ ଥିବାରୁ ୮ ତାରିଖରେ ପ୍ରଚାର ଶେଷ ହେବ । ନବୀନ ୭ କିମ୍ବା ୮ରେ ଗୋଟିଏ ଦିନ ପାଇଁ ମାରାଥନ୍ ନିର୍ବାଚନ ପ୍ରଚାରକୁ ଓହ୍ଲାଇବେ।

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**ଅନିୟନ୍ତ୍ରିତ ବସ୍‌ଭଡ଼ା**

- କଟକରୁ ରସୁଲଗଡ଼ ୨୨ କିମିକୁ ଭଡ଼ା ୫୦ଟଙ୍କା
- ଝାରସୁଗୁଡ଼ାରୁ ସୁନ୍ଦରଗଡ଼ ୩୦ କିମିକୁ ଭଡ଼ା ୫୦ଟଙ୍କା

କଟକ ଅଫିସ,୨୭।୪

ରାଜ୍ୟର ବିଭିନ୍ନ ପଥରେ ଚାଲୁଥିବା ଘରୋଇ ଯାତ୍ରୀବାହୀ ବସ୍‌ରେ ଯାତ୍ରୀଙ୍କଠାରୁ ଅନିୟନ୍ତ୍ରିତ ଭାବେ ଭଡ଼ା ଆଦାୟ କରାଯାଉଛି। ଯାତ୍ରୀଙ୍କୁ ଉପଯୁକ୍ତ ଟିକେଟ ଦିଆଯାଉନାହିଁ। ଅଥଚ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ଏ ଦିଗରେ ନୀରବଦ୍ରଷ୍ଟା ସାଜିଛି। ରାଜ୍ୟ ସରକାର ନିର୍ଦ୍ଧାରଣ କରିଥିବା ଭଡ଼ା ଯାତ୍ରୀମାନଙ୍କଠାରୁ ଆଦାୟ କରାଯିବା ସହ ଟିକେଟ ପ୍ରଦାନ କରାଯିବାକୁ ନେଇ ସାମାଜିକ କର୍ମୀ ଡ. ସୁନିଲ କୁମାର ରଥ ହାଇକୋର୍ଟରେ ଗୁରୁବାର ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ରାଜ୍ୟ ପରିବହନ ବିଭାଗର ୨୦୨୨ ମେ' ୨୬ ତାରିଖର ବିଜ୍ଞପ୍ତି ଅନୁଯାୟୀ ବସ୍‌ଭଡ଼ା କିଲୋମିଟର ପିଛା ସାଧାରଣ ୮୯ ପଇସା, ଏକ୍ସପ୍ରେସ୍ ୯୩ ପଇସା, ଡିଲକ୍ସ ୧ ଟଙ୍କା ୨୯ ପଇସା, ଏସି ଡିଲକ୍ସ ୧ଟଙ୍କା ୫୭ ପଇସା, ସୁପର ପ୍ରିମିୟମ ୨ଟଙ୍କା ୪୪ ପଇସା ସ୍ଥିରୀକୃତ ହୋଇଛି। ହେଲେ ଏହି ଦର ଅନୁସାରେ ରାଜ୍ୟର ବିଭିନ୍ନ ରୁଟ୍‌ରେ ବସ୍‌ଭଡ଼ା ଆଦାୟ କରାଯାଉନାହିଁ। ଆବେଦନକାରୀ ବିଭିନ୍ନ ରୁଟ୍‌ରେ ବସ୍‌ଯାତ୍ରା କରିବାବେଳେ ସମ୍ମୁଖୀନ ହୋଇଥିବା ବସ୍‌ଭଡ଼ା ବାବଦରେ ମଧ୍ୟ ଦର୍ଶାଇଛନ୍ତି। କଟକରୁ ଭୁବନେଶ୍ୱର ରସୁଲଗଡ ୨୨ କିମି ହୋଇଥିବାବେଳେ ଯାତ୍ରୀଙ୍କଠାରୁ ସାଧାରଣ ବସ୍‌ଭଡ଼ା ୫୦ ଟଙ୍କା ନିଆଯାଉଛି ଏବଂ ଟିକେଟ ବି ଦିଆଯାଉନାହିଁ। ସେହିଭଳି ପଶ୍ଚିମ ଓଡ଼ିଶାରେ ମଧ୍ୟ ଅନୁରୂପ ସମସ୍ୟା ଦେଖାଦେଇଛି। ଝାରସୁଗୁଡ଼ାରୁ ସୁନ୍ଦରଗଡ଼ ୩୦ କିମି ଦୂର ହୋଇଥିବାବେଳେ ବସ୍‌ଭଡ଼ା ୫୦ ଟଙ୍କା ନିଆଯାଉଛି। ରାଉରକେଲାରୁ ସୁନ୍ଦରଗଡ଼ ଓ ଝାରସୁଗୁଡ଼ାର ଦୂରତା ଯଥାକ୍ରମେ ୯୦ କିମି ଓ ୧୨୦ କିମି ହୋଇଥିବାବେଳେ ବସ୍‌ଭଡ଼ା ଯଥାକ୍ରମେ ୧୩୦ ଓ ୧୮୦ ଟଙ୍କା ଆଦାୟ କରାଯାଉଛି। ଏନେଇ ଆବେଦନକାରୀ ଡ. ରଥ କଟକ ଖାଉଟି ଅଦାଲତରେ ମଧ୍ୟ ଏକାଧିକ ମାମଲା ପୂର୍ବରୁ ଦାଏର କରିଛନ୍ତି। ଏଥିସହ ତୁରନ୍ତ ଯାତ୍ରୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ଆବେଦନାରୀ ରାଜ୍ୟ ସରକାରଙ୍କ ସମେତ ସମସ୍ତ ଆରଟିଓଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଛନ୍ତି। କିନ୍ତୁ ତାଙ୍କ ଅଭିଯୋଗରେ କିଛି ସୁଫଳ ନ ମିଳିବାରୁ ସେ ବାଧ୍ୟ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଯାତ୍ରୀଙ୍କୁ ଉପଯୁକ୍ତ ଟିକେଟ ଦେଇ ନିର୍ଦ୍ଧାରିତ ଭଡ଼ା ନେବା ସହ ଗନ୍ତବ୍ୟ ସ୍ଥାନରେ ଛାଡ଼ିବା, ସରକାରଙ୍କ ନିୟମ ଅନୁସାରେ ବସ୍‌ରେ ଯାତ୍ରୀଙ୍କୁ ସମସ୍ତ ସୁବିଧା ଦିଆଯିବା, ବସ୍‌ରେ ଭଡ଼ା ସାରଣୀ ଓ କ୍ୟାଟାଗୋରି ସୂଚନା ଫଳକ ଲଗାଇବା ନିମନ୍ତେ ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ନିବେଦନ କରିଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ଟ୍ରାନ୍ସପୋର୍ଟ କମିଶନରଙ୍କ ସମେତ ରାଉରକେଲା, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ମୟୂରଭଞ୍ଜ ଓ କଟକର ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି।





ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ଦର୍ଶନ ସାରି କେନ୍ଦ୍ର ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ସୁଭାଷ ସରକାର ଏବଂ ଚିଫ୍ ସେଫ୍ ସଞ୍ଜୀବ କପୁର ଫେରୁଛନ୍ତି।

# ୨୮ ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି

କଟକ ଅଫିସ,୨୭।୪

ଓଡ଼ିଶା ହାଇକୋର୍ଟଙ୍କ ଗୁରୁବାର ନିର୍ଦ୍ଦେଶନାମା ଅନୁଯାୟୀ ରାଜ୍ୟର ବିଭିନ୍ନ ଅଦାଲତରେ କାର୍ଯ୍ୟ କରୁଥିବା ୨୮ ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ବଦଳି କରାଯାଇଛି। ମଳୟ ରଞ୍ଜନ ଦାଶଙ୍କୁ ବଲାଙ୍ଗୀର ଏଡିଜେ ତଥା ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍, ହିରଣ୍ମୟ ବିଶୋଇଙ୍କୁ ଭୁବନେଶ୍ୱର କୋ-ଅପରେଟିଭ୍ ଟ୍ରିବ୍ୟୁନାଲର ସଦସ୍ୟ(ପିଓ), ବିକ୍ରମ କେଶରୀ ପଟ୍ଟନାୟକଙ୍କୁ ବଲାଙ୍ଗୀର ପରିବାର ଅଦାଲତର ବିଚାରପତି, ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ଭୁବନେଶ୍ୱର ପବ୍ଲିକ ପ୍ରସିକ୍ୟୁସନ୍ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।

ସେହିପରି ବେଣୁଧର ପାତ୍ରଙ୍କୁ ଭୁବନେଶ୍ୱର ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲର ପ୍ରିଜାଇଡିଂ ଅଫିସର, ରାଜଶ୍ରୀ ଚୌଧୁରୀଙ୍କୁ ଗଞ୍ଜାମ ଜିଲା ଓ ଦୌରାଜଜ୍, ଦେବାଶିଷ ରାଉତଙ୍କୁ ଭୁବନେଶ୍ୱର ଏଡିଜେ ତଥା ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍, ଧନୁର୍ଦ୍ଧର ସେନାପତିଙ୍କୁ ସମ୍ବଲପୁର ଏଡିଜେ ତଥା ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍, ଆନନ୍ଦ ନାରାୟଣ ମହାରଣାଙ୍କୁ ନୟାଗଡ଼ ଜିଲା ଓ ଦୌରାଜଜ୍, ମମିତା ଦାସଙ୍କୁ କେନ୍ଦୁଝର ଅତିରିକ୍ତ ଜିଲା ଓ ଦୌରାଜଜ୍, ଅମିୟ ରଞ୍ଜନ ଜେନାଙ୍କୁ ପୁରୀ ପ୍ରଥମ ଶ୍ରେଣୀ ଜିଲା ଓ ଦୌରାଜଜ୍ ଭାବେ ନିଯୁକ୍ତି ଦିଆଯାଇଛି। ଗୁଣ୍ଡିଚା ସାମନ୍ତସିଂହାରଙ୍କୁ ଯାଜପୁର ପରିବାର ଅଦାଲତର ବିଚାରପତି, ହର ପ୍ରସାଦ ପଟ୍ଟନାୟକଙ୍କୁ ସାଲେପୁର ଅତିରିକ୍ତ ଜିଲା ଓ ଦୌରାଜଜ୍, ପ୍ରଣମ କୁମାର ରାଉତଙ୍କୁ କଟକ ଏସ୍‌ସି ଆଣ୍ଡ୍ ଏସ୍‌ଟି ସ୍ୱତନ୍ତ୍ର ଅଦାଲତର ପିଓ, ସ୍ମୃତିଲେଖା ବାରିକଙ୍କୁ ଭବାନୀପାଟଣା ଅତିରିକ୍ତ ଜିଲା ଓ ଦୌରାଜଜ୍, ସତ୍ୟବ୍ରତ ମିଶ୍ରଙ୍କୁ ଝାରସୁଗୁଡ଼ା ପରିବାର ଅଦାଲତର ବିଚାରପତି, ବିଶ୍ୱରଞ୍ଜନ ବେହେରାଙ୍କୁ ସମ୍ବଲପୁର ଅତିରିକ୍ତ ଜିଲା ଓ ଦୌରାଜଜ୍(ଏଲ୍‌ଆର୍ ଓ ଏଲ୍‌ଟିଭି), ରୁଦ୍ର ପ୍ରସାଦ ମହାପାତ୍ରଙ୍କୁ ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ (ଏଲ୍‌ଆର୍ ଓ ଏଲ୍‌ଟିଭି), ସନ୍ଦୀପ କୁମାର ପଟ୍ଟନାୟକଙ୍କୁ କଟକ ଅତିରିକ୍ତ ଜିଲା ଓ ଦୌରାଜଜ୍(ଏଲ୍‌ଆର୍ ଓ ଏଲ୍‌ଟିଭି), ସୁବାସ ଚନ୍ଦ୍ର ଧଳଙ୍କୁ ଝାରସୁଗୁଡ଼ା ଅତିରିକ୍ତ ଜିଲା ଓ ଦୌରାଜଜ୍(ଏଲ୍‌ଆର୍ ଓ ଏଲ୍‌ଟିଭି), ଲଳିତା ମଞ୍ଜରୀ ପଟ୍ଟନାୟକଙ୍କୁ ସମ୍ବଲପୁର ଲାର ଆଣ୍ଡ ଅଥରିଟିର ପିଓ, ସୈକତ ପାତ୍ରଙ୍କୁ ଫୁଲବାଣୀ ଅତିରିକ୍ତ ଜିଲା ଓ ଦୌରାଜଜ୍, ପ୍ରତିମା ପାତ୍ରଙ୍କୁ ଭୁବନେଶ୍ୱର ଅତିରିକ୍ତ ଜିଲା ଓ ଦୌରାଜଜ୍(ଏଲ୍‌ଆର୍ ଓ ଏଲ୍‌ଟିଭି), ଚିନ୍ମୟ ମିଶ୍ରଙ୍କୁ ପୁରୀ ଦ୍ୱିତୀୟ ଶ୍ରେଣୀ ଅତିରିକ୍ତ ଜିଲା ଓ ଦୌରାଜଜ୍(ଏଲ୍‌ଆର୍ ଓ ଏଲ୍‌ଟିଭି), ହିମାଂଶୁ ଶେଖର ସିଂହ ଦ୍ୱିତୀୟ ଶ୍ରେଣୀ ଅତିରିକ୍ତ ଜିଲା ଓ ଦୌରାଜଜ୍(ଏଲ୍‌ଆର୍ ଓ ଏଲ୍‌ଟିଭି), ସରୋଜିନୀ ପତିଙ୍କୁ ବୌଦ୍ଧ ଅତିରିକ୍ତ ଜିଲା ଓ ଦୌରାଜଜ୍, ହରପ୍ରସାଦ ପାଢ଼ୀଙ୍କୁ ସମ୍ବଲପୁର ପୋକ୍ସୋ ସ୍ୱତନ୍ତ୍ର କୋର୍ଟର ବିଚାରପତି ଭାବେ ନିଯୁକ୍ତି ଦିଆଯାଇଥିବା ହାଇକୋର୍ଟ ସୂତ୍ରରୁ ଜଣାଯାଇଛି।

# ଭିଜିଲାନ୍ସ ଜାଲରେ ବଡ଼ମ୍ବା ବ୍ଲକ କନିଷ୍ଠଯନ୍ତ୍ରୀ

ବଡ଼ମ୍ବା,୨୭।୪(ଡି.ଏନ୍.ଏ.)

୩୦ ହଜାର ଟଙ୍କା ଲାଞ୍ଚ ନେଇ ଜଣେ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ହେଲେ କଟକ ଜିଲା ବଡ଼ମ୍ବା ବ୍ଲକ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ବାଉରୀ ପରିଡ଼ା। ଏକ କାର୍ଯ୍ୟର ବିଲ୍ ପାସ୍ କରାଇଦେବା ପାଇଁ ଜଣେ ଠିକାଦାରଙ୍କଠାରୁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଛି। ଏଥିସହ ପରିଡ଼ାଙ୍କ ୩ ସ୍ଥାନରେ ଚଢ଼ାଉ କରାଯାଇଛି। ପ୍ରକାଶଯୋଗ୍ୟ, ସମ୍ପୃକ୍ତ ଠିକାଦାର ଦୀର୍ଘ ଦିନ ହେବ ଏକ ବିଲ୍ ପାସ୍ କରାଇ ଦେବାପାଇଁ କନିଷ୍ଠ ଯନ୍ତ୍ରୀ ପରିଡ଼ାଙ୍କୁ ଅନୁରୋଧ କରିଥିଲେ। ଏନେଇ ପରିଡ଼ା ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ସମ୍ପୃକ୍ତ ଠିକାଦାର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ବିଭାଗ ପକ୍ଷରୁ ଅଭିଯୁକ୍ତ ଯନ୍ତ୍ରୀଙ୍କୁ ଧରିବା ପାଇଁ ଯୋଜନା କରାଯାଇଥିଲା। ଗୁରୁବାର ପରିଡ଼ା ବ୍ଲକ କଲୋନୀସ୍ଥିତ ସରକାରୀ ବାସଭବନରେ ସମ୍ପୃକ୍ତ ଠିକାଦାରଙ୍କଠାରୁ ଲାଞ୍ଚ ଅର୍ଥ ନେଉଥିବାବେଳେ ଭିଜିଲାନ୍ସ ଟିମ୍ କାବୁ କରି ନିଜ ହେପାଜତକୁ ନେଇଛି।

# ଏସ୍‌ଡିଜେଏମ୍ କୋର୍ଟରେ ଦସ୍ତାବିଜ ଦାଖଲ

**ଏସିଏଫ୍‌ଓ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା**

ପାରଳାଖେମୁଣ୍ଡି, ୨୭।୪(ଡି.ଏନ୍.ଏ)

ବହୁଚର୍ଚ୍ଚିତ ଏସିଏଫ୍‌ଓ ସୌମ୍ୟରଞ୍ଜନ ମୃତ୍ୟୁ ଘଟଣାର ଫାଇଲ ପୁନଃ ଚାଲୁକରିବା ମାମଲାରେ ଗୁରୁବାର ସୌମ୍ୟରଞ୍ଜନଙ୍କ ପରିବାର ତରଫରୁ ଓକିଲ ରଜତ ପାତ୍ର ମାମଲା ସମ୍ପର୍କିତ ସମସ୍ତ ଦସ୍ତାବିଜ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରେ ଦାଖଲ କରିଛନ୍ତି। ଗତ ୧୨ ତାରିଖରେ ସୌମ୍ୟରଞ୍ଜନଙ୍କ ବାପା ଅଭିରାମ ମହାପାତ୍ର କୋର୍ଟରେ ଦାଖଲ କରିଥିବା ସାକ୍ଷ୍ୟ ପ୍ରମାଣରେ ସନ୍ତୁଷ୍ଟ ହୋଇ ମାମଲାଟି ହତ୍ୟା ପାଇଁ ଷଡ଼ଯନ୍ତ୍ର ଓ ପରେ ହତ୍ୟା କରାଯାଇଥିବା ମନେକରି ଏସ୍‌ଡିଜେଏମ୍ ୩୦୨ ଓ ୧୨୦ବି ଦଫା ଲଗାଇ ମାମଲାକୁ ଗ୍ରହଣ କରିଥିଲେ। ଏହି ମାମଲାରେ ସମସ୍ତ ଆବଶ୍ୟକ ଦସ୍ତାବିଜ ଦାଖଲ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପ୍ରକାରେ ଅଭିରାମଙ୍କ ଓକିଲ ସମସ୍ତ ଦସ୍ତାବିଜ ଗୁରୁବାର କୋର୍ଟରେ ଦାଖଲ କରିଛନ୍ତି। ତେବେ ଆଗକୁ ପ୍ରତିପକ୍ଷଙ୍କୁ ନୋଟିସ ଯିବା ସହ କ'ଣ ନିର୍ଦ୍ଦେଶ ରହିବ ତା' ଉପରେ ସମସ୍ତଙ୍କ ନଜର ରହିଛି। ସୂଚନାଯୋଗ୍ୟ, ୨୦୨୦ ଡିସେମ୍ବର ୧ରେ ସୌମ୍ୟରଞ୍ଜନ ବିଦ୍ୟାଭାରତୀ ପଣ୍ଡାଙ୍କୁ ବିବାହ କରିଥିଲେ। ପରେ ୨୦୨୧ ଜୁଲାଇ ୧୩ରେ ସନ୍ଦେହଜନକ ଅବସ୍ଥାରେ ସୌମ୍ୟଙ୍କ ମୃତ୍ୟୁ ଘଟିଥିଲା। ସରକାରୀ କ୍ୱାର୍ଟର୍ସରେ ସ୍ୱାମୀ ସ୍ତ୍ରୀ ରହିଥିଲେ। ରାତିରେ ହଠାତ୍ ସୌମ୍ୟଙ୍କ ଦେହରେ ନିଆଁ ଲାଗିଯାଇଥିଲା। ତେବେ କେମିତି ଲାଗିଲା ତାହା ଅସ୍ପଷ୍ଟ ରହିଛି। ତାଙ୍କୁ ପ୍ରଥମେ ପାରଳାଖେମୁଣ୍ଡି ମେଡିକାଲ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଶିଶୁଯତ୍ନ କେନ୍ଦ୍ରରେ ବିବାହ ବନ୍ଧନରେ ପୂଜା-ପ୍ରମୋଦ

ସମ୍ବଲପୁର,୨୭।୪(ବ୍ୟୁରୋ)

ସମ୍ବଲପୁର ସହରର ଧନକଉଡାସ୍ଥିତ ଶିଶୁଯତ୍ନ କେନ୍ଦ୍ରରେ ଗୁରୁବାର ଏକ ଭିନ୍ନ ବାତାବରଣ ଦେଖିବାକୁ ମିଳିଥିଲା। ଏଠାକାର ଅନ୍ତେବାସୀ, ପରିଚାଳନା କମିଟି ସଦସ୍ୟ ଓ ଅଧିକାରୀ ଯେତିକି ଖୁସି ଥିଲେ, ସେତିକି ଭାବପ୍ରବଣ ହୋଇପଡୁଥିବା ବାରିହୋଇ ପଡୁଥିଲା। କାରଣ ପ୍ରାୟ ୨୦ବର୍ଷରୁ ଅଧିକ ସମୟ ଧରି ଏହି କେନ୍ଦ୍ରରେ ସଭିଙ୍କ ପ୍ରିୟଭାଜନ ହୋଇ ରହିଆସିଥିବା ପୂଜା ବିବାହ ବନ୍ଧନରେ ବାନ୍ଧିହୋଇ ସବୁଦିନ ପାଇଁ ଶାଶୁ ଘରକୁ ଚାଲିଯାଇଛନ୍ତି। ଜିଲା ପ୍ରଶାସନ ଓ ସାମାଜିକ କର୍ମୀଙ୍କ ସହଯୋଗରେ ରୀତିନୀତି ଅନୁସାରେ ନିରାଡ଼ମ୍ବର ଭାବେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏଭଳି ଏକ ନିଆରା ବିବାହକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ମିଳିଥିବା ସୂଚନା ମୁତାବକ ପୂଜା ଓ ତାଙ୍କର ଦୁଇଜଣ ଭାଇ ମାଆବାପା ଛେଉଣ୍ଡ ହେବା ପରେ ପ୍ରଶାସନ ସହଯୋଗରେ ଏହି କେନ୍ଦ୍ରରେ ଆଶ୍ରୟ ନେଇଥିଲେ। ବୟସ ବଢ଼ିବା ସହ ପୂଜା ପାଠପଢ଼ି ଉଚ୍ଚଶିକ୍ଷିତ ହୋଇଛନ୍ତି। କିଛିଦିନ ପୂର୍ବରୁ ଶିଶୁଯତ୍ନ କେନ୍ଦ୍ରର ପୂଜାଙ୍କ ସହ ବିବାହ ପାଇଁ ବରଗଡ ଜିଲା ବରପାଲି ନିବାସୀ ପ୍ରମୋଦ ପଣ୍ଡାଙ୍କ ପରିବାର ପକ୍ଷରୁ ପ୍ରସ୍ତାବ ଆସିଥିଲା। କେନ୍ଦ୍ର କର୍ତ୍ତୃପକ୍ଷ ରାଜି ହେବା ପରେ ପ୍ରମୋଦ ଝିଅ ଦେଖିବା ପାଇଁ ଆସିଥିଲେ। ଉଭୟ ରାଜି ହେବା ପରେ ଏ ନେଇ ଆଶ୍ରମ କର୍ତ୍ତୃପକ୍ଷ ଜିଲା ପ୍ରଶାସନକୁ ଜଣାଇଥିଲେ। ବିବାହ ପାଇଁ ଉଭୟ ପକ୍ଷ ସହମତ ହେବା ପରେ ଗୁରୁବାର ଲଗ୍ନ ଧାର୍ଯ୍ୟ ହୋଇଥିଲା। ଧନକଉଡ଼ା ଆଶ୍ରମରେ ବିବାହ ମଣ୍ଡପ ହୋଇଥିଲା। ବାଜା ବଜାଇ ବାଣ ଫୁଟାଇ ବରଯାତ୍ରୀ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରି ପାଛୋଟି ନିଆଯାଇଥିଲା। ହିନ୍ଦୁ ରୀତିନୀତିରେ ଏହି ଆଦର୍ଶ ବାହାଘର ଶେଷ ହୋଇଥିଲା। ବିଜୁ ଶିଶୁ ସୁରକ୍ଷା ଯୋଜନା ଅଧୀନରେ ଜିଲା ପ୍ରଶାସନ ତରଫରୁ ବିବାହ ସହାୟତା ରାଶି ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। କନ୍ୟା ମାତା ଭାବେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର କନ୍ୟାଦାନ କରିଛନ୍ତି। ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ, ଜିଲା ଶିଶୁ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଉମାକାନ୍ତ ରାଜ, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ଡେପୁଟି କଲେକ୍ଟର ଆଦିତ୍ୟ ପଣ୍ଡା, ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝି, ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ ପ୍ରମୁଖ ଉପସ୍ଥିତ ରହି ବରକନ୍ୟାଙ୍କୁ ଆଶୀର୍ବାଦ ଦେଇଥିଲେ। ୧୯୭୨ ମସିହାରୁ ଆରମ୍ଭ ହୋଇଥିବା ଏହି କେନ୍ଦ୍ର ପରିସରରେ ଏହା ପ୍ରଥମ ବିବାହ।



ମଣ୍ଡପରେ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଉଛି।

# ୟୁପିରୁ ୫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଲା ପୋଲିସ

**ବରଗଡ଼ରେ ନକଲି ଔଷଧ କାରବାର**

ବରଗଡ଼ ଅଫିସ୍,୨୭।୪

ବରଗଡ଼ ଜିଲାରେ ଧରାପଡ଼ିଥିବା ନକଲି ଔଷଧ କାରବାରର ଚେର ଉତ୍ତର ପ୍ରଦେଶକୁ ଲମ୍ବିଛି। ବରଗଡ଼ର ଏକ ପୋଲିସ ଟିମ୍ ସେଠାକୁ ଯାଇ ଏସ୍‌ଟିଏଫ୍ ସହାୟତାରେ ବାରାଣସୀ ଜିଲାରୁ ୫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଛନ୍ତି। ସେମାନେ ହେଲେ ବାରାଣସୀ ଜିଲା ଭେଲୁପୁର ଥାନା ବଢ଼ିଗାଇବି ସୁଦାମାପୁର (ଏନ.୧୫/୧୫୧-ବି-୬ଆର୍)ର ଶୁଭମ ଜୟସ୍ୱାଲ (୩୦), ସାରନାଥ ଥାନା ଟାଢ଼ିଆ ଚକବିହି (ଏସ୍‌ଏ୧୬/୧୯କେବିୟୁ)ର ରିତେଶ କୁମାର ଜୟସ୍ୱାଲ(୪୨), ଜୈତପୁର ଥାନା ଦାରାନଗର (କେ-୫୪/୯୦ଏ)ର ଚନ୍ଦ୍ରଶେଖର ସିଂ(୪୯), ଆଡ଼ମପୁର ଥାନା ପଟନ ଦରୱାଜା (ଏ-୧/୭)ର ଗୌରବ ଶର୍ମା(୪୦) ଏବଂ ଚୌକ ଥାନା ବକ୍ସିପ୍ୟାରୀ (ସିକେ-୬୫/୧୯୩ବି)ର ଅଭିଷେକ କୁମାର ସିଂ(୩୫)। ଅଭିଯୁକ୍ତମାନେ ଗତ ମାର୍ଚ୍ଚରେ ଅନ୍ୟ ଏକ ମାମଲାରେ ଗିରଫ ହୋଇଥିଲେ। ସେଠାରୁ ସେମାନଙ୍କୁ ଟ୍ରାନ୍‌ଜିଟ୍ ରିମାଣ୍ଡରେ ଅଣାଯାଇଛି ବୋଲି ପୋଲିସ କହିଛି।

ବରଗଡ଼ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅମ୍ରିତ କୁମାର ପଣ୍ଡା ସୂଚନା ଦେଇ କହିଥିଲେ, ଗତ ଜାନୁୟାରୀ ୧୭ରେ ବରଗଡ଼ ଡ୍ରଗ୍ସ ଇନ୍ସପେକ୍ଟର ସୁନିତା ନାଗ ବରଗଡ଼ ଟାଉନ ଥାନାରେ ଅଶୋକ ମେଡ଼ିକାଲ ହଲ୍‌ର ମାଲିକ ସୁନୀଲ ଅଗ୍ରୱାଲଙ୍କ ବିରୋଧରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତିକରି ମାମଲା ରୁଜୁ ହୋଇଥିଲା। ୧୮ତାରିଖରେ ସୁନୀଲଙ୍କୁ ଗିରଫ କରି ଜେରାବେଳେ ନକଲି ଔଷଧର ଚେର ଏବଂ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମିଳିଥିଲା। ଅଭିଯୁକ୍ତମାନେ ୨୫ପ୍ରକାର ନକଲି ଔଷଧ ପ୍ରସ୍ତୁତ କରିଥିବା ତଦନ୍ତରୁ ଜଣାପଡ଼ିଛି ।

# ପଏଣ୍ଟ ଟେବଲ ଶୀର୍ଷରେ ରାଜସ୍ଥାନ

**ଜୟପୁର,୨୭।୪**

ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ଅର୍ଦ୍ଧଶତକ ଓ ସ୍ପିନରଙ୍କ ଚମତ୍କାର ବୋଲିଂ ବଳରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚକୁ ୩୨ ରନରେ ଜିତି ପଏଣ୍ଟ ଟେବଲ ଶୀର୍ଷରେ ପହଞ୍ଚିଛି ରାଜସ୍ଥାନ ରୟାଲ୍ସ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ଜୟସ୍ୱାଲଙ୍କ ୭୭ ରନ୍ ବଳରେ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୨୦୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଚେନ୍ନାଇ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୭୦ ରନ୍ କରିପାରିଥିଲା। ସିମରନ୍ ହେଟମେୟରଙ୍କ ସ୍ଥାନରେ କୁଲଦୀପ ଯାଦବ ଓ ଆକାଶ ସିଂଙ୍କ ସ୍ଥାନରେ ଅମ୍ବାତି ରାୟୁଡୁ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଖେଳିଥିଲେ। ରାଜସ୍ଥାନ ଅଷ୍ଟମ ମ୍ୟାଚରୁ ୫ମ ବିଜୟ ସହିତ ୧୦ ପଏଣ୍ଟ ଅର୍ଜନ କରିଛି।


ପ୍ଲେୟର ଅଫ୍ ଦି ମ୍ୟାଚ୍ ଯଶସ୍ୱୀ ଜୟସ୍ୱାଲ।

ରାଜସ୍ଥାନର ସୱାଇ ମାନସିଂହ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ଓ ଜୋସ ବଟଲର ପ୍ରଥମ ଉଇକେଟରେ ୮୬ ରନ୍ ଯୋଡିଥିଲେ। ୨୧ ବଲ ଖେଳି ୨୭ ରନ୍ କରିଥିବା ବଟଲରଙ୍କୁ ଆଉଟ କରି ରବୀନ୍ଦ୍ର ଜାଡେଜା ଚେନ୍ନାଇକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ। ପରେ ଜୟସ୍ୱାଲଙ୍କ ସହିତ କ୍ରିଜ୍‌ରେ ଯୋଗ ଦେଇଥିଲେ ସାମସନ୍। ବଲ୍ ପିଛା ରନ୍ କରିଥିବା ସାମସନ୍ ମ୍ୟାଚ୍‌ର ୧୩ ତମ ଓଭରରେ ଆଉଟ ହୋଇଥିଲେ। ସମାନ ଓଭରରେ ତୁଷାର ଦେଶପାଣ୍ଡେ ଟପ୍ ସ୍କୋରର ଜୟସ୍ୱାଲଙ୍କୁ ଆଉଟ କରିବାରୁ ରାଜସ୍ଥାନର ରନ୍ ହାର ଧୀମେଇ ଯାଇଥିଲା। ଜୟସ୍ୱାଲ ୪୩ ବଲ୍ ଖେଳି ୮ ଚୌକା ଓ ୪ ଛକା ମାରିଥିଲେ। ଜୟସ୍ୱାଲ ଏହା ସହିତ ଚଳିତ ସଂସ୍କରଣରେ ନିଜର ୩୦୦ ରନ୍ ପୂରଣ କରିଛନ୍ତି। ଜୟସ୍ୱାଲ ଆଉଟ ହେବା ପରେ ନିର୍ଭରଯୋଗ୍ୟ ସିମରନ୍ ହେଟମେୟର (୮) ରନ୍ କରି ଆଉଟ ହେବାରୁ ରାଜସ୍ଥାନ ସଙ୍କଟରେ ପଡିଥିଲା। ତେବେ ଧ୍ରୁବ୍ ଜୁରେଲ୍ ୧୫ ବଲ୍‌ରୁ ୩୪ ଓ ଦେବଦତ୍ତ ପଡିକଲ୍ ୧୩ ବଲ୍‌ରୁ ଅପରାଜିତ ୨୭ ରନ୍ କରିଥିଲେ। ଜୁରେଲଙ୍କ ଇନିଂସରେ ୩ ଚୌକା ଓ ୨ ଛକା ସାମିଲ ଥିବା ବେଳେ ପଡିକଲ୍ ୪ ଚୌକା ମାରି ଦଳୀୟ ସ୍କୋର ୨୦୦ ପାର କରିଥିଲେ। ଚେନ୍ନାଇ ପକ୍ଷରୁ ତୁଷାର ଦେଶପାଣ୍ଡେ ୨ ଉଇକେଟ ନେଇଥିବା ବେଳେ ମହୀଷ ଥିକ୍‌ସାନା ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ଆଇପିଏଲ୍ କାର୍ଯ୍ୟସୂଚୀ
(ଆଜିର ମ୍ୟାଚ୍)
**ପଞ୍ଜାବ ବନାମ ଲକ୍ଷ୍ନୌ**
ସ୍ଥାନ: ମୋହାଲି,
ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

୨୦୩ ରନ୍ ଜବାବରେ ଚେନ୍ନାଇର ଆରମ୍ଭ ଧୀମା ରହିଥିଲା। ପାୱାର ପ୍ଲେ ଓଭରରେ ଡେଭନ୍ କନ୍‌ୱେ (୮)ଙ୍କ ଉଇକେଟ ହରାଇ ଦଳ ୪୨ ରନ୍ କରିଥିଲା। ଅଜିଙ୍କ୍ୟ ରାହାନେ (୧୫) ରନ୍ କରିପାରିଥିଲେ। ଋତୁରାଜ ଗାଏକ୍ୱାଡ ୪୭ ରନ୍ କରିଥିଲେ ହେଁ ଏହା ଯଥେଷ୍ଟ ନଥିଲା। ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଓଭରରେ ରାହାନେ ଓ ଅମ୍ବାତି ରାୟୁଡୁଙ୍କୁ ଆଉଟ କରି ଚେନ୍ନାଇକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ଶିବମ ଦୁବେ ଚେନ୍ନାଇ ପକ୍ଷରୁ ଟପ୍ ସ୍କୋରରର ରହି ୫୨ ରନ୍ କରି ଶେଷ ବଲରେ ଆଉଟ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ମୋଇନ୍ ଅଲୀ ଓ ରବୀନ୍ଦ୍ର ଜାଡେଜା ୨୩ ରନ୍ ଲେଖାଏ ସ୍କୋର କରିଥିଲେ। ରାଜସ୍ଥାନ ପକ୍ଷରୁ ଆଡାମ ଜାମ୍ପା ୩, ରବିଚନ୍ଦ୍ରନ ଅଶ୍ୱିନ ୨ ଓ କୁଲଦୀପ ଯାଦବ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୨୦୨/୫(ଯଶସ୍ୱୀ ଜୟସ୍ୱାଲ-୭୭, ଧ୍ରୁବ୍ ଜୁରେଲ-୩୪, ଦେବଦତ୍ତ ପଡିକଲ୍-୨୭*, ତୁଷାର ଦେଶପାଣ୍ଡେ-୨/୪୨, ମହୀଷ ଥିକ୍‌ସାନା-୧/୨୪, ରବୀନ୍ଦ୍ର ଜାଡେଜା-୧/୩୨)। ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୭୦/୬ ( ଶିବମ ଦୁବେ-୫୨, ଋତୁରାଜ ଗାଏକ୍ୱାଡ-୪୭, ମୋଇନ୍ ଅଲୀ-୨୩, ଆଡାମ ଜାମ୍ପା-୩/୨୨, ଆର. ଅଶ୍ୱିନ୍-୨/୩୫, କୁଲଦୀପ ଯାଦବ-୧/୧୮)।

# କୁସ୍ତିଯୋଦ୍ଧାଙ୍କ ଉପରେ କ୍ଷୁବ୍ଧ ପି.ଟି. ଉଷା

**ନୂଆଦିଲ୍ଲୀ, ୨୭।୪ (ପି.ଟି.)**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ବିଳମ୍ବ ଘଟୁଥିବାରୁ ପୁଣି ଧାରଣାରେ ବସିଥିବା କୁସ୍ତିଯୋଦ୍ଧାମାନଙ୍କ ଉପରେ କ୍ଷୁବ୍ଧ ହୋଇଛନ୍ତି ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପି.ଟି. ଉଷା। ଏହାଦ୍ୱାରା ଭାରତର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଛି। କୁସ୍ତିଯୋଦ୍ଧାମାନେ ସମସ୍ୟା ନେଇ ଆମ ନିକଟକୁ ଆସିବା ପରିବର୍ତ୍ତେ ଧାରଣାରେ ବସିବା ଦ୍ୱାରା ସେମାନଙ୍କ ନିକଟରେ ଶୃଙ୍ଖଳାର ଅଭାବ ରହିଥିବା ମନେହେଉଛି। ଧର୍ମଘଟକାରୀଙ୍କ ନେତୃତ୍ୱ ନେଉଛନ୍ତି ବିଶିଷ୍ଟ କୁସ୍ତିଯୋଦ୍ଧା ଭିନେଶ୍ ଫୋଗତ, ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକ। ଡବ୍ଲ୍ୟୁଏଫ୍ଆଇ ସଭାପତିଙ୍କ ବିରୋଧରେ ସେମାନେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଆଇଓଏ ଏପର୍ଯ୍ୟନ୍ତ ଅଭିଯୋଗର ତଦନ୍ତ କାର୍ଯ୍ୟ ଶେଷ କରି ନ ଥିବା ବେଳେ ସରକାରଙ୍କ ଦ୍ୱାରା ଗଠିତ ନିରୀକ୍ଷଣ କମିଟି ଏହାର ରିପୋର୍ଟ ଏପର୍ଯ୍ୟନ୍ତ ସାର୍ବଜନୀନ କରିନାହିଁ। ଇତିମଧ୍ୟରେ ଅଭିଯୋଗକୁ ଦୀର୍ଘ ୩ ମାସ ବିତିଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଏଥିରେ ହତାଶ ହୋଇ କୁସ୍ତିଯୋଦ୍ଧାମାନେ ଯନ୍ତରମନ୍ତରଠାରେ ଏପ୍ରିଲ ୨୩ରୁ ପୁଣି ଧାରଣାରେ ବସିଛନ୍ତି। ଡବ୍ଲ୍ୟୁଏଫ୍ଆଇ ମୁଖ୍ୟଙ୍କ ଗିରଫ ଦାବିରେ ସେମାନେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆଇଓଏ କାର୍ଯ୍ୟନିର୍ବାହୀ କମିଟି ବୈଠକ ପରେ ଉଷା ଖବରଦାତାମାନଙ୍କୁ କହିଛନ୍ତି, ଆଇଓଏର ଏକ କମିଟି ଓ ଆଥ୍‌ଲେଟ୍ସ କମିଶନ ରହିଛି। କୁସ୍ତିଯୋଦ୍ଧାମାନେ ରାସ୍ତାକୁ ନ ଓହ୍ଲାଇ ସେମାନଙ୍କ ସମସ୍ୟା ନେଇ ଆମ ନିକଟକୁ ଆସିବାର ଥିଲା। ଅପରପକ୍ଷେ କୁସ୍ତିଯୋଦ୍ଧାମାନେ ସେମାନଙ୍କ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଧାରଣାରୁ ଓହ୍ଲିବେ ନାହିଁ ବୋଲି ଅଡ଼ି ବସିଛନ୍ତି।


ଆଇଓଏ ସଭାପତି ପି.ଟି. ଉଷା।

# ୱାଶିଂଟନ ସୁନ୍ଦର ଅବଶିଷ୍ଟ ଆଇପିଏଲ୍‌ରୁ ବାଦ୍

**ନୂଆଦିଲ୍ଲୀ, ୨୭।୪ (ପି.ଟି.):** ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରି ଯୋଗୁ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦର ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅବଶିଷ୍ଟରୁ ବାଦ୍ ପଡ଼ିଛନ୍ତି। ଫଳରେ ଟୁର୍ଣ୍ଣାମେଣ୍ଟରେ ସଂଘର୍ଷ ଚଳାଇଥିବା ସନ୍‌ରାଇଜର୍ସ ଦଳକୁ ଶକ୍ତ ଧକ୍କା ଲାଗିଛି। ୨୩ ବର୍ଷୀୟ ବୋଲିଂ ଅଲରାଉଣ୍ଡର ଇତିମଧ୍ୟରେ ଚଳିତ ଆଇପିଏଲ୍‌ରେ ୭ଟି ମ୍ୟାଚ ଖେଳିସାରିଛନ୍ତି। ସେ ୪୮.୬୬ ଆଭରେଜ୍ ଏବଂ ୮.୨୬ ଇକୋନୋମି ରେଟ୍‌ରେ ୩ ଉଇକେଟ ଅକ୍ତିଆର କରିଛନ୍ତି। ସେ ମାତ୍ର ୬୦ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି। ତାଙ୍କର ସର୍ବାଧିକ ସ୍କୋର ୨୪ ନଟ୍‌ଆଉଟ ରହିଥିଲା। ତାଙ୍କ ଆଭରେଜ ୧୫ ଏବଂ ଷ୍ଟ୍ରାଇକ୍‌ରେଟ୍ ୧୦୦ ରହିଥିଲା।

# ସିନ୍ଧୁ, ପ୍ରଣୟ କ୍ୱାର୍ଟରରେ

**ଦୁବାଇ, ୨୭।୪ (ପି.ଟି):** ଏସିଆନ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ପି.ଭି ସିନ୍ଧୁ ଓ ଏଚ୍.ଏସ୍ ପ୍ରଣୟ। ଅନ୍ୟପକ୍ଷରେ କିଡାମ୍ବି ଶ୍ରୀକାନ୍ତ ତାଙ୍କ ମ୍ୟାଚ୍ ହାରିଯାଇଛନ୍ତି। ଦୁବାଇରେ ଚାଲିଥିବା ଏହି ପ୍ରତିଯୋଗିତାର ଏକ ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ଅଲିମ୍ପିକପଦକ ବିଜେତା ସିନ୍ଧୁ ଚାଇନାର ହାନ୍ ୟୁଇଙ୍କୁ ୨୧-୧୨, ୨୧-୧୫ରେ ହରାଇ ଦେଇଛନ୍ତି। ୮ମ ସିଡ୍ ପ୍ରଣୟ ପୁରୁଷ ସିଙ୍ଗଲ୍ସରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ସେ ଇଣ୍ଡୋନେସିଆର ଚିକୋ ଅଉରା ଦ୍ୱିୱାର୍ଦୋୟୋଙ୍କୁ ୨୧-୧୬, ୫-୨୧, ୨୧-୧୮ରେ ପରାସ୍ତ କରିଛନ୍ତି। ଅନ୍ୟପକ୍ଷେ ଚତୁର୍ଥ ସିଡ୍ ଜାପାନର କୋଡାଇ ନାରାଓକାଙ୍କଠାରୁ ଶ୍ରୀକାନ୍ତ ୧୪-୨୧, ୨୨-୨୦, ୯-୨୧ରେ ହାରିଯାଇଛନ୍ତି। ପ୍ରଣୟ ବର୍ତ୍ତମାନ ଜାପାନର କାଣ୍ଟା ସୁନେୟାମାଙ୍କୁ ଭେଟିବେ। ମିକ୍ସଡ ଡବଲ୍ସରେ ରୋହନ କପୁର ଓ ଏନ୍. ସିକ୍କି ରେଡ୍ଡୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଚତୁର୍ଥ ସିଡ୍ କୋରିଆର ସିଓ ସିଅଙ୍ଗ ଜାଏ ଏବଂ ଚାଏ ୟୁ ଜଙ୍ଗଙ୍କ ବିପକ୍ଷରେ ଭାରତୀୟ ଯୋଡ଼ିକୁ ୱାକ୍‌ଓଭର ମିଳିଛି। ଭାରତୀୟ ଯୋଡ଼ି କ୍ୱାର୍ଟର ଫାଇନାଲରେ ଇଣ୍ଡୋନେସିଆର ଜେଜାନ ଫର୍ଦ୍ଦିନାନସିୟା ଗ୍ଲୋରିଆ ଓ ଏମାନୁଏଲ୍ ୱିଡ୍‌ଜାଜାଙ୍କ ସହ ମୁକାବିଲା କରିବ।

**ବିସିସିଆଇ ସେଣ୍ଟ୍ରାଲ କଣ୍ଟ୍ରାକ୍ଟ**

# ବାଦ୍ ପଡ଼ିଲେ ଶିଖା, ପୁନମ୍, ତାନିଆ

**ନୂଆଦିଲ୍ଲୀ,୨୭।୪(ପି.ଟି)**

ଗୁରୁବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ପ୍ରକାଶ ପାଇଛି। ଏହି ତାଲିକାରେ ୧୭ ଜଣ ଖେଳାଳି ସ୍ଥାନ ପାଇଥିବା ବେଳେ ଉଇକେଟ୍‌କିପର ବ୍ୟାଟର ରିଚା ଘୋଷ୍ ଓ ଜେମିମା ରୋଡ୍ରିଗୁଏଜ୍‌ଙ୍କୁ ଗ୍ରେଡ୍ ବି'କୁ ପଦୋନ୍ନତି ମିଳିଛି। ଅନ୍ୟପକ୍ଷରେ ଭେଟେରାନ୍ ଶିଖା ପାଣ୍ଡେଙ୍କୁ ଏହି ତାଲିକାରୁ ବାଦ୍ ଦିଆଯାଇଥିବା ବେଳେ ଲେଗ୍ ସ୍ପିନର ପୁନମ୍ ଯାଦବ ଓ ଉଇକେଟ୍‌କିପର ତାନିଆ ଭାଟିଆ ମଧ୍ୟ ବାଦ୍ ପଡ଼ିଛନ୍ତି। ଅକ୍ଟୋବର ୨୦୨୩ରୁ ସେପ୍ଟେମ୍ବର ୨୦୨୪ ଯାଏ ଏହି କଣ୍ଟ୍ରାକ୍ଟ ଲାଗୁହେବ। ସମୁଦାୟ ୧୭ ଖେଳାଳିଙ୍କୁ ୩ଟି ଗ୍ରେଡ୍‌ରେ ବିଭକ୍ତ କରାଯାଇଛି। ଗ୍ରେଡ୍ ଏ'ରେ ୩, ଗ୍ରେଡ୍ ବି'ରେ ୫ ଓ ଗ୍ରେଡ୍ ସି'ରେ ୯ ଖେଳାଳି ସାମିଲ ଅଛନ୍ତି। ସୂଚନା ଯେ, ଗ୍ରେଡ୍ ଏ'ରେ ସାମିଲ ଖେଳାଳିଙ୍କୁ ୫୦ ଲକ୍ଷ, ବି'ରେ ୩୦ ଲକ୍ଷ ଓ ଗ୍ରେଡ୍ ସି'ରେ ସାମିଲ ଥିବା ଖେଳାଳିଙ୍କୁ ୧୦ ଲକ୍ଷ ଟଙ୍କାର ବାର୍ଷିକ ବେତନ ପ୍ରଦାନ କରାଯାଏ।

ଏ' ଗ୍ରେଡ୍‌ରେ ମାତ୍ର ୩ ଖେଳାଳି ସାମିଲ ଅଛନ୍ତି। ଅଧିନାୟିକା ହରମନ୍‌ପ୍ରୀତ୍ କୌରଙ୍କ ସହ ସ୍ମୃତି ମନ୍ଧାନା ଓ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ଏହି ତାଲିକାରେ ସାମିଲ ଅଛନ୍ତି। ପୂର୍ବ ବର୍ଷରେ ମଧ୍ୟ ଏହି ୩ ଖେଳାଳି ଗ୍ରେଡ୍ ଏ'ରେ ସାମିଲ ଥିଲେ। ଅନ୍ୟପକ୍ଷରେ ପୂର୍ବରୁ ଏ' ଗ୍ରେଡ୍‌ରେ ସାମିଲ ଥିବା ରାଜେଶ୍ୱରୀ ଗ୍ରେଡ୍ ବି'କୁ ଖସିଛନ୍ତି। ଟି୨୦ ବିଶ୍ୱକପ୍ ଦଳକୁ ଡାକରା ପାଇଥିବା ଭେଟେରାନ୍ ଶିଖା ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ବାଦ୍‌ପଡ଼ିଥିବା ବେଳେ ଶେଷଥର ପାଇଁ ୨୦୨୨ରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ପୁନମ୍ ଓ ତାନିଆଙ୍କୁ ମଧ୍ୟ ଦଳରୁ ବାଦ୍ ଦିଆଯାଇଛି। ୨୦୨୨ରେ ଚମତ୍କାର ପ୍ରଦର୍ଶନ କରିଥିବା ପେସ୍ ବୋଲର ରେଣୁକା ଠାକୁରଙ୍କୁ ଏହି ତାଲିକାରେ ପ୍ରଥମଥର ସାମିଲ କରାଯାଇଛି। ରେଣୁକା ସିଧାସଳଖ ଗ୍ରେଡ୍ ବି'ରେ ସାମିଲ ହୋଇଛନ୍ତି। ରିଚା ଘୋଷ୍ ଓ ଜେମିମା ରୋଡ୍ରିଗୁଏଜ୍ ଗ୍ରେଡ୍ ସି'ରୁ ପଦୋନ୍ନତି ପାଇ ଗ୍ରେଡ୍ ବି'ରେ ସାମିଲ ହୋଇଛନ୍ତି।

**ସମ୍ପୂର୍ଣ୍ଣ ତାଲିକା**

କାଟେଗୋରି ଏ': ହରମନ୍‌ପ୍ରୀତ୍ କୌର,ସ୍ମୃତି ମନ୍ଧାନା ଓ ଦୀପ୍ତି ଶର୍ମା।

କାଟେଗୋରି ବି': ରେଣୁକା ଠାକୁର, ଜେମିମା ରୋଡ୍ରିଗୁଏଜ୍, ଶେଫାଳି ବର୍ମା, ରିଚା ଘୋଷ୍ ଓ ରାଜେଶ୍ୱରୀ ଗାଏକ୍ୱାଡ୍।

କାଟେଗୋରି ସି': ମେଘନା ସିଂ, ଦେବିକା ବୈଦ୍ୟ, ସବ୍ବିନେନୀ ମେଘନା, ରାଧା ଯାଦବ, ଅଞ୍ଜଳି ସର୍ବାଣୀ, ପୂଜା ବସ୍ତ୍ରକାର, ହରଲିନ୍ ଦେଓଲ, ସ୍ନେହ ରାଣା ଓ ଯସ୍ତିକା ଭାଟିଆ।



କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଏଫ୍‌ଜେଡ୍ ଫୋର୍ଜା ଅଲ୍ ଓଡ଼ିଶା ଓସ୍‌ବା ମିନି ଓ ସବ୍‌ଜୁନିୟର ରାଜ୍ୟ ର୍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଦିବସରେ ଅଂଶଗ୍ରହଣକାରୀ ପ୍ରତିଯୋଗୀମାନେ।

# ନୟାଗଡ଼, ବାଲେଶ୍ୱର ବିଜୟୀ


ଜଗତ୍‌ସିଂହପୁର ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ସାହାଣୀ କପ୍ ଫୁଟବଲ ମ୍ୟାଚ୍।

**ସାହାଣୀ କପ୍ ଫୁଟ୍‌ବଲ**

**ଭୁବନେଶ୍ୱର, ୨୭।୪ (କ୍ରୀଡ଼ା ପ୍ରତିନିଧି)**

ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ରେ ଗୁରୁବାର ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ନୟାଗଡ଼ ଓ ବାଲେଶ୍ୱର ଦଳ ବିଜୟୀ ହୋଇଥିବା ବେଳେ ସୁନ୍ଦରଗଡ଼-ଭୁବନେଶ୍ୱର ଓ ଜଗତ୍‌ସିଂହପୁର-ବୌଦ୍ଧ ମ୍ୟାଚ୍ ଡ୍ର ରହିଛି। କଟକର ବିଡ଼ାନାସୀ ପଡ଼ିଆରେ ନୟାଗଡ଼ ୨-୦ ଗୋଲରେ ପୁରୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ପପୁନି ବେହେରା ୧୨ ଓ ୩୫ତମ ମିନିଟରେ ୨ଟି ଯାକ ଗୋଲ ଦେଇଥିଲେ। ଚୌଦ୍ୱାର ଓଟିଏମ୍ ଗ୍ରାଉଣ୍ଡରେ ବାଲେଶ୍ୱର ୨-୧ ଗୋଲରେ ଅନୁଗୋଳକୁ ହରାଇଛି। ବାଲେଶ୍ୱର ପକ୍ଷରୁ ସଉନା ହାଁସ୍‌ଦା ୪୫+୧ ଓ ଧନେଶ୍ୱର ହେମ୍ବ୍ରମ୍ ୭୯ତମ ମିନିଟ୍ ଏବଂ ଅନୁଗୋଳର ଜିତେନ୍ଦ୍ର ବିରୁଆ ୩୧ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସ୍ଥାନୀୟ କ୍ୟାପିଟାଲ ଫୁଟ୍‌ବଲ ଆରେନାରେ ସୁନ୍ଦରଗଡ଼-ଭୁବନେଶ୍ୱର ମ୍ୟାଚ୍ ୩-୩ ଗୋଲରେ ବରାବର ରହିଛି। ସୁନ୍ଦରଗଡ଼ ପକ୍ଷରୁ ଆକାଶ ବେକ୍ ୬୨ ଓ ୬୬ତମ ମିନିଟରେ ୨ଟି ଏବଂ ସ୍ୱାଧୀନ ବଢ଼େଇ ୧୭ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ସେହିପରି ଭୁବନେଶ୍ୱର ପକ୍ଷରୁ ପପୁ ମାଝି ୨୯ ଓ ୪୧ତମ ମିନିଟରେ ୨ଟି ଏବଂ ଭାବଗ୍ରାହୀ ପଢ଼ିହାରୀ ୬୯ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ୭ମ ବାଟାଲିୟନ ଗ୍ରାଉଣ୍ଡରେ ଜଗତ୍‌ସିଂହପୁର-ବୌଦ୍ଧ ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଜଗତ୍‌ସିଂହପୁର ପକ୍ଷରୁ ଯଦୁନାଥ ହାଁସଦା ଓ ଚତୁରାନନ୍ଦ ମାରାଣ୍ଡି ଏବଂ ବୌଦ୍ଧ ପକ୍ଷରୁ ଜିତେନ୍ଦ୍ର ଦେହୁରୀ ଓ ଅନୁରାଗ ସାହୁ ଗୋଲ ସ୍କୋର କରିଥିଲେ।



ଓଡ଼ିଶାର ମହିଳା ଅନ୍ତର୍ଜାତୀୟ ମାଷ୍ଟର ଚେସ୍ ତାରକା ସାଇନା ସାଲୋନିକା ଦିଲ୍ଲୀ ବିଶ୍ୱବିଦ୍ୟାଳୟ ମିରାଣ୍ଡା ହାଉସ୍ କଲେଜର ସବୁଠାରୁ ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍ ବିବେଚିତ ହୋଇଛନ୍ତି। ବାର୍ଷିକ କ୍ରୀଡ଼ା ଉତ୍ସବର ୪ଟି ବର୍ଗରେ ସେ ପୁରସ୍କୃତ ହୋଇଛନ୍ତି।

# ବକ୍ସର କୌର ସିଂଙ୍କ ପରଲୋକ

**ମହମ୍ମଦ ଅଲିଙ୍କ ସହ ଲଢ଼ିଥିଲେ**

**ଚଣ୍ଡିଗଡ଼, ୨୭।୪(ପି.ଟି.)**

ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ବକ୍ସର କୌର ସିଂଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ତାଙ୍କର ଏକାଧିକ ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିଲା। ହରିୟାଣାର କୁରୁକ୍ଷେତ୍ରସ୍ଥିତ ଏକ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିଲେ। ଥରେ ଏକ ପ୍ରଦର୍ଶନୀ ବାଉଟ୍‌ରେ ସେ କିମ୍ବଦନ୍ତୀ ମହମ୍ମଦ ଅଲିଙ୍କ ସହ ଲଢ଼ିଥିଲେ। ପୂର୍ବତନ ସେନା କର୍ମଚାରୀ ପଞ୍ଜାବର ସଙ୍ଗୁର ଜିଲା ଅନ୍ତର୍ଗତ ଖନାଲ ଖୁର୍ଦ୍ଦ ଗ୍ରାମର ସେ ବାସିନ୍ଦା। ସେ ୧୯୮୨ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆନ ଗେମ୍ସରେ ହେଭିୱେଟ ବକ୍ସିଂରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଉଲ୍ଲେଖନୀୟ ବିଷୟ ହେଲା ଏହି ବକ୍ସର ୧୯୮୦ ଜାନୁୟାରୀରେ ଅଲିଙ୍କ ସହ ଏକ ୪ ରାଉଣ୍ଡବିଶିଷ୍ଟ ବାଉଟ ଲଢ଼ିଥିଲେ। ସେ ଅଲିମ୍ପିକ ଗେମ୍ସରେ ମଧ୍ୟ ଦେଶ ତରଫରୁ ପ୍ରତିନିଧିତ୍ୱ କରିଥିଲେ। କୌରଙ୍କୁ ୧୯୮୨ରେ ଅର୍ଜୁନ ପୁରସ୍କାର ଏବଂ ୧୯୮୩ରେ ପଦ୍ମଶ୍ରୀ ପୁରସ୍କାରରେ




ସମ୍ମାନିତ କରାଯାଇଥିଲା। ତାଙ୍କ ଦେହାନ୍ତରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂ ମାନ୍ ଗଭୀର ଶୋକ ପ୍ରକାଶ କରିଛନ୍ତି। କୌର ସିଂ କୃତିତ୍ୱ ଉଦୀୟମାନ ବକ୍ସରମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ରାଜ୍ୟର ୪ କିମ୍ବଦନ୍ତୀ ଆଥ୍‌ଲେଟଙ୍କ ଆତ୍ମଜୀବନୀକୁ ସ୍କୁଲ ପାଠ୍ୟକ୍ରମରେ ସ୍ଥାନ ଦେବା ଲାଗି ସରକାରଙ୍କ ଯୋଜନା ରହିଥିବା ଚଳିତ ମାସ ପ୍ରାରମ୍ଭରେ ପଞ୍ଜାବ ସରକାର ଘୋଷଣା କରିଥିଲେ।

# ଓଡ଼ିଶା ଏଫ୍‌ସି ୬-୦ ଗୋଲରେ ବିଜୟୀ

**ଇଣ୍ଡିଆନ୍ ଓମେନ୍ସ ଲିଗ୍**

**ଭୁବନେଶ୍ୱର, ୨୭।୪ (କ୍ରୀଡ଼ା ପ୍ରତିନିଧି)**

ବୁଧବାରଠାରୁ ଗୁଜରାଟର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ବିଜୟୀ ହୋଇଛି। ଟ୍ରାନ୍ସଷ୍ଟାଡିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୬-୦ ଗୋଲରେ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ ଫୁଟ୍‌ବଲ କ୍ଲବକୁ ପରାସ୍ତ କରିଛି। ପୂରା ମ୍ୟାଚ୍‌ରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିବା ଓଡ଼ିଶା ଏଫ୍‌ସି ପକ୍ଷରୁ ୧୯ତମ ମିନିଟରେ ପ୍ରଥମ ଗୋଲଟି ଦେଇଥିଲେ ଲାଲରାମପରି ହୌହନାର ଗେସ୍। ଏହାର ୧୦ ମିନିଟ୍ ପରେ ଅର୍ଥାତ୍ ୨୯ତମ ମିନିଟ୍‌ରେ ସିନ୍ଥିଆ ମାର୍କୋଣ୍ଡେସ ଡୋସ ସାଣ୍ଟୋସ ଏକ ଗୋଲ ଦେଇ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୪୪ତମ ମିନିଟ୍‌ରେ ଫୌଷ୍ଟିନା ଓରଓରନ୍ୟୋ ଆକ୍‌ପୋ ଏବଂ ୪୫+୨ ମିନିଟରେ ଏସ. ଲିଣ୍ଡା କମ୍ ଗୋଟିଏ ଲେଖାଏ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଖେଳ ଶେଷ ବେଳକୁ ଓଡ଼ିଶାଭିତ୍ତିକ ଦଳ ୪-୦ ଗୋଲରେ ଆଗୁଆ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ବିପକ୍ଷ ଦଳ କିଛିଟା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଓଡ଼ିଶା ଏଫ୍‌ସିର ଗୋଲସ୍କୋରିଂ ଧାରାକୁ ରୋକିପାରି ନ ଥିଲା। ୬୫ତମ ମିନିଟରେ ଦଳ ପକ୍ଷରୁ ୫ମ ଗୋଲ ଦେଇଥିଲେ ତାରକା ଷ୍ଟ୍ରାଇକର ନାନ୍‌ଗୋମ ବାଲାଦେବୀ। ଏହାର ଗୋଟିଏ ମିନିଟ ପରେ ଅର୍ଥାତ୍ ୬୬ତମ ମିନିଟରେ ଯଶୋଦା ମୁଣ୍ଡା ଆଉ ଏକ ଗୋଲସ୍କୋର କରିଥିଲେ। ଅବଶିଷ୍ଟ ସମୟରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଗୋଲ ହୋଇ ନ ଥିଲା। ବିଜୟ ଫଳରେ ଗ୍ରୁପ୍ 'ବି'ରେ ୩ ପଏଣ୍ଟ ସହ ଓଡ଼ିଶା ଏଫ୍‌ସି ଅଭିଯାନ ଆରମ୍ଭ କରିଛି। ବୁଧବାର ପ୍ରଥମ ଦିବସରେ ଅନ୍ୟତମ ଓଡ଼ିଶା ଦଳ ସ୍ପୋର୍ଟ୍ସ ଓଡ଼ିଶା ମଧ୍ୟ ବିଜୟୀ ହୋଇଥିଲା। ଗୁରୁବାର ଅନୁଷ୍ଠିତ ମ୍ୟାଚ୍ ଗୁଡ଼ିକ ମଧ୍ୟରେ ଟ୍ରାନ୍ସଷ୍ଟାଡିଆରେ ଇଷ୍ଟର୍ନ ସ୍ପୋର୍ଟିଂ ୧-୦ ଗୋଲରେ କର୍ଣ୍ଣାଟକର କିକ୍‌ଷ୍ଟାର୍ଟ ଏଫ୍‌ସିକୁ ଏବଂ ଶାହିବାଗ୍ ପୋଲିସ ଷ୍ଟାଡିୟମରେ ଲର୍ଡ୍ସ ଏଫ୍ ଏ କୋଚି-ୱାଇଏମ୍ଏଏ ୪-୦ ଗୋଲରେ ସେଲ୍‌ଟିକ୍ କୁଇନ୍ସ ଏଫ୍‌ସିକୁ ପରାସ୍ତ କରିଛି।



ଓଡ଼ିଶା ଏଫ୍‌ସି ଓ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



# ଡୋପିଂ
## ବିଶ୍ୱରେ ଭାରତ ଦ୍ୱିତୀୟ

**ଅନେକ ସମୟରେ ତ୍ୱରିତ ସଫଳତା ପାଇଁ କେତେଜଣ ଖେଳାଳି ଶର୍ଟ କଟ୍ ପନ୍ଥା ଆପଣେଇଥାନ୍ତି। ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ଶକ୍ତିବର୍ଦ୍ଧକ ବ୍ୟବହାର କରିଥାନ୍ତି। ଆଶ୍ଚର୍ଯ୍ୟଜନକ ଭାବରେ ବିଗତ କିଛିବର୍ଷ ମଧ୍ୟରେ ଭାରତରେ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଡୋପିଂ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଏକ ରିପୋର୍ଟ ଅନୁସାରେ ୨୦୨୨ ବର୍ଷରେ ସମଗ୍ର ବିଶ୍ୱରେ ରୁଷିଆ ପଛକୁ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି...**

ଯେକୌଣସି କ୍ରୀଡ଼ା ହେଉନା କାହିଁକି ଅନେକ ସମୟରେ ତ୍ୱରିତ ସଫଳତା ପାଇଁ କେତେକ ଖେଳାଳି ଶର୍ଟ କଟ୍ ପନ୍ଥା ଆପଣେଇଥାନ୍ତି। ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ସମୟ ସମୟରେ ଶକ୍ତିବର୍ଦ୍ଧକ (ଡୋପିଂ) ବ୍ୟବହାର କରିଥାନ୍ତି। ପୂର୍ବରୁ ଅନେକ ସମୟରେ ଶକ୍ତିବର୍ଦ୍ଧକର ମାତ୍ରା ମିଳୁ ନ ଥିବା ବେଳେ ବର୍ତ୍ତମାନ ଟେକ୍ନୋଲୋଜିର ବହୁଳ ବ୍ୟବହାର ଫଳରେ ସ୍ୱଚ୍ଛତା ଆସିଛି। ସାଧାରଣତଃ ଆଥଲେଟିକ୍ସ ବର୍ଗରେ ଖେଳାଳିମାନେ ମାତ୍ରାଧିକ ଡୋପିଂର ଖବର ସାମ୍ନାକୁ ଆସିଥାଏ। ଆଶ୍ଚର୍ଯ୍ୟଜନକ ଭାବରେ ବିଗତ କିଛି ବର୍ଷ ମଧ୍ୟରେ ଭାରତରେ କ୍ରୀଡାବିତ୍‌ଙ୍କ ମଧ୍ୟରେ ଡୋପିଂ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଏକ ରିପୋର୍ଟ ଅନୁସାରେ ୨୦୨୨ରେ ସମଗ୍ର ବିଶ୍ୱରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ୮୭ ଡୋପିଂ ମାମଲା ସହ ରୁଷିଆ ଏହି ତାଲିକାର ପ୍ରଥମ ସ୍ଥାନରେ ଥିବା ବେଳେ ୬୨ ମାମଲା ସହ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଜନସଂଖ୍ୟାରେ ଆମେ ଚାଇନାକୁ ଅତିକ୍ରମ କରିବା ଭଳି ଡୋପିଂ ମାମଲାରେ ରୁଷିଆକୁ ପଛରେ ପକାଇବାର ସ୍ଥିତି ଉପନୀତ ହୋଇଛି।

**କେଉଁ ଦେଶରୁ କେତେ:** ବିଶ୍ୱ ଆଥଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ (ଏଆଇୟୁ) ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁସାରେ ୨୦୨୨ରେ ସମଗ୍ର ବିଶ୍ୱରେ ୪୭୩ଟି ଡୋପିଂ ମାମଲା ସାମ୍ନାକୁ ଆସିଛି। ରୁଷିଆ ଓ ଭାରତ ପଛକୁ ୫୩ ଡୋପିଂ ମାମଲା ସହ କେନିଆ ଏହି ତାଲିକାରେ ତୃତୀୟ ସ୍ଥାନରେ ରହିଛି। ମରକ୍କୋ (୨୭) ଓ ଚାଇନା (୨୪) ତାଲିକାର ଟପ୍-୫ ଦେଶ ମଧ୍ୟରେ ରହିଛନ୍ତି। ୟୁକ୍ରେନ୍ ଓ ଇଟାଲୀର ୧୭ ଜଣ ଲେଖାଏ ଏବଂ ଦକ୍ଷିଣ ଆଫ୍ରିକା ଓ ଇଥିଓପିଆରୁ ୧୨ ଜଣ ଲେଖାଏ ଖେଳାଳି ଏଥିରେ ସାମିଲ ଅଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା (୧୧), ବ୍ରାଜିଲ (୧୧), କାଜାଖସ୍ତାନ (୧୦), ବେଲାରୁଷ(୯), ବ୍ରୁନେଇ(୮), ଫ୍ରାନ୍ସ(୭) ଓ ଇରାନ୍(୬) ଏହି ତାଲିକାରେ ପଛକୁପଛ ରହିଛନ୍ତି।

**ମହିଳାଙ୍କ ତୁଳନାରେ ପୁରୁଷ ଆଗରେ:** ଡୋପିଂ ମାମଲାରେ ମହିଳା ଆଥ୍‌ଲେଟଙ୍କ ତୁଳନାରେ ପୁରୁଷମାନେ ଆଗରେ ରହିଛନ୍ତି। ସମଗ୍ର ବିଶ୍ୱରେ ୨୮୬ ଜଣ ପୁରୁଷ ଓ ୧୮୮ ଜଣ ମହିଳା ଖେଳାଳି ଶକ୍ତିବର୍ଦ୍ଧକ ନେଇ ଧରାପଡିଛନ୍ତି। ସେହିପରି ଭାରତରେ ୪୫ ଜଣ ପୁରୁଷ ଖେଳାଳି ଓ ୧୭ ଜଣ ମହିଳା ଖେଳାଳି ଡୋପିଂ ମାମଲାରେ ଦଣ୍ଡିତ ହୋଇଛନ୍ତି।

**କେଉଁ ବର୍ଗରେ କେତେ ଖେଳାଳି:** ସମସ୍ତ ବର୍ଗର ଖେଳାଳି ପ୍ରାୟତଃ ଡୋପିଂରେ ସାମିଲ ଅଛନ୍ତି। ତେବେ ଧାବିକା/ଧାବକମାନଙ୍କ ସମ୍ପୃକ୍ତି ଅଧିକ। ଡୋପିଂ ମାମଲାର ୩୩ ପ୍ରତିଶତ ଦୂରଗାମୀ ଧାବିକା/ଧାବକ ସାମିଲ ଥିବା ବେଳେ ମଧ୍ୟମ ଦୂରଗାମୀ ଧାବକ ବର୍ଗରୁ ୧୦ ପ୍ରତିଶତ ଆଥଲେଟ ସାମିଲ ଅଛନ୍ତି। ଅନ୍ୟ ପକ୍ଷରେ ସମଗ୍ର ମାମଲାର ୨୧ ପ୍ରତିଶତ ସ୍ପ୍ରିଣ୍ଟର ଡୋପିଂ ମାମଲାରେ ସମ୍ପୃକ୍ତ ଥିବା ଜଣାପଡିଛି। ସମଗ୍ର ବିଶ୍ୱରେ ୧୫୮ ଜଣ ଦୂରଗାମୀ ଆଥଲେଟ ଡୋପିଂ ଜାଲରେ ଥିବାବେଳେ ଭାରତରେ ଏହି ସଂଖ୍ୟା ମାତ୍ର ୪ ରହିଛି। ମଧ୍ୟମ ଦୂରଗାମୀ ଆଥଲେଟଙ୍କ କ୍ଷେତ୍ରରେ ବିଶ୍ୱରେ ୪୬ଟି ମାମଲା ସାମ୍ନାକୁ ଆସିଥିବା ବେଳେ ଭାରତୀୟଙ୍କ ସଂଖ୍ୟା ୭ ରହିଛି। ସ୍ପ୍ରିଣ୍ଟରେ ସମଗ୍ର ବିଶ୍ୱରେ ୧୧୩ ମାମଲା ସାମ୍ନାକୁ ଆସିଥିବା ବେଳେ ଭାରତରେ ଏହାର ସଂଖ୍ୟା ୨୧। ହାମର୍ ଥ୍ରୋରେ ସମଗ୍ର ବିଶ୍ୱରେ ୨୦ ମାମଲା ରହିଛି। ଏଥିରେ ଭାରତର ୭ ସାମିଲ। ଶଟ୍‌ପୁଟ୍‌ରେ ବିଶ୍ୱରେ ୧୯ ଖେଳାଳି ଡୋପିଂରେ ଫସିଛନ୍ତି। ଭାରତରେ ଏହାର ସଂଖ୍ୟା ୩ ରହିଛି। ଥ୍ରୋ ଇଭେଣ୍ଟରେ ବିଶ୍ୱରେ ୧୭ ଓ ଭାରତର ୫ ଆଥଲେଟ ଡୋପିଂ ମାମଲାରେ ଧରାପଡିଛନ୍ତି। ଓ୍ୱାକିଂ ଇଭେଣ୍ଟରେ ବିଶ୍ୱରେ ୧୬ ଜଣଙ୍କ ମଧ୍ୟରେ ଭାରତର ୨ ଆଥଲେଟ ଡୋପ୍ ମାମଲାରେ ରହିଛନ୍ତି। ଡିସ୍କସ୍, ଜାଭେଲିନ୍ ଓ ଲଙ୍ଗଜମ୍ପରେ ବିଶ୍ୱରେ ୭, ୯ ଓ ୭ ଜଣ ଆଥଲେଟ ଧରାପଡିଥିବା ବେଳେ ଭାରତରେ ଯଥାକ୍ରମେ ୨, ୪ ଓ ୧ ଜଣ ଆଥଲେଟ ଶକ୍ତିବର୍ଦ୍ଧକ ବ୍ୟବହାର କରିଛନ୍ତି। ସେହିପରି ଟ୍ରିପଲ ଜମ୍ପ, ହାଇ ଜମ୍ପ ଓ ଲଙ୍ଗ ଜମ୍ପରେ ବିଶ୍ୱରେ ୬ ଜଣ ଆଥଲେଟ ଧରାପଡିଛନ୍ତି। ଏହା ମଧ୍ୟରେ ଭାରତର ୪ ଜଣ ରହିଛନ୍ତି। ଜମ୍ପ ଓ ଷ୍ଟିପଲଚେଜ୍‌ରେ ବିଶ୍ୱରୁ ୫ ଓ ଭାରତରୁ ଜଣେ ଆଥଲେଟ ଧରାପଡିଛନ୍ତି।

**ଦଣ୍ଡବିଧାନ:** ବିଶ୍ୱର ଭିନ୍ନ ଭିନ୍ନ ରାଷ୍ଟ୍ରରେ ଡୋପିଂ ପାଇଁ ଅଲଗା ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ତେବେ ଭାରତରେ ଏ ନେଇ ୪ ବର୍ଷର ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ପ୍ରଥମ ଥର ଦୋଷୀସାବ୍ୟସ୍ତ ହେଲେ ୪ ବର୍ଷ ଦଣ୍ଡ ହୋଇଥାଏ। ତେବେ ଯଦି ୨୦ ଦିନ ମଧ୍ୟରେ କେହି ଦୋଷ ସ୍ୱୀକାର କରିନିଅନ୍ତି ତେବେ ଏହାକୁ ୩ ବର୍ଷକୁ ହ୍ରାସ କରାଯାଏ। କୌଣସି ଆଥଲେଟ ଯଦି ଦ୍ୱିତୀୟ ଥର ଡୋପିଂ ମାମଲାରେ ଧରାପଡନ୍ତି ତେବେ ତାଙ୍କୁ ଆଜୀବନ ବାସନ୍ଦ କରାଯାଏ। ଭାରତରେ ୫୬ ପ୍ରତିଶତ ଆଥଲେଟଙ୍କୁ ୪ ବର୍ଷର ବାସନ୍ଦାଦେଶ ଦଣ୍ଡ ମିଳିଛି। ବିଶ୍ୱରେ ଏହା ୮୩ ପ୍ରତିଶତ। ବିଶ୍ୱରେ ୩୬ ଜଣ ଆଥଲେଟଙ୍କୁ ଆଜୀବନ ବାସନ୍ଦ କରାଯାଇଥିବା ବେଳେ ଭାରତର କେବଳ ଜଣେ ହାମର ଥ୍ରୋୟର ଜିତେନ୍ଦର ସିଂ ଏହି ତାଲିକାରେ ରହିଛନ୍ତି।

**ବ୍ୟବହୃତ ଶକ୍ତିବର୍ଦ୍ଧକ:** ଆଥଲେଟମାନେ ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ନାନା ପ୍ରକାରର ଷ୍ଟେରଏଡ୍ ବ୍ୟବହାର କରିଥାନ୍ତି। ଇପିଓ, ନୋରାଣ୍ଡ୍ରୋଷ୍ଟେରୋନ୍, ଅକ୍ସାଣ୍ଡ୍ରୋଲୋନ, ମେଟାଣ୍ଡିଏନୋନ୍, ଷ୍ଟାନୋଜୋଲୋଲ, ଡ୍ରୋଷ୍ଟାନୋଲୋନ, ମେଥାଣ୍ଡିନିଓନ୍ ଓ ମେଟେନୋଲୋନ ପରି ଶକ୍ତିବର୍ଦ୍ଧକ ଏହା ମଧ୍ୟରେ ସାମିଲ।

**ଇପିଓ:** ଶରୀରରେ ଆର୍‌ବିସି କାଉଣ୍ଟ ବଢ଼ାଇବା ପାଇଁ ଇପିଓ ବ୍ୟବହାର କରାଯାଇଥାଏ। ସମଗ୍ର ବିଶ୍ୱର ୪୧ ଓ ଭାରତର ୩ ଜଣ ଆଥଲେଟ ଏହି ଶକ୍ତିବର୍ଦ୍ଧକ ବ୍ୟବହାର କରି ଧରାପଡିଛନ୍ତି।

**ନୋରାଣ୍ଡ୍ରୋଷ୍ଟେରୋନ୍:** ଏହି ଷ୍ଟେରଏଡ୍‌କୁ ୩୦ ବର୍ଷ ହେବ ବାରଣ କରାଯାଇଛି। ଏହା ଏକ ଆନାବୋଲିକ୍ ଷ୍ଟେରଏଡ୍। ଏହାକୁ ଆନେମିଆ, କ୍ୟାନ୍ସର ପରି ଔଷଧରେ ବ୍ୟବହାର କରାଯାଉଥିବା ବେଳେ ଶକ୍ତିଶାଳୀ ମାଂସପେଶୀ ପାଇଁ କିଛି ଆଥଲେଟ ଏହାର ଉପଯୋଗ କରିଥାନ୍ତି। ବିଶ୍ୱରେ ୩୦ ଓ ଭାରତରେ ୬ ଜଣ ଆଥଲେଟ ଏହା ବ୍ୟବହାର କରିଛନ୍ତି।

**ଅକ୍ସାଣ୍ଡ୍ରୋଲୋନ:** ଏହି ଆନାବଲିକ୍ ଷ୍ଟେରଏଡ୍ ଦ୍ୱାରା ହରମୋନ୍ ନିୟନ୍ତ୍ରଣ ହୋଇଥାଏ। ଏପରିକି ଓଜନ ବୃଦ୍ଧି ପାଇଁ ମଧ୍ୟ କିଛି ଆଥଲେଟ୍ ଏହାର ବ୍ୟବହାର କରିଥାନ୍ତି। ବିଶ୍ୱର ୧୫ ଓ ଭାରତର ୨ ଆଥଲେଟ ଏହାର ବ୍ୟବହାର କରିଛନ୍ତି।

**ମେଟାଣ୍ଡିଏନୋନ୍:** ଏହି ଶକ୍ତିବର୍ଦ୍ଧକଟି ବଜାରରେ ଅତ୍ୟନ୍ତ ସହଜରେ ଉପଲବ୍ଧ ହେଉଥିବା ବେଳେ ଏହାକୁ ଆଣ୍ଡ୍ରୋଜେନ୍ ରିସେପ୍ଟର ଭାବରେ ବ୍ୟବହାର କରାଯାଏ।

**ଷ୍ଟାନୋଜୋଲୋଲ:** ଭାରତରେ ସର୍ବାଧିକ ୭ ଜଣ ଆଥଲେଟ ଏହି ଶକ୍ତିବର୍ଦ୍ଧକକୁ ବ୍ୟବହାର କରିଛନ୍ତି। ଏହା ଶରୀରରେ ଟେଷ୍ଟୋଷ୍ଟେରନ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ବିଶ୍ୱର ୨୫ ଆଥଲେଟ ଏହା ବ୍ୟବହାର କରିଛନ୍ତି।

**ଡ୍ରୋଷ୍ଟାନୋଲୋନ:** ମହିଳାଙ୍କ ସ୍ତନ କ୍ୟାନ୍ସର ଚିକିତ୍ସା ପାଇଁ ଏହାକୁ ଇଞ୍ଜେକ୍ସନ ଭାବରେ ବ୍ୟବହୃତ କରାଯାଇଥାଏ। ମାତ୍ର ଏହା ମାଂଶପେଶୀକୁ ସଶକ୍ତ କରୁଥିବାରୁ ଆଥଲେଟମାନେ ଏହାର ଦୁରୁପଯୋଗ କରିବା ଆରମ୍ଭ କଲେ। ବିଶ୍ୱର ୯ ଓ ଭାରତର ୩ ଆଥଲେଟ ଏହାକୁ ବ୍ୟବହାର କରି ଧରାପଡିଛନ୍ତି।

**ମେଥାଣ୍ଡିନିଓନ୍:** ଶରୀରର ମାଂଶ ପେଶୀକୁ ଶକ୍ତ ଓ ଷ୍ଟାମିନା ବୃଦ୍ଧି ପାଇଁ ଏହି ଷ୍ଟେରଏଡ୍ ବ୍ୟବହାର କରାଯାଏ। ପ୍ରୋଟିନ୍ ସିନ୍ଥେସିସ୍ ତ୍ୱରିତ ହେବା ଦ୍ୱାରା ଶରୀରର କାର୍ଯ୍ୟକ୍ଷମତା ମଧ୍ୟ ବୃଦ୍ଧି ପାଇଥାଏ। ବିଶ୍ୱରେ ୭ ଓ ଭାରତରେ ୨ ଜଣ ଆଥଲେଟ ଏହାକୁ ଶକ୍ତିବର୍ଦ୍ଧକ ଭାବରେ ବ୍ୟବହାର କରି ଧରାପଡିଛନ୍ତି।

**ମେଟେନୋଲୋନ:** ଶରୀରର କ୍ଷମତା ବୃଦ୍ଧି କରିବା ପାଇଁ ଓ ଶରୀରକୁ ଅଧିକ କ୍ଷିପ୍ର କରିବାକୁ ଏହା ବ୍ୟବହାର କରାଯାଇଥାଏ। ଶସ୍ତା ଥିବାରୁ ବିଶ୍ୱର ଅନ୍ୟ ସ୍ଥାନ ଅପେକ୍ଷା ଭାରତରେ ଏହା ଅଧିକ ବ୍ୟବହୃତ। ବିଶ୍ୱର ୫ ଆଥଲେଟଙ୍କ ମଧ୍ୟରୁ ୪ ଜଣ ଭାରତୀୟ ଏହାକୁ ବ୍ୟବହାର କରିଥିବା ରିପୋର୍ଟରୁ ପ୍ରକାଶ।

## ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଡୋପ୍‌ଟେଷ୍ଟ ଜରୁରୀ



ଡୋପିଂ କ୍ଷେତ୍ରରେ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିବା ନିଶ୍ଚିତ ଉଦ୍‌ବେଗଜନକ। ଏହାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ଏବଂ ବିତର୍କର ଆବଶ୍ୟକତା ରହିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ। ଏବେ ଇଣ୍ଟରନେଟ ଯୁଗରେ କ'ଣ କରିବା ଉଚିତ କିମ୍ବା ଅନୁଚିତ ତାହା ସମସ୍ତଙ୍କ ହାତ ପାହାନ୍ତାରେ ଅଛି। ଏହା ସତ୍ତ୍ୱେ ଡୋପିଂ ବଢ଼ିବଢ଼ି ଚାଲିଛି, ତାହା ଚିନ୍ତାଜନକ। ଯଦିଓ କିଛି ପ୍ରମାଣ ନାହିଁ ତେବେ ଏଥିରେ ମାଫିଆମାନଙ୍କ ସମ୍ପୃକ୍ତିକୁ ଅସ୍ୱୀକାର କରାଯାଇ ନ ପାରେ। ଅଳ୍ପ ପରିଶ୍ରମରେ ଅଧିକ ସଫଳତା ପାଇବାକୁ ଆଶା କରୁଥିବା ଆଥଲେଟ୍‌ମାନେ ହିଁ ଏହାର ଶିକାର ହୋଇଥାନ୍ତି। ଏଥିରେ କ୍ୟାରିୟର ନଷ୍ଟ ହୋଇଯିବାର ସମ୍ଭାବନା ରହିଛି।

**ଆଥଲେଟିକ୍ସରେ ଅଧିକ କାହିଁକି:** ଆଥଲେଟିକ୍ସ ଏକ ବ୍ୟକ୍ତିଗତ ଗେମ୍। ରିଲେ ରେସ୍‌କୁ ଛାଡ଼ିଦେଲେ ଅନ୍ୟ ସବୁ ଇଭେଣ୍ଟରେ ଜଣେ ଖେଳାଳି ଏକୁଟିଆ ଭାଗ ନେଇଥାନ୍ତି। କେତେବେଳେ ଅଭ୍ୟାସ କରିବେ ତାହା ସେ ସ୍ଥିର କରିଥାନ୍ତି ଏବଂ ଏକାନ୍ତରେ ରହିଥାନ୍ତି। ପ୍ରତ୍ୟେକ ଖେଳାଳିଙ୍କ ନିକଟରେ ପ୍ରାୟତଃ କୋଚ୍ ରହିଥାନ୍ତି। ଉକ୍ତ ଖେଳାଳି କୋଚ୍‌ଙ୍କ ପରାମର୍ଶରେ ହିଁ ଯାହା କିଛି କରିଥାନ୍ତି। ଜିତୁଛନ୍ତି ସେମାନେ ଡ୍ରଗ୍ସ ନେଇଛନ୍ତି କି ନାହିଁ ତାହା ଜଣା ପଡୁନାହିଁ। କିମ୍ବା ଖେଳାଳିମାନେ ମଧ୍ୟ ଯେଉଁ ଔଷଧ କିମ୍ବା ଦ୍ରବ୍ୟ ସେବନ କରୁଛନ୍ତି ତାହା ଉପଯୁକ୍ତ କି ନୁହେଁ ତାହା ଜାଣି ପାରୁନାହାନ୍ତି। ଅଭ୍ୟାସଗତ ତ୍ରୁଟି ରହୁଥିବାରୁ ସେମାନେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ବେଳକୁ ଧରାପଡୁଛନ୍ତି। ଖେଳାଳି

**ଡୋପିଂ କ୍ଷେତ୍ରରେ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିବା ଉଦ୍‌ବେଗଜନକ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ। ବ୍ୟୟସାପେକ୍ଷ ହେଲେ ମଧ୍ୟ ରାଜ୍ୟସ୍ତରୀୟ ପ୍ରତିଯୋଗିତାଗୁଡ଼ିକରେ ଡୋପ୍ ଟେଷ୍ଟ କରାଗଲେ ଏହାକୁ ରୋକାଯାଇ ପାରିବ...**

ଏହା ହିଁ ସେମାନଙ୍କ ଦୁନିଆ। ତେଣୁ ଭୁଲ୍ ହେବା ସହଜ ହୋଇଥାଏ। ହକି ହେଉ କିମ୍ବା ଫୁଟବଲ ଟିମ୍ ଗେମ୍ ହୋଇଥିବାରୁ ଏପରି ଭୁଲ ଏତେଟା ସହଜ ହୋଇ ନ ଥାଏ। କାରଣ କୌଣସି ଖେଳାଳି ତ୍ରୁଟିପୂର୍ଣ୍ଣ ପଦ୍ଧତି ଆପଣେଇଲେ ଅନ୍ୟ ଖେଳାଳିଙ୍କ ଦୃଷ୍ଟିକୁ ଆସିବା ସହଜ ହୋଇଥାଏ।

**କ'ଣ ଆବଶ୍ୟକ:** ଯେପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ପ୍ରତିଯୋଗିତାଗୁଡ଼ିକରେ ଡୋପ୍ ଟେଷ୍ଟ ନ ହୋଇଛି ସେ ପର୍ଯ୍ୟନ୍ତ ଆମେ ଏହି ସମସ୍ୟା ଘେରରୁ ବାହାରି ପାରିବା ନାହିଁ। ଯେଉଁ ଖେଳାଳିମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପଦକ ଯାହାବି ସେବନ କରିଥାନ୍ତି ଅଜାଣତରେ ହୋଇଛି ବୋଲି ଧରା ପଡ଼ିବାପରେ ପ୍ରାୟତଃ କହିଥାନ୍ତି, କିମ୍ବା କେହି ଷଡ଼ଯନ୍ତ୍ର କରି ଏପରି କରିଥାଇପାରେ ବୋଲି ମତବ୍ୟକ୍ତ କରିଥାନ୍ତି। ତେଣୁ ବ୍ୟୟ ସାପେକ୍ଷ ହେଲେ ମଧ୍ୟ ରାଜ୍ୟସ୍ତରୀୟ ପ୍ରତିଯୋଗିତାଗୁଡ଼ିକ ଲାଗି ଭାରତ ଏବଂ ରାଜ୍ୟ ସରକାର ଡୋପ୍‌ଟେଷ୍ଟ ବ୍ୟବସ୍ଥା ପାଇଁ ବଜେଟରେ ବ୍ୟବସ୍ଥା ରଖିଲେ ଏହାକୁ ରୋକାଯାଇ ପାରିବ ବୋଲି ମୋର ବିଶ୍ୱାସ।

**-ମୁକ୍ତି ପ୍ରସାଦ ଦାଶ**
*କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ*

---

**ରାଜ୍ୟ ଏବଂ ଭାରତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ ଦଳର ଅନ୍ୟତମ ସଦସ୍ୟା ହେଲେ ଝିଲି ବିରୁଆ। ମା', ବାପାଙ୍କ ଅନୁପସ୍ଥିତିରେ ଜେଜେମା'ଙ୍କ ଉପରେ ବୋଝ ନ ହେବାପାଇଁ ପାଠପଢ଼ା ଅଧାରୁ ଛାଡ଼ି ଦିନମଜୁରିକୁ ଆଦରି ନେଇଛନ୍ତି। କ୍ରିକେଟ ତାଙ୍କ ଜୀବନଶୈଳୀକୁ ବଦଳାଇ ଦେବ ବୋଲି କିନ୍ତୁ ମନରେ ବିଶ୍ୱାସ ରଖିଛନ୍ତି...**

# ଦୃଷ୍ଟି ଆଢୁଆଳରେ ଦୃଷ୍ଟିବାଧିତ ମହିଳା କ୍ରିକେଟର

- ପାଠପଢ଼ା ଅଧାରୁ ବନ୍ଦ, ଦିନ ମଜୁରି ଭରସା
- ଭାରତୀୟ ଦଳର ଅନ୍ୟତମ ସଦସ୍ୟା
- ନେପାଳରେ ଖେଳୁଛନ୍ତି ଟି୨୦ ସିରିଜ

ସମ୍ପ୍ରତି କେନ୍ଦ୍ର ଓ ଓଡ଼ିଶା ସରକାର ଖେଳର ବିକାଶ ସହ ଖେଳାଳିଙ୍କ ଉନ୍ନତି ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ଦେଶ କିପରି ଖେଳରେ ଆଗକୁ ବଢ଼ିବ ଏଥିପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନାମାନ ପ୍ରସ୍ତୁତ କରୁଛନ୍ତି। ସେହିପରି ଓଡ଼ିଶାକୁ କ୍ରୀଡ଼ା ହବ୍‌ରେ ପରିଣତ କରିବାପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ଅବ୍ୟାହତ ରହିଛି। କ୍ରୀଡ଼ାକୁ ପ୍ରୋତ୍ସାହନ ପାଇଁ ଦେଶରେ ଉଦାହରଣ ପାଲଟିଛି ଓଡ଼ିଶା। ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ ସହ ଉଚ୍ଚମାନର ଟ୍ରେନିଂ ଆଦି ଅନେକ ଯୋଜନା ହାତକୁ ନିଆଯାଇଛି। ଆର୍ଥିକ ପ୍ରୋତ୍ସାହନ ଯୋଗୁ ଅନେକ ଖେଳାଳି ଉପକୃତ ହୋଇପାରିଛନ୍ତି ଏବଂ ଆଗକୁ ବଢ଼ିବାର ସୁଯୋଗ ପାଉଛନ୍ତି। ରାଜ୍ୟର ପାରା ଆଥଲେଟ୍‌ମାନେ ମଧ୍ୟ ଚମତ୍କାର ପ୍ରଦର୍ଶନ ଦ୍ୱାରା ରାଜ୍ୟ ଓ ଦେଶକୁ ଗର୍ବିତ କରୁଛନ୍ତି। ଦୃଷ୍ଟିବାଧିତ ମହିଳା ଓ ପୁରୁଷ କ୍ରିକେଟ ଖେଳାଳିମାନେ ଜାତୀୟ ଦଳରେ ପ୍ରଦର୍ଶନର ଛାପ ଛାଡୁଛନ୍ତି। ମାତ୍ର ଏବେ ମଧ୍ୟ ଅନେକ ଖେଳାଳି ଦୃଷ୍ଟି ଆଢୁଆଳରେ ରହିଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ଓଡ଼ିଶାର ପ୍ରତିଭାସମ୍ପନ୍ନ ଦୃଷ୍ଟିବାଧିତ ମହିଳା କ୍ରିକେଟ ଖେଳାଳି ଝିଲି ବିରୁଆ। ସମ୍ପ୍ରତି ନେପାଳରେ ଚାଲିଥିବା ଦ୍ୱିପାକ୍ଷିକ ସିରିଜରେ ଖେଳୁଥିବା ଭାରତୀୟ ଦଳରେ ସାମିଲଥିବା ୪ ଓଡ଼ିଶା ଖେଳାଳିଙ୍କ ମଧ୍ୟରୁ ସେ ଅନ୍ୟତମ। ଅନ୍ୟ ୩ ଜଣ ହେଲେ ଫୁଲ ସୋରେନ, ବାସନ୍ତି ହାଁସଦା ଓ ପଦ୍ମିନୀ ଟୁଡୁ।

ଝିଲିଙ୍କ ବୟସ ମାତ୍ର ୧୩ ବର୍ଷ। ଘର କେନ୍ଦୁଝରେ। ଦୁଇ ଭାଇରେ ଗୋଟିଏ ଭଉଣୀ। ସେ ଛୋଟ ହୋଇଥିବାବେଳେ ମା' ଘରଛାଡ଼ି ଅନ୍ୟତ୍ର ଚାଲି ଯାଇଥିବାବେଳେ ମଜୁରି କରି ପରିବାର ପୋଷୁଥିବା ବାପା ଗତ କରୋନା ମହାମାରୀରେ ଆଖି ବୁଜିଛନ୍ତି। ଅସୁସ୍ଥ ଜେଜେମା'ଙ୍କ ଉପରେ ଏବେ ପରିବାରର ବୋଝ। ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ସଂଘର ସଭାପତି ଜାଫର ଇକ୍‌ବାଲଙ୍କ ସୂଚନା ଅନୁସାରେ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଦୈନିକ ଗୁଜୁରାଣ ମେଣ୍ଟାଇବା ଲାଗି ଦୁଇଭାଇ ନିର୍ମାଣକାର୍ଯ୍ୟ ସ୍ଥଳରେ ଦିନମଜୁରିଆ ଭାବେ କାର୍ଯ୍ୟ କରୁଛନ୍ତି। ଅଧାରୁ ପାଠପଢ଼ା ଛାଡ଼ି ଏଥିରେ ମଧ୍ୟ ଝିଲି ସାମିଲ ହୋଇଛନ୍ତି। କୋଭିଡ୍ ସମୟରେ ସେ ମଧ୍ୟ ଶ୍ରମିକଭାବେ କାମକରୁଥିବା ନଜରକୁ ଆସିଥିଲା। ମାତ୍ର କ୍ରିକେଟ ଖେଳରେ ତାଙ୍କର ବହୁତ ସଉକ। ସେ ସ୍କୁଲରେ ପଢୁଥିବାବେଳେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ରାଜ୍ୟ ସ୍ତରରେ ପ୍ରଭାବୀ ପ୍ରଦର୍ଶନ କରିବାପରେ ପ୍ରଥମଥରପାଇଁ ଗଠିତ ହୋଇଥିବା ଭାରତୀୟ ଦୃଷ୍ଟିବାଧିତ ଜାତୀୟ ମହିଳା କ୍ରିକେଟ ଦଳରେ ସୁଯୋଗ ପାଇଛନ୍ତି। ତାଙ୍କର ଆଦର୍ଶ ହେଉଛନ୍ତି ବିରାଟ କୋହଲି। ପିଲାଦିନେ କାଠରେ ତିଆରି ଏକ ଧନୁତୀରକୁ ନେଇ ଖେଳୁଥିବା ବେଳେ ଏଥିରେ ଆଘାତପ୍ରାପ୍ତ ହୋଇ ସେ ତାଙ୍କ ବାମ ଆଖି ଦୃଷ୍ଟିଶକ୍ତି ହରାଇଥିଲେ। ଭୋପାଳଠାରେ ଆୟୋଜିତ ଟ୍ରେନିଂ କ୍ୟାମ୍ପ ମନୋନୀତ ୩୮ ଜଣ କ୍ରିକେଟରଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ।

ଭାରତୀୟ ଦଳର ଅଧିକାଂଶ ଖେଳାଳି ବିବିଧ ପୃଷ୍ଠଭୂମିରୁ ଆସିଛନ୍ତି। ଦୃଷ୍ଟିବାଧିତ ପୁରୁଷ କ୍ରିକେଟ ଦୁଇ ଦଶନ୍ଧି ହେଲା ଖେଳାଯାଇ ଆସୁଛି। ଏବେ ଦୃଷ୍ଟିବାଧିତ ମହିଳା କ୍ରିକେଟ ଦଳ ଗଠନ କରାଯାଇଛି। ଏହି ଦଳ ଏବେ ନେପାଳରେ ଦ୍ୱିପାକ୍ଷିକ ସିରିଜ ଖେଳୁଛି। ସ୍ୱଳ୍ପ ବୟସରେ କଠିନ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଥିଲେ ହେଁ ସେଥିପ୍ରତି ଝିଲିଙ୍କର ପରବାୟ ନାହିଁ। କ୍ରିକେଟ ତାଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିଦେବ ମନରେ ବିଶ୍ୱାସ ରହିଛି।

ନେପାଳରେ ଖେଳୁଥିବା ଭାରତୀୟ ଦୃଷ୍ଟିବାଧିତ ମହିଳା ଦଳର ଅଧିନାୟିକା ଅଛନ୍ତି ୨୦ ବର୍ଷୀୟା ସୁଷମା ପଟେଲ। ମଧ୍ୟପ୍ରଦେଶ ରାଜ୍ୟ ଦାମୋ ଜିଲାର ଦୁର୍ଗମ ଅଞ୍ଚଳରେ ଥିବା ଏକ ଗ୍ରାମରେ ତାଙ୍କର ଜନ୍ମ। ଟିଭି ଧାରାବାହିକ ରାମାୟଣ ଦ୍ୱାରା ଅନୁପ୍ରାଣିତ ହୋଇ ସୁଷମା ଓ ତାଙ୍କର ୩ ଭାଇ ଧନୁତୀର ଖେଳିଥାନ୍ତି। ଦିନେ ଏକ ତୀର ଆସି ତାଙ୍କ ଡାହାଣ ଆଖିରେ ବାଜିଥିଲା। ଆଘାତପ୍ରାପ୍ତ ହୋଇ ସେ ଆଂଶିକ ଦୃଷ୍ଟିଶକ୍ତି ହରାଇ ବସିଥିଲେ। ସେତେବେଳକୁ ତାଙ୍କୁ ମାତ୍ର ୬ବର୍ଷ ବୟସ ହୋଇଥିଲା। ସେ କେବଳ ତାଙ୍କ ବାମ ଆଖିରେ ଦେଖିପାରୁଥିଲେ। ମାତ୍ର କ୍ରମେ ତାଙ୍କ ଦୃଷ୍ଟିଶକ୍ତି ହ୍ରାସ ପାଇବାରେ ଲାଗିଥିଲା। ନିଜ ଭବିଷ୍ୟତ ନେଇ ସେ ଚିନ୍ତିତ ଥିଲେ। କିନ୍ତୁ କ୍ରିକେଟ ତାଙ୍କ ଜୀବନରେଖାକୁ ବଦଳାଇ ଦେଇଛି। ଭାଇମାନେ କ୍ରିକେଟର ହୁଅନ୍ତୁ ବୋଲି ତାଙ୍କ ପିତା ଚହୁଁଥିଲେ। ତାହା ହୋଇପାରି ନ ଥିଲା। ବର୍ତ୍ତମାନ ସେ ତାଙ୍କ ସ୍ୱପ୍ନକୁ ସାକାର କରିପାରିଛନ୍ତି।



ଝିଲି ବିରୁଆ

## ଭଗବାନ୍

ଭାରତୀୟ କୁସ୍ତି ମହାସଂଘ ମୁଖ୍ୟ
ବ୍ରିଜ୍ ଭୂଷଣ ଗାଦି ଛାଡ଼
ଯୌନ ନିର୍ଯାତନା ମାମଲା ପ୍ରସଙ୍ଗ
ବେଲୁ ବେଲ ହୁଏ ବଡ଼
କ୍ଷେତ ଯଦି ଖାଏ ବାଡ଼
ଭଗବାନଠାରେ ଭରସା ରହେନି
ଜ୍ଞାନୀ ଗଣାହୁଏ ମୂଢ଼।

କ୍ରିକେଟର ଭଗବାନ କିଏ କହେ
ସଚିନ ତେନ୍ଦୁଲକର
ପଚାଶ ବର୍ଷର ଜନ୍ମଦିନ ଓ୍ୱିସ୍
ସୁଅ ଛୁଟେ ଶୁଭେଚ୍ଛାର
ଦାନ୍ତେୱାଡ଼ା, ପୁଞ୍ଚ୍ ବୀର
ଶହୀଦଙ୍କ ଶ୍ରଦ୍ଧାଞ୍ଜଳି ଆର୍ଟିକିଷ୍ଟ
ଘେନା କର ଫ୍ୟାନ ମୋର।

ଯିଶୁ ଆଲ୍ଲା ଜଗନ୍ନାଥ ତ୍ରାଣକର୍ତ୍ତା
ସିଏ ଆମ ଭଗବାନ
ଚଳନ୍ତି ଠାକୁର ରହିଛନ୍ତି ପାଖେ
ମାତାପିତା ଗୁରୁଜନ
ଡେଲି କରି ଦରଶନ
ସେବା ପୂଜା କଲେ ପୁଣ୍ୟ ମିଳିଥାଏ
ଗିରି ଲଙ୍ଘେ ସେହି ଜନ।

**-ସୁବାସ ଚନ୍ଦ୍ର ପ୍ରଧାନ**


Symphony®
Thinking of Tomorrow
ମାର୍ଚ୍ଚ
ମେ
ଜୁଲାଇ
ମାସ ବଦଳିବ, କିନ୍ତୁ ଶୀତଳତା ନୁହେଁ ।
ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଭାବନ୍ତୁ ଏବଂ ଘରକୁ ସିମ୍ଫୋନୀ କୁଲର୍ ଆଣନ୍ତୁ
ଏହାର CFD ଜ୍ଞାନକୌଶଳ ସାରା ସିଜନ୍ ପାଇଁ ଦିଏ ସମ୍ପୂର୍ଣ୍ଣ କୁଲିଂର ପ୍ରତିଶ୍ରୁତି
www.symphonylimited.com
କଷ୍ଟମର କେୟାର
symphonylimited.com/care
Call: 079-35235235 / 9510976161
WhatsApp 'Hi' on: 9510976161
EMI FINANCE
ସହଜିଆ ଫାଇନାନ୍ସ ବିକଳ୍ପ ଉପଲବ୍ଧ
ବଡ଼ା ବଡ଼ା ମଡେଲରେ ବଡ଼ା ବଡ଼ା ସହରରେ
Shop here
Available at all leading outlets &
Symphony e-Shop
shop.symphonylimited.com
PATRA ELECTRONICS
RAJ ELECTRONICS
GUPTA DISTRIBUTORS
Reliance digital
croma
Reliance SMART
For more details, contact : 7227054734, 9337890169